# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୨୪/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, June 24/2025 | Page 14 | ₹ 7.00

୫୧ଶ ଭାଗ ୨୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 | ISSUE 209 | ମୂଲ୍ୟ₹୭/-





## ସଂକ୍ଷେପରେ

### ଇରାନରେ ଆକ୍ରମଣ ପାଇଁ ଆମେରିକା ଭାରତୀୟ ବାୟୁସୀମା ବ୍ୟବହାର କରିଥିବା ଖବରକୁ କେନ୍ଦ୍ରର ଖଣ୍ଡନ

ନୂଆଦିଲ୍ଲୀ, ୨୩।୬

ଇରାନର ୩ ଆଣବିକ ସ୍ଥଳ ଉପରେ ଆକ୍ରମଣ କରିବା ପାଇଁ ଆମେରିକାର ଯୁଦ୍ଧବିମାନ ଭାରତୀୟ ବାୟୁସୀମା ବ୍ୟବହାର କରିଥିଲା ବୋଲି କେତେକ ନିର୍ଦ୍ଦିଷ୍ଟ ସୋସିଆଲ ମିଡିଆରେ ଖବର ପ୍ରକାଶ ପାଇଥିଲା। ଏହା ମିଛ ଖବର କହି କେନ୍ଦ୍ର ସରକାର ଖଣ୍ଡନ କରିଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ପ୍ରେସ୍ ଇନ୍‌ଫର୍ମେଶନ ବ୍ୟୁରୋ (ପିଆଇବି)ର ସତ୍ୟତା ଯାଞ୍ଚ ବିଭାଗ ଅନୁଧ୍ୟାନ କରିବା ପରେ ଆମେରିକା ଭାରତୀୟ ବାୟୁସୀମା ବ୍ୟବହାର କରି ନ ଥିବା କହିଛି। ଆମେରିକୀୟ ଯୁଦ୍ଧବିମାନ କେଉଁ ରୁଟ୍ ବ୍ୟବହାର କରିଥିଲା, ସେନେଇ ଏହାର ଜଏଣ୍ଟ ଚିଫ୍‌ସ ଅଫ୍ ଷ୍ଟାଫ୍ ମୁଖ୍ୟ ଜେନେରାଲ ଡାନ୍ କେଇନ୍ ଗଣମାଧ୍ୟମକୁ ଜଣାଇଛନ୍ତି।

### ୩ ବିଧାୟକଙ୍କୁ ବହିଷ୍କାର କଲା ଏସ୍‌ପି

ଲକ୍ଷ୍ନୌ, ୨୩।୬

ସମାଜବାଦୀ ପାର୍ଟି (ଏସ୍‌ପି) ସୋମବାର ନିଜର ୩ ବିଧାୟକଙ୍କୁ ବହିଷ୍କାର କରିଛି। ଦଳର ମୂଳ ନୀତିକୁ ଉଲ୍ଲଂଘନ କରି ସାମ୍ପ୍ରଦାୟିକ ଏବଂ ବିଭାଜନକାରୀ ରାଜନୀତିକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗରେ ଏସ୍‌ପି ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ଗୋସାଇଗଞ୍ଜ ବିଧାୟକ ଅଭୟ ସିଂ, ଗୌରୀଗଞ୍ଜ ବିଧାୟକ ରାକେଶ ପ୍ରତାପ ସିଂ ଏବଂ ଉନ୍‌ଚହର ବିଧାୟକ ମନୋଜ କୁମାର ପାଣ୍ଡେ ଏସ୍‌ପିରୁ ବହିଷ୍କୃତ ହୋଇଛନ୍ତି। ଗତ କିଛି ଦିନ ଧରି ଏହି ୩ ବିଧାୟକ କେନ୍ଦ୍ରର କୃଷକ ବିରୋଧୀ, ମହିଳା ବିରୋଧୀ, ଯୁବ ବିରୋଧୀ ନୀତିକୁ ସମର୍ଥନ କରିଆସୁଥିଲେ ବୋଲି ଏସ୍‌ପି ପକ୍ଷରୁ ଏକ୍ସ'ରେ କୁହାଯାଇଛି।

### କମ୍ ମାର୍କ ଆଣିଥିବାରୁ ଝିଅକୁ ପିଟି ମାରିଦେଲେ




ଧୋଣ୍ଡିରାମ ଓ ସାଧନା

ସାଙ୍ଗଲି, ୨୩।୬

ମେଡିକାଲ ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି)ର ମକ୍‌ଟେଷ୍ଟରେ କମ୍ ନମ୍ବର ଆଣିଥିବାରୁ ମହାରାଷ୍ଟ୍ରର ସାଙ୍ଗଲି ଜିଲାରେ ଜଣେ ଶିକ୍ଷକ ଧୋଣ୍ଡିରାମ ଭୋଁସ୍‌ଲେ ନିଜ ଝିଅ ସାଧନା ଭୋଁସ୍‌ଲେ (୧୭)ଙ୍କୁ ଏକ ବାଡ଼ିରେ ପିଟି ହତ୍ୟା କରିଛନ୍ତି। ବାପାଙ୍କ ମାଡ଼ରେ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ସାଧନାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ରବିବାର ଘଟଣାକୁ ନେଇ ସାଧନାଙ୍କ ମା' ନିଜ ସ୍ୱାମୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ସୋମବାର ପୋଲିସ ଧୋଣ୍ଡିରାମଙ୍କୁ ଗିରଫ କରିଛି।

# ଇରାନ ଆଣବିକ ସ୍ଥଳ, ଜେଲରେ ଇସ୍ରାଏଲ୍‌ର ଆକ୍ରମଣ

## ଜେରୁଜେଲମ୍‌ରେ ତେହରାନ୍‌ର ମିଶାଇଲ ମାଡ଼


ତେଲ୍ ଆଭିଭ୍/ତେହରାନ, ୨୩।୬

ଇରାନର ୩ଟି ନ୍ୟୁକ୍ଲିୟର ଫାସିଲିଟି ଉପରେ ଆମେରିକା ଜୋର୍‌ଦାର ଆକ୍ରମଣ କରିବାର ଦିନକ ପରେ ସୋମବାର ଇସ୍ରାଏଲ୍ ପୁନର୍ବାର ତେହରାନ୍‌ର ଆଣବିକ ସ୍ଥଳକୁ ଟାର୍ଗେଟ କରିଛି। ଆମେରିକା ରବିବାର ଇରାନର ୩ ଆଣବିକ ସ୍ଥଳ ଉପରେ ଶକ୍ତିଶାଳୀ ବଙ୍କର ବଷ୍ଟର ବୋମାମାଡ଼ କରିବାରୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହି ଆକ୍ରମଣ ପରେ ତେହରାନ୍ ସୋମବାର ଇସ୍ରାଏଲ୍ ଉପରେ ପ୍ରବଳ ମିଶାଇଲ୍ ମାଡ଼ କରିଥିଲା। ଜେରୁଜେଲମ୍‌ରେ ବିସ୍ଫୋରଣ ଶବ୍ଦ ଶୁଣାଯିବା ସହ ଉତ୍ତର ଇସ୍ରାଏଲ୍‌ରେ ସାଇରନ୍ ବାଜିଥିଲା। ଦକ୍ଷିଣ ଭାଗରେ ଥିବା ଆଶ୍‌ଡୋଡ୍‌ରେ ମଧ୍ୟ ମିଶାଇଲ ମାଡ଼ ହୋଇଥିବା ଇରାନ ସେନା ସ୍ପଷ୍ଟ କରିଛି। ଫଳରେ ଉତ୍ତେଜନା ବଢ଼ିବା ସହ ଇସ୍ରାଏଲୀ ଡିଫେନ୍ସ ଫୋର୍ସ ଏହାର ଜବାବ ଦେବାକୁ ଯାଇ ଫରଦୋ ନ୍ୟୁକ୍ଲିୟର ସାଇଟ୍ ଉପରେ ସାନି ଆକ୍ରମଣ କରିବା ସହ ତେହରାନରେ ଥିବା ଇରାନ ସରକାରଙ୍କ ବିଭିନ୍ନ ପ୍ରତିଷ୍ଠାନ ଏବଂ ଜେଲ ଉପରେ ଆକ୍ରମଣ କରିଛି। ଅଣୁଅସ୍ତ୍ର ସ୍ତର ପାଖାପାଖି ୟୁରାନିୟମ୍‌କୁ ଏନ୍‌ରିଚ୍‌ମେଣ୍ଟ କରିବା କ୍ଷମତା ଫର୍‌ଦୋ ନ୍ୟୁକ୍ଲିୟର ଫାସିଲିଟିରେ ରହିଛି। ଏହା ଭୂପୃଷ୍ଠଠାରୁ ୮୦ରୁ ୯୦ ମିଟର ତଳେ ରହିଥିବାରୁ ଏହାକୁ ଭେଦ କରିବା ପାଇଁ ଆବଶ୍ୟକ ଅସ୍ତ୍ର କେବଳ ଆମେରିକା ପାଖରେ ରହିଛି। ଆମେରିକାର 'ଅପରେଶନ ମିଡ୍‌ନାଇଟ୍ ହାମର'ର ପ୍ରଭାବ ସମ୍ପର୍କରେ ଏହାର ପ୍ରତିରକ୍ଷା ଅଧିକାରୀମାନେ ଏପର୍ଯ୍ୟନ୍ତ ନିର୍ଣ୍ଣୟ କରି ନ ଥିବାବେଳେ ବୋମାମାଡ଼ ଯୋଗୁ ଫର୍‌ଦୋ ଭୂତଳ ଅଞ୍ଚଳର ଉଲ୍ଲେଖନୀୟ କ୍ଷତି ହୋଇଥାଇପାରେ ବୋଲି ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) କହିଛି। ୩ ଆଣବିକ ସ୍ଥଳକୁ ଟାର୍ଗେଟ କରିବା ପାଇଁ ଆମେରିକା ୩୦,୦୦୦ ପାଉଣ୍ଡ ବଙ୍କର-ବଷ୍ଟର ବୋମା ବ୍ୟବହାର କରିଥିଲା। ତେବେ ଏହା ପୂର୍ବରୁ ତେହରାନ ଉକ୍ତ ସ୍ଥଳରୁ ଆଣବିକ ସାମଗ୍ରୀ ଅନ୍ୟତ୍ର ନେଇଯାଇଥିଲା ବୋଲି କେତେଜଣ ଇରାନୀୟ ଅଧିକାରୀ ଏବଂ ସେଠାର ଆଣବିକ ଶକ୍ତି ସଂଗଠନ ମୁଖପାତ୍ର ବେହରୋଜ କମଲଭାଣ୍ଡି କହିଛନ୍ତି। ଆଣବିକ ଉପକରଣ ଏବଂ ସାମଗ୍ରୀଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ଇସ୍ରାଏଲ୍ ସ୍ୱତନ୍ତ୍ର ପଦକ୍ଷେପ ଆପଣାଇବ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରୀ ଆବ୍ବାସ ଆରାଘଚି ପୂର୍ବରୁ ସୂଚନା ଦେଇଥିବା ଆଇଏଇଏ ମୁଖ୍ୟ ରାଫେଲ ଗ୍ରୋସି ଏହାର ଗଭର୍ନର ବୋର୍ଡକୁ ସୋମବାର କହିଛନ୍ତି।

ଇରାନର ଆକ୍ରମଣ ପରେ ଇସ୍ରାଏଲୀ ସେନା ତେହରାନରେ ଥିବା ଦୁର୍ଦ୍ଧର୍ଷ ଏଭିନ୍ ଜେଲ ଉପରେ ଆକ୍ରମଣ କରିବା ସହ ରିଭଲ୍ୟୁଶନାରି ଗାର୍ଡ୍ସର ସୁରକ୍ଷା ମୁଖ୍ୟାଳୟକୁ ଟାର୍ଗେଟ କରିଛି। ଆକ୍ରମଣ ପାଇଁ ଇରାନର ଏକଚ୍ଛତ୍ରବାଦୀ ଶାସକ ଦଣ୍ଡିତ ହେବେ ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଇରାନ ସୋମବାରର ଆକ୍ରମଣକୁ ଅପରେଶନ ଟ୍ରୁ ପୋମିଜ୍-୩ ବୋଲି କହିଛି। ଏହା ଇସ୍ରାଏଲ୍‌ର ହାଇଫା ଏବଂ ତେଲ୍ ଆଭିଭ୍‌କୁ ଟାର୍ଗେଟ କରିଥିବା ଇରାନ ସରକାରଙ୍କ ଟେଲିଭିଜନରେ ପ୍ରସାରିତ ଖବରରୁ ଜଣାପଡ଼ିଛି।



ତେହରାନ୍‌ର ଏଭିନ୍ ଜେଲ ଉପରେ ଇସ୍ରାଏଲୀ ସେନା ବୋମାମାଡ଼ କରିଛି।



ଇରାନର ଆକ୍ରମଣ ଭୟରେ ତେଲ୍ ଆଭିଭ୍‌ରେ ଥିବା ଏକ ଭୂତଳ ପାର୍କିଂ ସ୍ଥଳରେ ଲୋକେ ଆଶ୍ରୟ ନେଇଛନ୍ତି।

### କାଳୀଗଞ୍ଜରେ ବୋମା ବିସ୍ଫୋରଣ: ନାବାଳିକା ମୃତ

କୋଲକାତା, ୨୩।୬

ପଶ୍ଚିମବଙ୍ଗର ନଦିଆ ଜିଲା ଅନ୍ତର୍ଗତ କାଳୀଗଞ୍ଜଠାରେ ସୋମବାର ଅପରାହ୍ନରେ ଏକ ବୋମା ବିସ୍ଫୋରଣରେ ଜଣେ ୧୩ ବର୍ଷୀୟ ବାଳିକାଙ୍କ ମୃତ୍ୟୁ ଘଟିଛି। କାଳୀଗଞ୍ଜ ଆସନ ପାଇଁ ଭୋଟଗଣତି ଚାଲିଥିବାବେଳେ ବରୋଚାନ୍ଦଗରଠାରେ ବିସ୍ଫୋରଣ ଘଟିଥିଲା। ଅପରାଧୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

### ମୁମ୍ବାଇ ଶୁଟିଂ ସେଟ୍‌ରେ ନିଆଁ

ମୁମ୍ବାଇ, ୨୩।୬

ମୁମ୍ବାଇର ଗୋରେଗାଁଓ ଇଷ୍ଟ ଫିଲ୍ମ ସିଟିରେ ସୋମବାର ସକାଳେ ଲୋକପ୍ରିୟ ଟେଲିଭିଜନ ଧାରାବାହିକ 'ଅନୁପମା'ର ଶୁଟିଂ ଚାଲିଥିବାବେଳେ ଶୁଟିଂ ସେଟ୍‌ରେ ନିଆଁ ଲାଗିଯାଇଥିଲା। ମରାଠୀ ବିଗ୍ ବସ୍ ସେଟ୍ ପଛପଟେ ଥିବା ଟେଣ୍ଟରେ ନିଆଁ ଲାଗିଥିବାବେଳେ ଅଗ୍ନିଶମ କର୍ମଚାରୀ ପହଞ୍ଚି ଏହାକୁ ଆୟତ୍ତ କରିଛନ୍ତି। ଏଥିରେ କେହି ଆହତ ହୋଇନାହାନ୍ତି। ନିଆଁ ଯୋଗୁ ପ୍ରାୟ ୫,୦୦୦ ବର୍ଗଫୁଟ୍ ଅଞ୍ଚଳ ପ୍ରଭାବିତ ହୋଇଥିବା ଆକଳନ କରାଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ତଦନ୍ତ ଜାରି ରହିଛି।

### ବନ୍ଦେ ଭାରତ ଟ୍ରେନ୍‌ରେ ଯାତ୍ରୀଙ୍କୁ ମାଡ଼

#### ଭାଜପା ବିଧାୟକଙ୍କ ସହ ଆସନ ବଦଳାଇବାକୁ ମନା କରିଥିଲେ

ଝାନ୍ସି, ୨୩।୬

ନୂଆଦିଲ୍ଲୀରୁ ଭୋପାଳ ଯାଉଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ରେ ଜଣେ ଯାତ୍ରୀଙ୍କୁ ମାଡ଼ ମରାଯାଇଥିବାର ମାମଲା ସାମ୍ନାକୁ ଆସିଛି। ଗଭର୍ନମେଣ୍ଟ ରେଲୱେ ପୋଲିସ (ଜିଆର୍‌ପି)ର ସୂଚନା ଅନୁଯାୟୀ, ଗତ ଗୁରୁବାର ସନ୍ଧ୍ୟାରେ ନୂଆଦିଲ୍ଲୀ-ଭୋପାଳ ବନ୍ଦେ ଭାରତ ଟ୍ରେନ୍‌ରେ ସିଟ୍ ବଦଳାଇବା ଏବଂ ଆପତ୍ତିଜନକ ଭାବେ ବସିବାକୁ ନେଇ ବିବାଦ ଦେଖାଦେଇଥିଲା। ଝାନ୍ସିର ବବିନାରୁ ବିଧାୟକ ରାଜୀବ ସିଂଙ୍କ ସହ ସିଟ୍ ବଦଳାଇବାକୁ ନେଇ ରାଜପ୍ରକାଶ ନାମକ ଜଣେ ଯାତ୍ରୀ ମନା କରିଥିଲେ। ଫଳରେ ରାଜୀବଙ୍କ ସମର୍ଥକମାନେ ରାଜପ୍ରକାଶଙ୍କୁ ମାଡ଼ ମାରିଥିଲେ। ଏହାର ଏକ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଘଟଣାକୁ ନେଇ ସୋମବାର ଭାଜପା ରାଜୀବଙ୍କୁ କାରଣ ଦର୍ଶାଇ ନୋଟିସ୍ ଜାରି କରିଛି। ତେବେ ରାଜପ୍ରକାଶ ପ୍ରଥମେ ତାଙ୍କୁ ଏବଂ ତାଙ୍କ ପରିବାରକୁ ଅଭଦ୍ର ବ୍ୟବହାର କରିଥିଲେ ବୋଲି ରାଜୀବ କହିଛନ୍ତି। ଘଟଣାକୁ ନେଇ ଝାନ୍ସିସ୍ଥିତ ଜିଆର୍‌ପି ତଦନ୍ତ ଜାରି ରଖିଛି।

### ଡ୍ରଗ୍ସ ମାମଲାରେ ଅଭିନେତା ଶ୍ରୀକାନ୍ତ ଗିରଫ

ଚେନ୍ନାଇ, ୨୩।୬

ଡ୍ରଗ୍ସ କାରବାର ମାମଲାରେ ଗ୍ରେଟର ଚେନ୍ନାଇ ପୋଲିସ ସୋମବାର ତାମିଲ ଚଳଚ୍ଚିତ୍ର ଅଭିନେତା ଶ୍ରୀକାନ୍ତଙ୍କୁ ଗିରଫ କରିଛି। ୧୧ ଗ୍ରାମ କୋକେନ ସହ ଘାନା ନାଗରିକ ଜନ୍‌ଙ୍କୁ ଗିରଫ କରାଯାଇଥିବାବେଳେ ତାଙ୍କ ବୟାନ ଆଧାରରେ ପୋଲିସ ଶ୍ରୀକାନ୍ତଙ୍କୁ ଜେରା ପାଇଁ ନେଇଥିଲା। ଜନ୍‌ଙ୍କଠାରୁ ଶ୍ରୀକାନ୍ତ ଡ୍ରଗ୍ସ ସଂଗ୍ରହ କରୁଥିବା ସୂଚନା ମିଳିଛି।

### ଏକକ ମା'ଙ୍କ ପିଲାର ଓବିସି ସାର୍ଟିଫିକେଟ ପାଇଁ ନିୟମ ବଦଳିବା ଗୁରୁତ୍ୱପୂର୍ଣ୍ଣ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୩।୬ (ପି.ଟି.)



ନିର୍ଦ୍ଦିଷ୍ଟ ବର୍ଗର ଏକକ ମା'ଙ୍କ ପିଲାଙ୍କୁ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ସାର୍ଟିଫିକେଟ ଇସ୍ୟୁ ପାଇଁ ନିୟମାବଳୀରେ ସଂଶୋଧନ ହେବା ଗୁରୁତ୍ୱପୂର୍ଣ୍ଣ ବୋଲି ସୋମବାର ସୁପ୍ରିମକୋର୍ଟ କହିଛନ୍ତି। ଏଥିପାଇଁ ଗାଇଡ୍‌ଲାଇନ ଆଣିବାକୁ ସର୍ବୋଚ୍ଚ ଅଦାଲତ ପ୍ରସ୍ତାବ ଦେଇଛନ୍ତି, ଯାହା ଦ୍ୱାରା ପିତୃତ୍ୱ ପକ୍ଷର କାଗଜାତ ବିନା ଏକକ ମା'ଙ୍କ ପିଲା ସାର୍ଟିଫିକେଟ ପାଇପାରିବେ ବୋଲି ଜଷ୍ଟିସ୍ କେ.ଭି. ବିଶ୍ୱନାଥନ ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ କହିଛନ୍ତି। ପିଟିଶନ୍‌ର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୨କୁ ଧାର୍ଯ୍ୟ ହୋଇଛି। ଦିଲ୍ଲୀର ଜଣେ ମହିଳା କରିଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ଜାନୁଆରୀ ୩୧ରେ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କୁ ଜବାବ ମାଗିଥିଲେ। ସତ୍ୟପାଠ ଦାଖଲ ହୋଇଥିବା ନେଇ କେନ୍ଦ୍ର ସରକାରଙ୍କ ଓକିଲ ଜଣାଇଥିଲେ। ତେବେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ଅଧିକ ଶୁଣାଣି ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି।


## ପଞ୍ଜାବ, ଗୁଜରାଟରେ ଆପ୍‌କୁ ୨ ଆସନ

ନୂଆଦିଲ୍ଲୀ, ୨୩।୬ (ପି.ଟି.)

#### ବିଧାନସଭା ଉପନିର୍ବାଚନ

#### କେରଳରେ କଂଗ୍ରେସ, ପଶ୍ଚିମବଙ୍ଗରେ ଟିଏମ୍‌ସି ବିଜୟୀ

ଗତ ୧୯ ତାରିଖରେ ୪ ରାଜ୍ୟର ୫ ବିଧାନସଭା ଆସନ ଲାଗି ଉପନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ସୋମବାର ଭୋଟଗଣତି କରାଯାଇ ଫଳାଫଳ ପ୍ରକାଶ ପାଇଛି। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଗୁଜରାଟର ବିସାବଦ ଏବଂ ପଞ୍ଜାବର ଲୁଧିଆନା ପଶ୍ଚିମ ଆସନରେ ବିଜୟୀ ହୋଇଛି। ସେହିପରି କେରଳର ନିଲାମ୍ବୁର ଆସନକୁ ବାମ ସାମ୍ମୁଖ୍ୟଠାରୁ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ଛଡ଼ାଇଆଣିଛି। ଗୁଜରାଟର ଶାସକ ଭାଜପା କଡି ଆସନକୁ ବଜାୟ ରଖିଥିବାବେଳେ ପଶ୍ଚିମବଙ୍ଗ ନଦିଆ ଜିଲାର କାଳିଗଞ୍ଜ ଆସନ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ଯାଇଛି। ବିସାବଦ ଆସନରେ ଗୁଜରାଟ ଆପ୍‌ର ପୂର୍ବତନ ସଭାପତି ଗୋପାଳ ଇଟାଲିଆ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର କିରୀଟ ପଟେଲଙ୍କୁ ୧୭,୫୫୪ ଖଣ୍ଡ ଭୋଟରେ ପରାଜିତ କରିଥିବା ନିର୍ବାଚନ କମିଶନଙ୍କ ତଥ୍ୟରୁ ଜଣାପଡ଼ିଛି। ପଞ୍ଜାବର ଲୁଧିଆନା ପଶ୍ଚିମ ଆସନରେ ଆପ୍ ପ୍ରାର୍ଥୀ ସଞ୍ଜୀବ ଆରୋରା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଭରତଭୂଷଣ ଆଶୁଙ୍କୁ ୧୦,୬୩୭ ଭୋଟରେ ପରାଜିତ କରିଛନ୍ତି। କଡ଼ି ଆସନରେ ଭାଜପା ପ୍ରାର୍ଥୀ ରାଜେନ୍ଦ୍ର ଚାଭଡ଼ା କଂଗ୍ରେସର ରମେଶ ଚାଭଡ଼ାଙ୍କଠାରୁ ୩୯,୪୫୨ ଖଣ୍ଡ ଅଧିକ ଭୋଟ ପାଇ ଜିତିଛନ୍ତି। କେରଳର ନିଲାମ୍ବୁର ଆସନରେ ୟୁଡିଏଫ୍ ପ୍ରାର୍ଥୀ ଆର୍ଯ୍ୟଦନ ସୌକତ୍ ସିପିଆଇଏମ୍‌ର ଏମ୍. ସ୍ୱରାଜଙ୍କଠାରୁ ୧୧,୦୭୭ ଖଣ୍ଡ ଅଧିକ ଭୋଟ ପାଇ ଜିତିଥିବାବେଳେ ପିନାରାୟୀ ବିଜୟନଙ୍କ ନେତୃତ୍ୱାଧୀନ ଏଲ୍‌ଡିଏଫ୍ ସରକାରଙ୍କୁ ଶକ୍ତ ଧକ୍କା ଲାଗିଛି। ପଶ୍ଚିମବଙ୍ଗର କାଳୀଗଞ୍ଜରେ ଟିଏମ୍‌ସି ପ୍ରାର୍ଥୀ ଅଲିଫା ଅହମଦ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ଆଶିଷ ଘୋଷଙ୍କଠାରୁ ୫୦,୦୪୯ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି।



ପଶ୍ଚିମବଙ୍ଗର କାଳୀଗଞ୍ଜ ଆସନରେ ବିଜୟୀ ହେବା ପରେ ଟିଏମ୍‌ସି ପ୍ରାର୍ଥୀ ଅଲିଫା ଅହମଦ ଲୋକଙ୍କ ଗହଣରେ ବିଜୟ ସଙ୍କେତ ଦେଉଛନ୍ତି।

## ଫୁର୍‌ସତ୍

### ଡିଏନ୍‌ଏ ବ୍ୟବହାରରେ ୧୦,୫୦୦ ବର୍ଷ ତଳର ମହିଳାଙ୍କ ଚେହେରା ସୃଷ୍ଟି

#### ଗେଣ୍ଟ ବିଶ୍ୱବିଦ୍ୟାଳୟ ଗବେଷକଙ୍କୁ ସଫଳତା

ବ୍ରସେଲ୍ସ

ବୈଜ୍ଞାନିକମାନେ ଡିଏନ୍‌ଏର ବ୍ୟବହାର କରି ୧୦,୫୦୦ ବର୍ଷ ତଳର ଜଣେ ମହିଳାଙ୍କ ଚେହେରା ସୃଷ୍ଟି କରିଛନ୍ତି। ମ୍ୟୁଜ୍ ଉପତ୍ୟକାରେ ବସବାସ କରୁଥିବା ଏହି ମହିଳାଙ୍କ ଆକୃତିକୁ ବେଲଜିୟମର ଗେଣ୍ଟ ବିଶ୍ୱବିଦ୍ୟାଳୟର ଗବେଷକମାନେ ପୁନଃନିର୍ମାଣ କରିବାରେ ସଫଳ ହୋଇଛନ୍ତି। ୧୯୮୮ ମସିହାରେ ବେଲଜିୟମର ଡିନାଣ୍ଟ ନିକଟସ୍ଥ ମାର୍ଗାକ୍ସ ଗୁମ୍ଫାରେ ମଧ୍ୟପ୍ରସ୍ତର ଯୁଗର ଜଣେ ମହିଳାଙ୍କ ଅବଶେଷ ମିଳିଥିଲା। ସେ ପଶ୍ଚିମ ୟୁରୋପର ଜଣେ ଶିକାରୀ ଭାବେ ନିଜ ଜୀବିକା ନିର୍ବାହ କରୁଥିଲେ ବୋଲି ଗବେଷକମାନେ କହିଛନ୍ତି।

ଡିଏନ୍‌ଏ ଅଧ୍ୟୟନରୁ ଏହି ମହିଳାଙ୍କ ଆଖି ନୀଳ ରହିଥିବା ଜଣାପଡ଼ିଛି। ତେବେ ବର୍ତ୍ତମାନ ସୁଦ୍ଧା ପଶ୍ଚିମ ୟୁରୋପରେ ପରୀକ୍ଷା କରାଯାଇଥିବା ମଧ୍ୟପ୍ରସ୍ତର ଯୁଗର ଅନ୍ୟ ବ୍ୟକ୍ତିଙ୍କ ଅପେକ୍ଷା ଏହି ମହିଳାଙ୍କ ରଙ୍ଗ କିଛିଟା ହାଲୁକା ରହିଛି। ଆନୁବଂଶିକ ଏବଂ ପ୍ରତ୍ନତାତ୍ତ୍ୱିକ ତଥ୍ୟର ମିଶ୍ରଣ ଦ୍ୱାରା ମହିଳାଙ୍କ ଚେହେରାର ପୁନଃଗଠନ ସମ୍ଭବ ହୋଇପାରିଥିଲା ବୋଲି ଗେଣ୍ଟ ବିଶ୍ୱବିଦ୍ୟାଳୟର ପ୍ରତ୍ନତତ୍ତ୍ୱବିତ୍ ଇସାବେଲ୍ ଡି ଗ୍ରୁଟ୍ କହିଛନ୍ତି। ଏହି ମହିଳାଙ୍କ ରଙ୍ଗ ହାଲୁକା ଥିବା ସହ ଖପୁରିରୁ କରାଯାଇଥିବା ଅନୁଧ୍ୟାନରୁ ସେ ୩୫ରୁ ୬୦ ବର୍ଷ ବଞ୍ଚିଥିବା ନେଇ ଜଣାପଡ଼ିଥିବା ଇସାବେଲ୍ କହିଛନ୍ତି। ଗେଣ୍ଟ ବିଶ୍ୱବିଦ୍ୟାଳୟର ଅନ୍ୟତମ ବରିଷ୍ଠ ପ୍ରତ୍ନତତ୍ତ୍ୱବିତ୍ ଫିଲିପ୍ କ୍ରାମ୍ବେ କହିଛନ୍ତି, ଉକ୍ତ ମହିଳାଙ୍କ ଖପୁରିରୁ ଯଥେଷ୍ଟ ଭଲ ଗୁଣବତ୍ତାର ଡିଏନ୍‌ଏ ବାହାର କରାଯାଇଥିଲା, ଯାହା ତାଙ୍କ ଚେହେରାର ବିସ୍ତୃତ ପୁନଃନିର୍ମାଣରେ ସହାୟକ ହୋଇଥିଲା। ମ୍ୟୁଜ୍ ନଦୀ ଅବବାହିକାରେ ଖନନ ବେଳେ ସଂଗୃହୀତ ପ୍ରତ୍ନତାତ୍ତ୍ୱିକ ତଥ୍ୟକୁ ଭିତ୍ତିକରି ମହିଳାଙ୍କ ଚେହେରାରେ ଥିବା ଅଳଙ୍କାର ଏବଂ ଟାଟୁ ଭଳି ବିଭିନ୍ନ ବୈଶିଷ୍ଟ୍ୟକୁ ତିଆରି କରାଯାଇଛି।



### ଦିଲ୍‌ଜିତ ଦୋସାଞ୍ଝଙ୍କ ଉପରେ ପାଠ୍ୟକ୍ରମ

#### ଭାରତରେ ରିଲିଜ ହେବନି 'ସରଦାର ଜୀ ୩'

ଟରଣ୍ଟୋ/ମୁମ୍ବାଇ



କାନାଡାର ଟରଣ୍ଟୋ ମେଟ୍ରୋପଲିଟାନ ୟୁନିଭର୍ସିଟି (ଟିଏମ୍‌ୟୁ)ପକ୍ଷରୁ ପଞ୍ଜାବୀ ଗାୟକ ତଥା ଅଭିନେତା ଦିଲ୍‌ଜିତ ଦୋସାଞ୍ଝଙ୍କ ପାଇଁ ଉତ୍ସର୍ଗୀକୃତ ଏକ ପାଠ୍ୟକ୍ରମର ଘୋଷଣା କରାଯାଇଛି। ପପ୍ ସଂସ୍କୃତି ଉପରେ ଦିଲ୍‌ଜିତଙ୍କ ବୈଶ୍ୱିକ ପ୍ରଭାବକୁ ଅନୁସନ୍ଧାନ କରିବାକୁ ଥିବା ଏହି ପାଠ୍ୟକ୍ରମ ୨୦୨୬ ଶେଷ ଭାଗରେ ଆରମ୍ଭ ହେବ ବୋଲି ଟିଏମ୍‌ୟୁ କହିଛି। ରବିବାର ରାତିରେ ଏହି ଖବରକୁ ଦିଲ୍‌ଜିତ ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରିରେ ଶେୟାର କରିଥିଲେ। ବିଲବୋର୍ଡ କାନାଡାର ରିପୋର୍ଟ ଅନୁଯାୟୀ, ଏହି ପାଠ୍ୟକ୍ରମ ଟିଏମ୍‌ୟୁର କ୍ରିଏଟିଭ୍ ସ୍କୁଲରେ ଉପଲବ୍ଧ ହେବ। ଏହାସହ କାନାଡାରେ କୌଣସି ପଞ୍ଜାବୀ କଳାକାରଙ୍କ ଉପରେ କେନ୍ଦ୍ରିତ ଏହା ପ୍ରଥମ ପାଠ୍ୟକ୍ରମ ହେବ। ଏହି ପାଠ୍ୟକ୍ରମରେ ସଙ୍ଗୀତ କ୍ଷେତ୍ରରେ ଦିଲ୍‌ଜିତଙ୍କ କାର୍ଯ୍ୟ ସହ ସାଂସ୍କୃତିକ, ପ୍ରବାସୀ ପ୍ରାସଙ୍ଗିକତା ତଥା ବୈଶ୍ୱିକ ସ୍ତରରେ ତାଙ୍କର ବଢୁଥିବା ପ୍ରଭାବ ସମ୍ପର୍କରେ ଆଲୋଚନା କରାଯିବ। ଅନ୍ୟପକ୍ଷେ ରବିବାର ଦିଲ୍‌ଜିତ ନିଜର ପଞ୍ଜାବୀ ଫିଲ୍ମ 'ସରଦାର ଜୀ ୩'ର ଟ୍ରେଲରକୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଆସନ୍ତା ୨୭ରୁ ଏହି ଫିଲ୍ମ ବିଦେଶରେ ରିଲିଜ୍ ହେବ ବୋଲି ଦିଲ୍‌ଜିତ କ୍ୟାପ୍‌ଶନ୍‌ରେ ଲେଖିଛନ୍ତି। ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତରେ ପାକିସ୍ତାନୀ କଳାକାରଙ୍କ ଉପରେ କଟକଣା ଲାଗିଛି। 'ସରଦାର ଜୀ ୩' ଫିଲ୍ମରେ ପାକିସ୍ତାନୀ ଅଭିନେତ୍ରୀ ହନିଆ ଆମିର ଅଭିନୟ କରିଥିବାରୁ ଏହାକୁ ଭାରତରେ ରିଲିଜ୍ ନ କରିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ଟ୍ରେଲରରେ ହାନିଆଙ୍କ ସହ ଦିଲ୍‌ଜିତ ରୋମାନ୍ସ କରୁଥିବାର ନଜରକୁ ଆସିଥିବାରୁ ଏହାକୁ ନେଇ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଦିଲ୍‌ଜିତଙ୍କୁ ଟ୍ରୋଲ୍ କରିଛନ୍ତି। ସେହିପରି ଏହି ଫିଲ୍ମରେ ପାକିସ୍ତାନୀ ଅଭିନେତ୍ରୀଙ୍କୁ କାଷ୍ଟ କରିଥିବାରୁ ଆଗାମୀ ଦିନରେ ଦିଲ୍‌ଜିତ ଏବଂ 'ସରଦାର ଜୀ ୩' ଫିଲ୍ମ ନିର୍ମାତାଙ୍କ କୌଣସି ମଧ୍ୟ ଫିଲ୍ମ କିମ୍ବା ପ୍ରୋଜେକ୍ଟକୁ ଭାରତରେ ରିଲିଜ୍ ନ କରିବାକୁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସୋମବାର ଫେଡେରେଶନ ଅଫ୍ ୱେଷ୍ଟର୍ନ ଇଣ୍ଡିଆ ସିନେ ଏମ୍ପ୍ଲଇଜ୍ (ଏଫ୍‌ଡବ୍ଲ୍ୟୁଆଇସିଇ)ର ଅଧ୍ୟକ୍ଷ ବି. ଏନ୍. ତିୱାରୀ କହିଛନ୍ତି।

ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୨୪/୨୦୨୫ | Bhubaneswar, Tuesday, June 24/2025


# ହୀରାକୁଦରେ ନିର୍ମାଣ ହେବ ୫ ଅତିରିକ୍ତ ଆଡ଼ିବନ୍ଧ

ଭୁବନେଶ୍ୱର,୨୩।୬
(ରବିନାରାୟଣ ଜେନା)

ହୀରାକୁଦରେ ଅତିରିକ୍ତ ୫ଟି ଆଡ଼ିବନ୍ଧ ନିର୍ମାଣକରି ଅଧିକ ଜଳ ସଂରକ୍ଷଣ କରିବା ଲାଗି ଜଳସମ୍ପଦ ବିଭାଗ ଲକ୍ଷ୍ୟ ରଖିଛି। ଏହାକୁ ନେଇ ଖୁବ୍‌ଶୀଘ୍ର ସେଣ୍ଟ୍ରାଲ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ୍(ସିପିଏମ୍‌ୟୁ) ସହିତ ବୈଷୟିକ ପରାମର୍ଶ ଲାଗି ଏକ ବୁଝାମଣା ସ୍ୱାକ୍ଷର ହେବ। ତେବେ ଏଥିପାଇଁ ଆବଶ୍ୟକ ଖର୍ଚ୍ଚ ଅନୁମୋଦନ ପ୍ରଦାନ କରିବା ଲାଗି ଜଳସମ୍ପଦ ବିଭାଗ ପକ୍ଷରୁ ସର୍ବୋଚ୍ଚଯନ୍ତ୍ରୀଙ୍କୁ ଚଳିତମାସ ୧୧ରେ ପତ୍ର ଲେଖି ଅବଗତ କରାଯାଇଛି। ସେଥିରେ ବିଭାଗୀୟ ଅନୁସଚିବ ବିଭୂତି ରଞ୍ଜନ ସାହୁ ଦର୍ଶାଇଛନ୍ତି, କେନ୍ଦ୍ରୀୟ ଜଳ ଆୟୋଗଙ୍କ ପକ୍ଷରୁ ଏହାର ଆକଳନ ସଂକ୍ରାନ୍ତରେ ଏକ ପ୍ରସ୍ତାବ ଅନୁମୋଦନ ପାଇଁ ଆସିଛି। ଏହାକୁ ଅନୁଧ୍ୟାନ କରି ତୁରନ୍ତ ଅବଗତ କରାଇବାକୁ ସେ ଦର୍ଶାଇଛନ୍ତି। ସୂଚନା ଅନୁଯାୟୀ, ହୀରାକୁଦର ବାମପାର୍ଶ୍ୱରେ ୫ଟି ଆଡ଼ିବନ୍ଧ ନିର୍ମାଣ କରାଯିବ। ଏହାକୁ ନେଇ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ହୀରାକୁଦ ଅବବାହିକା ଅଞ୍ଚଳ ମେ' ପହିଲାରେ ଗସ୍ତ କରିଥିଲେ। ସେଥିମଧ୍ୟରେ କେନ୍ଦ୍ରୀୟ ଜଳ ଆୟୋଗ, ୱାର୍ଲ୍ଡ ବ୍ୟାଙ୍କ (ଓଡ଼ିଶା ଶାଖା) ଏବଂ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
ଇଲେକ୍‌ଟ୍ରିକ୍ ଏୟାରକ୍ରାଫ୍ଟ

# ତେଲ ଦର ୫ ମାସରେ ସର୍ବାଧିକ

**ଇରାନର ୩ଟି ନ୍ୟୁକ୍ଲିୟର ଫାସିଲିଟି ଉପରେ ଆମେରିକା ରବିବାର ଆକ୍ରମଣ କରିବାର ଦିନକ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଗତ ୫ ମାସ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଉଭୟ କ୍ରୁଡ୍ ଅଏଲ୍ ଦର ୩%ରୁ ଅଧିକ ବଢ଼ି ବ୍ୟାରେଲ୍ ପ୍ରତି ଯଥାକ୍ରମେ ୮୧.୪୦ ଡଲାର ଏବଂ ୭୮.୪୦ ଡଲାର ହୋଇଛି। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢ଼ୁଥିବାରୁ ତୈଳ ବଜାର ଉପରେ ଏହାର ସିଧା ପ୍ରଭାବ ପଡ଼ିଛି।**




ୱାଶିଂଟନ,୨୩।୬

ଇରାନ ବିଶ୍ୱର ତୃତୀୟ ସର୍ବାଧିକ ତୈଳ ଉତ୍ପାଦନକାରୀ ରାଷ୍ଟ୍ର। ଆମେରିକାର ଆକ୍ରମଣ ପରେ ଇରାନ ପାର୍ଲାମେଣ୍ଟ ହରମୁଜ୍ ପ୍ରଣାଳୀ ବନ୍ଦ କରିବା ପାଇଁ ମଞ୍ଜୁରୀ ପ୍ରଦାନ କରିଥିବାବେଳେ ଚୂଡ଼ାନ୍ତ ନିଷ୍ପତ୍ତି ଏହାର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦ ନେବ। ଏହା ଏକ ଅଭୂତପୂର୍ବ ପଦକ୍ଷେପ, ଯାହା ଇରାନ ପୂର୍ବରୁ କେବେ ନେଇ ନ ଥିଲା। ଷ୍ଟ୍ରେଟ୍ ଅଫ୍ ହରମୁଜ୍ ବନ୍ଦ ହେଲେ ବୈଶ୍ୱିକ ତୈଳ ଯୋଗାଣ ପ୍ରଭାବିତ ହେବା ସହ ଦର ଆହୁରି ବଢ଼ିଯିବ। ଏହି ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ମାର୍ଗ ଦେଇ ଦୈନିକ ବିଶ୍ୱର ପାଖାପାଖି ୩୦ ପ୍ରତିଶତ ତୈଳ ଏବଂ ଏକ-ତୃତୀୟାଂଶ ଏଲ୍‌ଏନ୍‌ଜି (ତରଳୀକୃତ ପ୍ରାକୃତିକ ଗ୍ୟାସ୍) ପରିବହନ ହୋଇଥାଏ। ଇରାନ ଏହି ପ୍ରଣାଳୀକୁ ବନ୍ଦ କଲେ ଆହୁରି ଭୟଙ୍କର ତ୍ରୁଟି ହେବ ଏବଂ ତେହେରାନର ଅର୍ଥନୀତି ଭୁଶୁଡ଼ି ପଡ଼ିବ ବୋଲି ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ କହିଛନ୍ତି। ତେହେରାନ ଏଭଳି ନିଷ୍ପତ୍ତି ନ ନେବା ପାଇଁ ଚାଇନା ସରକାର ଆହ୍ୱାନ ଦେବାକୁ ସେ କହିଛନ୍ତି। କାରଣ ଏହି ରୁଟ୍ ଦେଇ ଚାଇନାର ପର୍ଯ୍ୟାପ୍ତ ତୈଳ ପରିବହନ ହୋଇଥାଏ। ପାରସ୍ୟ ଉପସାଗର ଏବଂ ଓମାନ ଉପସାଗର ମଧ୍ୟଭାଗରେ ଷ୍ଟ୍ରେଟ୍ ଅଫ୍ ହରମୁଜ୍ ରହିଛି। ପାରସ୍ୟ ଉପସାଗରକୁ ବାହାର ଜଳଭାଗ ସହ ସଂଯୋଗ କରିବାର ଏହା ଏକମାତ୍ର ଜଳମାର୍ଗ। ସାଉଦି ଆରବ, ୟୁନାଇଟେଡ୍ ଆରବ ଏମିରେଟ୍ସ, ଇରାକ ଏବଂ କୁଏଟ୍ ଆଦି ପ୍ରମୁଖ ତୈଳ ଉତ୍ପାଦନକାରୀ ରାଷ୍ଟ୍ରର ଏହା ହେଉଛି ମୁଖ୍ୟ ରପ୍ତାନି ରୁଟ୍। ହରମୁଜ୍ ପ୍ରଣାଳୀ ବନ୍ଦ ଆଶଙ୍କାକୁ ନେଇ ଭାରତର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ☞ପୃଷ୍ଠା-୨

# ଦିଲ୍ଲୀରୁ ବୁଲି ଆସିଥିବା ଯୁବତୀଙ୍କୁ ଅସଦାଚରଣ

- ୨ ଯୁବକଙ୍କ ନାମରେ ଥାନାରେ ଏତଲା
- ଘଟଣାର ୨୪ ଘଣ୍ଟା ପରେ ବି ପୋଲିସ ହାତ ଖାଲି

ଦଶରଥପୁର,୨୩।୬
(ସୁଶାନ୍ତ କୁମାର ବେହୁରିଆ)

ଓଡ଼ିଶା ସମେତ ଭାରତର ୬ ରାଜ୍ୟକୁ ଅପରାଧ ପ୍ରବଣ ଅଞ୍ଚଳ ବୋଲି ଆମେରିକା ଦର୍ଶାଇବା ସହ ତା'ର ନାଗରିକଙ୍କ ପାଇଁ ଭ୍ରମଣ ସତର୍କତା ଜାରି କରିବା ଘଟଣା ଏବେ ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଓଡ଼ିଶାରେ ବାହାର ପର୍ଯ୍ୟଟକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ଯାଜପୁର ଜିଲା ଦଶରଥପୁର ଥାନା ତରାଙ୍ଗ ସାଗରପୁର ଗ୍ରାମ ନିକଟରେ ରବିବାର ରାତିରେ ବାନ୍ଧବୀଙ୍କ ସହିତ ଓଡ଼ିଶା ବୁଲିବାକୁ ଆସିଥିବା ଦିଲ୍ଲୀର ଜଣେ ଯୁବତୀଙ୍କୁ ୨ ଜଣ ଯୁବକ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଦଶରଥପୁର ଥାନାରେ ଏକ ମାମଲା(ନଂ.୧୦୧/୨୫) ରୁଜୁ କରି ପୋଲିସ ତଦନ୍ତ କରୁଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଯୁବକମାନଙ୍କୁ ପୋଲିସ ଠାବ କରିପାରିନାହିଁ। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ ମାଝୀ କହିଛନ୍ତି।

ସୂଚନା ଅନୁଯାୟୀ, ଚାମ୍ପେଇପାଳ ପଞ୍ଚାୟତ ତରାଙ୍ଗ ସାଗରପୁର ଗ୍ରାମର ତପସ୍ୱିନୀ ଦାଶ ଦିଲ୍ଲୀରେ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ତପସ୍ୱିନୀଙ୍କ ସହିତ ତାଙ୍କ ବାନ୍ଧବୀ ପୂଜା ପରେବା ମଧ୍ୟ ସେଠାରେ କାମ କରନ୍ତି। ତପସ୍ୱିନୀ ବାପାଙ୍କ ପ୍ରଥମ ☞ପୃଷ୍ଠା-୨

# ପରୀକ୍ଷା ଦେଲେ ଫେରିପାଇବେ ଫି'

**ନିଯୁକ୍ତି ପରୀକ୍ଷା ପାଇଁ ବାଧକ ସାଜିବନି ଅର୍ଥ**


ଭୁବନେଶ୍ୱର,୨୩।୬(ସୁଚିସ୍ମିତା ସାହୁ)

ନିଯୁକ୍ତି ପରୀକ୍ଷାରେ ବାଧକ ସାଜିବନି ଅର୍ଥ। ଅନ୍ୟମାନଙ୍କ ଭଳି ଗରିବ ଶ୍ରେଣୀର ପିଲାମାନେ ମଧ୍ୟ ସମସ୍ତ ନିଯୁକ୍ତି ପରୀକ୍ଷା ଦେଇପାରିବେ। ଏଥିପାଇଁ ରାଜ୍ୟ ସରକାର ଫି' ଛାଡ କରିବାକୁ ବଡ଼ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାରଙ୍କ ଅଧୀନରେ ନିଯୁକ୍ତି ସଂସ୍ଥା ଦ୍ୱାରା ପରିଚାଳିତ ବିଭିନ୍ନ ନିଯୁକ୍ତି ପରୀକ୍ଷା ପାଇଁ ଫି' ଛାଡ କରାଯିବ। ଏନେଇ ସରକାରଙ୍କ ପକ୍ଷରୁ ଓଡିଶା ପବ୍ଲିକ ସର୍ଭିସ କମିଶନ, ☞ପୃଷ୍ଠା-୨









# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ପକ୍ଷରୁ ଏମ୍ଏସ୍ଏମ୍ଇ ଆଗ୍ରୋ ଇଣ୍ଟରନ୍ୟାଶନାଲ ସୁମିଟ, ସ୍ଥାନ: ହୋଟେଲ ସ୍ୱସ୍ତି ପ୍ରିମିୟମ, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇର ବିକ୍ଷୋଭ, ସ୍ଥାନ: ରାଜମହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର
- ବାଲେଶ୍ୱର ପ୍ରେସ କ୍ଲବ ବୈଠକ, ସ୍ଥାନ: ପ୍ରେସ କ୍ଲବ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମିଶ୍ରପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଅବକାରୀ ବିଭାଗର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାସୁଦେବପୁର, ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ ସଡ଼କ ସୁରକ୍ଷା ସପ୍ତାହ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ
- ରକ୍ତଦାନ ଶିବିର,ସ୍ଥାନ: ବ୍ଲଡ୍ ବ୍ୟାଙ୍କ ପରିସର, ବାରିପଦା,ସମୟ: ପୂର୍ବାହ୍ନ ୯ଟା।
- ସାମ୍ବାଦିକ ସଂଘର ବୈଠକ, ସ୍ଥାନ: ଚିତ୍ରଡ଼ାସ୍ଥିତ ସାମ୍ବାଦିକ ଭବନ, ମୋରଡ଼ା ସମୟ:ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ଅଭିଯୋଗ ଶୁଣାଣି, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପୁରାତନ ଛାତ୍ର ଗୋଷ୍ଠୀର ଧାରଣା, ସ୍ଥାନ: ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଦଳିତ ମହାସଭାର ଆର୍‌ଡିସିଙ୍କୁ ଦାବିପତ୍ର, ସ୍ଥାନ: ଆର୍‌ଡିସି ଅଫିସ, ସମୟ: ଅପରାହ୍ନ ୨ଟା।

## ଢେଙ୍କାନାଳ
- ବିଜୁ ଯୁବଛାତ୍ର ଜନତା ଦଳର ଖବରଦାତା ସମ୍ମିଳନୀ, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ଆମ ଗାଁରେ ତହସିଲ କାର୍ଯ୍ୟାଳୟ କାର୍ଯ୍ୟକ୍ରମ, ସ୍ଥାନ: ମେଣ୍ଢପୁର, ଆଳି, ସମୟ: ସକାଳ ୭ଟା।
- ବ୍ଲକ ଅଧକ୍ଷ ପଦ ପାଇଁ ନିର୍ବାଚନ, ସ୍ଥାନ: ପଞ୍ଚାୟତ ସମିତି ଗୃହ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼
- ରକ୍ତଦାନ ଶିବିର, ସ୍ଥାନ: ଷ୍ଟେଟ ବ୍ୟାଙ୍କ ଏଡିବି ଶାଖା ପରିସର ନୟାଗଡ଼, ସମୟ: ସକାଳ ୧୦ଟା।
- ଶିବ ଚର୍ତ୍ତୁଦଶୀରେ ବେଢ଼ା ପରିକ୍ରମା, ସ୍ଥାନ: କଣ୍ଟିଲୋ ନୀଳମାଧବ ଜୀଉ ମନ୍ଦିର, ସମୟ: ସନ୍ଧ୍ୟା ୮ଟା।

## ନବରଙ୍ଗପୁର
- ଉନ୍ନୟନ ପ୍ରକଳ୍ପ ସମୀକ୍ଷା, ସ୍ଥାନ: ପାପଡ଼ାହଣ୍ଡି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବଣିକ ସଂଘର ଜରୁରୀ ବୈଠକ, ସ୍ଥାନ: ଝରିଗାଁ ବ୍ଲକ ସଭାଗୃହ ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର
- ସାଓଲିନ କୁମ୍ଫୁ ଉସୁ ଆସୋସିଏସନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦।
- ବାବା ମଠେଶ୍ୱର ପିଠ ଆୟୋଜନରେ ଯଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ଣ୍ଣାହୁତି, ସ୍ଥାନ: ଖର୍ସନମାଳର ଖଇରମାଲ ଗ୍ରାମ, ସମୟ: ସକାଳ ୮ଟା।
- ଜିଲା କ୍ରୀଡ଼ା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ୍ ଲିଗ ମ୍ୟାଚ ସମ୍ବଲପୁର ଫୁଟବଲ ଏକାଡେମୀ ବନାମ ବୁର୍ଲା କ୍ରୀଡ଼ା ସଂଘ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।
- ବସୁନ୍ଧରା କମ୍ୟୁନିଟିସ୍ଥିତ ପାଠଶାଳାର ବାର୍ଷିକ ଉତ୍ସବ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ଅପରାହ୍ନ ୫ଟା।
- ସମ୍ବଲପୁର ପୋଲିସ କ୍ଲବ ବନାମ ବାମରା କ୍ରୀଡ଼ା ସଂଘ ମଧ୍ୟରେ ଫୁଟବଲ୍ ମ୍ୟାଚ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୫ଟା୩୦।

## ବଲାଙ୍ଗୀର
- ନିଶା ନିବାରଣ ସଚେତନତା ଶିବିର, ସ୍ଥାନ: ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ଇସ୍କନ ପକ୍ଷରୁ ନଗର ସଙ୍କୀର୍ତ୍ତନ, ସ୍ଥାନ: ଛେଣ୍ଡ କଲୋନି, ସମୟ: ସକାଳ ୫ଟା ୩୦।
- ସିଏଚ୍ଏସ୍ଇ ଓ ଏନ୍ଆଇଟି ଆନୁକୂଲ୍ୟରେ ରସାୟନ ଶିକ୍ଷକ ତାଲିମ କାର୍ଯ୍ୟକ୍ରମର ୩ୟ ଦିବସ, ସ୍ଥାନ: ଏନ୍ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନିଳାଦ୍ରୀ ବିହାର ଜଗନ୍ନାଥ ମନ୍ଦିର, ସମୟ ପୂର୍ବାହ୍ନ ୧୦ଟା।
- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ରାଉରକେଲା ଏସ୍‌ପି ଅଫିସ, ସମୟ: ମଧ୍ୟାହ୍ନ ୧୨ଟା।
- ସମ୍ବିଧାନ ବଞ୍ଚାଅ କାର୍ଯ୍ୟକ୍ରମ, ସ୍ଥାନ: ଝିରପାଣି ଓ କୋଏଲନଗର, ସମୟ: ଅପରାହ୍ନ ୩ଟା ୩୦।
- ରାଧାକୃଷ୍ଣ ମନ୍ଦିରରେ ତ୍ରିଦିବସୀୟ ଭାଗବତ ପାରାୟଣ, ସ୍ଥାନ: ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୫ଟା ୩୦।

## କଳାହାଣ୍ଡି
- ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଧାରଣା, ସ୍ଥାନ: ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ଶିକ୍ଷାନୁଷ୍ଠାନରେ କର୍ମଶାଳା, ସ୍ଥାନ: ଭବାନୀପାଟଣା ବିକାଶ କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସଭାଗୃହ ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ପ୍ରାକୃତିକ କୃଷି ପ୍ରଣାଳିରେ ଚାଷ ସମ୍ପର୍କିତ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ବିଧାନସଭା କମିଟିର ଜିଲା ଗସ୍ତ ଓ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା, ସ୍ଥାନ: ସୁବର୍ଣ୍ଣପୁର ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ ମିଶନ ଶକ୍ତି ସଭାଗୃହରେ ଡାଇରିଆ ନିରୋଧ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମିଶନ ଶକ୍ତି ସଭାଗୃହ, ଡୁଙ୍ଗୁରିପାଲି, ସମୟ: ମଧ୍ୟାହ୍ନ ୧୨ଟା୩୦।
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା
- ଜିଲାସ୍ତରୀୟ ଗୋପବନ୍ଧୁ ସ୍ମାରକୀ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ମୃତ୍ତିକା ସଂରକ୍ଷଣ ସମ୍ମିଳନୀ କକ୍ଷ ନୂଆପଡ଼ା, ସମୟ: ସକାଳ ୯ଟା ୩୦।

# ବ୍ରାଉନସୁଗାର କାରବାରରେ ମହିଳା

## କାର୍‌ରେ ନେଉଥିବା ବେଳେ ଧରିଲା ପୋଲିସ

**ଭଦ୍ରକ,୨୩।୬(ସନାତନ ରାଉତ)**

ବ୍ରାଉନସୁଗାର କାରବାରରେ ମହିଳା। କାର୍‌ରେ ବ୍ରାଉନସୁଗାର ନେଉଥିବା ସମୟରେ ପାଟ୍ରୋଲିଂ ବେଳେ ଧରିଲା ପୋଲିସ। ରବିବାର ଅପରାହ୍ନରେ ଭଦ୍ରକ ପୁରୁଣାବଜାର ପୋଲିସ ଏମ୍‌ଭି ଚେକିଂ ପାଇଁ ପାଟ୍ରୋଲିଂ କରୁଥିବା ବେଳେ ହଳଦୀଡିହ ବାଇପାସ୍ ନିକଟସ୍ଥ ନାଥସାହି ଛକରୁ ଏକ କାର୍‌ରୁ ୧୫.୮ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ମହିଳା ସମେତ ୩ଜଣ ପୋଲିସ ହାତରେ ଧରାପଡ଼ିଛନ୍ତି। ସେମାନେ ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳର ବେଗୁନିଆ ଯଦୁପୁରର ଅଜୱାରି ବିବି(୫୭), ଶେଖ୍ ନାରୁଦ୍ଦିନ(୫୪) ଓ ତାଙ୍କ ସ୍ତ୍ରୀ ସଞ୍ଜିଦା ବିବି(୪୦)। ଏନେଇ ଏକ ମାମଲା (ନଂ.୧୪୩/୨୫) ରୁଜୁ କରାଯାଇ ଗିରଫ ୩ଜଣଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି।

ପୁରୁଣାବଜାର ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ସବ୍‌ଇନ୍ସପେକ୍ଟର ଦୀପ୍ତିରେଖା ସ୍ୱାଇଁଙ୍କ ସମେତ ପୋଲିସ ଟିମ୍ ଏକ ଧଳା ରଙ୍ଗର କାର୍ (ଓଡି -୩୩ -୧- ୭୩୬୬)କୁ ଅଟକାଇଥିଲେ। ଏଥିରେ ୨ଜଣ ମହିଳା ଓ ଜଣେ ପୁରୁଷ ଥିବାବେଳେ ଗାଡ଼ିରୁ ୧୫.୮ ଗ୍ରାମ୍‌ର ବ୍ରାଉନସୁଗାର ପ୍ୟାକେଟ୍ ମିଳିଥିଲା। ୩ ଅଭିଯୁକ୍ତଙ୍କୁ ସୋମବାର ଡାକ୍ତରୀ ମାଇନା ପରେ କୋର୍ଟଚାଲାଣ କରାଯାଇଥିବା ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନିଆଁଲଗା ଘରେ ରହିବି ନାହିଁ**
**ଖଣ୍ଡିଆ ପଥୁରି ଧୋଇବି ନାହିଁ**
**ତାଟି କିଲା ମାଡ଼ ସହିବି ନାହିଁ।**

ଯେଉଁ ଘରେ ବ୍ୟକ୍ତିଙ୍କୁ ସ୍ନେହ ଆଦର ମିଳି ନ ଥାଏ ସେ ଘର ପ୍ରତି ବ୍ୟକ୍ତିର ମୋହ ମାୟା ତୁଟି ଯାଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ରହିଥିବା ସମ୍ପର୍କ କ୍ରମଶଃ ଫିକା ପଡ଼ିଯାଇଥାଏ। ଏପରି ସ୍ଥିତିରେ ଶାଶୁଘର ସଦସ୍ୟଙ୍କଠାରୁ କଥାକଥାକେ ମାଡ଼ଗାଳି ଶୁଣୁଥିବା ବୋହୂ ସେଠାରେ ଚଳିବାକୁ ଇଚ୍ଛାପ୍ରକାଶ ନ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନ ରସି ଭ୍ରମର ରସିଲା**
**ଜାଇ ଯୁଇ ଫୁଲ ପାଣିକି ପକାଇ**
**ପୋକଶୁଙ୍ଘା ମୂଳେ ବସିଲା।**

ଯାହା ମନ ଯେଉଁଥିରେ ମାନିଲା। ଯାହା ମନୁଷ୍ୟ ପାଇଁ ଉପଲବ୍ଧ ହୁଏ ତାକୁ ଯଦି ସୁନ୍ଦର ଶୈଳୀ ମନେକରି ଗ୍ରହଣ କରାଯାଏ, ତାହା ବିପରୀତ ବୋଧ ସମାବେଶ ହେଲେ ସୁଦ୍ଧା ଅନ୍ୟର ସେଥିରେ ମନ ଖରାପ କରିବାର କିଛି କାରଣ ନ ଥାଏ। ପରୋକ୍ଷରେ ଭଲକୁ ଛାଡ଼ି ଭେଲକୁ ଆପଣେଇ ନେବା ବା ମୋହିବାର ଫଳ ଅନେକ ସମୟରେ ମନ୍ଦ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପର୍ଯ୍ୟଟନ ପାଇଁ କୋହଳ ହେବ ପରିବେଶ କଟକଣା

**ଓଡ଼ିଶା ୨୦୩୬ ସୁଦ୍ଧା ବିକଶିତ ହେବା ନେଇ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ରହିଛି। ଏଥିପାଇଁ ଅନେକ ବିକାଶମୂଳକ କାର୍ଯ୍ୟକୁ ସରକାର ଗୁରୁତ୍ୱ ଦେଉଛନ୍ତି। ସେଥିମଧ୍ୟରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଅନ୍ୟତମ। ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ହୋଇପାରିଲେ ବିକଶିତ ଓଡ଼ିଶା ଲକ୍ଷ୍ୟ ସହଜ ହୋଇପାରିବ। ତେଣୁ ସରକାର ଏହି କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ନିମନ୍ତେ ଜାତୀୟ ଉଦ୍ୟାନ, ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ, କୋଷ୍ଟାଲ ଜୋନ୍ ଏବଂ ରାମ୍‌ସାର୍ ଆର୍ଦ୍ରଭୂମି ଆଦି ପରିବେଶଗତ ସମ୍ବେଦନଶୀଳ ଅଞ୍ଚଳ(ଇଏସ୍‌ଜେଡ୍)ରେ କଟକଣା କୋହଳ କରିବାକୁ ଯୋଜନା କରିଛନ୍ତି। ହେଲେ ଏଥିରେ ଉଭୟ ଆଇନ ଏବଂ ପରିବେଶ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ରାଜ୍ୟ ସରକାରଙ୍କ ଏହି ଯୋଜନା କାର୍ଯ୍ୟକାରୀ ହେଲେ ଜଙ୍ଗଲ, ବନ୍ୟପ୍ରାଣୀ ଏବଂ ଜୈବ ବିବିଧତା ସମ୍ପର୍କିତ ଆଇନ ଓ ଆଦିବାସୀଙ୍କ ଜୀବନଜୀବିକା ସମ୍ବଳିତ ଆଇନ ଦୁର୍ବଳ ହୋଇପଡ଼ିବ। ପରିଣାମ ସ୍ୱରୂପ ପରିବେଶ ବିପଦରେ ପଡ଼ିବ ଏବଂ ଜନଜାତିଙ୍କ ଅଧିକାର କ୍ଷୁଣ୍ଣ ହେବ । ଗତ ପ୍ରାୟ ଅଢ଼େଇ ଦଶନ୍ଧି ଧରି ଓଡ଼ିଶାବାସୀ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରି ବ୍ୟାପକ କ୍ଷତି ସହିଛନ୍ତି। ତେଣୁ ବିକାଶ ନାମରେ ପରିବେଶକୁ ବିନାଶ ପହଞ୍ଚିଲା ଭଳି କୌଣସି ପଦକ୍ଷେପ ନିଆ ନ ଯିବାକୁ ବିଶେଷଜ୍ଞମାନେ ଚେତାଇ ଦେଇଛନ୍ତି।**

## ସରକାରଙ୍କ ଯୋଜନା, ଚିନ୍ତାରେ ବିଶେଷଜ୍ଞ

**ଭୁବନେଶ୍ୱର,୨୩।୬ (ରବିନାରାୟଣ ଜେନା)**

ପରିବେଶଗତ ସମ୍ବେଦନଶୀଳ ଅଞ୍ଚଳ (ଇଏସ୍‌ଜେଡ୍)ରେ ନିର୍ମାଣ ଏବଂ ବ୍ୟବସାୟିକ ଗତିବିଧି ନିଷିଦ୍ଧ ରହିଛି। ଏଭଳିସ୍ଥଳେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗତ ମେ' ୩୦ରେ ଅନୁଷ୍ଠିତ ଉଚ୍ଚକ୍ଷମତା ସମ୍ପନ୍ନ ବୈଠକରେ ଇଏସ୍‌ଜେଡ୍ ବିଜ୍ଞପ୍ତିରେ ସଂଶୋଧନ ଆଣିବାକୁ ଆଲୋଚନା କରାଯାଇଥିଲା। ଫଳରେ ଇଏସ୍‌ଜେଡ୍‌ରେ ପର୍ଯ୍ୟଟନ ସମ୍ବଳିତ ନିର୍ମାଣ ଓ ବ୍ୟବସାୟିକ କାର୍ଯ୍ୟକଳାପ କରାଯାଇପାରିବ। ଅନ୍ୟ ଅର୍ଥରେ କହିବାକୁ ଗଲେ, ଜଙ୍ଗଲ ଜମିକୁ ଅଣଜଙ୍ଗଲ କ୍ଷେତ୍ରରେ ବ୍ୟବହାର କରାଯାଇପାରିବ। ଏନେଇ କେନ୍ଦ୍ରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯିବାକୁ ପ୍ରସ୍ତାବ ରହିଛି। ଅର୍ଥାତ୍ ଜଙ୍ଗଲ ଜମିରେ ଆତିଥ୍ୟ ଭିତ୍ତିଭୂମି ନିର୍ମାଣ କରିବାକୁ ଅନୁମତି ଦେବା ଏବଂ ଉପକୂଳ ଅଞ୍ଚଳରେ ଅଧିକ ପର୍ଯ୍ୟଟନ ପ୍ରକଳ୍ପ ନିର୍ମାଣ ପାଇଁ ଉପକୂଳ ନିୟନ୍ତ୍ରଣ ଅଞ୍ଚଳ(ସିଆରଜେଡ୍) ବର୍ଗୀକରଣକୁ ପୁନଃସମୀକ୍ଷା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରକୁ ଅନୁରୋଧ କରାଯିବାକୁ ପ୍ରସ୍ତାବ ରହିଛି।

ଇକୋ ସେନ୍ସିଟିଭ୍ ଜୋନ(ଇଏସ୍‌ଜେଡ୍) ହେଉଛି ପ୍ରତିରୋଧକ କ୍ଷେତ୍ର। ସଂରକ୍ଷିତ ଜଙ୍ଗଲ, ବନ୍ୟପ୍ରାଣୀ ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନର ବନ୍ୟପ୍ରାଣୀ ଏବଂ ଜୈବ ବିବିଧତାକୁ ସୁରକ୍ଷା ଦେବା ପାଇଁ ଇଏସ୍‌ଜେଡ୍ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଖଣି ଖନନ, ନିର୍ମାଣ ଏବଂ ଶିଳ୍ପଜନିତ ପ୍ରଦୂଷଣ ଆଦି କ୍ଷତିକାରକ ମାନବୀୟ ଗତିବିଧିକୁ ପ୍ରତିରୋଧ କରାଯାଇପାରିବ। ହେଲେ ସରକାରଙ୍କ ଉପରୋକ୍ତ ଯୋଜନା ଏଥିରେ ଅନ୍ତରାୟ ସୃଷ୍ଟି କରିବ। ତେବେ କେନ୍ଦ୍ରଠାରୁ ଅନୁମତି ନେବା ସମୟରେ ସରକାରଙ୍କ ଏକ କମିଟିର ରିପୋର୍ଟ ବିଚାରକୁ ନିଆଯିବ। ସେହି କମିଟିରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଅଧ୍ୟକ୍ଷ ରହିଥିବାବେଳେ ପିସିସିଏଫ୍ ବନ୍ୟପ୍ରାଣୀ, ପିସିସିଏଫ୍ (ହେଡ୍ ଅଫ୍ ଫରେଷ୍ଟ ଫୋର୍ସ), ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଶିମିଳିପାଳ ନିର୍ଦ୍ଦେଶକ ପ୍ରମୁଖ ରହିଛନ୍ତି। ସରକାରଙ୍କ ପକ୍ଷରୁ ଉକ୍ତ କମିଟି ପ୍ରତି ଦୁଇମାସରେ ଥରେ ଏହି ଇକୋ ସେନ୍ସିଟିଭ ଜୋନ୍ ଅଞ୍ଚଳ ଗସ୍ତ କରି ସେଠାକାର ସମସ୍ୟା ସମ୍ପର୍କରେ ଅବଗତ ହେବେ। ତେବେ ସରକାରଙ୍କ ବନ୍ୟପ୍ରାଣୀ ସଂରକ୍ଷଣ ନିୟମ-୧୯୭୨ ଅନୁଯାୟୀ ଜାତୀୟ ପାର୍କ ଅଞ୍ଚଳରେ କୌଣସି ବ୍ୟବସାୟିକ ନିର୍ମାଣ ହୋଇପାରିବ ନାହିଁ। ସେହିପରି ଜଙ୍ଗଲ କିସମ ଜମିକୁ ଅଣଜଙ୍ଗଲ ଭାବେ ବ୍ୟବହାର ଲାଗି ଗ୍ରାମସଭାର ଅନୁମତି ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ସରକାରଙ୍କ ନିଷ୍ପତ୍ତିକୁ ନେଇ ପରିବେଶ ବିଶେଷଜ୍ଞମାନେ ଆପତ୍ତି ଉଠାଇଛନ୍ତି। ସେମାନଙ୍କ କହିବା କଥା ହେଲା, ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ଆଗାମୀ ଦିନରେ ଇକୋ ସେନ୍ସିଟିଭ୍ ଜୋନ୍ ତଥା ବନ୍ୟପ୍ରାଣୀ ଏବଂ ଜୈବବିବିଧତା ଉପରେ କୁପ୍ରଭାବ ପଡିବ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ସରକାରଙ୍କ ଦ୍ୱାରା ଗଠିତ କମିଟିରେ ପରିବେଶ ବିଶେଷଜ୍ଞ, ବନ୍ୟପ୍ରାଣୀ ବୈଜ୍ଞାନିକ କିମ୍ବା କୌଣସି ଜନଜାତି ବର୍ଗର ପ୍ରତିନିଧିଙ୍କୁ ସାମିଲ କରାଯାଇନାହିଁ।

**ପ୍ରଥମ ପୃଷ୍ଠାରୁ...**

## ତେଲ ଦର ୫...

ମନ୍ତ୍ରୀ ହରଦୀପ୍ ସିଂ ପୁରୀ କହିଛନ୍ତି, ଦୀର୍ଘଦିନ ଧରି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୬୫ରୁ ୭୦ ଡଲାର ରହିଥିଲା ଓ ପରେ ୭୦ରୁ ୭୫ ଡଲାରକୁ ବୃଦ୍ଧି ପାଇଥିଲା। ଆମେରିକା ଆକ୍ରମଣ କରିବା ପରେ ସୋମବାର ତୈଳ ଦର ଗତ ୫ ମାସ ମଧ୍ୟରେ ସର୍ବାଧିକ ସ୍ତରରେ ପହଞ୍ଚିଛି। ତେବେ ବିଶ୍ୱ ବଜାରରେ ପର୍ଯ୍ୟାପ୍ତ ତୈଳ ଉପଲବ୍ଧ ଅଛି। ପାଶ୍ଚାତ୍ୟରୁ ଅଧିକ ତୈଳ ଆସୁଛି। ପାରମ୍ପରିକ ଯୋଗାଣକାରୀମାନେ ମଧ୍ୟ ରାଜସ୍ୱ ଆବଶ୍ୟକତା ପାଇଁ ଯୋଗାଣ ଜାରି ରଖିବାକୁଚାହାନ୍ତି। ଆମ ତୈଳ ବିପଣନ କମ୍ପାନୀଗୁଡ଼ିକ ପାଖରେ ଅନେକ ସପ୍ତାହ ପାଇଁ ପର୍ଯ୍ୟାପ୍ତ ଇନ୍ଧନ ରହିଥିବାବେଳେ ବିଭିନ୍ନ ରୁଟ୍ ଦେଇ ଆମଦାନୀ ଜାରି ରହିଛି ବୋଲି ପେଟ୍ରୋଲିୟମ ମନ୍ତ୍ରୀ କହିଛନ୍ତି।

## ହୀରାକୁଦରେ ନିର୍ମାଣ...

ବିଭାଗୀୟ ଅଧିକାରୀ ରହିଥିଲେ। ସିପିଏମ୍‌ୟୁଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ପ୍ରସ୍ତାବ ଅନୁଯାୟୀ, ୫ଟି ଆଡିବନ୍ଧ ଲାଗି ୮୮୪.୩୮କୋଟି ଟଙ୍କା ଖର୍ଚ୍ଚ ହେବ। ଏହାସହିତ ହୀରାକୁଦର ଭୂତଳ ଜଳ ସର୍ବେକ୍ଷଣ କରିବା ସହିତ ଫାଟ ମରାମତି କରିବା ଭଳି କାର୍ଯ୍ୟ କରାଯିବ। ଏଥିପାଇଁ ୧୦୬୬କୋଟି ଟଙ୍କା ଖର୍ଚ୍ଚ କରିବା ଲାଗି ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତିକ୍ରମେ ପ୍ରାଥମିକ ଅନୁମତିମିଳିଛି। ଏହିକାର୍ଯ୍ୟ ଲାଗିସିପିଏମ୍‌ୟୁ ଆବଶ୍ୟକ ବୈଷୟିକ ପରାମର୍ଶ ଯୋଗାଇ ଦେବ। ଏହାକୁ ଦୃଷ୍ଟିରେ ରଖି ଚୁକ୍ତିନାମା ସମ୍ପାଦନ କରିବାକୁ ସିପିଏମ୍‌ୟୁ ନିର୍ଦ୍ଦେଶକ ରାକେଶ କୁମାର ଦର୍ଶାଇଥିଲେ। ଏହାକୁନେଇ ବିଭାଗୀୟ ଅନୁସଚିବ ସର୍ବୋଚ୍ଚ ଯନ୍ତ୍ରୀ(ପି ଆଣ୍ଡ ଡି)ଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

## ଦିଲ୍ଲୀରୁ ବୁଲି ଆସିଥିବା...

ଘରୋଇ କମ୍ପାନୀରେ କାମ କରନ୍ତି। ତପସ୍ୱିନୀଙ୍କ ସହିତ ତାଙ୍କ ବାନ୍ଧବୀ ପୂଜା ପରେବା ମଧ୍ୟ ସେଠାରେ କାମ କରନ୍ତି। ତପସ୍ୱିନୀ ବାପାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ନିଜ ଗ୍ରାମକୁ ଆସିଥିଲେ। ତାଙ୍କ ସହିତ ପୂଜା ବି ଆସିଥିଲେ। ରବିବାର ତପସ୍ୱିନୀଙ୍କ ସହିତ ପୂଜା ଯାଜପୁରର ଶକ୍ତିପୀଠ ମା'ବିରଜାଙ୍କ ଦର୍ଶନ କରିବା ସହ ବୁଲାବୁଲି କରିବା ପରେ ବସ୍‌ରେ ରାତ୍ର ପ୍ରାୟ ସାଢ଼େ ୯ଟାରେ ଘରକୁ ଫେରିଥିଲେ। ସେମାନେ ବସ୍‌ରୁ ଓହ୍ଲାଇ ଚାଲି ଚାଲି ଘରକୁ ଯାଉଥିବାବେଳେ ବାଟରେ ଥିବା ଏକ ପଡ଼ିଆ ନିକଟରେ ୨ ଯୁବକ ଅନିଲ ଜେନା ଓ ନୀତେଶ ଜେନା ସେମାନଙ୍କୁ ଅଟକାଇ ଗାଳିଗୁଲଜ କରିବା ସହିତ ଟଣାଓଟରା କରିଥିଲେ। ଏହି ସମୟରେ ତପସ୍ୱିନୀଙ୍କ ଭାଇ ଓ ପୁତୁରା ଏକ ବାଇକ୍‌ରେ ଆସି ସେଠାରେ ପହଞ୍ଚି ଉକ୍ତ ଯୁବକଦ୍ୱୟଙ୍କ ନିକଟରୁ ସେମାନଙ୍କୁ ଉଦ୍ଧାର କରିଥିଲେ। ବିଳମ୍ବିତ ରାତିରେ ଦଶରଥପୁର ଥାନାରେ ଏନେଇ ଏତଲା ଦିଆଯାଇଥିଲା। ସୋମବାର ତପସ୍ୱିନୀ ପୁଣି ଥରେ ଦଶରଥପୁର ଥାନାରେ ପହଞ୍ଚି ପୋଲିସ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପଚାରିବା ସହିତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ଏ ସମ୍ପର୍କରେ ଯାଜପୁର ଏସ୍‌ଡିପିଓ ମାଝୀ କହିଛନ୍ତି, ପୋଲିସ ତଦନ୍ତ ଜାରି ରଖିଛି। ଆସାମୀମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ। ଏହି ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି।

## ପରୀକ୍ଷା ଦେଲେ...

ଓଡିଶା ଷ୍ଟାଫ୍ ସିଲେକସନ କମିଶନ ଏବଂ ଓଡିଶା ସବ୍-ଅର୍ଡିନେଟ ଷ୍ଟାଫ୍ ସିଲେକ୍ସନ କମିଶନଙ୍କୁ ସାଧାରଣ ପ୍ରଶାସନର ଅତିରିକ୍ତ ସଚିବ ସାଗରିକା ହୋତା ଚିଠି ଲେଖିଛନ୍ତି। ଲକ୍ଷ ଲକ୍ଷ ପିଲା ସରକାରୀ ଚାକିରୀ କରିବା ଆଶାରେ ବିଭିନ୍ନ ନିଯୁକ୍ତି ପରୀକ୍ଷା ଦେଉଛନ୍ତି। ହେଲେ ଅଧିକାଂଶ ପିଲା ଆବେଦନ କରି ପରୀକ୍ଷା ଦେଉନାହାନ୍ତି। ସେହିପରି ଅର୍ଥାଭାବ ଯୋଗୁ ବହୁ ପିଲା ନିଯୁକ୍ତି ପରୀକ୍ଷା ଦେବାକୁ ପଛଘୁଞ୍ଚା ଦେଉଛନ୍ତି। ତେଣୁ ଆବେଦନ କରି ପରୀକ୍ଷା ଦେଉ ନ ଥିବା ପିଲା ଓ ଫି' ପାଇଁ ଆବେଦନ କରିପାରୁ ନ ଥିବା ପିଲାଙ୍କୁ ଉତ୍ସାହିତ କରିବାକୁ ରାଜ୍ୟ ସରକାର ଏଭଳି ଏକ ନୂଆ ଘୋଷଣା କରିଛନ୍ତି। ଯେଉଁ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଇଥିବେ ସେମାନଙ୍କୁ ପରୀକ୍ଷା ଫି' ଫେରାଇ ଦିଆଯିବ। କିନ୍ତୁ ପରୀକ୍ଷାକୁ ଗୁରୁତ୍ୱର ସହ ନ ନେଇ ପରୀକ୍ଷା ଦେଇ ନ ଥିଲେ ସେମାନଙ୍କ ପାଇଁ ଏହା ଲାଗୁ ହେବ ନାହିଁ, ଅର୍ଥାତ୍ ସେମାନେ ଫି' ଫେରିପାଇପାରିବେ ନାହିଁ ବୋଲି ଚିଠିରେ ଉଲ୍ଲେଖ ରହିଛି।

# ୨୫ରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବିଜୁ ଯୁବ ଓ ଛାତ୍ର ଜନତା ଦଳ

**ଭୁବନେଶ୍ୱର,୨୩।୬(ସୁନିତ୍ ମିଶ୍ର)**

ଓଡ଼ିଶାରେ ଛାତ୍ରୀମାନଙ୍କୁ ଅସଦାଚରଣ, ବଳାତ୍କାର, ହତ୍ୟା ଭଳି ଘଟଣା ଅହେତୁକ ବୃଦ୍ଧି ପାଉଥିବା ବେଳେ ରାଜ୍ୟ ଭାଜପା ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଅଭିଯୋଗ କରି ଆସନ୍ତା ୨୫ରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବା ଲାଗି ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଡାକରା ଦିଆଯାଇଛି। ଶଙ୍ଖ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟ କହିଛନ୍ତି, ଭାଜପା ସରକାର କ୍ଷମତାକୁ ଆସିବା ପରଠାରୁ ରାଜ୍ୟର ଆଇନଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡୁଛି। ଗୋପାଳପୁର ଭଳି ଏକ ପର୍ଯ୍ୟଟନସ୍ଥଳୀରେ ପୁରୁଷ ବନ୍ଧୁଙ୍କୁ ଗଛରେ ବାନ୍ଧି ତାଙ୍କ ପ୍ରେମିକାଙ୍କୁ ଗଣବଳାତ୍କାର କରାଯାଇଥିଲା। ସେହିପରି କେନ୍ଦୁଝରରେ ମଧ୍ୟ ଏକ ଦୁଃଖଦ ଘଟଣା ଘଟିଛି। ରାଜ୍ୟରେ ପ୍ରତିଦିନ ପ୍ରାୟ ୧୫ ଜଣ ଯୁବତୀ ବଳାତ୍କାରର ଶିକାର ହେଉଛନ୍ତି। ରାଜ୍ୟରେ ଦିନକୁ ଦିନ ଏଭଳି ଘଟଣା ବୃଦ୍ଧି ପାଉଥିବାରୁ, ଯୁବତୀମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏହିଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ରାଜ୍ୟ ସରକାରଙ୍କୁ ଚେତାଇଦେବା ଉଦ୍ଦେଶ୍ୟରେ ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ ଆୟୋଜିତ ହେବ। ରାଜ୍ୟର ସମସ୍ତ କଲେଜରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପୂର୍ବତନ ବିଜୁ ଛାତ୍ର ଜନତା ଦଳ ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ରାଶିରେ ବିଳାସକାରକ ଶୁକ୍ର ଏବଂ ଉଚ୍ଚସ୍ଥ ଚନ୍ଦ୍ର ଜୀବନଯାତ୍ରାକୁ ପ୍ରୀତିପ୍ରଦ କରାଇବ। ପାରିବାରିକ ସମ୍ପର୍କ ଭଲ ରହିବା ସହ ଆଶା କରୁଥିବା ଜିନିଷ ପାଇବାରେ ପ୍ରତିବନ୍ଧକ ରହିବ ନାହିଁ। ପରସ୍ପର ପଦ୍ମ ନ ଥିବା ପୁଅବୋହୂଙ୍କ କଥା ମନକୁ ଆନ୍ଦୋଳିତ କରିପାରେ। ଯାତ୍ରା, ବ୍ୟବସାୟ, ସଂସ୍କୃତି କ୍ଷେତ୍ରରେ ଖୁସି ରହିପାରନ୍ତି।

**ବୃଷ** – ଶନିଙ୍କ ଦୁର୍ବଳତା ସାଙ୍ଗକୁ କର୍ମଭାବରେ ରାହୁ ଥିବାରୁ ଆପଣଙ୍କ ଚେଷ୍ଟା ସଫଳ ଆଶା ମଉଳିଯାଇପାରେ। ସହକର୍ମୀଙ୍କ ସହ ସୁସମ୍ପର୍କ ରକ୍ଷା କରିପାରିବେ ନାହିଁ। ପଡ଼ୋଶୀଙ୍କ ସହାୟତାରେ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଥିବା ସମସ୍ୟା ଦୂରହେବ। ପାରିବାରିକ ଓ କର୍ମକ୍ଷେତ୍ର ପୂର୍ବପରି ଅକ୍ଷୁଣ୍ଣ ରହିବାରୁ ଆଶ୍ୱସ୍ତି ଅନୁଭବ କରିବେ।

**ମିଥୁନ** – ରବି ରାଶ୍ୟାଧିପଙ୍କ ସହ ଅବସ୍ଥାନ କରିଥିବାରୁ ବନ୍ଧୁଙ୍କ ସାହାଯ୍ୟରେ ଆଶା ପୂରଣ ହେବ। ପ୍ରଶାସନିକ ସ୍ତରରେ ଅବହେଳାବଶତଃ ଅଟକିରହିଥିବା ଫାଇଲ୍ ସକାଶେ ଚିନ୍ତିତ ରହିପାରନ୍ତି। ସହକର୍ମୀଙ୍କ ସୌହାର୍ଦ୍ଦ୍ୟ ଆପଣଙ୍କୁ ବହୁ ମାତ୍ରାରେ ସାହାଯ୍ୟ କରିବ। ଜମିଜମା, ଗୃହସୀମା, ମାଲିମକଦ୍ଦମା, ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ।

**କର୍କଟ** – କର୍ମାଧିପ ମଙ୍ଗଳ ଧନସ୍ଥାନରେ କେତୁଯୁକ୍ତ କାରଣରୁ ଅର୍ଥ ସମ୍ପର୍କିତ ବିବାଦର ସମ୍ମୁଖୀନ ହୋଇପାରନ୍ତି। ଶନି ଦୃଷ୍ଟିରେ ଚନ୍ଦ୍ର ହେତୁ ମାନସିକ ଚାପ ବୃଦ୍ଧି ପାଇବା କାରଣରୁ ଅପେକ୍ଷାକୃତ ଅସୁବିଧା ଭୋଗିବେ। ଧର୍ମାନୁଷ୍ଠାନ ଦିଗରେ ଆପଣଙ୍କ ସକ୍ରିୟ ସହଯୋଗ କଳା, କ୍ରୀଡ଼ା, ସାମ୍ବାଦିକତା, ସାହିତ୍ୟ, ସଙ୍ଗୀତରେ ପ୍ରଶଂସିତ ହୋଇପାରନ୍ତି।

**ସିଂହ** – ରାଶ୍ୟାଧିପତି ଯୋଗକାରକ ହୋଇଥିବାରୁ ଦୈହିକ ସୁସ୍ଥତା ସାଙ୍ଗକୁ କର୍ମକ୍ଷେତ୍ରରେ ପ୍ରତିଷ୍ଠାର୍ଜନ କରିବେ। ଶନିଙ୍କ ପ୍ରଭାବରେ ଆପଣଙ୍କ ଭୁଲ୍ ନିଷ୍ପତ୍ତି ବହୁଜନଙ୍କର ଅଶାନ୍ତିର କାରଣ ହେବ। ଶୁକ୍ରଜନିତ ସାହିତ୍ୟ, ସଙ୍ଗୀତ, ରଚନାତ୍ମକ କାମରୁ ଉଚ୍ଚ ପ୍ରଶଂସା ମିଳିବ। ପରୋକ୍ଷ ଶତ୍ରୁତା କିମ୍ବା କ୍ରନିକ୍ ରୋଗଜନିତ ପୀଡ଼ାନୁଭବ କରିପାରନ୍ତି।

**କନ୍ୟା** – ଅଷ୍ଟମସ୍ଥ ଶୁକ୍ର ଅର୍ଥାଗମର ମାର୍ଗକୁ ପ୍ରଶସ୍ତ କଲେ ମଧ୍ୟ ବିଭିନ୍ନ ସମସ୍ୟା ସୃଷ୍ଟି କରିପାରନ୍ତି। କଠିନ ଶ୍ରମ ଓ ଭ୍ରମଣଜନିତ ସ୍ୱାସ୍ଥ୍ୟ କିମ୍ବା ମାନସିକ ସ୍ଥିତି ଭଲ ରହିବ ନାହିଁ। ମିତ୍ରମାନେ ଶତ୍ରୁତା ଆଚରଣ କରିପାରନ୍ତି। ଗୃହ ମରାମତି, ଜମିଜମା କ୍ରୟବିକ୍ରୟ, ମାଲିମକଦ୍ଦମା ସମ୍ପର୍କିତ ଆଲୋଚନାରେ ସାଧାରଣ ଅଗ୍ରଗତି ହୋଇପାରେ।

**ତୁଳା** – ରାଶ୍ୟାଧିପତି ରାଶିକୁ ଦେଖୁଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ। କିନ୍ତୁ କର୍ମକ୍ଷେତ୍ରରେ ଶତ୍ରୁତାଜନିତ ପ୍ରତିବନ୍ଧକର ସମ୍ମୁଖୀନହୋଇ କର୍ମବାଧା ଭୋଗ କରିପାରନ୍ତି। ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁନାମ ପାଇବେ। ଶିଳ୍ପ, ବାଣିଜ୍ୟ, ପରିବହନ, ଫ୍ଲଟିଂ କାରବାର, କଚେରି ମାମଲା କ୍ଷେତ୍ରରେ ଶୁଭଫଳ ମିଳିବ।

**ବିଛା** – ଆଜି ଭାଗ୍ୟାଧିପତି ଉଚ୍ଚସ୍ଥ ଯୋଗୁ ଆପଣଙ୍କ ଯାତ୍ରା, ବନ୍ଧୁସମ୍ପର୍କ ଓ କର୍ମକ୍ଷେତ୍ର ଦୃଢ଼ୀଭୂତ ହେବ। ସହକର୍ମୀଙ୍କ ସହ ସଦ୍‌ଭାବ ବୃଦ୍ଧି କାମକୁ ଆସିପାରେ। ମଙ୍ଗଳଙ୍କ ଦୁର୍ବଳତା କାରଣରୁ ସ୍ୱାସ୍ଥ୍ୟ ଖରାପ ରହୁଥିବାରୁ ତାହାର ସ୍ଥାୟୀ ସମାଧାନ ସକାଶେ ଚିନ୍ତା କରିପାରନ୍ତି। ପିଲାଙ୍କ ପାରସ୍ପରିକ ସୁସମ୍ପର୍କର ଅଭାବଜନିତ ଅନ୍ତର୍ଦ୍ୱନ୍ଦ୍ୱ ଅଶାନ୍ତିର କାରଣ ହେବ।

**ଧନୁ** – ଆଜିର ଗ୍ରହ ସ୍ଥିତିର ଅନୁକୂଳ ପ୍ରଭାବରେ ସମ୍ପର୍କୀୟଙ୍କ ସହଯୋଗ ଅବ୍ୟାହତ ରହିବ। ଦୀର୍ଘଦିନରୁ ଅଟକି ରହିଥିବା କାମ ହାସଲ ପାଇଁ ଚେଷ୍ଟାକରି ସଫଳ ହୋଇ ପାରନ୍ତି। ବାଣିଜ୍ୟ,ବ୍ୟବସାୟ,ପରିବହନରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଗୁରୁଙ୍କ ଦୃଷ୍ଟିଜନିତ ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ସୁଧୁରିଯିବାରୁ ଆଶ୍ୱସ୍ତି ଲାଭ କରିବେ।

**ମକର** – ମନର ଇଚ୍ଛା ଓ ଅଭିଳାଷ ପୂରଣକରିବାରେ ସଫଳତା ପାଇବା କଷ୍ଟକର ହେବ। ସପ୍ତମାଧିପତି କୋଣଭାବସ୍ଥ ଯୋଗୁ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ। ଅନ୍ୟର ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବନାହିଁ। ଆନୁଷ୍ଠାନିକ କାମ, ବନ୍ଧୁମିଳନ ଓ କର୍ମକ୍ଷେତ୍ର ପାଇଁ ଅସୁବିଧା ହେବନାହିଁ।

**କୁମ୍ଭ** – ପରିସ୍ଥିତିକୁ ସ୍ୱାଭାବିକ କରିବା ସକାଶେ ବନ୍ଧୁଙ୍କ ମନ ବୁଝିଲାଭଳି କଥା କହିପାରନ୍ତି। ବ୍ୟବସାୟରେ ସମସ୍ୟା ସୁଧାରିନେବେ ଓ ନୂତନ ବାଣିଜ୍ୟ ଯୋଡ଼ିବା ପାଇଁ ଚିନ୍ତା କରିବେ। ବନ୍ଧୁମାନେ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ। କୋଣଭାବସ୍ଥ ବୁଧାଦିତ୍ୟ ଯୋଗ ଫଳ ସ୍ୱରୂପ ପିଲାଙ୍କ ସଫଳତାରେ ଆନନ୍ଦିତ ହେବେ।

**ମୀନ** – ଧନଭାବସ୍ଥ ଶୁକ୍ରଙ୍କ ଯୋଗୁ ବନ୍ଧୁଙ୍କ କଥାରେ ବିଶ୍ୱାସକରି କୌଣସି କାମରେ ହାତ ଦେଇପାରନ୍ତି। ଚତୁର୍ଥଭାବ ପାପଯୁକ୍ତ ଯୋଗୁ ପରିବାରରେ ମତଭେଦ ଘଟିପାରେ। ବନ୍ଧୁମିଳନ, ସଭାସମିତି, ଆଲୋଚନା କ୍ଷେତ୍ର ପାଇଁ ଅନୁକୂଳ ପରିବେଶ ସୃଷ୍ଟିହେବ। ଆଜିର ଯାତ୍ରା, ବାଣିଜ୍ୟ ଓ ଅର୍ଥପ୍ରାପ୍ତିର ଆଶା ସଫଳତା ଲାଭ କରିବ।

ଆଜି ଜୁନ୍ ୨୪ତାରିଖ, ଆଷାଢ଼ କୃଷ୍ଣ ଚତୁର୍ଦ୍ଦଶୀ ମଙ୍ଗଳବାର, ଚକା ଅପସାରଣ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଅମାବାସ୍ୟାର ନିଶାପାଳନ। ରାଶିନକ୍ଷତ୍ର-ଦିବା ଘ.୧୨।୫୪ ଗତେ ମୃଗଶିରା/ବୃଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୧୩ ଗତେ, ଘ.୦୬।୫୨ ମଧ୍ୟେ, ଘ.୦୯।୩୭ ଗତେ, ଘ.୧୨।୧୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୭ ଗତେ, ଘ.୦୪।୪୬ ମଧ୍ୟେ ରାହୁକାଳ।

# ଶ୍ୟାମାପ୍ରସାଦଙ୍କ ଆଦର୍ଶ ଯୁବବର୍ଗଙ୍କ ପାଇଁ ଅନୁସରଣୀୟ: ମୁଖ୍ୟମନ୍ତ୍ରୀ



ଜୟଦେବ ଭବନଠାରେ ସୋମବାର ଆୟୋଜିତ ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ରାଜ୍ୟସ୍ତରୀୟ ବଳିଦାନ ଦିବସ ମହାସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି। ନିକଟରେ ଅଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଧାୟକ ବାବୁ ସିଂ ଏବଂ ଅନ୍ୟମାନେ।

**ଭୁବନେଶ୍ୱର, ୨୩।୬ (ରବିନାରାୟଣ ଜେନା/ସୁନିତ୍ ମିଶ୍ର)**

ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୀବନ ଓ ଆଦର୍ଶକୁ ରାଜ୍ୟର ଯୁବବର୍ଗ ଅନୁସରଣ କରିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନଠାରେ ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ରାଜ୍ୟସ୍ତରୀୟ ବଳିଦାନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଡ. ମୁଖାର୍ଜୀଙ୍କ ଜୀବନ ଏହି ଦେଶ ପାଇଁ ଏମିତି ଏକ ଉପହାର, ଯାହା ପ୍ରତିଟି ଦେଶବାସୀଙ୍କୁ ଆଦର୍ଶ ଓ ପ୍ରେରଣା ଦିଏ। ତାଙ୍କ ଭାବନା, ସମଗ୍ର ଦେଶ ପାଇଁ ଏକ ଦିଗ୍‌ଦର୍ଶନ। ଜମ୍ମୁ-କଶ୍ମୀର ଭିତରେ ଭାରତର ଅଖଣ୍ଡତାକୁ ବଜାୟ ରଖିବା ପାଇଁ ସେ ଜଣେ ଦୃଢ଼ ଯୋଦ୍ଧା ଭାବେ ନିଜ କର୍ତ୍ତବ୍ୟରେ ଅଦମ୍ୟ ରହିଥିଲେ। ତାଙ୍କର ଅଭିମତ ଥିଲା, କଶ୍ମୀର ଭାରତର ଅଭିନ୍ନ ଓ ଅବିଚ୍ଛେଦ୍ୟ ଅଙ୍ଗ। ଏହି ଭାବନା ଗଭୀର ରାଷ୍ଟ୍ରପ୍ରେମର ପ୍ରତିଫଳନ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯୁବ ଶକ୍ତି ହିଁ ଦେଶର ଭବିଷ୍ୟତ। ବର୍ତ୍ତମାନ ରାଜ୍ୟ ସରକାର ଏକବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ସାରା ଓଡ଼ିଶାରେ ଯୁବ ଶକ୍ତି ବିକାଶ କାର୍ଯ୍ୟକ୍ରମ କରୁଛନ୍ତି। ଆମେ ଯେତେବେଳେ ଏକ ନୂଆ ଓଡ଼ିଶା ଗଢୁଛେ, ଏକ ଶକ୍ତିଶାଳୀ ଭାରତର ଦିଗକୁ ବଢୁଛେ, ସେହି ସମୟରେ ଡ. ମୁଖାର୍ଜୀଙ୍କ ନୀତି ଓ ଦୃଷ୍ଟିକୋଣ ଆମକୁ ଠିକ ମାର୍ଗ ଦେଉଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବିଧାନର ୩୭୦ ଧାରା ଓ ୩୫(କ)ର ଉଚ୍ଛେଦ କରିଛନ୍ତି। ଏହି ସାହସିକ ପଦକ୍ଷେପ କେବଳ ଯେ ଦେଶପାଇଁ ମଙ୍ଗଳମୟ ତାହା ନୁହେଁ, ଏହା ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପାଇଁ ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ମୁଖାର୍ଜୀଙ୍କ ସ୍ୱପ୍ନ ଓ ସଂଘର୍ଷକୁ ପ୍ରଧାନମନ୍ତ୍ରୀ ପୂରଣ କରିଛନ୍ତି। ଓଡିଶାରେ ପୂର୍ବ ସରକାର ମୁଖାର୍ଜୀଙ୍କର ବଳିଦାନ ଦିବସକୁ ପାଳନ କରୁ ନ ଥିଲେ। କିନ୍ତୁ ଭାଜପା ସରକାର ଏହାକୁ ଜାତୀୟ କର୍ତ୍ତବ୍ୟ ଭାବେ ସ୍ୱୀକାର କରି ପାଳନ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖାର୍ଜୀଙ୍କୁ ଯୁବ ଶକ୍ତିର ପ୍ରେରଣା ବୋଲି କହିବା ସହିତ ତାଙ୍କ ଜୀବନକୁ ମହାକାଶର ଉଲ୍‌କା ସହିତ ତୁଳନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ପାଲଲହଡା ବିଧାୟକ ଅଶୋକ ମହାନ୍ତି ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ବସନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ, ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଗଞ୍ଜାମର ଯୁବଶକ୍ତି ସବୁଠୁ ଆଗରେ: ମୋହନ

**ଆସିକା, ୨୩।୬ (ସୁରେନ୍ଦ୍ର ନାଥ ସାହୁ)**




ଯୁବ ସମାବେଶରେ ମୁଖ୍ୟମନ୍ତ୍ରୀ, ଏମ୍‌ପି ଓ ବିଧାୟକମାନେ କ୍ରୀଡ଼ା ସମ୍ବନ୍ଧୀୟ ପୁସ୍ତିକା 'ତୃଣମୂଳରୁ ଶୀର୍ଷକ ସୋପାନ' ଉନ୍ମୋଚନ କରୁଛନ୍ତି।

- **ବିଜେଡିର ୨୪ବର୍ଷ ଶାସନରେ ରାଜ୍ୟବାସୀଙ୍କୁ କିଛି ମିଳିନାହିଁ**
- **ଜିଲାର ବିକାଶ ଲାଗି ୫୫୦ କୋଟିର ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ**

ଗଞ୍ଜାମ ଜିଲାବାସୀ ଜଣେ ମୁଖ୍ୟମନ୍ତ୍ରୀଙ୍କୁ ୨୪ ବର୍ଷ ଶାସନ କ୍ଷମତାରେ ବସାଇଲେ। ତେବେ ଜିଲା ଓ ରାଜ୍ୟବାସୀଙ୍କୁ କିଛି ଲାଭ ମିଳିନାହିଁ। ବରଂ କେତେଜଣ ବ୍ୟୁରୋକ୍ରାଟଙ୍କୁ ଆଣି ଶାସନ ନାଁରେ ରାଜ୍ୟକୁ ଓ ଗଞ୍ଜାମକୁ ଲୁଟିନେଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଆସିକା ବିଜ୍ଞାନ ମହାବିଦ୍ୟାଳୟ ପଡିଆରେ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଯୁବଶକ୍ତି ସମାବେଶରେ କହିଛନ୍ତି।

ରାଜ୍ୟରେ ଭାଜପା ସରକାରର ୧ ବର୍ଷ ପୂର୍ତ୍ତି ଅବସରରେ ହୋଇଥିବା ଏହି ସମାବେଶରେ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଗଞ୍ଜାମର ଯୁବଶକ୍ତି ସବୁଠୁ ଆଗରେ। କଳା, ସାହିତ୍ୟ ଓ ସଂସ୍କୃତି ଲାଗି ଜିଲାର ସ୍ୱତନ୍ତ୍ର ପରିଚୟ ରହିଛି। ଜିଲାବାସୀ ରାଜନୈତିକ କ୍ଷେତ୍ରରେ ମଧ୍ୟ ସ୍ୱତନ୍ତ୍ର ପରିଚୟ ରଖି ଆସିଛନ୍ତି। ଏଠାରେ ଡବଲ ନୁହେଁ, ଟ୍ରିପଲ୍ ଇଞ୍ଜିନ ସରକାର ଗଠନ କରିଛନ୍ତି। ଯୁବବର୍ଗଙ୍କ ସାମର୍ଥ୍ୟ ଉପରେ ଭରସା ରଖି ରାଜ୍ୟ ସରକାର ରୋଡ୍‌ମ୍ୟାପ ପ୍ରସ୍ତୁତ କରିଛନ୍ତି। ଏ ସରକାର ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଲାଗି ଜାତୀୟ ଶିକ୍ଷାନୀତି ଲାଗୁ କରିଛି। ସାମାଜିକ ଓ ଶିକ୍ଷାଗତ ପଛୁଆବର୍ଗ ଛାତ୍ରୀଛାତ୍ରଙ୍କ ଲାଗି ଉଚ୍ଚଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ସହ ସେମାନଙ୍କ ନିଯୁକ୍ତି ଲାଗି ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯାଇଛି। ୪୮ଟି କଲେଜରେ ଶିଳ୍ପ ସମ୍ପର୍କ ଓ ବ୍ୟାବହାରିକ ଶିକ୍ଷାଦାନ ଉପରେ ତାଲିମ ଦିଆଯାଉଛି। ସରକାର ପ୍ରତିଶ୍ରୁତି ମୁତାବକ ଏକ ବର୍ଷ ମଧ୍ୟରେ ୧୦ଟି ନିଯୁକ୍ତିମେଳା ମାଧ୍ୟମରେ ୨୮,୩୪୬ ଜଣଙ୍କୁ ଚାକିରି ସୁଯୋଗ ଦେଇଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ଆଉ ୪୦ ହଜାର ନିଯୁକ୍ତି ଦେବା ଲାଗି ଉଦ୍ୟମ ଜାରି ରହିଛି। ଶିଳ୍ପ କ୍ଷେତ୍ରରେ ରାଜ୍ୟକୁ ଅଧିକ ସୁଦୃଢ଼ କରିବା ସହ ଯୁବବର୍ଗଙ୍କ ନିଯୁକ୍ତି ପ୍ରତି ଧ୍ୟାନ ଦିଆଯାଇଛି। ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ୧୭ଲକ୍ଷ କୋଟିର ପୁଞ୍ଜି ନିବେଶ ସହ ୧୩ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଯୁବଗୋଷ୍ଠୀଙ୍କ ଲାଗି କ୍ରୀଡ଼ା ଭିତ୍ତିଭୂମିର ବିକାଶ ନିମନ୍ତେ ୩୧୪ ବ୍ଲକରେ ୪ହଜାର ୧୨୪ କୋଟି ଟଙ୍କା ବ୍ୟୟରେ ଷ୍ଟାଡିୟମ ନିର୍ମାଣ ଲାଗି ପଦକ୍ଷେପ ନିଆଯାଇଛି। ବ୍ରହ୍ମପୁର, ଢେଙ୍କାନାଳ, ସମ୍ବଲପୁର, ଭଦ୍ରକ ଓ କୋରାପୁଟରେ କ୍ରୀଡ଼ାର ହବ୍ କରିବା ଲାଗି ଯୋଜନା ହାତକୁ ନିଆଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲାର ବିକାଶ ନିମନ୍ତେ ୫୫୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ପ୍ରକାଶିତ ପୁସ୍ତିକା 'ତୃଣମୂଳରୁ ଶୀର୍ଷକ ସୋପାନ' ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଜିଲାର ବରପୁତ୍ରମାନଙ୍କ ସହ ମହାନ୍ ଜନନେତା ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମାବେଶରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ବ୍ରହ୍ମପୁର ଏମ୍‌ପି ପ୍ରଦୀପ କୁମାର ପାଣିଗ୍ରାହୀ, କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ସୋରଡା ବିଧାୟକ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ବ୍ରହ୍ମପୁର ବିଧାୟକ ଅନିଲ କୁମାର, ରାଜ୍ୟ କ୍ରୀଡା ଓ ଯୁବ କଲ୍ୟାଣ ବିଭାଗ ପ୍ରମୁଖ ସଚିବ ଭାସ୍କର ଜ୍ୟୋତି ଶର୍ମା, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ ସ୍ୱାଗତ ଭାଷଣ ଦେଇଥିଲା ବେଳେ ବିଧାୟକ ପାଢୀ ଧନ୍ୟବାଦ ଦେଇଥିଲେ। ଗଞ୍ଜାମ ଜିଲାର ବିଭିନ୍ନ କଲେଜରୁ ବହୁ ସଂଖ୍ୟକ ଛାତ୍ରୀଛାତ୍ର ଓ ଯୁବକ କାର୍ଯ୍ୟକ୍ରମରେ ସାମିଲ ଥିଲେ। କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ଆସିକାର ଆରାଧ୍ୟା ଦେବୀ ମା' ଖମ୍ବେଶ୍ୱରୀଙ୍କ ପୀଠକୁ ଯାଇ ପୂଜାର୍ଚ୍ଚନା କରିବା ସହ ଦର୍ଶନ କରିଥିଲେ।

# ୩୦ରୁ ମାଟ୍ରିକ୍ ସପ୍ଲିମେଣ୍ଟାରି ପରୀକ୍ଷା

## ବୋର୍ଡ ୱେବ୍‌ସାଇଟ୍‌ରେ ଆଡ୍‌ମିଟ୍ କାର୍ଡ

**କଟକ, ୨୩।୬ (କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ମାଟ୍ରିକ୍ ସପ୍ଲିମେଣ୍ଟାରି ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା (୨ୟ) ଜୁନ୍ ୩୦ ତାରିଖରୁ ଅନୁଷ୍ଠିତ ହେବ। ଉଭୟ ପରୀକ୍ଷା ଜୁଲାଇ ୧୦ରେ ଶେଷ ହେବ। ଏଥିପାଇଁ ବୋର୍ଡ ପକ୍ଷରୁ ପୂର୍ବରୁ ପରୀକ୍ଷା ସୂଚୀ ପ୍ରକାଶ ପାଇସାରିଛି। ଏବେ ପରୀକ୍ଷାର୍ଥୀଙ୍କ ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇଛି। ତେବେ ସପ୍ଲିମେଣ୍ଟାରି ପରୀକ୍ଷା ପାଇଁ ୯୮ଟି ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ୧୦୩ଟି କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ସପ୍ଲିମେଣ୍ଟାରି ପରୀକ୍ଷା ନିମନ୍ତେ ୩୨୩୨ଜଣ ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ୧୦,୮୦୯ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବୋର୍ଡ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୋମବାର ସୂଚନା ଦିଆଯାଇଛି।

# ଦଳିତଙ୍କ ଉପରେ ନିର୍ଯାତନା: ରାହୁଲଙ୍କ ନିନ୍ଦା

**ଭୁବନେଶ୍ୱର, ୨୩।୬ (ରବିନାରାୟଣ ଜେନା)**



ରାହୁଲ ଗାନ୍ଧୀ

ଗଞ୍ଜାମ ଜିଲାର ଧରାକୋଟ ବ୍ଲକ୍ ଅନ୍ତର୍ଗତ ସିଙ୍ଗିପୁର ଗ୍ରାମର ଦଳିତ ବ୍ୟକ୍ତି ବାବୁଲା ନାୟକ ଓ ଅନ୍ୟ ଜଣେ ଯୁବକଙ୍କୁ ସର୍ବସାଧାରଣରେ ନିର୍ଯାତନା ଦେବା ଘଟଣାକୁ ନେଇ ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ତୀବ୍ର ନିନ୍ଦା କରିଛନ୍ତି।

ସେ କହିଛନ୍ତି, ଦଳିତ ବ୍ୟକ୍ତିଙ୍କୁ ଆଣ୍ଠୁ ମାଡ଼ି ବସାଇବା, ଘାସ ଖୋଇବା, ଅର୍ଦ୍ଧ ମୁଣ୍ଡନ କରିବା ଏବଂ ମଇଳା ପାଣି ପିଇବାକୁ ବାଧ କରି ରାସ୍ତାରେ ଚଲେଇ ଚଲେଇ ନେବା କେବଳ ଅମାନବୀୟ ନୁହେଁ ବରଂ ମନୁବାଦୀ ଚିନ୍ତାଧାରାର ବର୍ବରତା । ଦେଶ ମନୁସ୍ମୃତି ଦ୍ୱାରା ନୁହେଁ, ସମ୍ବିଧାନ ଦ୍ୱାରା ପରିଚାଳିତ ହୋଇଥାଏ। ଏହି ଘଟଣା ସେମାନଙ୍କ ପାଇଁ ଏକ ଦର୍ପଣ, ଯେଉଁମାନେ କୁହନ୍ତି, ଜାତି ଆଉ ଏକ ପ୍ରସଙ୍ଗ ନୁହେଁ। ଦଳିତଙ୍କ ସମ୍ମାନକୁ ଦଳି ଦେଉଥିବା ପ୍ରତ୍ୟେକ ଘଟଣା ବାବା ସାହେବଙ୍କ ସମ୍ବିଧାନ ଉପରେ ଆକ୍ରମଣ। ସମାନତା, ନ୍ୟାୟ ଏବଂ ମାନବିକତା ବିରୋଧରେ ଏକ ଷଡ଼ଯନ୍ତ୍ର। ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଏପରି ଘଟଣା ସାଧାରଣ ହେବାରେ ଲାଗିଛି, କାରଣ ସେମାନଙ୍କର ରାଜନୀତି ଘୃଣା ଏବଂ ଭେଦଭାବ ଉପରେ ଆଧାରିତ। ବିଶେଷକରି ଓଡ଼ିଶାରେ ଏସ୍‌ସି, ଏସ୍‌ଟି ଏବଂ ମହିଳାଙ୍କ ବିରୋଧରେ ଉଦ୍‌ବେଗଜନକ ଭାବେ ନିର୍ଯାତନା ବୃଦ୍ଧି ପାଇଛି। ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଇ କଠୋର ଦଣ୍ଡ ଦିଆଯିବା ଉଚିତ ବୋଲି ରାହୁଲ କହିଛନ୍ତି।

# ଲଭର୍ସ ପଏଣ୍ଟର ସୁରକ୍ଷା ନେଇ ୨ ଥର ବୈଠକ କଲେଣି ସରକାର

**ଭୁବନେଶ୍ୱର, ୨୩।୬ (ସୁନିତ୍ ମିଶ୍ର)**

ଗୋପାଳପୁର ଗଣବଳାତ୍କାର ଘଟଣା ପରେ ଏବେ ରାଜ୍ୟ ସରକାର କଡ଼ା ପଦକ୍ଷେପ ନେବାକୁ ଚିନ୍ତା କରିଛନ୍ତି। ରାଜ୍ୟ ସରକାର ଲଭର୍ସ ପଏଣ୍ଟଗୁଡ଼ିକର ସୁରକ୍ଷାକୁ ନେଇ ଚିନ୍ତା କଲେଣି। ରାଜ୍ୟରେ ଥିବା ସବୁ ଲଭର୍ସ ପଏଣ୍ଟକୁ ସୁରକ୍ଷା ଯୋଗାଇଦେବା ଲାଗି ଏହାରି ଭିତରେ ୨ ଥର ବୈଠକ ବସିସାରିଲାଣି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟରେ ଯେତେ ପର୍ଯ୍ୟଟନସ୍ଥଳୀ ଅଛି, ଯେଉଁଠି ସବୁ ଲଭର୍ସ ପଏଣ୍ଟ ଅଛି, ତା'ର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ତେବେ ଗୋପାଳପୁର ଘଟଣାରେ ପ୍ରଥମ ଥର ଲାଗି ରାତିକ ଭିତରେ ସବୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଟିଆଇ ପରେଡ କରାଯାଇଛି। ଆଇନ ତା' କାମ କରୁଛି ବୋଲି ପ୍ରଭାତୀ କହିଛନ୍ତି।

ସୂଚନାଯୋଗ୍ୟ, ନିକଟରେ ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ଘେରିଯାଇ ୪ ନାବାଳକଙ୍କ ସହ ମୋଟ୍ ୧୦ ଜଣ ଯେଉଁଳି ଲୋମଟାଙ୍କୁରା କାଣ୍ଡ ଭିଆଇଛନ୍ତି ତାହା ସାରା ରାଜ୍ୟରେ ଚିନ୍ତା ବଢ଼ାଇ ଦେଇଛି। କ୍ରାଇମ୍ ସ୍ପଟରେ କ୍ରାଇମବ୍ରାଞ୍ଚ ଟିମ୍ ଖୋଳତାଡ଼ କରିଥିଲା। ଗ୍ରାଉଣ୍ଡ ଜିରୋରେ କ୍ରାଇମବ୍ରାଞ୍ଚ ଆଇଜି ଏସ୍.ସାଇନି ପହଞ୍ଚି ଟିକିନିଖି ତଦନ୍ତ କରିଥିଲେ। ଏବେ ଏହି ଘଟଣାକୁ ନେଇ ବିରୋଧୀମାନେ ମଧ୍ୟ ସରକାରଙ୍କୁ ଘେରିବା ଆରମ୍ଭ କରିଛନ୍ତି।

# ଇକୋ ସେନ୍‌ସିଟିଭ୍ ଜୋନ୍‌ରେ ଭିତ୍ତିଭୂମି ନିର୍ମାଣ ବିପଦ ସାଜିବ

**ଭୁବନେଶ୍ୱର, ୨୩।୬ (ବନ୍ଦନା ସେଠୀ)**

ରାଜ୍ୟର ବିଭିନ୍ନ ଇକୋ ସେନ୍‌ସିଟିଭ୍ ଜୋନ୍‌ରେ ଭିତ୍ତିଭୂମି ନିର୍ମାଣ କରାଯାଇ ବାଣିଜ୍ୟ ପାଇଁ ଉପଯୋଗ କରାଯିବ। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରକୁ ଅନୁରୋଧ କରାଯିବାକୁ ପ୍ରସ୍ତାବ ରହିଛି। ରାଜ୍ୟର ପରିବେଶ-ସମ୍ବେଦନଶୀଳ ଅଞ୍ଚଳ (ଇଏସ୍‌ଜେଡ୍), ରାଷ୍ଟ୍ରୀୟ ଉଦ୍ୟାନ, ବାଘ ଆଶ୍ରୟସ୍ଥଳ, ଉପକୂଳ ଅଞ୍ଚଳ ଓ ରାମସାର୍ ଆର୍ଦ୍ରଭୂମି ମଧ୍ୟରେ ପର୍ଯ୍ୟଟନ ବିକାଶ ପାଇଁ ପରିବେଶ ସମ୍ବନ୍ଧୀୟ ନିୟମ ବ୍ୟବସ୍ଥା ନମନୀୟ ହେବ ବୋଲି ଆଶା କରାଯାଉଛି। ତେବେ ଏହାକୁ ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ଇକୋ ସେନ୍‌ସିଟିଭ୍ ଜୋନ୍‌ରେ ଭିତ୍ତିଭୂମି ନିର୍ମାଣ ହେଲେ ଏହା ପରିବେଶ, ବନ୍ୟଜୀବଜନ୍ତୁ ଏବଂ ମନୁଷ୍ୟଙ୍କ ପାଇଁ ବିପଦ ସାଜିବ ବୋଲି ଆଶଙ୍କା କରିଛନ୍ତି।

### କ'ଣ କୁହନ୍ତି ଏମାନେ...

### ଅପରିଣାମଦର୍ଶିତାର ପ୍ରମାଣ ହେବ

ପ୍ରତି କଥାରେ ବିକାଶ ନାମରେ ଜଙ୍ଗଲକୁ ଧ୍ୱଂସ କରିବା ଆମ ଅପରିଣାମଦର୍ଶିତାର ପ୍ରମାଣ ହେବ। ବର୍ତ୍ତମାନ ସମୟରେ ଜଙ୍ଗଲଜମିକୁ ଭିତ୍ତିଭୂମି ନିର୍ମାଣ ପାଇଁ ବ୍ୟବହାର କରିବା ଉଚିତ ନୁହେଁ। ଜଳବାୟୁ ପରିବର୍ତ୍ତନ, ତାପମାତ୍ରା ବୃଦ୍ଧି, ପ୍ରଦୂଷଣ ସମସ୍ୟା ଆଦି ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟର ଜଳବାୟୁକୁ ଠିକ୍ ବାଟରେ ନେବା ପାଇଁ ହେଲେ ଜଙ୍ଗଲକୁ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ କରି ରଖିବାକୁ ପଡିବ। ଏଥିସହ ବୃକ୍ଷରୋପଣ ମାଧ୍ୟମରେ ସବୁଜିମା ବୃଦ୍ଧି କରିବା ଆବଶ୍ୟକ।

**- ଜୟକୃଷ୍ଣ ପାଣିଗ୍ରାହୀ, ପରିବେଶବିତ୍**

### ଜୀବଜନ୍ତୁଙ୍କ ପ୍ରତି ଅନ୍ୟାୟ ହେବ

ଏବେ ଜୀବଜନ୍ତୁ ସଙ୍କଟରେ ଅଛନ୍ତି। ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ କରିଡର ନାହିଁ। ଫଳରେ ଅନେକ ସମୟରେ ସେମାନେ ଜନବସତିମୁହାଁ ହେଉଛନ୍ତି। ଏଭଳିସ୍ଥଳେ ଇକୋ ସେନ୍‌ସିଟିଭ୍ ଜୋନ୍‌ରେ ଭିତ୍ତିଭୂମି ନିର୍ମାଣ କରିବାକୁ ଚିନ୍ତା କରିବା ଦୁଃଖଦାୟକ। ରାଜସ୍ୱ ବୃଦ୍ଧି ଏବଂ ଲୋକଙ୍କ ବିଳାଶବ୍ୟସନ ପାଇଁ ରାଜ୍ୟ ସରକାର ଏଭଳି କରିବାକୁ ସ୍ଥିର କରୁଛନ୍ତି। ମାତ୍ର କେବଳ ମଣିଷଙ୍କ ପାଇଁ ଚିନ୍ତା କଲେ ହେବନାହିଁ, ଜୀବଜନ୍ତୁଙ୍କର ମଧ୍ୟ ବଞ୍ଚିବାର ଅଧିକାର ରହିଛି। ତେଣୁ ଜୀବଜନ୍ତୁଙ୍କ ପ୍ରତି ଅନ୍ୟାୟ ନ କରିବା ଦରକାର।

**- ସଂଯୁକ୍ତା ବାସା, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷିକା**

### ବଡ଼ ନିର୍ମାଣ କରିବା ଆଦୌ ସହଜ କଥା ନୁହେଁ

ରାଜ୍ୟରେ ଥିବା ସମସ୍ତ ଅଭୟାରଣ୍ୟକୁ ଇକୋ ସେନ୍‌ସିଟିଭ୍ ଜୋନ୍ ଭାବେ ପରିଗଣନା କରାଯାଇନାହିଁ। ଯେଉଁ କେତୋଟି ଇକୋ ସେନ୍‌ସିଟିଭ୍ ଜୋନ୍ ରହିଛି, ତା' ମଧ୍ୟରେ କୌଣସି ବ୍ୟବସାୟ ବାଣିଜ୍ୟ କଲେ କିମ୍ବା ଅନ୍ୟ କୌଣସି ଭିତ୍ତିଭୂମି ନିର୍ମାଣ କରିବାକୁ ହେଲେ ପରିବେଶ ମଞ୍ଜୁରୀ ଆବଶ୍ୟକ। ତେବେ ରାଜ୍ୟ ସରକାର ଚାହିଁଲେ ଜଙ୍ଗଲଜମିର କିସମ ପରିବର୍ତ୍ତନ କରି ସ୍ଥାନୀୟ ଅଞ୍ଚଳର ସାମୂହିକ ସ୍ୱାର୍ଥ, ଯେପରିକି ଅଙ୍ଗନୱାଡ଼ି, ପ୍ରାଇମେରୀ ସ୍କୁଲ, ପ୍ରାଇମେରୀ ହସ୍ପିଟାଲ ଆଦି ନିର୍ମାଣ କରିପାରିବେ। କିନ୍ତୁ ଅନ୍ୟକିଛି ବଡ ନିର୍ମାଣ କରିବା ଆଦୌ ସହଜ କଥା ନୁହେଁ।

**- ବିଜୟ କେତନ ପଟ୍ଟନାୟକ, ପୂର୍ବତନ ପିସିସିଏଫ୍**

### ପରିବେଶ, ଜୀବଜନ୍ତୁଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉ

ଇକୋ ସେନ୍‌ସିଟିଭ୍ ଜୋନ୍‌ରେ ଉନ୍ନତି କରିବାକୁ ହେଲେ ପ୍ରଥମେ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିବା ଦରକାର। ଭିତ୍ତିଭୂମି ନିର୍ମାଣ ସମୟରେ ଟେକ୍ନୋଲୋଜି ଏବଂ ପ୍ରକୃତିର ସୁରକ୍ଷା ଉଭୟ ଉପରେ ଦୃଷ୍ଟି ଦିଆଯିବା ଆବଶ୍ୟକ। ସେହିପରି କିଛି ନିର୍ମାଣ ପୂର୍ବରୁ ସରକାର ଶହେଥର ଚିନ୍ତା କରିବା ଦରକାର। ପରିବେଶବିତ୍ ଏବଂ ବିଶେଷଜ୍ଞଙ୍କ ଦ୍ୱାରା ତର୍ଜମା କରାଯିବା ସହିତ ନିର୍ମାଣ ଫଳରେ ଜୀବଜନ୍ତୁଙ୍କ ଉପରେ ଏହାର କିଭଳି ପ୍ରଭାବ ପକାଇବ ତାହାର ତର୍ଜମା କରାଯିବା ଆବଶ୍ୟକ। ତେବେ ଆମ ପାଇଁ ପରିବେଶ ସୁରକ୍ଷା ଏବଂ ଜୀବଜନ୍ତୁଙ୍କ ଜୀବନ ପ୍ରାଥମିକତା ହେବା ଦରକାର।

**- ସତ୍ୟବ୍ରତ ସାମଲ, ପ୍ରତିଷ୍ଠାତା, ସାତ୍ତ୍ୱିକ୍ ସୋଲ୍ ଫାଉଣ୍ଡେଶନ**

## ପ୍ରକାଶ ପାଇଲା ପିଜି ଦ୍ୱିତୀୟ ପର୍ଯ୍ୟାୟ ମେଧାତାଲିକା

# ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇନାହାନ୍ତି ୬,୧୨୮ ଛାତ୍ରୀଛାତ୍ର

**ଭୁବନେଶ୍ୱର, ୨୩।୬ (ସୁଚିସ୍ମିତା ସାହୁ)**

ପିଜି ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମେରିଟ ଲିଷ୍ଟ ସୋମବାର ପ୍ରକାଶ ପାଇଛି। ଏହି ପର୍ଯ୍ୟାୟରେ ୭,୫୨୯ଜଣ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି। ସେଥିରୁ ୨,୩୫୬ଜଣ ଛାତ୍ର ଓ ୫,୧୭୩ଜଣ ଛାତ୍ରୀ ରହିଛନ୍ତି। ଯେଉଁ ଛାତ୍ରୀଛାତ୍ର ଫ୍ରିଜ୍ ଅପ୍ସନ ଦେଇଛନ୍ତି, ସେମାନେ ଜୁନ୍ ୨୩ ସନ୍ଧ୍ୟା ୬ଟାରୁ ୨୬ ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅନ୍‌ଲାଇନ ମାଧ୍ୟମରେ ଫି'ଜମା କରିପାରିବେ। ୨୪ରୁ ୨୬ ତାରିଖ ସକାଳ ୧୦ଟାରୁ ଅପରାହ୍ନ ୫ଟା ଭିତରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନକୁ ଯାଇ ରିପୋର୍ଟ କରିପାରିବେ। ସେହିପରି ଯେଉଁ ଛାତ୍ରୀଛାତ୍ର ସ୍ଲାଇଡ୍ ଓ ଫ୍ଲୋଟ୍ ଅପ୍ସନ ଦେଇଥିବେ, ସେମାନେ ଅନ୍‌ଲାଇନ ଜରିଆରେ ନାମଲେଖା ଫି' ଜମା କରି ତୃତୀୟ ମେରିଟ ଲିଷ୍ଟ ବାହାରିବା ଯାଏ ଅପେକ୍ଷା କରିବେ। ଯେଉଁ ଛାତ୍ରୀଛାତ୍ର ପ୍ରଥମ ପର୍ଯ୍ୟାୟରେ ସ୍ଲାଇଡ୍ ଅପ୍ସନ ଦେଇଥିଲେ କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟରେ ନାମଲେଖା ପାଇଁ ଚୟନ ହୋଇନାହାନ୍ତି, ସେମାନେ ତୃତୀୟ ପର୍ଯ୍ୟାୟକୁ ଅପେକ୍ଷା କରିବାକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

ଚଳିତବର୍ଷ ପିଜି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ୨୦ ବିଶ୍ୱବିଦ୍ୟାଳୟ ଓ ୧୦୧ଟି କଲେଜରେ ୩୧,୧୫୪ଟି ସିଟ ରହିଛି। ଏଥିରେ ୬୨,୩୨୧ଜଣ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଥିବାବେଳେ ୫୬,୯୭୬ଜଣ ଛାତ୍ରୀଛାତ୍ର ନାମଲେଖା ପାଇଁ ଚୟନ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୧,୨୮୮ଜଣ ନିଜ ପସନ୍ଦର ଶିକ୍ଷାନୁଷ୍ଠାନ ଚୟନ କରିଛନ୍ତି। ତେବେ ପ୍ରଥମ ପର୍ଯ୍ୟାୟରେ ୨୨,୨୨୬ଜଣ ଛାତ୍ରୀଛାତ୍ରଙ୍କୁ ନାମଲେଖା ପାଇଁ ଚୟନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୭,୮୭୪ଜଣ ଛାତ୍ରୀଛାତ୍ର ନାମଲେଖାଇଥିବା ବେଳେ ୮,୨୨୪ଜଣ ସ୍ଲାଇଡ୍ ଓ ଫ୍ଲୋଟ୍ ଅପ୍ସନ ଦେଇଛନ୍ତି ଏବଂ ୬,୧୨୮ଜଣ ଛାତ୍ରୀଛାତ୍ର ନାମ ଲେଖାଇ ନ ଥିବା ଜଣାପଡିଛି।

# ଉଡ଼ିଲା ପ୍ରଥମ ବିଦ୍ୟୁତଚାଳିତ ପାସେଞ୍ଜର ବିମାନ

**ନ୍ୟୁୟର୍କ, ୨୩।୬**

ଏରୋସ୍ପେସ୍ କମ୍ପାନୀ ବେଟା ଟେକ୍ନୋଲୋଜିର ସମ୍ପୂର୍ଣ୍ଣ ବିଦ୍ୟୁତ୍ ଚାଳିତ ଏୟାରକ୍ରାଫ୍ଟ 'ଆଲିଆ ସିଏକ୍ସ ୩୦୦' ସୋମବାର ଇତିହାସ ରଚିଛି। ପ୍ରଥମ ବିଦ୍ୟୁତ୍ ଚାଳିତ ବିମାନ ଭାବେ ଏହା ଯାତ୍ରୀମାନଙ୍କୁ ନେଇ ଉଡ଼ାଣ ଭରିଥିଲା। ଆମେରିକାର ନ୍ୟୁୟର୍କସ୍ଥିତ ଇଷ୍ଟ ହାମ୍ପଟନ୍‌ରୁ ଜନ୍ ଏଫ୍ କେନେଡି ଏୟାରପୋର୍ଟ ପର୍ଯ୍ୟନ୍ତ ୪ ଯାତ୍ରୀଙ୍କୁ ଧରି ଏହି ବିମାନ ଉଡ଼ାଣ କରିଥିଲା। ମାତ୍ର ୩୦ ମିନିଟ୍ ମଧ୍ୟରେ ଏହା ୭୦ ନଟିକାଲ ମାଇଲ (ପ୍ରାୟ ୧୩୦ କି.ମି.)ର ଯାତ୍ରା କରିଥିଲା। ଏହି ଉଡ଼ାଣରେ ଖର୍ଚ୍ଚ ମାତ୍ର ୮ ଡଲାର (ପ୍ରାୟ ୬୯୪ ଟଙ୍କା) ରହିଛି। ଯଦି ଏହି ଯାତ୍ରା ହେଲିକପ୍ଟରରେ ହୋଇଥାନ୍ତା, ତେବେ ଏହାର ଇନ୍ଧନ ଖର୍ଚ୍ଚ ଆନୁମାନିକ ୧୬୦ ଡଲାର (୧୩,୮୮୫ ଟଙ୍କା) ରହିଥାନ୍ତା ବୋଲି ବିଶେଷଜ୍ଞମାନେ କହିଛନ୍ତି। ତେଣୁ ଏହି ବିଦ୍ୟୁତ୍ ଚାଳିତ ବିମାନ ହେଲିକପ୍ଟର ଅପେକ୍ଷା ପ୍ରାୟ ୨୦ ଗୁଣା




ଶସ୍ତା ରହିଛି। ସେହିପରି ଏହି ବିମାନରେ ଶବ୍ଦପୂର୍ଣ୍ଣ ଇଞ୍ଜିନ ଏବଂ ପ୍ରୋପେଲର କମ୍ ଥିବାରୁ ଯାତ୍ରୀମାନେ ପରସ୍ପର ସହ ସ୍ପଷ୍ଟ ଭାବେ କଥାବାର୍ତ୍ତା କରିପାରିଥିଲେ। ବେଟା ଟେକ୍ନୋଲୋଜିର ପ୍ରତିଷ୍ଠାତା ଏବଂ ସିଇଓ କାଇଲ କ୍ଲାର୍କ କହିଛନ୍ତି, ଆଲିଆ ସିଏକ୍ସ ୩୦୦ ଏୟାରକ୍ରାଫ୍ଟ ସମ୍ପୂର୍ଣ୍ଣ ବିଦ୍ୟୁତ୍ ଶକ୍ତିରେ ଚାଳିତ। ଥରେ ଚାର୍ଜ କଲେ ଏହା ୨୫୦ ନଟିକାଲ ମାଇଲ (ପ୍ରାୟ ୪୬୦ କି.ମି.) ପର୍ଯ୍ୟନ୍ତ ଉଡ଼ାଣ କରିପାରିବ। ବିଭିନ୍ନ ସହର ଏବଂ ଉପନଗର ମଧ୍ୟରେ ଅଳ୍ପ ଦୂରତାର ଉଡ଼ାଣ ପାଇଁ ଏହି ବିମାନ ଉପଯୁକ୍ତ। ଏହି ବିମାନ ଯାତ୍ରା କେବଳ ଶସ୍ତା ନୁହେଁ ବରଂ ଏହା ଯାତ୍ରୀମାନଙ୍କ ପାଇଁ ଆରାମଦାୟକ ଏବଂ ପରିବେଶ ଉପଯୋଗୀ ମଧ୍ୟ। ତେବେ ଏହି ବିଦ୍ୟୁତ୍ ଚାଳିତ ଏୟାରକ୍ରାଫ୍ଟକୁ ବର୍ତ୍ତମାନ ସୁଦ୍ଧା ଆମେରିକାର ଫେଡେରାଲ ଆଭିଏଶନ ଆଡ୍‌ମିନିଷ୍ଟ୍ରେଶନ (ଏଫ୍‌ଏଏ)ଠାରୁ ମଞ୍ଜୁରୀ ମିଳିନାହିଁ। ୨୦୨୬ ପ୍ରାରମ୍ଭରେ ଏହି ବିମାନକୁ ଏଫ୍‌ଏଏ ମଞ୍ଜୁରୀ ମିଳିବ ଏବଂ ଏହା ସାଧାରଣ ଲୋକଙ୍କ ପାଇଁ ଉପଲବ୍ଧ ହୋଇପାରିବ ବୋଲି କାଇଲ ଆଶା ପ୍ରକଟ କରିଛନ୍ତି।



ତୁମେ କୌଣସି ଗୁଣ ବା ଦୋଷର ଅଧୀନସ୍ଥ ହୋଇ ରହିବା ଉଚିତ ନୁହଁ। ଯେ ପର୍ଯ୍ୟନ୍ତ ତୁମେ କୌଣସି ସଦ୍‌ଗୁଣ ପାଇଁ ଆତୁରତା ଦେଖାଉ ଥିବ- ସେ ପର୍ଯ୍ୟନ୍ତ ତା'ର ବିପରୀତ ବଦ୍‌ଗୁଣଟିଏ ତୁମ ଭିତରେ କେଉଁଠି ଚେକାମାଡି ବସିଥିବ। -ଶ୍ରୀମା

-ଶିବ ଚତୁର୍ଦ୍ଦଶୀ ଓ ବେଢ଼ା



# ଇଲେକ୍‌ଟ୍ରିକ୍ ଏୟାରକ୍ରାଫ୍ଟ

ମହାକାଶରେ ପ୍ରଯୁକ୍ତି ଦୌଡ଼ ଶୀର୍ଷରେ ପହଞ୍ଚିଛି। ଯାତ୍ରୀ ଓ ପଣ୍ୟବାହୀ ବିମାନ, ଜେଟ୍, ଯୁଦ୍ଧବିମାନ, କୃତ୍ରିମ ଉପଗ୍ରହ ଓ ରକେଟ୍ ପ୍ରେରଣ ଆଦି ସବୁଥିରେ ପ୍ରତିଯୋଗିତା ଚାଲିଛି। ଏସବୁରେ ଜୀବାଶ୍ମ ଓ ରାସାୟନିକ ଇନ୍ଧନ ବ୍ୟବହାର ହେଉଥିବାରୁ ବାୟୁ ପ୍ରଦୂଷଣ ହେଉଛି। ଭୂପୃଷ୍ଠରେ ଯାତାୟାତ କରୁଥିବା ଗାଡ଼ିମୋଟର ଓ ରେଳଗାଡ଼ିଗୁଡ଼ିକୁ ଇଲେକ୍‌ଟ୍ରିକ୍ ଚାଳିତ ଯାନରେ ପରିଣତ କରି ପରିବେଶକୁ ପ୍ରଦୂଷଣମୁକ୍ତ କରିବା ଦିଗରେ ବହୁବିଧ ପଦକ୍ଷେପ ନିଆଗଲାଣି। କେତେକାଂଶରେ ଏହା ସଫଳ ହୋଇଛି। ଏବେ ଏକ ନୂଆ ଦିଗ ଫିଟିଛି। ଆମେରିକାର ଭର୍ମୋଣ୍ଟ ପ୍ରଦେଶର ସାଉଥ୍ ବର୍ଲିଂଟନ୍‌ସ୍ଥିତ ଇଲେକ୍‌ଟ୍ରିକ୍ ଏରୋସ୍ପେଶ୍ କମ୍ପାନୀ ବିଟା ଟେକ୍ନୋଲୋଜି ନିର୍ମିତ ଅଲିଆ ସି-୩୦୦ ପ୍ରଥମ ଥର ବିଦ୍ୟୁତ୍‌ଚାଳିତ ଏୟାରକ୍ରାଫ୍ଟ ଉଡ଼ାଇ ଇତିହାସ ସୃଷ୍ଟି କରିଛି। ନ୍ୟୁୟର୍କର ଇଷ୍ଟ ହାମ୍ପଟନଠାରୁ ଜନ୍ ଏଫ୍ କେନେଡି ବିମାନବନ୍ଦର ପର୍ଯ୍ୟନ୍ତ ପ୍ରାୟ ୧୩୦ କିଲୋମିଟର ଦୂରତାକୁ ୩୦ ମିନିଟରେ ଉଡ଼ିଥିବା ଇଲେକ୍‌ଟ୍ରିକ୍ ଏୟାରକ୍ରାଫ୍ଟରେ ୪ ଜଣ ଯାତ୍ରୀ ଥିଲେ। ଏହାର ଚାର୍ଜିଂ ଓ ଉଡାଣ ଖର୍ଚ୍ଚ ମାତ୍ର ୮ ଆମେରିକୀୟ ଡଲାର ବା ଭାରତୀୟ ମୁଦ୍ରାରେ ୬୯୪ ଟଙ୍କା ହୋଇଥିବା ସୂଚନା ମିଳିଛି। ପାଇଲଟ ଓ ଏୟାରକ୍ରାଫ୍ଟ ପାଇଁ ଯାତ୍ରୀଙ୍କୁ କିଛି ଅର୍ଥ ଦେବାକୁ ପଡ଼ିବ, ଯାହା ଇନ୍ଧନଚାଳିତ ବିମାନଠାରୁ ବହୁତ କମ୍ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ସାଧାରଣତଃ ସମାନ ଦୂରତାକୁ ହେଲିକପ୍ଟର ଯାତ୍ରା କଲେ ପାରମ୍ପରିକ ଇନ୍ଧନ ଖର୍ଚ୍ଚ ୧୬୦ ଆମେରିକୀୟ ଡଲାର ବା ୧୩ହଜାରରୁ ଅଧିକ ଟଙ୍କା ଲାଗିଥାଏ। ଇଲେକ୍‌ଟ୍ରିକ୍ ଏୟାରକ୍ରାଫ୍ଟ ଉଡ଼ାଣ ଶସ୍ତା ଓ ପରିବେଶ ଉପଯୋଗୀ ବୋଲି ସମ୍ପୃକ୍ତ ବିଟା ଟେକ୍ନୋଲୋଜିର ପ୍ରତିଷ୍ଠାତା ତଥା ସିଇଓ କେଲି କ୍ଲାର୍କ କହିଛନ୍ତି। ୨୦୧୭ରେ ପ୍ରତିଷ୍ଠା କରାଯାଇଥିବା ଏହି କମ୍ପାନୀର ବିଦ୍ୟୁତ୍‌ଚାଳିତ ଏୟାରକ୍ରାଫ୍ଟର ଉଡ଼ାଣ ସଫଳତାର ସହ ପରୀକ୍ଷା କରାଯାଇଥିଲା। ତେବେ ୨୩ ଜୁନ୍‌ରେ ଏହାର ପ୍ରଥମ ଯାତ୍ରୀବାହୀ ଉଡ଼ାଣ ହେବା ପରେ ଆଗକୁ ଅନ୍ୟ କମ୍ପାନୀମାନେ ବିଦ୍ୟୁତ୍‌ଚାଳିତ ଏୟାରକ୍ରାଫ୍ଟ ନିର୍ମାଣ କରିବାକୁ ଆଗଭର ହେବେ ବୋଲି ଆଲୋଚନା ହେଲାଣି।

**ସବୁ ବଡ଼ ବିମାନ ଚଳାଚଳ କମ୍ପାନୀ କେବଳ ଲାଭ ପଛରେ ଧାଇଁଛନ୍ତି। ସ୍ପେସ୍ ମିଶନଠାରୁ ଆରମ୍ଭ କରି ମହାକାଶ ପର୍ଯ୍ୟଟନ ପର୍ଯ୍ୟନ୍ତ ବିପୁଳ ଅର୍ଥ ବିନିଯୋଗ କରାଯାଉଛି। ତେବେ ଏହି ଦୌଡ଼ରେ ଯାତ୍ରୀଙ୍କ ସୁରକ୍ଷା ଦିଗ ଯେଭଳି ପଛରେ ନ ପଡ଼ିଯାଉ ତାହା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ।**

ନିକଟରେ ଅହମଦାବାଦଠାରେ ଘଟିଯାଇଥିବା ଏୟାର ଇଣ୍ଡିଆର ଉଡ଼ାଜାହାଜ ଦୁର୍ଘଟଣା ବିଷୟ ସମସ୍ତଙ୍କ ମନରେ ତାଜା ହୋଇ ରହିଛି। ବିମାନଟି କେଉଁ ସ୍ଥିତିରେ ବିପଦର ସମ୍ମୁଖୀନ ହେଲା ସେହି ବିଷୟରେ ଅଧିକ ତଥ୍ୟ ଆସିପାରି ନାହିଁ। କିନ୍ତୁ ଜଣାପଡ଼ିଥିଲା ଯେ, ସେହି ବିମାନରେ ଅଧିକ ଇନ୍ଧନ ଥିଲା। ଯେତେବେଳେ ସେଥିରେ ବୈଷୟିକ ତ୍ରୁଟିକୁ ପାଇଲଟ ଅନୁଭବ କଲେ ଓ ଏୟାର ଟ୍ରାଫିକ୍ କଣ୍ଟ୍ରୋଲରଙ୍କ ସହ ଯୋଗାଯୋଗ ସମସ୍ୟା ଉପୁଜୁଥିବା ଜଣାଇଲେ, ଠିକ୍ ସେହି ସମୟରେ ବିମାନ ଜଳିଗଲା। ଖବର ଆସିଲା ସେଥିରେ ପର୍ଯ୍ୟାପ୍ତ ତୈଳ ଭରିଦିଆଯାଇଥିବାରୁ ତାହା ଅସ୍ୱାଭାବିକ ସ୍ଥିତି ସୃଷ୍ଟି କଲା। ଏପଟେ ଏହି ମର୍ମନ୍ତୁଦ ଦୁର୍ଘଟଣାର ୮ ଦିନ ପରେ ଏୟାର ଇଣ୍ଡିଆର କେତେକ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଏକ ପାର୍ଟିରେ ନାଚୁଥିବାର ଦୃଶ୍ୟ ଏବେ ଭାଇରାଲ ହୋଇଛି। ଟାଟା କମ୍ପାନୀର ଏୟାର ଇଣ୍ଡିଆ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଏ ପ୍ରକାର ବ୍ୟବହାର ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ଏବର ସ୍ଥିତିରେ ଇଲେକ୍‌ଟ୍ରିକ୍ ଏୟାରକ୍ରାଫ୍ଟ ଆକାଶରେ ଉଡୁଥିବା ବ୍ୟକ୍ତିଙ୍କ ଚାହିଦାକୁ ସହସା ମେଣ୍ଟାଇବ ବୋଲି କହି ହେଉନାହିଁ। ଏହାସହ ଏହାର ସୁରକ୍ଷା ଓ ଦକ୍ଷତା ମଧ୍ୟ ସମ୍ପୂର୍ଣ୍ଣ ପରଖାଯାଇ ପାରିନାହିଁ। ୨୦୧୭ରେ ନିର୍ମିତ କମ୍ପାନୀର ଉତ୍ପାଦ ଏବେ ପ୍ରାରମ୍ଭିକ ଲକ୍ଷ୍ୟସ୍ଥଳରେ ପହଞ୍ଚିଲା। ପୁଣି ତା'ର ବେଗକୁ ଦେଖିଲେ ଗନ୍ତବ୍ୟସ୍ଥଳରେ ଶୀଘ୍ର ପହଞ୍ଚିବା ଲାଗି ଆହୁରି ଗବେଷଣାର ଆବଶ୍ୟକତା ରହିଛି। ତେଣୁ ଏକ ମିଶନ ନେଇ ପ୍ରତ୍ୟେକ ରାଷ୍ଟ୍ର ଓ ଘରୋଇ ଏରୋସ୍ପେସ୍ କମ୍ପାନୀ ନିଜ ସ୍ତରରେ ଏ ଦିଗରେ ଉଦ୍ୟମ କଲେ ବିଦ୍ୟୁତ୍‌ଚାଳିତ ଏୟାରକ୍ରାଫ୍ଟ ଅଧିକ ବିକଶିତ ହୋଇପାରନ୍ତା। ଏରୋସ୍ପେସ୍ କମ୍ପାନୀଗୁଡ଼ିକ ଏ ଦିଗରେ ସେମାନଙ୍କ ଗବେଷଣା ଓ ବିକାଶ (ଆର୍ ଆଣ୍ଡ୍ ଡି) ବିଭାଗକୁ ଅଧିକ ତ୍ୱରାନ୍ୱିତ କରିବା ଦରକାର। ସବୁ ବଡ଼ ବିମାନ ଚଳାଚଳ କମ୍ପାନୀ କେବଳ ଲାଭ ପଛରେ ଧାଇଁଛନ୍ତି। ସ୍ପେସ୍ ମିଶନଠାରୁ ଆରମ୍ଭ କରି ମହାକାଶ ପର୍ଯ୍ୟଟନ ପର୍ଯ୍ୟନ୍ତ ବିପୁଳ ଅର୍ଥ ବିନିଯୋଗ କରାଯାଉଛି। ତେବେ ଏହି ଦୌଡ଼ରେ ଯାତ୍ରୀଙ୍କ ସୁରକ୍ଷା ଦିଗ ଯେଭଳି ପଛରେ ନ ପଡ଼ିଯାଉ ତାହା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ।

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | 5 |
| | | | | 4 | | 3 | | |
| 9 | | | | 5 | 2 | | | |
| 5 | | 2 | | | 7 | 6 | | |
| | 8 | | | | | | | |
| 4 | 9 | | | | | | 3 | |
| 2 | | | | 8 | | | | 9 |
| | | | 6 | | | 8 | | 7 |
| | 1 | 7 | 5 | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 8 | 1 | 9 | 7 | 3 | 6 | 5 |
| 7 | 5 | 1 | 3 | 6 | 4 | 9 | 8 | 2 |
| 3 | 9 | 6 | 8 | 5 | 2 | 7 | 4 | 1 |
| 8 | 7 | 5 | 2 | 1 | 9 | 6 | 3 | 4 |
| 4 | 3 | 2 | 7 | 8 | 6 | 5 | 1 | 9 |
| 6 | 1 | 9 | 4 | 3 | 5 | 2 | 7 | 8 |
| 5 | 8 | 3 | 6 | 2 | 1 | 4 | 9 | 7 |
| 9 | 6 | 7 | 5 | 4 | 8 | 1 | 2 | 3 |
| 1 | 2 | 4 | 9 | 7 | 3 | 8 | 5 | 6 |

ଗତକାଲିର ଉତ୍ତର

# ଧନୀଗୋଷ୍ଠୀଙ୍କୁ ଲାଭ



ଡ. ସନ୍ତୋଷ କୁମାର ମହାପାତ୍ର

ଟିଭି ଖୋଲିଲେ ଶୁଣିବେ ଜିଡିପି ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଖବରକାଗଜରେ ବି ପଢ଼ିବେ ୨୦୪୭ରେ ଭାରତ ବିକଶିତ ରାଷ୍ଟ୍ର ହେବାକୁ ଯାଉଛି। ଆଉ କିଏ କହିଲାଣି, ଭାରତ ବିଶ୍ୱରେ ଏକ ଉଜ୍ଜ୍ୱଳ ତାରକା। ପୁନଶ୍ଚ ପ୍ରଚାର ହେଉଛି, ସରକାର ଏତେ ଯୋଜନା କଲେ ଓ ବିଭିନ୍ନ ବାବଦରେ ଏତେ ଖର୍ଚ୍ଚ କଲେ। କିନ୍ତୁ ସରକାର ଯେଉଁ ଅର୍ଥ ବ୍ୟୟ କରୁଛନ୍ତି, ତାହାକୁ ଆମ ପରି ଟିକସଦାତାଙ୍କ ଠାରୁ ଟିକସ ବାବଦରେ ବା ଋଣ କରି ସଂଗ୍ରହ କରୁଛନ୍ତି। ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଯୋଜନା ବାବଦରେ ଯେତିକି ଲୋକ ପାଉଛନ୍ତି, ତା'ର ବହୁଗୁଣ ଶିକ୍ଷା ଓ ସ୍ୱାସ୍ଥ୍ୟ ଏବଂ ଦରଦାମ୍ ବୃଦ୍ଧି ଯୋଗୁଁ ହରାଇବାକୁ ପଡୁଛି। ବେକାରି ଭୟଙ୍କର ଓ ସଙ୍ଗଠିତ କ୍ଷେତ୍ରରେ ନିଯୁକ୍ତି ବୃଦ୍ଧି ପାଉନି। ଜିଡିପି କ'ଣ ଲୋକ ଖାଇବେ? ଜିଡିପି ଏକ ବର୍ଷର ଅର୍ଥନୈତିକ କାର୍ଯ୍ୟକଳାପର ପ୍ରତିଫଳନ। ଭାରତ ପରି ଅର୍ଥ ବ୍ୟବସ୍ଥାରେ ୧୪୫ କୋଟି ଲୋକରୁ ଯଦି ଧନୀ ୨୦ କୋଟି ବହୁ ମାତ୍ରାରେ ବ୍ୟୟ ବା ଉପଭୋଗ କରିବେ, ତେବେ ଜିଡିପି ଆକାର ସ୍ୱାଭାବିକ ଭାବେ ବୃଦ୍ଧି ପାଇବ। ଋଣ କରି ବ୍ୟୟ କଲେ ଜିଡିପି ମଧ୍ୟ ବୃଦ୍ଧି ପାଇବ।

ପ୍ରଶ୍ନ ହେଉଛି ଜିଡିପି ବୃଦ୍ଧି ଯୋଗୁଁ ସାଧାରଣ ଜନତାଙ୍କ ଜୀବନ ଧାରଣର ମାନରେ କେତେ ଉନ୍ନତି ଘଟୁଛି। ଏହା କେତେ ସମତୁଲ ଓ ସମାନୁପାତିକ ହେଉଛି। ବାସ୍ତବରେ ଜିଡିପି ବୃଦ୍ଧିର ସୁଫଳ ଧନିକ ଶ୍ରେଣୀକୁ ଯାଉଛି। ସେମାନଙ୍କ ସମ୍ପଦ ବୃଦ୍ଧି ପାଇଲା ବେଳେ ଗରିବର ଅବସ୍ଥାରେ ସେପରି ଗୁଣାତ୍ମକ ଉନ୍ନତି ଘଟୁନି। ଏହା ହୋଇନଥିଲେ ସରକାରଙ୍କୁ ୮୦ କୋଟି ଲୋକଙ୍କୁ ଖାଦ୍ୟ ସହାୟତା ଦେବାକୁ ପଡ଼ନ୍ତା ନାହିଁ। ବିଶ୍ୱର ସର୍ବାଧିକ ଭୋକିଲା, ଗରିବ, ବାସହୀନ ଏବଂ ଆଧୁନିକ କ୍ରୀତଦାସ ଭାରତରେ ଅଛନ୍ତି। ଜୁଲାଇ, ୨୦୨୪ରେ ପ୍ରକାଶିତ ଜାତିସଂଘର ବିଶ୍ୱ ଖାଦ୍ୟ ସୁରକ୍ଷା ଏବଂ ପୁଷ୍ଟିସାର ସ୍ଥିତି ରିପୋର୍ଟ ଅନୁଯାୟୀ, ବିଶ୍ୱ ସ୍ତରରେ, ୩୫.୪% ଲୋକ ସୁସ୍ଥ ଖାଦ୍ୟ କିଣି ପାରୁନଥିଲାବେଳେ ଭାରତର ଏହା ମୋଟ ଜନସଂଖ୍ୟାର ଅଧାରୁ ଅଧିକ (୫୫.୬ %) ସୁସ୍ଥ ଖାଦ୍ୟ କିଣି ପାରୁନାହାନ୍ତି। ବିଶ୍ୱ ଖାଦ୍ୟ ନୀତି ରିପୋର୍ଟ ୨୦୨୪ ଅନୁସାରେ ଭାରତୀୟ ଜନସଂଖ୍ୟାର ଅତିକମ୍‌ରେ ୩୮% ଲୋକ ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଆନ୍ତି। ଭାରତରେ ୨୦୨୧ରୁ ୨୦୨୩ ମଧ୍ୟରେ ୧୯.୪୬ କୋଟି ଅପପୁଷ୍ଟିର ଶିକାର ଲୋକ ଥିଲେ। ଏହା ମୋଟ ଜନସଂଖ୍ୟାର ୧୩.୭% ଥିଲା। ବିଶ୍ୱ କ୍ଷୁଧା ସୂଚକାଙ୍କ ୨୦୨୪ ରେ, ଭାରତ ୧୨୭ ଦେଶ ମଧ୍ୟରୁ ୧୦୫ତମ ସ୍ଥାନରେ ଅଛି



ଏବଂ କ୍ଷୁଧା ସ୍ତର 'ଗମ୍ଭୀର ବା ସାଙ୍ଘାତିକ' ବର୍ଗରେ ରହିଛି। ୨୦୧୪ରେ ୫୫ତମ ସ୍ଥାନରେ ଥିଲା।

ଅନେକଙ୍କ ଧାରଣା ଯେ, ଭାରତୀୟମାନେ ସୁଖଶାନ୍ତିରେ ଅଛନ୍ତି। କିନ୍ତୁ ବାସ୍ତବରେ ଏହା ସଂପୂର୍ଣ୍ଣ ଓଲଟା। ଇନ୍‌ଷ୍ଟିଚ୍ୟୁଟ ଫର୍ ଇକୋନୋମିକ୍ସ ଆଣ୍ଡ ପିସର ବିଶ୍ୱ ଶାନ୍ତି ସୂଚକାଙ୍କ ୨୦୨୪ରେ ୧୬୩ଟି ଦେଶ ମଧ୍ୟରୁ ଭାରତ ୧୧୬ତମ ସ୍ଥାନରେ ରହିଛି। ଅର୍ଥାତ୍ ୧୧୫ଟି ଦେଶ ତଳେ। ଭାରତ 'ମଧ୍ୟମ' ଶାନ୍ତି ଦେଶ ଭାବେ ସ୍ଥାନିତ ହୋଇଛି। ସେହିପରି ବିଶ୍ୱ ଖୁସି ସୂଚକାଙ୍କ ରିପୋର୍ଟ ୨୦୨୫ରେ, ଭାରତ ୧୪୭ ଦେଶ ମଧ୍ୟରୁ ୧୧୮ତମ ସ୍ଥାନରେ ଅଛି। ଭାରତ ନେପାଳ (୯୨) ଏବଂ ପାକିସ୍ତାନ (୧୦୯) ପରି ଦେଶ ତଳେ ଅଛି। ମିଳିତ ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ଦ୍ୱାରା ସଦ୍ୟ ପ୍ରକାଶିତ ମାନବ ଉନ୍ନୟନ ରିପୋର୍ଟ ୨୦୨୫ରେ ପ୍ରମାଣିତ ହୋଇଛି। ୨୦୧୪ ସୂଚକାଙ୍କରେ ୧୮୮ ଦେଶ ମଧ୍ୟରେ ଭାରତ ୧୩୦ସ୍ଥାନରେ ଥିଲା। କିନ୍ତୁ ୨୦୨୫ ସୂଚକାଙ୍କରେ ଭାରତ ସେହି ୧୩୦ତମ ସ୍ଥାନରେ ରହିଛି। ଚାଇନା (୭୫ତମ), ଶ୍ରୀଲଙ୍କା (୭୮ତମ) ଏବଂ ଭୁଟାନ୍ (୧୨୭ତମ) ଆଦି ଭାରତ ଆଗରେ ଅଛନ୍ତି। ବାଂଲାଦେଶ ଭାରତ ସହିତ ସମାନ ସ୍ଥାନରେ ଅଛି। ଉଚ୍ଚ ଓ ଅତ୍ୟଧିକ ଉଚ୍ଚ ମାନବିକ ବିକାଶ ପରି ଦୁଇଟି ସୋପାନ ଏବେବି ଅଭେଦ୍ୟ ହୋଇ ରହିଛି। ଅତ୍ୟନ୍ତ ଚିନ୍ତାର ବିଷୟ ହେଉଛି, ଆୟ ବୈଷମ୍ୟ ଏତେ ଭୟଙ୍କର ଯେ, ଏହା ଯୋଗୁଁ ଭାରତରେ ମାନବ ବିକାଶ ସୂଚକାଙ୍କ (ଏଚ୍‌ଡିଆଇ) ମୂଲ୍ୟ ୩୦.୭% ହ୍ରାସ ପାଇଛି। ମିଳିତ ଜାତିସଂଘର ୧୬ଟି ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାରେ ଭାରତ ୯ଟି କ୍ଷେତ୍ରରେ ବିଶ୍ୱର ହାରାହାରି ଲକ୍ଷ୍ୟ ହାସଲଠାରୁ ପଛରେ ଅଛି।

ବିଶ୍ୱ କ୍ରୀତଦାସ ସୂଚକାଙ୍କ ୨୦୨୩ ଅନୁସାରେ ଭାରତରେ ବିଶ୍ୱରେ ସର୍ବାଧିକ ଆଧୁନିକ କ୍ରୀତଦାସ ଅଛନ୍ତି, ଯାହାର ସଂଖ୍ୟା ୧.୧ କୋଟି। ଅର୍ଥାତ୍ ପ୍ରତି ୧୧ ଜଣରେ ଜଣେ କ୍ରୀତଦାସ। ବିଶ୍ୱରେ ୧୬୦ ଦେଶ ମଧ୍ୟରୁ ୩୪ ସ୍ଥାନରେ ରହିଛି। ବିଶ୍ୱ ବ୍ୟାଙ୍କର ମାନବ ପୁଞ୍ଜି ସୂଚକାଙ୍କ ୨୦୨୪ରେ, ଭାରତ ୧୫୭ଦେଶ ମଧ୍ୟରୁ ୧୧୫ତମ ସ୍ଥାନରେ ଅଛି। ଏହି ସୂଚକାଙ୍କ ସଂପୂର୍ଣ୍ଣ ସ୍ୱାସ୍ଥ୍ୟ ଏବଂ ସମ୍ପୂର୍ଣ୍ଣ ଶିକ୍ଷାର ମାନଦଣ୍ଡକୁ ଭିତ୍ତି କରିବା ସହିତ ଆଜି ଜନ୍ମ ହୋଇଥିବା ଏକ ଶିଶୁର ଭବିଷ୍ୟତ ଶ୍ରମିକ ଭାବରେ ଉତ୍ପାଦକତା ମାପ କରେ। ଏହି ସୂଚକାଙ୍କରେ ଭାରତର ସ୍କୋର ୦.୪୪, ଯାହା ଏହିପରି ଆୟକାରୀ ରାଷ୍ଟ୍ର ବା ଏହାର ଅଞ୍ଚଳର ହାରାହାରିଠାରୁ କମ୍। ଏହା ସୂଚିତ କରେ ଯେ, ଭାରତରେ ଜନ୍ମିତ ଏକ ଶିଶୁ ପୂର୍ଣ୍ଣ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସହିତ ଯେତିକି ଉତ୍ପାଦନକ୍ଷମ ହୋଇପାରିବ ତା'ର ମାତ୍ର ୪୪% ହେବ।

ଚିନ୍ତାର ବିଷୟ ହେଉଛି, ଜିଡିପି ବୃଦ୍ଧିଜନିତ ଯେଉଁ ସମ୍ପଦ ସୃଷ୍ଟି ହେଉଛି, ତାହାର ମୁଖ୍ୟ ଭାଗ ଧନୀଙ୍କ ପାଖକୁ ଚାଲିଯାଉଛି। ବୈଷମ୍ୟ ବୃଦ୍ଧି ପାଉଛି। ୨୦ ଜାନୁଆରୀ ୨୦୨୫ରେ ଅକ୍ସଫାମର ରିପୋର୍ଟ 'ଟେକର୍ସ ନଟ୍ ମେକର୍ସ' ରିପୋର୍ଟ ଅନୁସାରେ ଅଧିକାଂଶ କୋଟିପତି ସମ୍ପତ୍ତି ନିଜ ଦକ୍ଷତା, ପରିଶ୍ରମ ଓ ପ୍ରତିଭା ଯୋଗୁଁ ଅର୍ଜନ କରିନଥାନ୍ତି, ୬୦% ଉତ୍ତରାଧିକାର, ସମ୍ପର୍କବାଦ ଏବଂ ଦୁର୍ନୀତି କିମ୍ବା ଏକାଧିକାର ଶକ୍ତିରୁ ଆସିଥାଏ। ଆମର ଗଭୀର ଅସମାନ ବିଶ୍ୱର ଉପନିବେଶବାଦୀ ଆଧିପତ୍ୟର ଏକ ଲମ୍ବା ଇତିହାସ ରହିଛି, ଯାହା ଧନୀ ଲୋକଙ୍କୁ ବହୁଳ ଭାବରେ ଲାଭ ଦେଇଛି। ବିଶ୍ୱ ବୈଷମ୍ୟ ଡାଟା ବେସ ଅନୁଯାୟୀ, ଆୟ ଓ ସମ୍ପଦ ବୈଷମ୍ୟ ବ୍ୟାପକ ଭାବେ ବୃଦ୍ଧି ପାଉଛି। ଭାରତରେ ରାଷ୍ଟ୍ରର ସମ୍ପଦ ଧନୀଙ୍କ ହାତକୁ ଚାଲିଯାଉଛି। ୨୦୨୩ରେ ଦେଶର ଧନୀ ୧%ଙ୍କ ହାତରେ ଜାତୀୟ ସମ୍ପଦର ୪୦.୧% ଓ ଜାତୀୟ ଆୟର ୨୧.୮% ରହିଛି। ୧୦%ଙ୍କ ହାତରେ ଜାତୀୟ ସଂପଦ ୧୯୬୧ରେ ୪୪.୯%ଥିଲା ବେଳେ ୨୦୨୩ରେ ୬୪.୬%କୁ ବୃଦ୍ଧି ପାଇଛି, କିନ୍ତୁ ନିମ୍ନରେ ଥିବା ୫୦% ଜନତାଙ୍କ ସମ୍ପଦ ସେହି ସମୟରେ ୧୧.୪%ରୁ ୬.୪%କୁ ହ୍ରାସ ପାଇଛି। ସେହି ସମୟରେ ୦.୧% ଧନୀଙ୍କ ସମ୍ପଦ ୩.୨%ରୁ ୨୯%କୁ ବୃଦ୍ଧି ପାଇଲ ବେଳେ ମଧ୍ୟମ ୪୦%ଙ୍କ ସମ୍ପଦ ୪୩.୭%ରୁ ୨୯%କୁ ହ୍ରାସ ପାଇଛି। ସେହିପରି ୧୯୯୦ରେ ୧୦ ଶତାଂଶ ଲୋକଙ୍କର ଆୟ ଦେଶର ସମୁଦାୟ ଆୟର ୩୪% ଥିଲା, ଯାହା ୨୦୨୩ରେ ୫୭.୭%କୁ ବୃଦ୍ଧି ପାଇଛି। ବୈଷମ୍ୟ ବ୍ରିଟିଶ୍‌ରାଜଠାରୁ ଅଧିକ। ଡିସେମ୍ବର ୨୦୨୪ ସୁଦ୍ଧା ଭାରତୀୟ ଆରବପତି (ବିଲିଓନେୟାର)ଙ୍କ ସମ୍ପଦ ୯୦୫ ବିଲିୟନ ଡଲାର, ଯାହା ଗତବର୍ଷ ତୁଳନାରେ ୪୨% ଅଧିକ। ଏହାର ଅର୍ଥ ହେଉଛି ଦେଶର ସମ୍ପତ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏକ କ୍ଷୁଦ୍ର ସମ୍ପ୍ରଦାୟଙ୍କ ହାତରେ ଠୁଳ ହୋଇ ରହିଛି, ଠିକ୍ ଯେତେବେଳେ ଜନସଂଖ୍ୟାର ଏକ ବୃହତ୍ ଅଂଶ ସୀମିତ ସମ୍ବଳ ଯୋଗୁଁ ବଞ୍ଚିବାପାଇଁ ସଂଘର୍ଷ କରୁଛନ୍ତି।

ମୋ:୯୪୩୭୨୦୮୭୬୨

# ଅସହାୟ ମଣିଷ




ମୀରା ବେଉରା

ଏଲିଜାବେଥ ଗିଲବର୍ଟ ଆମେରିକାର ଜଣେ ଔପନାସିକ, ସ୍ତମ୍ଭକାର ଓ ଅଭିନେତ୍ରୀ, ଯିଏ ଅନେକ ପୁସ୍ତକ ରଚନା କରିଛନ୍ତି। ତାଙ୍କ ରଚିତ EAT, PRAY, LOVE ଅର୍ଥାତ ଖାଅ, ପ୍ରାର୍ଥନା କର ଓ ଭଲପାଅ ଗ୍ରନ୍ଥଟି ସେଦିନ ଲକ୍ଷ ଲକ୍ଷ ସଂଖ୍ୟାରେ ବିକ୍ରିହୋଇ ଲୋକପ୍ରିୟତା ହାସଲ କରିଥିଲା। ପ୍ରେମକୁ ନେଇ ସେ ତାଙ୍କ ଜୀବନର ଅନେକ ଘଟଣା ଏଥିରେ ବର୍ଣ୍ଣନା କରିଥିଲେ। ଗୋଟିଏ କଥା ଆଶ୍ଚର୍ଯ୍ୟ ଲାଗେ ଯେ ଆଜିର ମଣିଷ ପକ୍ଷୀ ପରି ଆକାଶରେ ଉଡିପାରୁଛି, ମୋବାଇଲ ଧରି ସମଗ୍ର ବିଶ୍ୱକୁ ଦେଖୁଛି ଏବଂ ସୁସମ୍ପର୍କ ମଧ୍ୟ ରଖିପାରୁଛି ଅଥଚ ମଣିଷ ଭଳି ମଣିଷ ମେଳରେ ରହିବା ଶିଖିପାରୁନି। ସବୁଠୁ ଅଧିକ ଆଶ୍ଚର୍ଯ୍ୟର କଥା ହେଉଛି ମଣିଷମେଳରେ ମଧ୍ୟ ମଣିଷଟିଏ ସୁରକ୍ଷିତ ନୁହେଁ। ବେଳେବେଳେ ଦେଖାଯାଉଛି ମଣିଷଟିଏ ପାଖ ମଣିଷଠାରୁ ସ୍ନେହ,ପ୍ରେମ,ଶ୍ରଦ୍ଧା, ସମ୍ମାନ ପାଇବା ପରିବର୍ତ୍ତେ ଈର୍ଷା, ଘୃଣା ଓ ନିରାଶର ଶିକାର ହୋଇ ଅସହାୟ ଅବସ୍ଥାରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ଗ୍ରହଣ କରିବାକୁ ମଧ୍ୟ ଭୁଲୁନାହିଁ।

ସତ କହିବାକୁ ଗଲେ ଆଜିର ମଣିଷ ଯେତିକି ଯେତିକି ଉନ୍ନତିର ଚରମ ଶିଖରରେ ପହଞ୍ଚୁଛି ସେତିକି ସେତିକି ଦୁଃଖ ଦୁର୍ଦ୍ଦଶାକୁ ଭେଟୁଛି। ଏମିତି କୌଣସି କ୍ଷେତ୍ର ନାହିଁ ଯେଉଁ କ୍ଷେତ୍ରରେ ସେ ତା'ର ସଫଳତା ହାସଲ କରିପାରିନାହିଁ। ମଣିଷ ଯେମିତି ଗୋଟିଏ ଯନ୍ତ୍ର ପାଲଟି ଯାଇଛି କହିଲେ ଭୁଲ୍ ହେବନାହିଁ। ଖୁସିକୁ ଖୋଜି ଦୁଃଖ ପାଉଛି। ଖୁସିର ସଂଜ୍ଞା ତା'ର ଚେତନାରେ ଭିନ୍ନ ଏକ ରୂପ ନେଇଛି। ପ୍ରତି ମୁହୂର୍ତ୍ତରେ ପ୍ରତିଯୋଗିତା ଭିତ୍ତିରେ ଦୌଡୁଛି ଆଗକୁ। ଆଜି ଯଦିଓ ରୋଗ ପ୍ରତିଷେଧକ ଟିକା ଦ୍ୱାରା ମୃତ୍ୟୁହାର କମିଯାଇଛି, କିନ୍ତୁ ଆଉ ଗୋଟିଏ ଦିଗରେ ଆତ୍ମହତ୍ୟାଜନିତ ମୃତ୍ୟୁ ବୃଦ୍ଧି ପାଇବାରେ ଲାଗିଛି। ବିଶେଷ କରି ଯୁବ ପିଢ଼ି ଭିତରେ ପ୍ରଥମେ ପ୍ରେମ ଓ ପରେ ବିବାହ ହେଉଛି ଏବଂ ତା'ପରେ ପ୍ରତାରଣା ଓ ବିବାହ ବିଚ୍ଛେଦ ଘଟଣା ଅଧିକ ଦେଖିବାକୁ ମିଳୁଛି। ଶେଷରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେବାକୁ ସେମାନେ ପଛାଉନାହାନ୍ତି। ପ୍ରତିଦିନ ଏହିଭଳି ଅନେକ ଘଟଣା ଘଟିଯାଉଛି। ଶରୀର ଯେତିକି ରୋଗମୁକ୍ତ ହେଉଛି ଜୀବନ ଆହୁରି ସେତିକି ଦୁର୍ବିଷହ ହୋଇପଡିଛି। ନିଜକୁ ସୋସିଆଲ ମିଡ଼ିଆରେ ଯେତିକି ଖୁସିଅଛି ବୋଲି ପ୍ରଦର୍ଶନ କରୁଛି ପ୍ରକୃତରେ ସେତିକି ଖୁସି ରହିପାରୁନି। ବାହାରକୁ ଖୁସି ଦେଖାଯାଉଥିବା ମଣିଷଟି ସତରେ ଅସହାୟ ହୋଇ ମୃତ୍ୟୁ ସହ ଲଢୁଛି। ଜୀବନ ଜିଇବାର କଳାକୁ ଭୁଲିବାରେ ଲାଗିଛୁ। ଫଳରେ ଯୁବପିଢ଼ି ନୈରାଶ୍ୟରେ ପୀଡ଼ିତ। ସେ ଭୁଲିଯାଉଛି ଯେ ସଂଘର୍ଷ ହିଁ ସୁସ୍ଥ ସୁନ୍ଦର ନିରାମୟ ଜୀବନର ରହସ୍ୟ। ସଂଘର୍ଷହୀନ ଜୀବନ ମୂଲ୍ୟହୀନ । ଛୋଟ ଛୋଟ ଖୁସି ଆମକୁ ଆଉ ଆନନ୍ଦ ଦେଇପାରୁନାହିଁ। ଯାହା ମିଳିଛି ସେ ପ୍ରାପ୍ୟ ବିଷୟରେ ଆମେ ଖୁସି ନ ରହି କେତେକ ଅପ୍ରାପ୍ୟ ବସ୍ତୁ ପଛରେ ଗୋଡ଼ାଇ ଗୋଡ଼ାଇ ନିଜ ହାତମୁଠାରେ ପାଉଥିବା ଖୁସିକୁ ନଷ୍ଟ କରିଦେଉଛି।

କିଏ ଜାଣିଥିଲା ଇତିହାସରେ ବାରମ୍ବାର ଫେଲ୍ ହେଉଥିବା ଛାତ୍ରଟି ଦିନେ କେବଳ ଭାରତବର୍ଷରେ ନୁହେଁ ସମଗ୍ର ବିଶ୍ୱରେ ଇତିହାସ ରଚିବ ବୋଲି। ସାମାନ୍ୟ ଲୁଣମରା ଅଭିଯାନରୁ ଦେଶରେ ଏତେବଡ଼



ସ୍ୱରାଜ ଆଣିପାରିବ। ଜେକେ ରୋଲିଂ କେତେ ସଂଘର୍ଷ ପରେ ହ୍ୟାରିପୋର୍ଟର ପୁସ୍ତକ ଲେଖି ରାତାରାତି ଲୋକପ୍ରିୟତା ହାସଲ କରିଥିଲେ, ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହାମ ଲିଙ୍କନ୍ ବାରମ୍ବାର ପରାଜୟ ହେବା ପରେ ୧୭ଥରରେ ଆମେରିକାର ରାଷ୍ଟ୍ରପତି ହୋଇଥିଲେ। ଡ. ଏ ପି ଜେ ଅବଦୁଲ କଲାମ, ଲାଲବାହାଦୁର ଶାସ୍ତ୍ରୀ, ବିଦ୍ୟୁତ ବଲ୍‌ବ ଆବିଷ୍କାର କରିଥିବା ଥୋମାସ ଏଡିଶନ ଏମାନେ ସମସ୍ତେ ଜୀବନରେ ସଫଳତା ପାଇବା ପାଇଁ ସଂଘର୍ଷ କରିନଥିଲେ। ସାମାନ୍ୟ କୀଟ ଶଅଁବାଳୁଆଟିଏ କେତେ ସଂଘର୍ଷ ପରେ ସୁନ୍ଦର ପ୍ରଜାପତି ହୁଏ। ଆଜି ପରିବାରଗୁଡ଼ିକ ଧୀରେ ଧୀରେ ଛୋଟ ହୋଇ ସମ୍ପର୍କରେ ଫାଟ ସୃଷ୍ଟି ହେଉଛି। ପ୍ରେମର ଅର୍ଥ କ'ଣ ବୁଝିବା ପୂର୍ବରୁ ପ୍ରେମର ସଂଜ୍ଞା ତାଙ୍କ ପାଇଁ ଘୃଣା ପାଲଟି ଯାଉଛି। କେବଳ ଭୌତିକ, ଦୈହିକ ସୁଖକୁ ସେମାନେ ପ୍ରେମରେ ବୁଝୁଛନ୍ତି। କେବଳ ଶ୍ୱାସ, ପ୍ରଶ୍ୱାସ ଓ ହୃତ୍‌କମ୍ପନକୁ ଯଦି ଜୀବନ କୁହାଯାଏ ତେବେ ଏ କେମିତିକା ଜୀବନ ଯେଉଁଠି ସ୍ନେହ ପ୍ରେମ ଶ୍ରଦ୍ଧା ଭଲପାଇବାକୁ ସହଯୋଗ ନଥାଏ।

ଆଜିର ମଣିଷ ସମାଜ ଓ ପରିବାରକୈନ୍ଦ୍ରିକ ହେବା ପରିବର୍ତ୍ତେ ବ୍ୟକ୍ତିକୈନ୍ଦ୍ରିକ ହୋଇଯାଉଛି। ସବୁଠି ଅହଙ୍କାର ଚେକା ମାଡ଼ି ବସିଛି। ସବୁକିଛି ଥାଇ ମଣିଷ ନିଃସ୍ୱ, କାଙ୍ଗାଳ ହୋଇପଡ଼ିଛି। ବୌଦ୍ଧିକ ଚେତନା ହଜିଯାଉଛି। ଏଇଠି ମଦର୍ ଟେରେସାଙ୍କ କଥା ମନେପଡୁଛି। ସେ କହୁଥିଲେ ଯଦି ଲୋକଙ୍କ ଦୋଷ ଦୁର୍ବଳତା ଦେଖିବାରେ ତୁମେ ସମୟ ନଷ୍ଟ କରିଦେବ ତେବେ ତାଙ୍କୁ ଭଲ ପାଇବା ପାଇଁ ତୁମ ପାଖରେ ସମୟ ରହିବ ନାହିଁ। ଲର୍ଡ ଚେଷ୍ଟର ଫିଲ୍ଡ ମଧ୍ୟ କହନ୍ତି, ଅନ୍ୟକୁ ଖୁସି କରିବା ଏକ ଉପହାର ଓ ଏହା ଏକ ବିରାଟ ସାମାଜିକ ଶକ୍ତି। ଏକ ଗବେଷଣାରୁ ଲବ୍ଧ ତଥ୍ୟ ଅନୁଯାୟୀ ଅନାହାରର ମୃତ୍ୟୁସଂଖ୍ୟା ଅପେକ୍ଷା ଦାମୀ ଗରିଷ୍ଠ ଖାଦ୍ୟ ଜନିତ ଦୁରାରୋଗରେ ପୀଡ଼ିତଙ୍କ ମୃତ୍ୟୁସଂଖ୍ୟା ଅଧିକ। ତେଣୁ ଏଥିରୁ ସ୍ପଷ୍ଟ ପ୍ରମାଣିତ ଯେ,ଅର୍ଥାଭାବ କଦାପି ମାନସିକ ଅବସାଦର କାରଣ ହୋଇପାରେନା। ପ୍ରକୃତ ଭଲ ପାଇବା, ପ୍ରେମ ଓ ଶ୍ରଦ୍ଧାର ଅଭାବ ହିଁ ଯୁବପିଢ଼ି ଭିତରେ ଅବସାଦ ଜନିତ ବ୍ୟାଧି ସୃଷ୍ଟି କରି ସେମାନଙ୍କୁ ଆତ୍ମହତ୍ୟା କରିବାକୁ ପ୍ରେରିତ କରିଥାଏ। ପ୍ରେମର ପରିଭାଷା ଆଜି ପରିବର୍ତ୍ତିତ ହୋଇଛି। ପ୍ରକୃତ ପ୍ରେମ ଯେ ଭୋଗରେ ନଥାଏ ତ୍ୟାଗରେ ଥାଏ, ଏହା ସେମାନେ ଜାଣିବା ଆବଶ୍ୟକ। ପ୍ରତ୍ୟେକ ସ୍କୁଲ କଲେଜରେ ଅଭିଜ୍ଞ ମନସ୍ତତ୍ତ୍ୱବିତଙ୍କ ଦ୍ୱାରା କାଉନସେଲିଂ ବ୍ୟବସ୍ଥା ରହିବା ଆବଶ୍ୟକ।

ପ୍ରେମ ସବୁଠାରୁ ଶକ୍ତିଶାଳୀ। ପ୍ରେମ ଏଭଳି ଏକ ମହୋଷଧି ଯାହା ପଶୁପକ୍ଷୀ, ବନ୍ୟଜନ୍ତୁ, ଉଦ୍ଭିଦ ଓ ପ୍ରାଣୀ ଜଗତ ସମସ୍ତଙ୍କୁ ଆୟତ୍ତ କରିନିଏ। ଏ ପୃଥିବୀର ସବୁଠୁ ବଡ଼ ଅସ୍ତ୍ର ହେଲା ପ୍ରେମ, ଯାହା ସମସ୍ୟାର ସମାଧାନ କରିଦିଏ। ସବୁ ତିକ୍ତତାକୁ ନିମିଷକରେ ମିଳାଇଦିଏ। ପ୍ରେମ ଚିର ଶାଶ୍ୱତ, ସତ୍ୟ, ଶିବ ଓ ସୁନ୍ଦର। ନିରଳସ ଶାଶ୍ୱତ ସ୍ୱାର୍ଥହୀନ ପ୍ରେମ ପରମାଣୁ ବୋମାଠାରୁ ମଧ୍ୟ ଆହୁରି ଶକ୍ତିଶାଳୀ।

**ରଘୁନାଥଜୀଉ ମହାବିଦ୍ୟାଳୟ**
**ଦେଉଳସାହି, ତୁଳସୀପୁର, କଟକ**
**ମୋ: ୭୮୪୬୯୨୧୪୦୦**

## ଏଇ ଭାରତରେ

ବୟସ ବଢ଼ିଲେ କେତେଜଣ ଲୋକ ଆରାମକରି ଦିନ କଟେଇଦେବାକୁ ଭାବନ୍ତି। ହେଲେ ଆଉ କେତେକେ ବୟସକୁ ଏକ ସଂଖ୍ୟା ଭାବି ଯୁବସୁଲଭ ଉତ୍ସାହରେ ନୂଆ କିଛି କରିବାର ଚେଷ୍ଟା କରନ୍ତି। ଠିକ୍ ସେମିତି ଜଣେ ମଣିଷ ହେଉଛନ୍ତି ଉତ୍ତରପ୍ରଦେଶ ମେରଠର ଜୀବନ ସିଂହ। ଚାକିରିରୁ ଅବସର ନେବା ପରେ ଏବେ ସେ ସୃଷ୍ଟି କରିଛନ୍ତି ଏକ ସ୍ୱତନ୍ତ୍ର ପରିଚୟ। ସେ ୭୨ ପ୍ରକାର ୫ ଟଙ୍କିଆ ମୁଦ୍ରା ସଂଗ୍ରହକରି ରେକର୍ଡ ସୃଷ୍ଟିକରି ପାରିଛନ୍ତି। ଭିନ୍ନ ଭିନ୍ନ ପ୍ରକାରର ୫ ଟଙ୍କିଆ ମୁଦ୍ରା ଏବେ ତାଙ୍କ ପାଖରେ ଦେଖିବାକୁ ମିଳୁଛି। ସବୁଠୁ ଅଧିକ ପ୍ରକାରର ଏଭଳି ଏକ ସଂଗ୍ରହ କରିଥିବାରୁ ତାଙ୍କ ନାଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ଓ ଏସିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛି। ପ୍ରଥମେ ସେ ଯେତେବେଳେ ଭିନ୍ନ ଭିନ୍ନ ୫ ଟଙ୍କିଆ ମୁଦ୍ରା ଦେଖିଥିଲେ ସେତେବେଳେ ସେସବୁ ନିଜ ପାଖରେ ରଖି ଦେଉଥିଲେ। ତା'ପରେ ଅଧିକରୁ ଅଧିକ ଏଭଳି ମୁଦ୍ରା ସଂଗ୍ରହ ଆରମ୍ଭ କଲେ। ଏବେ ତାଙ୍କ ପାଖରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ଜବାହରଲାଲ୍ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ରମଣ ସିଂହଙ୍କ ଫଟୋ ଥିବା ୫ଟଙ୍କିଆ ମୁଦ୍ରା ବି ରହିଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୪ ଜୁନ୍ ୧୯୭୬

- ସମଗ୍ର ଦେଶର ୪୫ ଭାଗ ଲୁହାପଥର ଓଡ଼ିଶାରେ ଗଚ୍ଛିତ ରହିଥିବା ଭାରତୀୟ ଭୂତତ୍ତ୍ୱ ସର୍ଭେ ସଂସ୍ଥା ତରଫରୁ କରାଯାଇଥିବା ଏକ ସର୍ଭେରୁ ଜଣାଯାଇଛି।
- ଆସାମର କାଚାର ଜିଲାରେ ସାମ୍ପ୍ରତିକ ବନ୍ୟା ବିପର୍ଯ୍ୟୟ ଯୋଗୁ ୨୨ ଜଣଙ୍କ ପ୍ରାଣହାନୀ।
- ସୋଭିଏତ୍ ରୁଷ ପକ୍ଷରୁ ପୃଥିବୀ କକ୍ଷକୁ ଏକ ନୂଆ ମହାକାଶ କେନ୍ଦ୍ର ସାଲ୍ୟୁଟ-୫ ଉତ୍‌କ୍ଷେପଣ କରଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଗଞ୍ଜେଇ ଚାଷ ପାଇଁ ନୂଆ ଆଇନ ହେଉ

ମହାଶୟ,

ରାଜ୍ୟରେ ଭାଙ୍ଗ, ଗଞ୍ଜେଇକୁ ନିଷିଦ୍ଧ କରିବା ଠିକ୍ ନୁହେଁ। କିନ୍ତୁ ଏକଥା ସତ ଯେ, ଭାଙ୍ଗ ଓ ଗଞ୍ଜେଇର ଉତ୍ପାଦନ ଏବଂ ବିକ୍ରି ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ। ରାଜ୍ୟ ସରକାର ଭାଙ୍ଗଚାଷ ଓ ବିକ୍ରି ପାଇଁ ଲାଇସେନ୍ସ ଦେଇଥାନ୍ତି ଓ ଏଥିରୁ ପ୍ରବଳ ରାଜସ୍ୱ ପାଆନ୍ତି। ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଭାରତୀୟ ଚିକିତ୍ସା ଶାସ୍ତ୍ରର ଜନକ ଚରକ ସ୍ୱରଚିତ 'ଚରକ ସଂହିତା'ରେ ଗଞ୍ଜେଇର ଔଷଧୀୟ ଗୁଣ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଯାହା ଆଧୁନିକ ଯୁଗର ସାଂପ୍ରତିକ ବୈଜ୍ଞାନିକ ଗବେଷଣା ଦ୍ୱାରା ପ୍ରତିପାଦିତ ହୋଇଛି। ଭାରତୀୟ ସମାଜରେ ଆବାହମାନ କାଳରୁ ଭାଙ୍ଗର ବ୍ୟବହାର କରାଯାଇଆସୁଛି। ବିଶେଷକରି ହୋଲି, ଶିବରାତ୍ରି, ଦଶହରା ଓ ଶୀତଳଷଷ୍ଠୀ ଆଦି ବିଶେଷ ଧାର୍ମିକ ଅବସରରେ ଏହାର ସେବନ ସାମାଜିକ ଗ୍ରହଣୀୟତା ଲାଭ କରିଛି। ଅନ୍ତର୍ଜାତୀୟ ଭେଷଜ ପତ୍ରିକା ଲାନ୍‌ସେଟରେ ପ୍ରକାଶିତ ଏକ ସନ୍ଦର୍ଭରେ କୁହାଯାଇଛି ଯେ, ଲମ୍ବା ସମୟ ଧରି ଗଞ୍ଜେଇ ସେବନ କଲେ ମଧ୍ୟ ଶରୀର ଉପରେ ଏହାର କୌଣସି ଗୁରୁତର ପ୍ରଭାବ ପଡ଼େ ନାହିଁ। ଔଷଧୀୟ ବ୍ୟବହାର ପାଇଁ ଗଞ୍ଜେଇ ଉତ୍ପାଦନ ଏବେବି ଭାରତରେ ଆଇନସମ୍ମତ ଭାବେ ଚାଲିଛି। ଗଞ୍ଜେଇ ଚାଷ ପାଇଁ ନୂଆ ଆଇନ ପ୍ରଣୟନ କରି ସମସ୍ତଙ୍କୁ ଚାଷ କରିବାକୁ ଅନୁମତି ଦିଆଗଲେ ରାଜ୍ୟ ସରକାର ଏଥିରୁ ଯଥେଷ୍ଟ ରାଜସ୍ୱ ଆଦାୟ କରିପାରନ୍ତେ।

**- ଦେବବ୍ରତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଭବିଷ୍ୟର ଅନ୍ଧକାର-ପଥ ସେ ଯେ
କଲା ନିରାମୟ
ତବ ଅଭିଜ୍ଞତା ତହିଁ ଆଶୀର୍ବାଦ
ଦେଲା ବରାଭୟ।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୮ଥର ପୁରୀ ବାହାରେ ହୋଇଥିଲା ମହାପ୍ରଭୁଙ୍କ ରଥଯାତ୍ରା

ପୁରୀ,୨୩।୬
(ଅଜିତ୍ କୁମାର ମହାନ୍ତି)



ଗଡ଼ମାଣ୍ଡିତ୍ରିରେ ଭଗ୍ନାବସ୍ଥାରେ ଥିବା ମନ୍ଦିର ଏବଂ ଚନ୍ଦନ ପୋଖରୀ।

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୋଇଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କ ସହ ରଥାରୂଢ଼ ହୋଇ ଶ୍ରୀମନ୍ଦିରରୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥାନ୍ତି। ସେହିଭଳି ଦଶମୀ ତିଥିରେ ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଥାନ୍ତି। ତେବେ ଅତୀତରେ ବିଧର୍ମୀମାନଙ୍କ ଆକ୍ରମଣ କାରଣରୁ ୮ଥର ପୁରୀ ବାହାରେ ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଥିଲା। ଗଡ଼କୁଜଙ୍ଗରେ ୫, ଚିଲିକା ଚକନାସୀରେ ଥରେ, ଚିଲିକାର ଉତ୍ତର ଦିଗରେ ଥିବା ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ନଇରୀରେ ଥରେ, ଗଡ଼ମାଣ୍ଡିତ୍ରୀରେ ଥରେ ଏବଂ ଶ୍ରୀମନ୍ଦିର ଭିତରେ ଥରେ ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଥିଲା ବୋଲି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ସୂଚନା ଦେଇଛନ୍ତି।

ଐତିହ୍ୟ ବିଶାରଦ ଡ. ମିଶ୍ର କହିଛନ୍ତି ଯେ, ୧୬୨୧ ମସିହାରେ ଅହମ୍ମଦ ବେଗ୍ ଖାଁ ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଥିଲେ। ସେହି ସମୟରେ ଗଜପତି ମହାରାଜାଙ୍କ ପରାମର୍ଶକ୍ରମେ ନଦୀ ପଥରେ ସେବକମାନେ ପାଇକମାନଙ୍କ ସହାୟତାରେ ମହାପ୍ରଭୁଙ୍କୁ ନେଇ ପ୍ରଥମେ ମାଣିକପାଟଣା ନିକଟ ଅନ୍ଧାରୀଗଡ଼ରେ ବିଜେ କରାଇଥିଲେ। ଖବର ମିଳିଲା ଯେ, ନିଶାର୍ଦ୍ଧରେ ଆକ୍ରମଣ କରିବାକୁ ଅହମ୍ମଦ ବେଗ ଖାଁ ଆଗେଇ ଆସୁଛନ୍ତି। ତେଣୁ ଶ୍ରୀବିଗ୍ରହଙ୍କୁ ସ୍ଥାନାନ୍ତର କରିବାକୁ ସମୟ ମିଳି ନ ଥିଲା। ବୋଧହୁଏ ମହାପ୍ରଭୁଙ୍କର ଏହା ଥିଲା ଇଚ୍ଛା। ଲୀଳାମୟଙ୍କ ଲୀଳାର ରହସ୍ୟ ଭେଦ କରିବା ସମ୍ଭବ ନୁହେଁ। ଶେଷରେ ବିଚାରବିମର୍ଶ କରି ମହାପ୍ରଭୁଙ୍କ ବ୍ରହ୍ମ ଗଡ଼ମାଣ୍ଡିତ୍ରୀକୁ ସ୍ଥାନାନ୍ତର କରାଯାଇଥିଲା। ଗଡ଼ମାଣ୍ଡିତ୍ରୀରେ ଭୋଇବଂଶର ଗଜପତି ପୁରୁଷୋତ୍ତମ ଦେବ ବିଜେ କରି ନବକଳେବର ଆୟୋଜନ କରିଥିଲେ। ଅବେଳରେ ସେଠାରେ ନବକଳେବର ହୋଇଥିଲା। ଏହାପରେ ଗଜପତିଙ୍କର ୧୬୨୨ ମସିହାରେ ଦେହାନ୍ତ ହୋଇଥିଲା। ତାଙ୍କ ପୁତ୍ର ଗଜପତି ନରସିଂହ ଦେବ ଶ୍ରୀକ୍ଷେତ୍ରରେ ଗୋଳମାଳ କମିବା ପର୍ଯ୍ୟନ୍ତ ମହାପ୍ରଭୁଙ୍କୁ ସେଇ ଗଡ଼ରେ ଉପାସନା କରିବାର ସମସ୍ତ ବ୍ୟବସ୍ଥା କରାଇଥିଲେ। ଇତିହାସରୁ ଜଣାଯାଏ ଯେ, ସେଠାରେ ମହାପ୍ରଭୁ ହାରାହାରି ଅଢ଼େଇ ବର୍ଷ ରହିଯାଇଥିଲେ। ସେଠାରେ ରଥଯାତ୍ରା ଓ ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁ ବିଜେ କରିଥିବା ବର୍ତ୍ତମାନର ଶ୍ରୀତୃତୀୟା ଦେବଙ୍କ ମନ୍ଦିର ସ୍ଥାନରୁ ଗଡ଼ ପୂର୍ବ ଦିଗରେ ଥିବା ଶ୍ରୀକପିଳେଶ୍ୱର ମହାଦେବଙ୍କ ମନ୍ଦିର ପର୍ଯ୍ୟନ୍ତ ରଥରେ ଶ୍ରୀଗୁଣ୍ଡିଚା ଦିନ ଯାଇଥିଲେ। ଶ୍ରୀକପିଳେଶ୍ୱର ମହାଦେବଙ୍କ ଦକ୍ଷିଣ ପାର୍ଶ୍ୱକୁ ଅସ୍ଥାୟୀ ଗୁଣ୍ଡିଚା ମନ୍ଦିର ନିର୍ମାଣ କରାଯାଇଥିଲା। ମହାପ୍ରଭୁ ୯ଦିନ ଯାତ୍ରା କରି ପୁଣି ସେଠାରୁ ପୂର୍ବସ୍ଥାନକୁ ଫେରି ଆସିଥିଲେ। ମହାପ୍ରଭୁ ରଥରେ ଯିବା-ଆସିବା ରାସ୍ତାଟି ହାରାହାରି ୪୦୦ ବର୍ଷ ପରେ ବି 'ବଡ଼ଦାଣ୍ଡ' ରୂପେ ଆଜି ପରିଚିତ ଅଛି। ମାତ୍ର ପରବର୍ତ୍ତୀ କାଳରେ ଆଉ ରଥଯାତ୍ରା ଅନୁଷ୍ଠିତ ନ ହେବାରୁ ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରଟି ଭାଙ୍ଗିରୁଜି ଗଲା। ତାହା ଆଜି 'ଗୁଣ୍ଡିଚାଘର ପଦା' ଭାବେ ଚିହ୍ନିତ ହେଉଛି। ୨୦୧୫ ମସିହାରେ ଡ. ସୁରେନ୍ଦ୍ର କୁମାର ମିଶ୍ର ଦ୍ୱିତୀୟଥର ଐତିହ୍ୟ ଅନୁସନ୍ଧାନ କରିବାକୁ ଯାଇ ଅବଗତ ହୋଇଥିଲେ ଯେ, ଗଡ଼ମାଣ୍ଡିତ୍ରୀରେ ୨୨ ପୋଖରୀ ୨୩ ଦଣ୍ଡା ଜମି ରହିଥିଲା। ବଗିଚାରେ ବାରଟି ଦଣ୍ଡା ରୂପାନ୍ତରିତ ହୋଇଯିବା ପରେ ଏବେ ୧୧ଟି ଦଣ୍ଡା ରହିଛି। ସେହିପରି ପୋଖରୀଗୁଡ଼ିକର ଅବସ୍ଥା ଦେଖିବାକୁ ମିଳିଛି। ୨୨ଟି ପୋଖରୀ ମଧ୍ୟରୁ ୧୦ଟି ପୋଖରୀର ସ୍ଥିତି ବାରି ହୋଇପଡୁଛି। ତନ୍ମଧ୍ୟରୁ ଗୋଟିଏ ଚନ୍ଦନ ପୋଖରୀ ଆଜି ବି ରହିଛି। ଏହି ପୋଖରୀର ପୂର୍ବ-ଦକ୍ଷିଣ ଦିଗର ଅନତି ଦୂରରେ ରହିଛି 'କୁରୁମପାହାଡ଼'। ଶ୍ରୀକପିଳେଶ୍ୱର ମହାଦେବଙ୍କ ମନ୍ଦିରର ପୂର୍ବଦିଗକୁ ରହିଛି ଚନ୍ଦନ ପୋଖରୀ। ଏହି ମହାଦେବଙ୍କୁ ରଣପୁର ରାଜା ପ୍ରତିଷ୍ଠା କରାଇଥିଲେ। ସେତେବେଳେ ଓଡ଼ିଶାରେ କେଶରୀ ବଂଶ ରାଜତ୍ୱ କରୁଥିଲେ। ଗଡ଼ମାଣ୍ଡିତ୍ରୀ ସେକାଳରେ ରଣପୁର ରାଜ୍ୟ ଅଧୀନରେ ରହିଥିଲା। ପୁରାତନ କାଗଜାତରୁ ଜଣାପଡୁଛି ଯେ, ୧୬୨୨ ମସିହାରେ ଏହି ପୋଖରୀରେ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ହୋଇଥିଲା। ଚନ୍ଦନ ଯାତ୍ରାରେ ଭାଗ ନେଇଥିବା ମହାପ୍ରଭୁଙ୍କ ବିଜେ ପ୍ରତିମା ଏହି ଗଡ଼ର ଶ୍ରୀତୃତୀୟା ଦେବ (ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମା' ସୁଭଦ୍ରା)ଙ୍କ ମନ୍ଦିରରେ ଉପାସିତ ହେଉଛନ୍ତି। ସ୍ମରଣଯୋଗ୍ୟ ଯେ, ମହାପ୍ରଭୁଙ୍କ ଅର୍ଚ୍ଚାବିଗ୍ରହ ଶ୍ରୀଦୋଳଗୋବିନ୍ଦ ଏକ ସ୍ୱତନ୍ତ୍ର ମନ୍ଦିର (ଶ୍ରୀଗୋବିନ୍ଦ ଜୀଉ ମନ୍ଦିର)ରେ ଏହି ଗଡ଼ରେ ଉପାସିତ ହେଉଛନ୍ତି। ଚନ୍ଦନ ପୋଖରୀ ଚନ୍ଦନ ଚକଡ଼ାର ଦକ୍ଷିଣପଟ ଦିଗକୁ ହାତୀ ଗାଧୁଆ ପୋଖରୀ ରହିଛି। ଅଦ୍ୟାବଧି ଏହି ପୋଖରୀ ଅଛି।

## ଦାରୁଦିଅଁଙ୍କୁ ଲାଗିହେଲା ଘଣା, ଖଳି

### ଆଜି ରାଜନଅରକୁ ଖଡ଼ିପ୍ରସାଦ ବିଜେ


ଶୁଦ୍ଧସୁଆରଙ୍କ ଗୃହରୁ ଶ୍ରୀମନ୍ଦିରକୁ ଖଳିପ୍ରସାଦ ବିଜେ କରାଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

ଆଷାଢ଼ ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଘଣାଲାଗି ନୀତି ସମ୍ପନ୍ନ ହେବା ସହ ଶୁଦ୍ଧସୁଆରଙ୍କ ଘରୁ ଖଳି ଶ୍ରୀମନ୍ଦିରକୁ ବିଜେ କରିଥିଲା। ପରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଦଇତାପତି ସେବକମାନେ ଖଳିମହାପ୍ରସାଦ ଲାଗି ନୀତି ସମ୍ପନ୍ନ କରିଥିଲେ। ସେହିପରି ଦତ୍ତମହାପାତ୍ରଙ୍କ ଘରୁ ଆସିଥିବା ଖଡ଼ି ମହାପ୍ରଭୁଙ୍କୁ ଲାଗି କରାଯାଇଛି।

ସ୍ନାନପୂର୍ଣ୍ଣିମାରେ ସ୍ନାନମଣ୍ଡପରେ ଶ୍ରୀବିଗ୍ରହମାନେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହୋଇଥିବାବେଳେ ଅଣସର ପିଣ୍ଡିରେ ଦଇତାପତି ଓ ପତିମହାପାତ୍ର ସେମାନଙ୍କର ଗୁପ୍ତ ସେବା କରୁଛନ୍ତି। ଏହି କ୍ରମରେ ଅଣସରର ତ୍ରୟୋଦଶୀ ତିଥିରେ ମହାପ୍ରଭୁଙ୍କ ଘଣା, ଖଳି ପ୍ରସାଦ ଏବଂ ଖଡ଼ି ପ୍ରସାଦ ଲାଗି ନୀତି କରାଯାଇଛି। ଶ୍ରୀପୟର ମୁଦ ଉପଲକ୍ଷେ ପାଟଡୋର, ଖଳି ପ୍ରସାଦ ଓ ଖଡ଼ିପ୍ରସାଦ ଲାଗି ହୋଇଛି। ଘଣାଲାଗି ସମ୍ପନ୍ନ ପରେ ଘଣ୍ଟ, ଛତା, କାହାଳୀ ସହ ଖଳିପ୍ରସାଦ ଶୁଦ୍ଧସୁଆରଙ୍କ ଘରୁ ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା। ଏହି ଖଳିକୁ ଶୁଦ୍ଧସୁଆରମାନେ ନିଜ ବାସଭବନରେ ଶୁଦ୍ଧପୂତ ଭାବେ ପ୍ରସ୍ତୁତ କରିଥାନ୍ତି। ଖଳିହାଣ୍ଡିକୁ ଘରର ମହିଳାମାନେ ବନ୍ଦାପନା କରିଥିଲେ। ବିଜେ କାହାଳୀ ବାଜିବା ପରେ ଖଳି ଶ୍ରୀମନ୍ଦିରକୁ ବିଜେ କରିଥିଲା। ଶୁଦ୍ଧସୁଆର ଖଳିପ୍ରସାଦକୁ ନେଇ ଦଇତାପତିଙ୍କୁ ହସ୍ତାନ୍ତର କରିବା ପରେ ସେମାନେ ଏହି ଦିବ୍ୟ ପ୍ରଲେପକୁ ରୁପାପିଙ୍ଗଣରେ ରଖି ଶ୍ରୀଅଙ୍ଗରେ ଲାଗି କରିଥିଲେ। ଦଇତାପତି ଓ ପତିମହାପାତ୍ର ସେବକମାନେ ଏକ ସ୍ୱତନ୍ତ୍ର ଶୈଳୀରେ ମହାପ୍ରଭୁଙ୍କୁ ରକ୍ତବସ୍ତ୍ର ଆବରଣ କରିଥିଲେ। ସେହିପରି ପ୍ରଥମ ଭୋଗମଣ୍ଡପ ପରେ ଘଣ୍ଟ, ଛତା, କାହାଳୀ, ବୈଜୟନ୍ତୀ ବାଜା ମଧ୍ୟରେ ଦତ୍ତମହାପାତ୍ରଙ୍କ ଘରୁ ଖଡ଼ିପ୍ରସାଦ ଶ୍ରୀମନ୍ଦିରକୁ ବିଜେ ହୋଇଥିଲା। ପରେ ଖଡ଼ିଲାଗି ନୀତି ସମ୍ପନ୍ନ ହୋଇଥିଲା। ଚତୁର୍ଦ୍ଦଶୀ ଅବସରରେ ଶ୍ରୀମନ୍ଦିରରୁ ଖଡ଼ିପ୍ରସାଦକୁ ଦଇତାପତି ଓ ପତିମହାପାତ୍ରମାନେ ରାଜନହରକୁ ବିଜେ କରାଇବାର ପରମ୍ପରା ରହିଛି।

# ୩ ରେଳ କର୍ମଚାରୀ ସମ୍ବର୍ଦ୍ଧିତ


୩ଜଣ ରେଳ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ସହ ଅନ୍ୟ ଅଧିକାରୀମାନେ।

ଭୁବନେଶ୍ୱର,୨୩।୬ (ଅନୁରାଧା ମହାରଣା)

ଟ୍ରେନ ପରିଚାଳନା ସଂକ୍ରାନ୍ତ ନିରାପତ୍ତା ଏବଂ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପାଇଁ ୩ଜଣ ରେଳ କର୍ମଚାରୀଙ୍କୁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସମ୍ମାନିତ କରିଛନ୍ତି। ସେମାନେ ହେଲେ ଲକ୍ଷ୍ମୀପୁର ଷ୍ଟେଶନ ମ୍ୟାନେଜର ଉତ୍ତମ କୁମାର, ସିମାଞ୍ଚଳମ୍ ନର୍ଥ ଷ୍ଟେଶନଠାରେ କାର୍ଯ୍ୟରତ ବରିଷ୍ଠ ପଣ୍ୟବାହୀ ଟ୍ରେନ୍ ମ୍ୟାନେଜର ପି. ଗୌରୀ ଶଙ୍କର ଏବଂ ରାହାମା ଷ୍ଟେଶନରେ କାର୍ଯ୍ୟରତ ଟ୍ରାକ ମେଣ୍ଟେନର-୩ ମନୋଜ କୁମାର ହାଁସଦା। ସେମାନଙ୍କ ନିୟମିତ କର୍ତ୍ତବ୍ୟପରାୟଣତା ଟ୍ରେନ୍‌ଗୁଡ଼ିକର ନିରାପଦ ଏବଂ ସୁଗମ ପରିଚାଳନାରେ ଅବଦାନ ରଖିଛି। ଏହିକର୍ମଚାରୀମାନଙ୍କୁସମ୍ବର୍ଦ୍ଧିତକରିବାସମୟରେ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସେମାନଙ୍କ ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ। ରେଳ କର୍ମଚାରୀମାନେ ପ୍ରାୟତଃ କଷ୍ଟକର ପରିସ୍ଥିତିରେ କାମ କରନ୍ତି। ରେଳ ସେବାର ନିରାପତ୍ତା ଏବଂ ବିଶ୍ୱସନୀୟତା ବଜାୟ ରଖିବାରେ ଟ୍ରାକ୍ ମେଣ୍ଟେନର୍ସ, ଲୋକୋ ପାଇଲଟ, ଟେକ୍ନିସିଆନ ଏବଂ ଷ୍ଟେଶନ ଅପରେଟରଙ୍କ ସହ ସମସ୍ତ ଆଗଧାଡ଼ିର କର୍ମଚାରୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସେ କହିଥିଲେ।

# ଶିକ୍ଷାନୁଷ୍ଠାନରେ ପାଳନ ହେବ 'ସମ୍ବିଧାନ ହତ୍ୟା ଦିବସ'

ଭୁବନେଶ୍ୱର,୨୩।୬(ସୁଚିସ୍ମିତା ସାହୁ)

ଆସନ୍ତା ୨୫ ତାରିଖରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ 'ସମ୍ବିଧାନ ହତ୍ୟା ଦିବସ' ପାଳନ କରାଯିବ। ସରକାରୀ ବିଶ୍ୱବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଦାନପ୍ରାପ୍ତ ଡିଗ୍ରୀ ମହାବିଦ୍ୟାଳୟ ଏବଂ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନଗୁଡିକରେ ସମ୍ବିଧାନ ହତ୍ୟା ଦିବସ ପାଳନ କରାଯିବ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ବିଭାଗ ପକ୍ଷରୁ ସମସ୍ତ ରେଜିଷ୍ଟ୍ରାର ଓ ପ୍ରିନ୍ସିପାଲଙ୍କୁ ଚିଠି ଲେଖାଯାଇଛି।

୧୯୭୫ ମସିହା ୨୫ ଜୁନରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହୋଇଥିଲା। ଏବେ ଏହାର ୫୦ତମ ବର୍ଷ ପୂର୍ତ୍ତି ପାଳନ କରାଯାଉଛି। ଏହି ଅବସରରେ ପାଠପଢୁଥିବା ଛାତ୍ରୀଛାତ୍ରଙ୍କୁ ସମ୍ବିଧାନର ସୁରକ୍ଷା ବିଷୟରେ ସଚେତନ କରାଯିବ। ଛାତ୍ରୀଛାତ୍ର ଓ ଶିକ୍ଷକଙ୍କୁ ନେଇ ସଚେତନା ଶୋଭାଯାତ୍ରା କରାଯିବ। ସେମାନେ ସମ୍ବିଧାନ ମୂଲ୍ୟବୋଧ ସମ୍ପର୍କରେ ଲେଖାଯାଇଥିବା ପ୍ଲାକାର୍ଡ ଓ ସ୍ଲୋଗାନ ଦେଇ ପରିକ୍ରମା କରିବେ। ସମ୍ବିଧାନର ଅଧିକାର, କର୍ତ୍ତବ୍ୟ ଏବଂ ଆପତକାଳୀନ ପରିସ୍ଥିତି ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା, ୱାର୍କସପ ଏବଂ ରାଜନୀତି ବିଜ୍ଞାନ ପକ୍ଷରୁ ସମ୍ବିଧାନ ସମ୍ପର୍କରେ ସେମିନାର କରିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି।

# ଡ୍ୟୁଟି ପାଇଁ 'ପୁରୀ ପୋଲିସ ରଥଯାତ୍ରା ଆପ୍'

ପୁରୀ,୨୩।୬(ଅଜିତ୍ କୁମାର ମହାନ୍ତି)

ଆଗାମୀ ୨୭ତାରିଖରେ ରଥଯାତ୍ରା। ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ବିପୁଳ ଜନସମାଗମକୁ ଦୃଷ୍ଟିରେ ରଖି ପୋଲିସ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ 'ପୁରୀ ପୋଲିସ ରଥଯାତ୍ରା ଆପ୍' ନାମକ ଏକ ଡିଜିଟାଲ୍ ମୋବାଇଲ ଆପ୍ ବିକଶିତ କରାଯାଇଛି। ଏହି ଆପ୍ ଦ୍ୱାରା ବିଭିନ୍ନ ଜିଲାରୁ ନିୟୋଜିତ ହେଉଥିବା ଅଧିକାରୀମାନେ ନିଜ ଡ୍ୟୁଟି ସ୍ଥାନ, ଡ୍ୟୁଟି ସମୟ ଓ ଅଧୀନସ୍ଥ ଅଧିକାରୀମାନଙ୍କ ଅବସ୍ଥାନ ସମ୍ପର୍କରେ ସହଜରେ ଅବଗତ ହେବା ସହ ଡ୍ୟୁଟି ଚେକିଂ ଓ ଲୋକେଶନ ଟ୍ରାକିଂ କରିପାରିବେ। ବୃହତ ମନିଟରିଂ ଆଧାରରେ ଅପ୍ରୀତିକର ଅବସ୍ଥାରେ ଡିପ୍ଲୟମେଣ୍ଟ ପୁନଃ ନିର୍ଦ୍ଦେଶ ହେବ। ରିଅଲ୍ ଟାଇମ୍ ଅପଡେଟ୍‌ର ସୂଚନା ଦେବ। ସମସ୍ତ ଟିମ୍ ଲିଡର, ଡିଉଟି ଅଫିସର୍ ଓ ସିନିୟର ଅଧିକାରୀ ତାଙ୍କ ଅଧୀନସ୍ଥଙ୍କ ଉପସ୍ଥିତି ଓ ଅବସ୍ଥାନ ଅନଲାଇନ୍ ଦେଖିପାରିବେ। ଏହି ଆପ୍ ଗୁଗଲ୍ କ୍ଲାଉଡ ଉପରେ ହୋଷ୍ଟ ହୋଇଥିବାରୁ ଯେକୌଣସି ମୋବାଇଲ୍‌ରେ ଖୋଲି ଉପଲବ୍ଧ ହେବା ସହଜ। ଡାଟା ଲାଇଭ୍ ରହିଥାଏ ଓ ଅପଡେଟ୍ ହୁଏ। ଆପ୍ ମାଧ୍ୟମରେ ଡ୍ୟୁଟି ନିର୍ଦ୍ଦେଶନା, ରୁଟ୍ ମ୍ୟାପ୍, ବ୍ଲକିଂ ପଏଣ୍ଟ ଉପରେ ଏକ ଡିଜିଟାଲ୍ ହ୍ୟାଣ୍ଡବୁକ୍ ମିଳିଥାଏ। ଏହି ଆପ୍‌ରେ ନିଜ ଡ୍ୟୁଟି ସ୍ଥାନ ଯାଞ୍ଚ କରି ଲଗ୍ ଇନ୍ କରନ୍ତୁ ଓ ସିନିୟରଙ୍କ ସହ ସମନ୍ୱୟ ରଖନ୍ତୁ। ଏହି ଆଧୁନିକ ବ୍ୟବସ୍ଥାରେ ନୂତନ ପଦକ୍ଷେପ ଦ୍ୱାରା ପୁରୀ ପୋଲିସ ଓଡ଼ିଶାରେ ଏକ ଆଦର୍ଶ ତଥା ଯୁଗୋପଯୋଗୀ ପ୍ରଯୁକ୍ତି ପରିଚାଳନା ରୂପେ ସ୍ଥାପିତ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ରଥଯାତ୍ରାରେ ଶିଶୁଙ୍କ ସୁରକ୍ଷା ପାଇଁ ୨୪ ଘଣ୍ଟିଆ ସେବା

ପୁରୀ,୨୩।୬(ଅଜିତ୍ କୁମାର ମହାନ୍ତି)

ସ୍ଥାନୀୟ ଉତ୍କଳ ବାଳାଶ୍ରମ ପରିସରରେ ସୋମବାର ୩୦ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ରଥଯାତ୍ରାରେ ଶିଶୁମାନଙ୍କ ସୁରକ୍ଷା ନିମନ୍ତେ ଉଦ୍ଧାର ଓ ଥଇଥାନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଶିଶୁ ମଙ୍ଗଳ ସମିତି କାର୍ଯ୍ୟାଳୟରେ କାର୍ଯ୍ୟ କରିବ। ଏହା ସହିତ ଚାଇଲ୍ଡ ହେଲ୍ପଲାଇନ, ଜିଲା ଶିଶୁ ସୁରକ୍ଷା ୟୁନିଟ, ସମସ୍ତ ଶିଶୁଯତ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ସ୍ଥିତି ଉପରେ ନିରନ୍ତର ନଜର ରଖିବେ ଏବଂ ଶିଶୁଙ୍କ ସୁରକ୍ଷା ନିଶ୍ଚିତ କରିବେ। ପୂର୍ବବର୍ଷ ଭଳି ଶିଶୁସୁଲଭ ପୂର୍ଣ୍ଣ ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯିବା ସହ ଅନ୍‌ଲାଇନ ଉପସ୍ଥାପନା ନିମନ୍ତେ ନିଷ୍ପତ୍ତି ହୋଇଛି। ତୁରନ୍ତ ସେବା ପ୍ରଦାନ ସହିତ ଶିଶୁଙ୍କ ସୁରକ୍ଷା ପାଇଁ ଥିବା ସବୁ ପ୍ରତିବନ୍ଧକ ଦୂରେଇଦେବାକୁ ଯୋଜନା କରାଯାଇଛି।

## ଭାରତୀୟ ରିଜର୍ଭ ବ୍ୟାଙ୍କ୍

**ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ ଭୁବନେଶ୍ୱର - 751001**

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା ସ୍ଥିତ ନିଜର ଅଫିସର କ୍ୱାର୍ଟର୍ସରେ ବ୍ଲକ ଏ ରୁ ଇ ଏବଂ କମ୍ୟୁନିଟି ହଲ୍ ରେ ଥିବା ୱିଣ୍ଡୋଗୁଡିକୁ uPVC ୱିଣ୍ଡୋ ସହିତ ବଦଳାଇବା ପାଇଁ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ୱା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଅଗଷ୍ଟ 01, 2025 ଅପରାହ୍ନ 02:00 ଟା** ଅଟେ ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

# ଜୁଲାଇ ପ୍ରଥମ ସପ୍ତାହରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବିଜୁ ମହିଳା ଜନତା ଦଳ

ଭୁବନେଶ୍ୱର,୨୩।୬(ସୁନିତ୍ ମିଶ୍ର)


ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ମହିଳାଙ୍କ ଉପରେ ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଡ଼ଭାଇଜରି ଓଡ଼ିଶାକୁ ବିଶ୍ୱସ୍ତରରେ ନିନ୍ଦିତ କରିଛି। ଭାଜପା କ୍ଷମତାକୁ ଆସିବା ପରେ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି। ତେଣୁ ରାଜ୍ୟରେ ଦେଖାଦେଇଥିବା ଏଭଳି ପରିସ୍ଥିତିକୁ ନେଇ ବିଜୁ ମହିଳା ଜନତା ଦଳ ଜୁଲାଇ ପ୍ରଥମ ସପ୍ତାହରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ବିଜେଡି ବିଧାୟକ ତଥା ବରିଷ୍ଠ ନେତା ଅରୁଣ କୁମାର ସାହୁ କହିଛନ୍ତି।

ଶଙ୍ଖ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅରୁଣ କହିଛନ୍ତି, ଭାଜପା ସରକାର ପ୍ରତ୍ୟେକ କ୍ଷେତ୍ରରେ ଚରମ ଅବହେଳା କରୁଥିବାରୁ ଓଡ଼ିଶା ବର୍ତ୍ତମାନ ବିଶ୍ୱରେ ଲଜ୍ଜିତ ଓ ନିନ୍ଦିତ ହେଉଛି। ଆମେରିକା ରାଷ୍ଟ୍ରପତିଙ୍କ ତରଫରୁ ନିକଟରେ ଜାରି କରାଯାଇଥିବା ଏକ ଟ୍ରାଭେଲ ଆଡ଼ଭାଇଜରିରେ ଓଡ଼ିଶା ସମେତ ଭାରତର ୬ଟି ରାଜ୍ୟକୁ ଯିବାକୁ ସେମାନଙ୍କ ନାଗରିକମାନଙ୍କୁ ବାରଣ କରାଯାଇଛି। ଏହି ରାଜ୍ୟଗୁଡିକରେ ଅଧିକ ସଂଖ୍ୟାରେ ମହିଳାମାନେ ବଳାତ୍କାରର ଶିକାର ହେଉଥିବା ଓ ଉଗ୍ରବାଦ ଉପଦ୍ରବ ଅଞ୍ଚଳ ଭାବେ ଚିହ୍ନିତ ହୋଇଥିବାରୁ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି। ଆମେରିକା ରାଷ୍ଟ୍ରପତିଙ୍କ ଦ୍ୱାରା ଜାରି ନିର୍ଦ୍ଦେଶନାମା ଓଡ଼ିଶା ପାଇଁ ଲଜ୍ଜା ଓ ଅପବାଦ ଆଣିଛି। ଓଡ଼ିଆ ଅସ୍ମିତାର ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ଓ ବର୍ଷ ପୂର୍ତ୍ତିରେ ନିଜ ସଫଳତାର ଡିଣ୍ଡିମ ପିଟୁଥିବା ରାଜ୍ୟ ଭାଜପା ସରକାରଙ୍କ ମୁହଁରେ ଏହା କାଳି ବୋଳି ଦେଇଛି। ଏହାଦ୍ୱାରା ଓଡ଼ିଆ ଅସ୍ମିତା ଭୂଲୁଣ୍ଠିତ ହୋଇଛି। ରାଜ୍ୟର ମନ୍ତ୍ରୀମାନେ ଟ୍ରମ୍ପଙ୍କ କଥାକୁ ପ୍ରତିବାଦ କରିବା ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ଏହାର ସଫେଇ ଦେବାର ଆବଶ୍ୟକତା ରହିଛି। ଟ୍ରମ୍ପଙ୍କ କଥାକୁ ଭାଜପା ସର୍ବଦା ଗୁରୁତ୍ୱ ଦେଇ ଆସୁଥିବାବେଳେ ଏବେ ଏହି ଆଡ଼ଭାଇଜରିକୁ ନେଇ କେନ୍ଦ୍ର ସରକାର କାହିଁକି ଚୁପ୍ ବୋଲି ଅରୁଣ ପ୍ରଶ୍ନ ଉଠାଇଛନ୍ତି। ବିଜେଡିର ବରିଷ୍ଠ ନେତା ସଞ୍ଜୟ ଦାସବର୍ମା କହିଛନ୍ତି, ଏବେ ଭାଜପା ସରକାର ରାଜ୍ୟ ପାଇଁ ନିନ୍ଦା ଓ ଅପବାଦ ଆଣୁଛି। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ମିଳିତ ଜାତିସଂଘ ଦ୍ୱାରା ପ୍ରଶଂସିତ ହୋଇଥିଲା। ଏକ ସମୀକ୍ଷା କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ତାଙ୍କ ବକ୍ତବ୍ୟରେ ରାଜ୍ୟରେ ସାଇବର ଅପରାଧ ବୃଦ୍ଧି ପାଇଥିବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସରକାରୀ ଯୋଜନା ବାବଦରେ ସରକାରୀ କର୍ମଚାରୀମାନେ ମଧ୍ୟ ଅବଗତ ନାହାନ୍ତି ବୋଲି କହିଛନ୍ତି।



**ବାଲି ଚାଲାଣ, ହାଇୱା ଚାଳକ କୋର୍ଟ ଚାଲାଣ**

ପାଣିକୋଇଲି,(ବିକାଶ କୁମାର ମଲିକ): ଯାଜପୁର ଜିଲା ଜୁନିୟର ଖଣି ଅଧିକାରୀ ସିତେଶ କୁମାର ନାୟକ ପାଣିକୋଇଲି ବଜାରରେ ଚଢ଼ାଉ କରି ୨ ଚୋରା ବାଲି ବୋଝେଇ ହାଇୱାକୁ ଜବତ କରିଛନ୍ତି। ଏନେଇ ଏକ ମାମଲା (ନଂ.୧୮୨/୨୫) ରୁଜୁ ହୋଇଛି। ଚାଳକ ଭଦ୍ରକ ଜିଲା ବାଲିପୋଖରୀ ଗ୍ରାମର ମହେଶ୍ୱର ଜେନା ଓ ଅନ୍ୟ ମାମଲା(ନଂ.୧୮୭/୨୫)ରେ ଚାଳକ ଭଦ୍ରକ ଜିଲା ବାସୁଦେବପୁର ବିଜୟପାଟଣା ଗ୍ରାମର ଅଭିମନ୍ୟୁ ଗିରିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।



**ସଂକ୍ଷେପରେ**

## ଡାଇରିଆରେ ଆକ୍ରାନ୍ତ ରୋଗୀ ମୃତ

ଧର୍ମଶାଳା,୨୩।୬(ବଟକୃଷ୍ଣ ପରିଡ଼ା) : ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ବ୍ରାହ୍ମଣଦା(ଭାତୁରିପସି)ଗ୍ରାମର ଜଣେ ଯୁବକ ଡ଼ାଇରିଆରେ ଆକ୍ରାନ୍ତ ହୋଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିଲେ । ରବିବାର ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା । ହେଲେ ତାଙ୍କର ସୋମବାର ମୃତ୍ୟୁ ଘଟିଛି । ମୃତକ ହେଲେ ବ୍ରାହ୍ମଣଦା ଗ୍ରାମର ଶ୍ରୀଧର ଦାସ (୨୨) । ରବିବାର ସେ ମେଡ଼ିକାଲରୁ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ । ସୋମବାର ସେ ଘରେ ଥିଲେ । ହଠାତ୍ ତାଙ୍କ ମୁଣ୍ଡ ବୁଲାଇ ଦେବାରୁ ସେ ତଳେ ପଡ଼ିଯାଇଥିଲେ । ପରିବାର ଲୋକେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡ଼ାକ୍ତର ସୁଧିର କୁମାର ସାହୁଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ, ଶ୍ରୀଧରଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ତାଙ୍କର ମୃତ୍ୟୁ ହୋଇଥାଇପାରେ । ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ । ଏନେଇ ଏକ ଅପମୃତ୍ୟୁ ମାମଲା(ନଂ.୨୨/୨୫) ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି । ଡାଇରିଆ ରୋଗର ହଟ୍‌ସ୍ପଟ୍ ପାଲଟିଥିବା ଧର୍ମଶାଳା ବ୍ଲକରେ ଏବେ ବି ୨୦ଜଣ ରୋଗୀ ଚିକିତ୍ସାଧୀନ ଅଛନ୍ତି।

## ସାମାଜିକ କର୍ମୀ ଦିଲୀପ କୁମାର ସାମଲଙ୍କ ପରଲୋକ



ବାଲିଚନ୍ଦ୍ରପୁର/ଚଣ୍ଡୀଖୋଲ, ୨୩।୬(ଗିରିଜା ପ୍ରସାଦ ସାହୁ/ପ୍ରଦୀପ୍ତ କୁମାର ପୃଷ୍ଟି): ବାଲିଚନ୍ଦ୍ରପୁର ଥାନା ବାହାଦୁରନଗର ଗ୍ରାମର ସାମାଜିକ କର୍ମୀ ଦିଲୀପ କୁମାର ସାମଲ (୬୯)ଙ୍କ ସୋମବାର ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ହଠାତ୍ ଅସୁସ୍ଥ ହୋଇପଡିଥିଲେ । ପରିବାର ଲୋକେ ତାଙ୍କୁ ତୁରନ୍ତ ସ୍ଥାନୀୟ ନଡ଼ିଆସାହାସପୁର ଡ଼ାକ୍ତରଖାନାକୁ ନେଇଥିଲେ। ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ଜଣାପଡିବା ପରେ ଶୋକର ଛାୟା ଖେଳିଯାଇଥିଲା। ଜିଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ଜିଲା ପରିଷଦ ପ୍ରତିନିଧି ଅମର ମହାନ୍ତି ପ୍ରମୁଖ ତାଙ୍କ ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ପୁଅ ତ୍ରିନାଥ ସାମଲ ମୁଖାଗ୍ନି ଦେଇଥିଲେ। ବଡ଼ଚଣା ବିଧାୟକ ଅମର କୁମାର ନାୟକ, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଗାଡ଼ି ଧକ୍କାରେ ଜଣେ ଗୁରୁତର

ପାଣିକୋଇଲି,୨୩।୬(ବିକାଶ କୁମାର ମଲିକ):ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ବିଶ୍ୱାଳ ସେଲ୍ସ ସମ୍ମୁଖରେ ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରତର ହୋଇଛନ୍ତି। ସେ ହେଲେ ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଦିବ୍ୟଜ୍ୟୋତି ନାୟକ। ସେ ରବିବାର ରାତିରେ ଏକ ବାଇକ୍ (ନଂ.ଓଡ଼ି୨୨ଡ଼ି୧୮୬୦)ରେ ଭୁବନେଶ୍ୱର ଯାଉଥିବା ବେଳେ ଏକ ଗାଡ଼ି ତାଙ୍କ ବାଇକକୁ ପଛ ପଟୁ ଧକ୍କା ଦେଇଥିଲା।

# ଧାନବସ୍ତା ରଖି ଚାଷୀଙ୍କ ରାସ୍ତା ଅବରୋଧ

- ମିଲରଙ୍କ ମନମାନିର ପ୍ରତିବାଦ
- ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଲା



ଚାଷୀମାନେ ଧାନବସ୍ତା ରଖି ରାସ୍ତା ଅବରୋଧ କରିଛନ୍ତି।

ବିଞ୍ଝାରପୁର,୨୩।୬(ରାମକୃଷ୍ଣ ଦାସ): ସମବାୟ ମନ୍ତ୍ରୀଙ୍କ ଜିଲାରେ ମଣ୍ଡିରେ ପଡ଼ି ରହୁଛି ଅନେକ କୁଇଣ୍ଟାଲ ଧାନ। ସେହି ଧାନକୁ ମିଲର ନେଉନି । ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ସୋମବାର ଉଗ୍ରରୂପ ଧାରଣ କରିଥିଲା। ଚାଷୀମାନେ ରାସ୍ତା ଉପରେ ଧାନ ବସ୍ତା ରଖି ରାସ୍ତାରୋକୋ କରିଥିଲେ। ବହୁ ସମୟ ଧରି ଏପରି ପରିସ୍ଥିତି ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା।

ସୂଚନା ଅନୁଯାୟୀ, ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଖରିଆ କୃଷି ସମବାୟ ସମିତିରେ ଚାଷୀମାନେ ଅନେକ କୁଇଣ୍ଟାଲ ଧାନ ଟୋକନ କରି ଆଣି ରଖିଥିଲେ । ସେହି ଧାନକୁ ଚାଷୀମାନେ ଦିନ ରାତି ଜଗି ରହିଛନ୍ତି। ହେଲେ ଗାଡ଼ି ଆସୁନି କି ଧାନ ଉଠୁନି। ମିଲର ଗାଡ଼ି ଛାଡୁ ନ ଥିବାରୁ ଟୋକନ ଅବଧି ସରିବା ଅଭିଯୋଗ କରି ଚାଷୀମାନେ ତାତିଥିଲେ। ସେମାନେ ରାସ୍ତା ଉପରେ ଧାନ ବସ୍ତା ରଖି ଯାଜପୁର-ସିଂହପୁର ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଧାନ ନ ଉଠିଲା ପର୍ଯ୍ୟନ୍ତ ରାସ୍ତାରୋକୋ ଚାଲୁ ରହିବ ବୋଲି ଚେତାବନୀ ଦେଇଥିଲେ। ଏମିତି ହୋହଲ୍ଲା ଓ ପାଟିତୁଣ୍ଡରେ ୩ ଘଣ୍ଟା ରାସ୍ତା ଅବରୋଧ ରହିଥିଲେ। ଶେଷରେ ତହସିଲଦାର ସୁଧାଂଶୁ ଶେଖର ସାଓ, ଯୋଗାଣ ଅଧିକାରୀ ଆନିବେଶାନ୍ତ୍ର ସାହୁ, ଥାନା ଅଧିକାରୀ ବାମଦେବ ନନ୍ଦଙ୍କ ପ୍ରତିଶ୍ରୁତି ପରେ ଚାଷୀମାନେ ରାସ୍ତା ଅବରୋଧ ପ୍ରତ୍ୟାହାର କରିଥିଲେ। ଆଗାମୀ ୩ ଦିନ ଭିତରେ ଦାବି ପୁରଣ ନ ହେଲେ ପୁନର୍ବାର ରାସ୍ତାରୋକୋ ହେବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି ।

# ଏସ୍‌ପିଙ୍କୁ ଭେଟିଲା ମୂଳ ନିବାସୀ ୟୁନାଇଟେଡ ଫୋରମ୍

ପାଣିକୋଇଲି,୨୩।୬ (ବିକାଶ କୁମାର ମଲିକ): ବଡଚଣା ଥାନା ବଡ ନଛିପୁର ଗ୍ରାମର ଅର୍ଜ୍ଜୁନ ମଲିକ ତାଙ୍କ ବାପାଙ୍କ ଶୁଦ୍ଧି କ୍ରିୟା ଗତ ୧ ତାରିଖ ଦିନ ନଦୀପଠାରେ କରିଥିଲେ । ଏହି ସମୟରେ ସେହି ଗ୍ରାମର ସବର୍ଣ୍ଣ ଖଣ୍ଡାୟତ ସମ୍ପ୍ରଦାୟର ଶରତ ନାୟକ ସେଠାରେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ସେଠାରେ ତୁଠ କରିବାକୁ ବାରଣ କରିଥିଲେ । ଜାତିଆଣ ଆକ୍ଷେପ କରି ଗାଳି ଦେବା ସହ କର୍ମକାଣ୍ଡ ଜିନିଷ ଫୋପାଡ଼ି ଦେଇଥିଲେ । ଏନେଇ ଶୁଦ୍ଧି ପରେ କେତେଜଣ ଭଦ୍ର ବ୍ୟକ୍ତିଙ୍କୁ ନେଇ ସମାଧାନ ପାଇଁ ପ୍ରସ୍ତାବ ଆସିଥିଲା। ଏହାକୁ ମଧ୍ୟ ଅର୍ଜ୍ଜୁନ ମାନିଥିଲେ । ହେଲେ ସମାଧାନ ପାଇଁ ବୈଠକରେ ଉପସ୍ଥିତ ରହି ଅଧିକ ଗାଳି ସହ ବାସନ୍ଦ କରିବାକୁ ଧମକ ମିଳିଥିଲା । ସେଠାରୁ ନିରାଶ ହୋଇ ଅର୍ଜ୍ଜୁନ ଏନେଇ ମୂଳନିବାସୀ ୟୁନାଇଟେଡ୍ ଫୋରମକୁ ଜଣାଇଥିଲେ । ଏନେଇ ସଂଘ ପକ୍ଷରୁ ବଡ଼ଚଣା ଥାନାଧିକାରୀଙ୍କୁ ଭେଟିବା ପରେ ଗତ ୨୧ ମାମଲା ପଞ୍ଜୀକୃତ କରାଯାଇଥିଲା । ମାମଲା ପଞ୍ଜୀକୃତ ହେବା ପରେ ଅର୍ଜ୍ଜୁନଙ୍କ ଘର ନିକଟକୁ ଯାଇ କାହିଁକି କେଶ କଲୁ କହି ମାରଣାସ୍ତ୍ର ନେଇ ଜୀବନରୁ ମାରିଦେବାକୁ ଧମକ ଦେବା ସହ ଅଶ୍ଳୀଳ ଭାବେ ଜାତିକୁ ନେଇ ଗାଳି ଗୁଲଜ କରିଥିଲେ । ଏପରି କି ଦୋକାନ, ରାସ୍ତା, ନଳକୂପ ଆଦି ବାସନ୍ଦ କରିବାକୁ ଧମକ ଦେଇଛନ୍ତି । ଏହାକୁ ନେଇ ଅର୍ଜ୍ଜୁନ ପରିବାର ସମେତ ମୂଳ ନିବାସୀ ୟୁନାଇଟେଡ ଫୋରମର ଯାଜପୁର ଜିଲା ସଭାପତି ଆର୍ତ୍ତତ୍ରାଣ ମଲିକଙ୍କ ନେତୃତ୍ୱରେ ସଦସ୍ୟମାନେ ପହଞ୍ଚି ଅଭିଯୁକ୍ତଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । କାର୍ଯ୍ୟାନୁଷ୍ଠାନ ନ ହେଲେ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି ।

# ଜଳ ବିଶୋଧନ, ଆଇଇସି କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ

**ଆଭାସୀ ମାଧ୍ୟମରେ ଜିଲାପାଳଙ୍କ ସମୀକ୍ଷା ବୈଠକ**



ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟମାନେ ।

ଯାଜପୁର ଟାଉନ,୨୩।୬ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) : ସୋମବାର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ଭିସି ରୁମ୍‌ଠାରେ ଜିଲାରେ ଜଳ ବିଶୋଧନ ପ୍ରକ୍ରିୟା ଓ ଆଇଇସି ଉପରେ ଏକ ସମୀକ୍ଷା ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଝାଡାବାନ୍ତି ତଥା ଡାଇରିଆ ନିୟନ୍ତ୍ରଣ ନିମନ୍ତେ ବିଭିନ୍ନ ତଥ୍ୟ ଉପରେ ଆଲୋଚ଼ନା କରାଯାଇଥିଲା। ପ୍ରତିଦିନ ୨ରୁ ୨.୫୩ ଲିଟର ଫୁଟା ପାଣି ପିଇବାକୁ, ତେଲ ଓ ମସଲା ଯୁକ୍ତ ଖାଦ୍ୟ ନ ଖାଇବା ଏବଂ ଯଥାସମ୍ଭବ ସିଝା ଖାଦ୍ୟ ଖାଇବାକୁ ଜନସାଧାରଣଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସ୍ୱାସ୍ଥ୍ୟ ପରାମର୍ଶ ଦିଆଯାଇଛି। ରୋଗୀମାନେ ସୁସ୍ଥ ହୋଇ ଘରକୁ ଫେରିବାପରେ ସେମାନଙ୍କୁ ଟେଲି ମେଡ଼ିସିନ ମାଧ୍ୟମରେ ସ୍ୱାସ୍ଥ୍ୟସେବା ସୁବିଧା ଯୋଗାଇଦେବାକୁ ଡାକ୍ତରମାନଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଯେଉଁ ରୋଗୀମାନେ ହସ୍ପିଟାଲରୁ ଡିସ୍‌ଚ଼ାର୍ଜ ହୋଇ ଘରକୁ ଫେରୁଛନ୍ତି ତାଙ୍କ ଉପରେ ମନିଟରିଂ ଟିମ୍ ୨ସପ୍ତାହ ପର୍ଯ୍ୟନ୍ତ ନଜର ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଝାଡାବାନ୍ତି ରୋଗରେ ଆକ୍ରାନ୍ତ ସାଧାରଣ ଓ ଗୁରୁତର ରୋଗୀମାନଙ୍କ ବେଡ୍ ଓ ଶୌଚ଼ାଳୟ ନିଶ୍ଚିତ ଅଲଗା ହେବା ଦରକାର ବୋଲି ଜିଲାପାଳ କହିଛନ୍ତି। ସ୍କୁଲ୍‌ରେ ଡିସ୍ ଇନ୍‌ଫେକ୍ସନ୍ ମଙ୍ଗଳବାର ସୁଦ୍ଧା ଶେଷ କରିବାକୁ ଜିଲାପାଳ ଜିଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସୋମବାର ସନ୍ଧ୍ୟା ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ ଜିଲାରେ ୧୧୩ ଜଣ ନୂଆ ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୧୦୯ ଜଣଙ୍କ ସ୍ୱଳ୍ପ ପତଳା ଝାଡ଼ା ଓ ୪ଜଣ ଅତ୍ୟଧିକ ପତଳା ଝାଡ଼ା ହେଉଥିବା ସୂଚନା ମିଳିଛି । ୬ଜଣ ରୋଗୀଙ୍କୁ ରେଫେର କରାଯାଇଛି ଓ ୮୬ ଜଣଙ୍କୁ ଡିସ୍‌ଚ଼ାର୍ଜ କରାଯାଇଛି। ଏବେ ବି ଜିଲା ମୁଖ୍ୟ ଚ଼ିକିତ୍ସାଳୟ ସହ ଅନ୍ୟାନ୍ୟ ଡାକ୍ତରଖାନାରେ ମୋଟ ୧୫୦ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି । ସେମାନଙ୍କ ମଧ୍ୟରୁ ୧୪୬ ଜଣ ସ୍ୱଳ୍ପ ପତଳା ଝାଡ଼ା ଏବଂ ୪ଜଣ ଅତ୍ୟଧିକ ପତଳା ଝାଡ଼ାରେ ଆକ୍ରାନ୍ତ ହୋଇଛନ୍ତି । ପ୍ରତି ଘରେ ସଚେତନ ସହ ସାବୁନ ବଣ୍ଟନ ଚ଼ାଲୁ ରହିଛି । ଜିଲା ପ୍ରଶାସନ ପକ୍ଷରୁ ପ୍ରତିଦିନ ଏହାର ତଦାରଖ କରାଯାଉଛି।

ଏହି ବୈଠକରେ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଶିବାନନ୍ଦ ସ୍ୱାଇଁ,ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପ ଜିଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲା ମୁଖ୍ୟ ଚ଼ିକିତ୍ସାଧିକାରୀ ଡ.ବିଜୟ ମିଶ୍ର, ମହାରାଜା ଯଯାତି କେଶରୀ ମେଡିକାଲ କଲେଜ୍ ଡିନ୍ ତଥା ଅଧ୍ୟକ୍ଷ ସୀତାରାମ ମହାପାତ୍ର, ମେଡିକାଲ ସୁପରିଟେଣ୍ଡେଣ୍ଟ,ସମସ୍ତ ବିଭାଗୀୟ ଅଧିକାରୀ, ବିଡ଼ିଓ, ତହସିଲଦାର, ଭାରପ୍ରାପ୍ତ ମେଡିକାଲ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ୬୫ୟୁନିଟ୍ ରକ୍ତ ସଂଗ୍ରହ

ଯାଜପୁର ଟାଉନ,୨୩।୬ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁର ଟାଉନ୍ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପକ୍ଷରୁ ସିଏସ୍‌ଆର ଇଣ୍ଟେନସିଭ ୭୦ତମ ପୂର୍ତ୍ତି ଉତ୍ସବ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶାଖା ପରିସରରେ ଆୟୋଜିତ ହୋଇଯାଇଛି। ଏହି ରକ୍ତଦାନ ଶିବିରକୁ ବ୍ୟାଙ୍କର ଚିଫ୍ ମ୍ୟାନେଜର ମହାପାତ୍ର ରଞ୍ଜନ ରାଜ ଉଦଘାଟନ କରିଥିଲେ। ଯାଜପୁର ବ୍ୟାଙ୍କର ଚିଫ୍ ମ୍ୟାନେଜର ସ୍ମୃତିରଞ୍ଜନ ନାୟକ, ଡ଼େପୁଟି ମ୍ୟାନେଜର ଦେବାଶିଷ ନାୟକ, ପୂର୍ବତନ କୋଷାଧ୍ୟକ୍ଷ (ଗାନ୍ଧୀବାଦି) ନିସିତ୍ କୁମାର ଦାସ, କର୍ମଚାରୀ, ଗ୍ରାହକ ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଯାଜପୁର ରେଡ଼କ୍ରସ ରକ୍ତ ଭଣ୍ଡାର ଟେକ୍ନିସିଆନ୍ ପାର୍ଥସାରଥି ପୁହାଣଙ୍କ ସହଯୋଗରେ ଏହି ରକ୍ତଦାନ ଶିବିରରେ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ରକ୍ତଦାନ ଶିବିରରୁ ମୋଟ ୬୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି ।

## ଗୋଟିଏ ରାତିରେ ୨ ସ୍ଥାନରୁ ଚୋରି

ଦଶରଥପୁର,୨୩।୬(ସୁଶାନ୍ତ କୁମାର ବେହୁରିଆ): ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ଅନ୍ତର୍ଗତ ପାଲଟପୁର ପଞ୍ଚାୟତ ପାଲଟପୁର ଏବଂ ବିନ୍ଧା ନନ୍ଦିପୁର ଗ୍ରାମର ଦୁଇ ବୃଦ୍ଧଙ୍କ ଘରୁ ରବିବାର ରାତିରେ ଚୋରି ହୋଇଛି । ପାଲଟପୁର ଗ୍ରାମ ୮୫ବର୍ଷୀୟା ବିଦ୍ୟୁତ୍‌ଲତା ଜେନା ଏକୁଟିଆ ଥିବା ବେଳେ ତାଙ୍କ ଘରେ ପଶି ୨ ଜଣ ଯୁବକ ଚୋରି କରିଥିଲେ । ସେ ପାଟି କରିବାରୁ ତାଙ୍କୁ ସେମାନେ ନିସ୍ତୁକ ମାଡ଼ ମାରିବା ସହ ସେ ହାତରେ ପିନ୍ଧିଥିବା ଦୁଇପଟ ବାହୁଟି ଖୋଲି ନେଇଥିଲେ । ଏଥିସହ ନଗଦ ୬ହଜାର ଟଙ୍କା ଏବଂ ଆସବାବପତ୍ର ଲୁଟି ନେଇଛନ୍ତି। ସେହିପରି ଗାଁର ବିଧବା ମହିଳା ଜୟନ୍ତୀ ସାହୁଙ୍କ ଘରୁ ମଧ ଚୋରି ହୋଇଛି। ତାଙ୍କ ୨ ପୁଅ ବାହାରେ ରହୁଥିବା ବେଳେ ବିବାହିତ ଝିଅ ଘରେ ରହୁଥିଲେ। ମାତ୍ର ୩ ଦିନ ତଳେ ଝିଅ ଶାଶୁ ଘରକୁ ଯାଇଥିଲେ। ଏହି ସୁଯୋଗରେ କେହି ଘର କବାଟ ତାଲା ଭାଙ୍ଗି ସୁନା ମୁଦି, କାନ ଫୁଲ, ପାଉଁଜି, ନଗଦ କିଛି ଟଙ୍କା ଟଙ୍କା ସହିତ ଅନ୍ୟାନ ଆସବାବପତ୍ର ନେଇଯାଇଛନ୍ତି। ଏନେଇ ମଙ୍ଗଳପୁର ପୋଲିସ ତଦନ୍ତ ଜାରି ରଖିଛି।

# ଯାଜପୁରରୋଡ଼ ଟ୍ରକ୍ ମାଲିକ ସଂଘ ତରଫରୁ ଶୋକସଭା



ଯାଜପୁରରୋଡ଼,୨୩।୬ (ପବିତ୍ର ରଞ୍ଜନ ମହାନ୍ତି): ଯାଜପୁରରୋଡ଼ ଟ୍ରକ ମାଲିକ ସଂଘର ପ୍ରତିଷ୍ଠାତା ସମ୍ପାଦକ ଆଶିଷ ରାୟ, ପୂର୍ବତନ ସମ୍ପାଦକ ବ୍ରଜ କିଶୋର ରାଉତ, ରଞ୍ଜନ କୁମାର ନାୟକ, ଶରତ ଜେନା, ଓ ବିମନ ସାମଲଙ୍କ ବିୟୋଗରେ ଏକ ଶୋକସଭା ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ପ୍ରତିଷ୍ଠାତା ସଭାପତି ନରେନ୍ଦ୍ର ଜେନା, ପୂର୍ବତନ ସଭାପତି କାଶୀନାଥ ବେହେରା, ରସାନନ୍ଦ ମହାନ୍ତି, ହୃଦାନନ୍ଦ ସାମଲ କିଶୋର ରାଉତ, ପ୍ରତିଷ୍ଠାତା ସଭ୍ୟ ଭିକାରି ରାଉତ, ଅଶୋକ ନାୟକ, ଗିରିଧାରୀ ବାରିକ, ପୂର୍ବତନ କୋଷାଧକ୍ଷ ବିଶ୍ୱମ୍ଭର ରାଉତ, ସଭାପତି ଅମୀୟରଞ୍ଜନ ବାରିକ, ସମ୍ପାଦକ ଦିଲୀପ ମଲିକ, ଉପସଭାପତି କିଶୋର ରାଉତ, ଯୁଗ୍ମ ସମ୍ପାଦକ ଅଶୋକ ସାହୁ, ସହ ସମ୍ପାଦକ ସମୀର କୁମାର ପରିଡା, ବିଜୟ କୁମାର ମହାନ୍ତି, ଅଶୋକ କୁମାର ନାୟକ, ରାଜକିଶୋର ପ୍ରଧାନ, ଅଶୋକ ଦାସ, ମନୋଜ ରଣା, ଅନିଲ ମଲିକ, ଗଙ୍ଗାଧର ବାରିକ, ମିର୍ଜା ଅଲ୍ଲୀରଜା ବେଗ, ସେଖାଟ ଅଲ୍ଲୀ, ବିବେକାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ସଂଘ ଗଠନ ଦିନ ଠାରୁ ପରିବହନ କ୍ଷେତ୍ରରେ ଦେଖା ଦେଇଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମାଲିକମାନଙ୍କୁ ଏକାଠି କରି ଲଢେଇ କରିବା ଓ ବହୁ ସମସ୍ୟାକୁ ସମାଧାନ କରି ଦାବି ହାସଲ କରିବାରେ ଦିବଂଗତ ପୂର୍ବତନ ସମ୍ପାଦକଦ୍ୱୟ ଓ ଦିବଂଗତ ସଭ୍ୟମାନଙ୍କ ଅବଦାନ ଅତୁଳନୀୟ ଥିଲା ବୋଲି କର୍ମକର୍ତ୍ତାମାନେ କହିଥିଲେ ।

# ନିଶା ନିବାରଣ ପାଇଁ ସଚେତନତା



ଛାତ୍ରୀମାନେ ନୃତ୍ୟ ମାଧ୍ୟମରେ ସଚେତନତା ସୃଷ୍ଟି କରୁଛନ୍ତି ।

ସିଂହପୁର,୨୩।୬(ଅନଙ୍ଗ ଉଦୟ ବେଉରିଆ): ବିଂଝାରପୁର ବ୍ଲକର ମା'ଯଶୋଦା କଳା ପରିଷଦ ଓ ଅର୍ଚ୍ଚନା ଗ୍ରୁପ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲିକ ଓ ଗୁରୁ ଅରୂପମା ନାୟକଙ୍କ ନେତୃତ୍ୱରେ ପାରମ୍ପରିକ ଲୋକକଳା ମାଧ୍ୟମରେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଜ୍ଞାନ ରଞ୍ଜନ ଜେନା, ସରପଞ୍ଚ ଶଶାଙ୍କ ଶେଖର ଖିଲାର, ପଞ୍ଚାୟତ ପିଓ ଅକ୍ଷୟ ସାମଲ, କୀର୍ତ୍ତନ ମଲିକ ପ୍ରମୁଖ ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚାନ୍ଦିନୀ ଜେନା, ଅର୍ଚ୍ଚିତା ସାହୁ, ସ୍ୱପ୍ନାରାଣୀ ବେହେରା, ସ୍ନେହାରାଣୀ ବିଶ୍ୱାଳ, ବନିତା ମଲିକ,ଦିଶାରାଣୀ ଜେନା ଓ ବିସ୍ମୃତି ମଲିକ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ବିଡିଓ ହିତାଂଶୁ ଶେଖର ସାମଲ ଓ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ଅର୍ଜ୍ଜୁନ ପଣ୍ଡା ଉକ୍ତ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ କଳାକାରଙ୍କୁ ଉତ୍ସାହିତ କରିଥିଲେ। ବ୍ୟଙ୍ଗ କବି ସରୋଜ ପାଗଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସରେ ଭାଜପାର ମିଶ୍ରଣ ପର୍ବ



ମିଶ୍ରଣ ପର୍ବରେ ବିଧାୟକ ଓ ଭାଜପାରେ ସାମିଲ ହୋଇଥିବା ବିଜେଡି ନେତା କର୍ମୀ ।

ଯାଜପୁରରୋଡ଼,୨୩।୬(ପବିତ୍ର ରଞ୍ଜନ ମହାନ୍ତି): କୋରେଇ ଭାଜପା ପକ୍ଷରୁ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସରେ ବ୍ୟାସନଗର ସହର ସଂସ୍କୃତି ଭବନରେ ଏକ ମିଶ୍ରଣ ପର୍ବ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ମିଶ୍ରଣ ପର୍ବରେ କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇଥିଲେ । କୋରେଇ ନିର୍ବାଚନ ମଣ୍ଡଳୀରେ ୧ ବର୍ଷ ମଧ୍ୟରେ ବିଧାୟକ ଦାସନାୟକଙ୍କ ଦୃଢ ନେତୃତ୍ୱରେ ଅନୁପ୍ରାଣିତ ହୋଇ ଶତାଧିକ ବିଜେଡି କର୍ମୀ ଦଳ ଛାଡି ଭାଜପାରେ ଯୋଗଦେଇଛନ୍ତି । କାର୍ଯ୍ୟକ୍ରମରେ କୋରେଇ ନିର୍ବାଚନ ମଣ୍ଡଳୀର ବଡବିରୁଆଁ ସରପଞ୍ଚ ତପନ ମାଝୀ, ସାରଙ୍ଗପ୍ରଧାନ ସରପଞ୍ଚ କନ୍ତୋର ସରପଞ୍ଚ ସାରଙ୍ଗ ପ୍ରଧାନ, ସାଦକପୁର ସରପଞ୍ଚ ରବୀନ୍ଦ୍ର ବେହେରା, ପଛିକୋଟ ସରପଞ୍ଚ ଗୀତାଞ୍ଜଳି ସେଠୀ, ପାଟରଙ୍ଗା ସମିତି ସଭ୍ୟ କୁଶ ମୁଣ୍ଡା, ପ୍ରମୋଦ ସାହୁଙ୍କ ସହ ୫ଟି ପଞ୍ଚାୟତରୁ ପ୍ରାୟ ଶତାଧିକ ବିଜେଡି କର୍ମୀ ବିଧାୟକ ଆକାଶଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଭାଜପାରେ ମିଶିଥିବା କହିଛନ୍ତି ।

# ମଲ୍ଟି-ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟରର ୬୧ ପ୍ରଶିକ୍ଷାର୍ଥୀ ନେବେ ବୃତ୍ତିଗତ ତାଲିମ



ଛାତ୍ରୀଛାତ୍ରଙ୍କ ବୃତ୍ତିଗତ ତାଲିମ ଯାତ୍ରାର ଶୁଭାରମ୍ଭ କରାଯାଉଛି ।

କଳିଙ୍ଗନଗର,୨୩।୬ (ଶୁଭାଶିଷ ରାଉତ): ଟାଟା ଷ୍ଟିଲ ଫାଉଣ୍ଡେଶନ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ଗଠିତ ଦାନଗଦି ମଲ୍ଟି-ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟର ଏକ ମହତ୍ତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି। ସୋମବାର ଦାନଗଦିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଥମ ବ୍ୟାଚ୍‌ର ୬୧ ଜଣ ଛାତ୍ରୀଛାତ୍ରଙ୍କୁ ପାରାମେଡିକ ବୃତ୍ତିଗତ ତାଲିମ ନେବା ପାଇଁ ବିଭିନ୍ନ ସଂସ୍ଥାକୁ ପ୍ରେରଣ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ, ନୀଳାଚଳ ଇସ୍ପାତ୍ ନିଗମ, ଟାଟା ଷ୍ଟିଲ ଫାଉଣ୍ଡେଶନ ଏବଂ ଆଷ୍ଟ୍ରନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନସେସ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ଜୁଲାଇ ୨୩ରେ ଶ୍ରେଣୀଗୃହ ତାଲିମ ସମାପ୍ତ ହେବା ପୂର୍ବରୁ ଏହି ୬୧ ଜଣ ଛାତ୍ରୀଛାତ୍ର ଭୁବନେଶ୍ୱର ଏବଂ ଯାଜପୁରର ପ୍ରମୁଖ ଡାକ୍ତରଖାନାରେ ବୃତ୍ତିଗତ ତାଲିମ ଆରମ୍ଭ କରିବେ। ଏଥିପାଇଁ କେୟାର ହସ୍ପିଟାଲ, ସନ୍‌ସାଇନ ହସ୍ପିଟାଲ, ମଣିପାଲ ହସ୍ପିଟାଲ ଏବଂ ଟାଟାଷ୍ଟିଲ ମେଡିକା ଭଳି ସୁପରିଚିତ ସଂସ୍ଥାକୁ ବଛାଯାଇଛି। ଏହା ଛାତ୍ରୀଛାତ୍ରଙ୍କ ବୃତ୍ତିଗତ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଦକ୍ଷତା ବିକାଶ ଓ ବାସ୍ତବ ଚାକିରି ମଧ୍ୟରେ ଥିବା ଦୂରତ୍ୱ କମାଇବାରେ ସେଣ୍ଟରର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ୨୦୨୪ ଡିସେମ୍ବରରେ ସ୍ଥାପିତ ହୋଇଥିବା ଏହି ସେଣ୍ଟରର ଉଦ୍ଦେଶ୍ୟ ହେଉଛି ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଯୁବତୀଯୁବତଙ୍କୁ ଶିଳ୍ପ-ସମ୍ବନ୍ଧୀୟ ଦକ୍ଷତା ପ୍ରଦାନ କରି ସେମାନଙ୍କୁ ଚାକିରି ପାଇବାରେ ସାହାଯ୍ୟ କରିବା ଏବଂ ସ୍ୱାବଲମ୍ବୀ କରିବା।

# କଳା, ସଂସ୍କୃତି ପରମ୍ପରାରେ ହେବ ଭାଲୁଖାଇ ରଥଯାତ୍ରା



ଖବରଦାତା ସମ୍ମିଳନୀରେ ମୁନ୍‌ସୀ ମେଳଣ କମିଟି ସଭାପତି ଓ ଅନ୍ୟମାନେ ।

ଧର୍ମଶାଳା,୨୩।୬(ବଟକୃଷ୍ଣ ପରିଡ଼ା) : ଧର୍ମଶାଳା ବ୍ଲକ୍ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ଆସନ୍ତା ୨୭ ତାରିଖରେ ଏକାଦଶ ବାର୍ଷିକ ଶ୍ରୀ ଗୁଣ୍ଡିଚା ରଥଯାତ୍ରା କଳା, ସଂସ୍କୃତି ଓ ପରମ୍ପରାକୁ ନେଇ ମହାଆଡ଼ମ୍ବର ସହକାରେ ପାଳିତ ହେବ । ଧର୍ମଶାଳା ମୁନ୍‌ସୀ ମେଳଣ କମିଟି ଓ ଭାଲୁଖାଇ ଜଗନ୍ନାଥ ମନ୍ଦିର କମିଟି ମିଳିତ ଆନୁକୂଲ୍ୟରେ ଏହି ରଥଯାତ୍ରା ଅନୁଷ୍ଠିତ ହେବ। ପୁରାତନ କଳା ସଂସ୍କୃତି ଓ ପରମ୍ପରା ରୀତିନୀତିରେ ମହାଆଡ଼ମ୍ବରରେ ଏହାକୁ ପାଳନ କରାଯିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ଜଗନ୍ନାଥ ମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି । ୨୭ ତାରିଖରେ ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହୋଇ ଜାରକା, ଶାନ୍ତି ବଜାର ଓ ଧର୍ମଶାଳା ବଜାର ଦେଇ ହାଟପଡ଼ିଆସ୍ଥିତ ମାଉସୀ'ମା ମନ୍ଦିରକୁ ଯିବେ। ମାଉସୀ ମନ୍ଦିରରେ ୯ ଦିନ ଠାକୁର ରହିବା ଅବସରରେ କମିଟି ପକ୍ଷରୁ ପ୍ରତିସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ଜୁଲାଇ ୫ରେ ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହୋଇ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରକୁ ବାହୁଡ଼ିବେ । ୫ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଅଧରପଣା ଭଜନ ସନ୍ଧ୍ୟା ନିଳାଦ୍ରୀ ବିଜେ ଓ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ଏ ନେଇ ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝି କହିଛନ୍ତି, ଠାକୁର ମାଉସୀ'ମା ମନ୍ଦିରକୁ ଯିବା ପାଇଁ ୧୬ନଂ.ଜାତୀୟ ରାଜପଥରେ ୩ କିମି ଓ ଧର୍ମଶାଳ ବାଇପାସ୍ ରାସ୍ତାରେ ୨ କିମି ରାସ୍ତା ଅତିକ୍ରମ କରିବାକୁ ପଡିବ । ଶ୍ରୀ ଗୁଣ୍ଡିଚା ରଥଯାତ୍ରା ପାଇଁ ଯାନବାହାନ ଚଳାଚଳକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ନିୟୋଜିତ କରାଯିବ । ଏହି ଖବରଦାତା ସମ୍ମିଳନୀରେ ଧର୍ମଶାଳା ମୁନ୍‌ସୀ ମେଳଣ କମିଟିର ସଭାପତି ତଥା ଥାନା ଅଧିକାରୀ ମାଝୀ, ପ୍ରମୋଦ ଦାସ, କଳ୍ପତରୁ ସାହୁ, ଜିତେନ୍ଦ୍ର ରାଉତ, ମନୋଜ ରଣା, ଗଗନ ବରାଳ, ଜ୍ଞାନରଞ୍ଜନ ରାଉତ, ଅଭୟ ରାଉତ, ପ୍ରବୋଧ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଚନ୍ଦ୍ରମଣି ପଣ୍ଡିତ ସୂଚନା ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଳ ସମ୍ପଦ ବିଭାଗ ନଜର ଆଢୁଆଳରେ ବାବୁହତା

କେନ୍ଦ୍ରାପଡ଼ା, ୨୩।୬ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ରଣପଡ଼ାଠାରେ ଥିବା ଜଳ ସମ୍ପଦ ବିଭାଗର ପୁରୁଣା ଆବାସିକ କାର୍ଯ୍ୟାଳୟ ବାବୁହତା ଏବେ ଅପରାଧୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି। କେନ୍ଦ୍ରାପଡ଼ା ହାଇସ୍କୁଲ ପଡ଼ିଆ ନିକଟରେ ଥିବା ପ୍ରାୟ ୧୩ ଗୁଣ୍ଠ ପରିମିତ ସରକାରୀ ଜମି ଅପରାଧୀଙ୍କ ଚାରଣଭୂମିରେ ପରିଣତ ହୋଇଛି। ଏହି ଜମି ଉପରେ ଥିବା ପୁରୁଣା ଆବାସିକ କାର୍ଯ୍ୟାଳୟର ସବୁ ଘର, ଏହାର ଛାତ, କବାଟ, ଝରକା ଏପରିକି କାନ୍ଥ ଓ ମୂଳଦୁଆ ସବୁ ଲୋକ ତାଡ଼ି ନେଇ ଯାଇଥିବାରୁ ଏବେ ଘରର କୌଣସି ଚିହ୍ନବର୍ଣ୍ଣ ନାହିଁ। କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ଏହି ସମ୍ପତ୍ତି ଓ ଘରକୁ ବିଭାଗ ପକ୍ଷରୁ ଅବହେଳା କରାଯାଉଥିବାରୁ ତାହାର ଚିହ୍ନବର୍ଣ୍ଣ ନ ଥିବା ଓ ଏହା ଅପରାଧୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି।

କୃଷିବହୁଳ କେନ୍ଦ୍ରାପଡ଼ା ଜିଲାରେ ଜଳ ସମ୍ପଦ କାର୍ଯ୍ୟାଳୟ କରିବାକୁ ୧୯୬୪ରେ କଟକ ଜଳସେଚନ ଡିଭିଜନ ଅଧୀନରେ ଏହି କାର୍ଯ୍ୟାଳୟ ଆରମ୍ଭ ହୋଇଥିଲା। ୧୯୬୮ରୁ ଜଳ ସମ୍ପଦ ବିଭାଗ କଟକ ଡିଭିଜନ ଅଧୀନରେ ଓ ୧୯୭୦ରୁ ମହାନଦୀ କେନ୍ଦ୍ରୀୟ ଡିଭିଜନ ଅଧୀନରେ


ଜରାଜୀର୍ଣ୍ଣ ଅବସ୍ଥାରେ କେନ୍ଦ୍ରାପଡ଼ା ରଣପଡ଼ାରେ ଥିବା ଜଳ ସମ୍ପଦ ବିଭାଗର ପୁରୁଣା ଆବାସିକ କାର୍ଯ୍ୟାଳୟ ବାବୁହତା।

## ଘର ନାହିଁ, କୋଟିଏ ଟଙ୍କାର ସମ୍ପତ୍ତି ଏବେ ଚାରଣଭୂଇଁ

ଏହି କୋଠି ପ୍ରମୁଖ କାର୍ଯ୍ୟାଳୟ ଭାବେ ବ୍ୟବହାର କରାଯାଉଥିଲା। ଏହା ଏକ ଆବାସିକ କାର୍ଯ୍ୟାଳୟ ଓ ଏଠାରେ ଜଳ ସମ୍ପଦ ବିଭାଗର ଏସ୍‌ଡିଓ ଅବସ୍ଥାନ କରୁଥିବାରୁ ଏହାକୁ ସ୍ଥାନୀୟ ଅଞ୍ଚଳରେ ବାବୁହତା ବୋଲି କୁହାଯାଉଥିଲା। ୧୯୭୫ ମସିହାରେ କେନ୍ଦ୍ରାପଡ଼ାକୁ ଜଳସେଚନ ଡିଭିଜନର ମାନ୍ୟତା ଦିଆଯିବା ପରେ ୨୦୦୮ ପର୍ଯ୍ୟନ୍ତ ବାବୁହତା ଜଳ ସମ୍ପଦ କୋଠିରେ କେନ୍ଦ୍ରାପଡ଼ା ସବ୍‌ଡିଭିଜନର ଏସ୍‌ଡିଓଙ୍କ ଆବାସିକ କାର୍ଯ୍ୟାଳୟରେ ପରିଣତ କରାଯିବା ସହ ନିୟମିତ ଭାବେ ଅଧିକାରୀମାନେ ରହି ଆସୁଥିଲେ। ତତ୍କାଳୀନ ଏସ୍‌ଡିଓ ଇଂ. ଯୁଗଳ କିଶୋର ତ୍ରିପାଠୀଙ୍କ ପର୍ଯ୍ୟନ୍ତ ଏହା ଏକ ପ୍ରମୁଖ ସରକାରୀ କୋଠିରେ କାର୍ଯ୍ୟ କରି ଆସୁଥିଲା। ତାଙ୍କ ବଦଳି ପରେ ଇଂ. ପ୍ରଶାନ୍ତ ଦାସ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ୨ ସବ୍‌ଡିଭିଜନର ଦାୟିତ୍ୱରେ ରହିବା ପରେ ରଣପଡ଼ାର ଏହି ବାବୁହତା ଆବାସିକ କାର୍ଯ୍ୟାଳୟ ପଟ୍ଟାମୁଣ୍ଡାଇ ଉଠି ଯାଇଥିଲା। ଫଳରେ ଏହି ବିରାଟ କୋଠି ଦୀର୍ଘଦିନ ଧରି ପରିତ୍ୟକ୍ତ ଭାବେ ପଡ଼ି ରହିଲା। ଏହାର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତିମାନେ କୋଠିକୁ ଭଙ୍ଗାରୁଜା କରି ମୂଲ୍ୟବାନ କାଠ ସହ ଲୁହାକାଡ଼ି ସାମଗ୍ରୀ କବାଟ, ଝରକା, ଟେବୁଲ, ଥାକ, ଫ୍ୟାନ, ଆଲମିରା ପ୍ରଭୃତି ଚୋରାଇ ନେଇଗଲେ। ଏହାସହ ଏହାର ଚତୁଃପାର୍ଶ୍ୱରେ ଥିବା ପାଚେରି ଓ ଘରର କାନ୍ଥ, ଛାତ ପ୍ରଭୃତିକୁ ଭଙ୍ଗାରୁଜା କରି ବୋହି ନେଇଗଲେ। ଅଳ୍ପ କେତେଦିନ ମଧ୍ୟରେ ଇଂରେଜଙ୍କ ସମୟରୁ ତିଆରି ହୋଇଥିବା ଏହି କୋଠାଟିକୁ ଏହାର ମୂଳଦୁଆ ସହିତ ତାଡ଼ି ନେଇଯିବା ଫଳରେ ବର୍ତ୍ତମାନ ଏହି କୋଠିର କୌଣସି ଚିହ୍ନବର୍ଣ୍ଣ ନାହିଁ। ଏପରିକି ଏହାର ମୁଖ୍ୟ ଫାଟକରେ ଲାଗିଥିବା ଲୁହା ଗ୍ରୀଲକୁ ଛାଡ଼ି ଦେଲେ ଏହି ସୁସଜ୍ଜିତ ଅଫିସରମାନଙ୍କ ବାସଗୃହଟିର କୌଣସି ଚିହ୍ନବର୍ଣ୍ଣ ନାହିଁ। ବହୁ କୋଟି ଟଙ୍କାର ଏହି ମୂଲ୍ୟବାନ୍ ସରକାରୀ ଜମିର ଉପଯୋଗ କରାଯାଉ ନ ଥିବାରୁ ଏହାର ପରିସର ଗୋରୁଗାଈଙ୍କ ଚରାଭୂଇଁରେ ମଧ୍ୟ ପରିଣତ ହୋଇଛି। ଜିଲା ସଦର ମହକୁମାରେ ଅନେକ କାର୍ଯ୍ୟାଳୟ ଭଡ଼ାସୂତ୍ରରେ ଚାଲୁଥିବା ବେଳେ ଏହି ସରକାରୀ ଜମି ଉପରେ ରିଜର୍ଭ ପୋଲିସ କ୍ୱାର୍ଟର, ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଭଳି ଯେକୌଣସି ସରକାରୀ କାର୍ଯ୍ୟାଳୟ କରାଯାଇ ଏହି ସମ୍ପତ୍ତିର ରକ୍ଷଣାବେକ୍ଷଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଜିଲା ଜଳସମ୍ପଦ ଅଧୀକ୍ଷଣ ଯନ୍ତ୍ରୀ ଇଂ. ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ଜିଲା ପ୍ରଶାସନ ପକ୍ଷରୁ କ୍ରୀଡ଼ା ବିଭାଗକୁ ଏହି ସ୍ଥାନ ପ୍ରଦାନ ପାଇଁ ନିର୍ଦ୍ଦେଶ ଆସିବା ପରେ ଏହାର ଉନ୍ନତୀକରଣ ବିଭାଗ ପକ୍ଷରୁ ହୋଇନାହିଁ ବୋଲି ସେ କହିଛନ୍ତି।

# ରଥଦାଣ୍ଡ ଆଲୋକୀକରଣ, ସଫେଇ ଦାବି

ରାଜନଗର, ୨୩।୬(ଭାସ୍କର ରାଉତରାୟ)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ୨୭ ତାରିଖରେ ହେବ। ରାଜନଗର ଦଧିବାମନ ଜୀଉଙ୍କ ରଥଯାତ୍ରା ପାଇଁ ରଥ ନିର୍ମାଣ ଚାଲିଛି। ମାତ୍ର ରାଜନଗର ରଥଦାଣ୍ଡ ଆଜି ଯାଏ ସଫେଇ ହୋଇ ନ ଥିବାବେଳେ ଅଧିକାଂଶ ଖୁଣ୍ଟିରେ ଉଜ୍ଜ୍ୱଳ ଆଲୋକ ଜଳୁନାହିଁ। ରଥଦାଣ୍ଡ ସଫେଇ ଓ ଆଲୋକୀକରଣ କାର୍ଯ୍ୟ ପାଇଁ ରାଜନଗର ସଦର ବଡ଼ଦାଣ୍ଡ ଗାଁ କମିଟିର ସଦସ୍ୟମାନେ ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର ଓ ସମିତିସଭ୍ୟା ସୁମିତ୍ରା ସେଠୀଙ୍କୁ ଅଭିଯୋଗ କରିଛନ୍ତି। ରାଜନଗର ବଡ଼ଦାଣ୍ଡ କମିଟିର ସଭାପତି ସର୍ବେଶ୍ୱର ନାୟକଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ବିଷୟ ହେଉଛି ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା ଅବସରରେ ରାଜନଗର ବଡ଼ଦାଣ୍ଡର ପରମ ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଦଧିବାମନ ମହାପ୍ରଭୁଙ୍କ ମନ୍ଦିରଠାରୁ ଲାଞ୍ଜୁଡାମୁଣ୍ଡ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ବିଜୁଳି ଆଲୋକୀକରଣ, ଏଲ୍‌ଇଡି ଲାଇଟ ସଂଯୋଗ ସହ ବଡ଼ଦାଣ୍ଡର ସମସ୍ତ ନଳକୂପ ମରାମତି ଓ ସ୍ୱଚ୍ଛ ଭାରତ ଅଭିଯାନରେ ଅଳିଆ ଆବର୍ଜନାକୁ ତୁରନ୍ତ ସଫା କରିବାକୁ ଗ୍ରାମ କମିଟିର ସଦସ୍ୟମାନେ ଦାବି କରିଛନ୍ତି। ରାଜନଗରର ଅଧିକାଂଶ ସ୍ଥାନ ଅନ୍ଧାର ଥିବାବେଳେ ସବୁ ଦାଣ୍ଡ ଅଳିଆ ଆବର୍ଜନରେ ଭରିଛି।

# ପାଲା ମାଧ୍ୟମରେ ନିଶା ନିବାରଣ ସଚେତନତା



ରାଜନଗର, ୨୩।୬ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ୍ ଅଞ୍ଚଳରେ ସୋମବାର ନିଶା ନିବାରଣ ପାଇଁ ଅବକାରୀ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପାଲା ମାଧ୍ୟମରେ ନିଶା ଖାଇଲେ କ'ଣ କ'ଣ ବିପଦ ରହିଛି ଓ ନିଶା ଦ୍ୱାରା କି କି ଅଘଟଣ ଘଟୁଛି ସେ ନେଇ ପରିବେଷଣ କରାଯାଇ ଲୋକଙ୍କୁ ସଚେତନ କରାଯାଉଛି। ଅବକାରୀ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ପାଲାଗାୟକ ଭାଗବତ ବେହେରା ଓ ତାଙ୍କ ସାଥୀମାନେ ରାଜନଗରର ଦୁର୍ଗାମଣ୍ଡପଠାରେ ଏହି ସଚେତନତା ପାଲା ପରିବେଷଣ କରିଥିଲେ।

# ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ

## ବଉଲକଣି ପଞ୍ଚାୟତ ଆର୍ଥିକ ଅନିୟମିତତା ମାମଲା

କେନ୍ଦ୍ରାପଡ଼ା, ୨୩।୬ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବଉଲକଣି ପଞ୍ଚାୟତରେ ୨୦୧୭ରୁ ୨୦୨୧ ମସିହା ପର୍ଯ୍ୟନ୍ତ ଉନ୍ନୟନ ଯୋଜନାର ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ସୂଚନା ଆଇନ ଅଧିକାରରେ ମିଳିଥିବା ତଥ୍ୟରୁ ସ୍ପଷ୍ଟ ଜଣାପଡୁଛି। ଏହି ଅନିୟମିତତାର ଭିଜିଲାନ୍ସ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ହେଉ। ଏପରି ଅଭିଯୋଗ ଆଣି ବଉଲକଣି ଗ୍ରାମର ସାମାଜିକ କର୍ମୀ ହରେକୃଷ୍ଣ ପାତ୍ର ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ଜୁନ ୨୧ରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜିଲାପାଳଙ୍କୁ ସୋମବାର ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ଅଭିଯୋଗକାରୀ ପାତ୍ର କହିଛନ୍ତି, ଆର୍ଥିକ ଅନିୟମିତତାର ଆଭାସ ମିଳିବା ପରେ ତତ୍କାଳୀନ ସମୟରେ ସୂଚନା ଅଧିକାର ଆଇନ ଅନୁଯାୟୀ ବିଡିଓଙ୍କୁ ତଥ୍ୟ ମଗାଯାଇଥିଲା। ତେବେ ସମୟ ଅବଧି ମଧ୍ୟରେ ତଥ୍ୟ ନ ମିଳିବାରୁ କମିଶନର କୋର୍ଟରେ ଏ ନେଇ ଅଭିଯୋଗ କରିଥିଲେ। ଏପ୍ରିଲ ୨୪ରେ ଶୁଣାଣି ହୋଇଥିବା ବେଳେ କାଗଜପତ୍ର ଠିକ୍ ନ ଥିବା ସରକାରୀ ପକ୍ଷ ଦର୍ଶାଇଥିଲେ। ସରକାରୀ ଉନ୍ନୟନ ଅର୍ଥ ତୋସରପାତ ସମ୍ପର୍କରେ ଭିଜିଲାନ୍ସ ତଦନ୍ତ ହେଲେ ବହୁ ତଥ୍ୟ ଉନ୍ମୋଚିତ ହେବା ସମ୍ଭାବନା ଥିବାରୁ ଏହି ଦାବି କରାଯାଇଥିବା ସେ ପ୍ରକାଶ କରିଛନ୍ତି।

# ଆଳି ବ୍ଲକରେ ମିଳିତ ଜନଶୁଣାଣି, ୧୬୦ ଅଭିଯୋଗ


ଜନଶୁଣାଣିରେ ପ୍ରଶାସନିକ ଅଧିକାରୀଙ୍କୁ ଭେଟିବାକୁ ସରପଞ୍ଚ ସଂଘର ସଦସ୍ୟମାନେ ଯାଉଛନ୍ତି।

ଆଳି, ୨୩।୬(ବନମାଳୀ ସେନାପତି)

ଆଳି ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳ ଏବଂ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୬୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଅଭିଯୋଗ ମଧ୍ୟରୁ ୧୫ଟି ସାମୂହିକ ଥିବାବେଳେ ୧୪୫ଟି ବ୍ୟକ୍ତିଗତ ଥିଲା। ସାମୂହିକ ଅଭିଯୋଗ ମଧ୍ୟରେ ଦୀର୍ଘଦିନ ହେବ ଆଳି ବ୍ଲକକୁ ଆସିଥିବା 'ଦାନା' ପ୍ରକଳ୍ପ ଅର୍ଥ ଓ 'ବିକଶିତ ଗାଁ ବିକଶିତ ଓଡ଼ିଶା' ପ୍ରକଳ୍ପ ନିମନ୍ତେ ଆସିଥିବା ଅନୁଦାନ ରାଶି ଖର୍ଚ୍ଚ ନ ହୋଇ ପଡ଼ି ରହିଥିବାରୁ ତୁରନ୍ତ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ଲାଗି

## ଉନ୍ନୟନମୂଳକ କାର୍ଯ୍ୟ ହେଉ ନ ଥିବାରୁ ସରପଞ୍ଚ ସଂଘ ଅଭିଯୋଗ

ବ୍ଲକର ସମସ୍ତ ସରପଞ୍ଚ ଜନଶୁଣାଣିରେ ଅଭିଯୋଗ କରିଥିଲେ। ଏଥିସହ ଅରଗଳ ପଞ୍ଚାୟତରେ ଅଙ୍ଗନୱାଡ଼ି ଶିଶୁମାନଙ୍କୁ ନିମ୍ନମାନର ଛତୁଆ ପ୍ରଦାନ କରାଯାଉଥିବା ଭଳି ସଙ୍ଗୀନ ଅଭିଯୋଗ ଆସିଛି।

ଅନ୍ୟ ଅଭିଯୋଗ ମଧ୍ୟରେ ରାସ୍ତା ମରାମତି, ବିପଦ ସଙ୍କୁଳ ବିଦ୍ୟୁତ ଖୁଣ୍ଟ ସ୍ଥାନାନ୍ତର, ରାସ୍ତା ନିର୍ମାଣରେ ଅନିୟମିତତା, ମାଛ ମାର୍କେଟ ସ୍ଥାନାନ୍ତର, ନଳକୂପ ଖନନ ଓ ଜବରଦଖଲ ଉଚ୍ଛେଦ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଆବାସ ଗୃହ, ରାଶନ କାର୍ଡ ଓ ଭତ୍ତା ଅଭିଯୋଗ ହୋଇଛି। ଜନଶୁଣାଣିରେ ଜିଲା ପ୍ରକଳ୍ପ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ଉପଜିଲାପାଳ ଅରୁଣ କୁମାର ନାୟକ, ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠୀ, ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ଆଳି ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ।

# ମଳୟଙ୍କ କର୍ତ୍ତବ୍ୟ ନିଷ୍ଠାର ପ୍ରଶଂସା କଲେ ବିଧାୟକ

ପାଟକୁରା, ୨୩।୬ (ରବୀନ୍ଦ୍ର ନାଥ ବାରିକ)

ପାଟକୁରା ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ମଳୟ କୁମାର ପାଣିଙ୍କୁ ରବିବାର ସ୍କୁଲ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ତାଙ୍କର ଶ୍ରମ, ସାଧନା, ଅଧ୍ୟାପନା, କର୍ତ୍ତବ୍ୟ ନିଷ୍ଠା, ଉତ୍ସର୍ଗୀକୃତ ମନୋଭାବ, ଅନନ୍ୟ ପ୍ରତିଭାକୁ ସମ୍ମାନ ଜଣାଇ ପାଟକୁରା ହାଇସ୍କୁଲର ଛାତ୍ରୀଛାତ୍ର ପୁରାତନ ବିଦ୍ୟାର୍ଥୀ, ସହକର୍ମୀ, ଅଭିଭାବକ, ପଞ୍ଚସଖା ଶିକ୍ଷାସେତୁ ସଙ୍ଗଠନ ସଦସ୍ୟ, ପରିଚାଳନା କମିଟି ସଦସ୍ୟ, ଗରଦପୁର ବ୍ଲକ ଓଷ୍ଟା ଓ କେନ୍ଦ୍ରାପଡ଼ା ଜିଲା ଓଷ୍ଟା ନେତୃମଣ୍ଡଳୀଙ୍କ ସହଯୋଗରେ ପାଣିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଉତ୍ସବରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରୀନାବାଳ ମହାନ୍ତି ଅତିଥି ପରିଚୟ ଦେଇଥିଲେ। ଓଷ୍ଟାର ଜିଲା ସଭାପତି ଅଶୋକ କୁମାର ପରିଡ଼ା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗ ଦେଇଥିଲେ। ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ମୁଖ୍ୟବକ୍ତା, ଜିଲା ଶିକ୍ଷା ଅଧିକାରୀ ବସନ୍ତ ନାୟକ, ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ ପ୍ରମୁଖ ମଞ୍ଚାସୀନ ଥିଲେ। ପଞ୍ଚଶଖା ଶିକ୍ଷାସେତୁ ସଙ୍ଗଠନର ସଭାପତି ପ୍ରଫେସର ବୈଷ୍ଣବ ଚରଣ ମହାନ୍ତି, ସଭାପତି ପରିଚାଳନା କମିଟି ଅମରେନ୍ଦ୍ର ସାହୁ, ବିଦ୍ୟାର୍ଥୀ ଆରସ୍ମିତା ଜେନା ପ୍ରମୁଖ ଉଦବୋଧନ ଦେଇଥିଲେ। ତାଙ୍କ ଜୀବନ ଦର୍ଶନ ଉପରେ ଲିଖିତ ମଳୟ ମହ୍ଲାର ଅଭିନନ୍ଦନିକା ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

# ଯୁବକବି ପ୍ରଶାନ୍ତଙ୍କ ପ୍ରଥମ କବିତା ପୁସ୍ତକ କାବ୍ୟାଞ୍ଜଳି ଉନ୍ମୋଚିତ

ରାଜନଗର, ୨୩।୬(ଭାସ୍କର ରାଉତରାୟ)

ରାଜନଗର ମାଟିର ତରୁଣ କବି ପ୍ରଶାନ୍ତ କୁମାର ନାଥଙ୍କ ପ୍ରଥମ କବିତା ସଙ୍କଳନ କାବ୍ୟାଞ୍ଜଳି ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଏହି ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ବରିଷ୍ଠ ଗୀତିକାର ମୋହିତ ଚକ୍ରବର୍ତ୍ତୀ, ଅଭିନେତା ମୋହନ ମାଜିଥିଆ, ଜଗନ୍ନାଥ ସଂସ୍କୃତି ବିଶାରଦ ତଥା ପ୍ରବଚକ ଡ. ଶ୍ରୀନିବାସ ଘଟୁଆରୀ, ଡା. ରମେଶ ଚନ୍ଦ୍ର ଦାସ, ଯୁବକବି ଦେବେନ୍ଦ୍ର ରାଉଳ ଓ ଗୀତିକାର କୁମାର ଲିଟନ ପ୍ରମୁଖ ଅତିଥି ଭାବେ ଯୋଗଦେଇ କବିତା ପୁସ୍ତକ ଉନ୍ମୋଚନ କରିଥିଲେ। ଏହି ପୁସ୍ତକର ପ୍ରଚ୍ଛଦକୁ ରାଜନଗରର ଯୁବ ଚିତ୍ରଶିଳ୍ପୀ ଦେବେନ୍ଦ୍ର କୁମାର ରାଉଳ ଡିଜାଇନ୍ କରିଛନ୍ତି। ସୂଚାନାଯୋଗ୍ୟ ପ୍ରଶାନ୍ତ ଜଣେ ଜଣାଶୁଣା ଯୁବ ଗୀତିକାର, ଗାଳ୍ପିକ ଓ କବି। ତାଙ୍କର ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଗୀତ ଯେଉଁଥିରେ ଶ୍ରୀଚରଣଙ୍କ ସମେତ ଆଗଧାଡ଼ିର ବହୁ ଖ୍ୟାତନାମା କଣ୍ଠଶିଳ୍ପୀ କଣ୍ଠଦାନ କରିଛନ୍ତି। ଯାହାକି ତାଙ୍କୁ ସାରା ଓଡ଼ିଶାରେ ପରିଚିତ କରାଇପାରିଛି। ପ୍ରଶାନ୍ତ ଯୁବକବି ଭାବେ ବିଭିନ୍ନ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ତାଙ୍କର ଏହି ପ୍ରଥମ ପୁସ୍ତକ ପ୍ରକାଶ ପରେ ସେ ଖୁସିବ୍ୟକ୍ତ କରିଛନ୍ତି।

# ରାଜନଗରରେ ବଢୁଛି ଝାଡ଼ାବାନ୍ତି ରୋଗୀ ସଂଖ୍ୟା

ରାଜନଗର, ୨୩।୬(ଭାସ୍କର ରାଉତରାୟ)

ରାଜନଗର ବ୍ଲକ୍‌ରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ପ୍ରତିଦିନ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଈଶ୍ୱରପୁର, ତାଳଚୁଆ, ଡାଙ୍ଗମାଳ, ଗୁପ୍ତି, ଜଗନ୍ନାଥପୁର ଶାସନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଝାଡ଼ାବାନ୍ତି ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସ୍ଥିତି ନିୟନ୍ତ୍ରଣ ଭିତରେ ଥିଲେ ମଧ୍ୟ ପ୍ରତିଦିନ ସ୍ୱାସ୍ଥ୍ୟକେନ୍ଦ୍ରକୁ ଝାଡ଼ାବାନ୍ତି ରୋଗୀ ଆସୁଥିବାରୁ ଚିନ୍ତା ବଢ଼ାଇଛି। ଗତବର୍ଷ ରାଜନଗରରେ ଝାଡ଼ାବାନ୍ତିରେ ୩ ଜଣଙ୍କର ମୃତ୍ୟୁ ଘଟିଥିଲା। ପୋଖରୀ ପାଣିରେ ଜୀବାଣୁ ଠାବ ହୋଇଥିଲା। ସୋମବାର ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଢୋଲମରାର ଶରତ ଚନ୍ଦ୍ର ଦାସ, ଗଜରାଜପୁର ଗାଁର ମନିକା ମଲ୍ଲିକ, ବଳଭଦ୍ରପୁରର ସରସ୍ୱତୀ ମାହାକୁଡ଼, ଢାଗୁଆର ସୁମିତ୍ରା ଦାସ, ଈଶ୍ୱରପୁରର ସନ୍ଦୀପ ସାହୁ, ଧାନଦିଆର ମାଳତୀ ସ୍ୱାଇଁ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ପ୍ରତିଦିନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶତାଧିକ ରୋଗୀ ଝାଡ଼ାବାନ୍ତି ପାଇଁ ମେଡ଼ିସିନ ନେଇ ଯାଉଥିବା ଜଣାପଡିଛି। ପାଗ ପରିବର୍ତ୍ତନ ସାଙ୍ଗକୁ ଭୋଜି ଓ ଆମ୍ବ, ପଣସ ପାଇଁ ଝାଡ଼ାବାନ୍ତି ବ୍ୟାପୁଥିବା କୁହାଯାଉଛି। ରାଜନଗର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତି ଗାଁରେ ଆଶାକର୍ମୀମାନେ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରୁଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ବିଭିନ୍ନ ହୋଟେଲ ଓ ବାହାରେ ଖାଦ୍ୟ ସାମଗ୍ରୀ ବିକୁଥିବା ଦୋକାନ ନିୟମିତ ଯାଞ୍ଚ କରୁଥିଲେ ମଧ୍ୟ ଝାଡ଼ାବାନ୍ତି ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି।

# ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ମାର୍ଗଦର୍ଶକ ପିଜୁସ ଦାଙ୍କ ପରଲୋକ

ପାରାଦୀପ, ୨୩।୬(ଶରତ ରାଉତ)

ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା)ର ପ୍ରତିଷ୍ଠାତା ସଦସ୍ୟ ତଥା ବର୍ଷିଆନ ବୋଟ ମାଲିକ ପିଜୁସକାନ୍ତି ଦେବବର୍ମନ (ପିଜୁସ ଦା)ଙ୍କ ରବିବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ଚିକିତ୍ସା ନିମନ୍ତେ ତାଙ୍କୁ ଓମ୍ପା ପକ୍ଷରୁ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ପରଲୋକ ଘଟିଛି। ତାଙ୍କ ମୃତ୍ୟୁ ଖବର ପାଇ ଓମ୍ପା ସଭାପତି ଶ୍ରୀକାନ୍ତ ପରିଡ଼ା, ସମ୍ପାଦକ ଅରବିନ୍ଦ ସ୍ୱାଇଁଙ୍କ ସମେତ ହଜାରରୁ ଅଧିକ ବୋଟ ମାଲିକ ମତ୍ସ୍ୟଜୀବୀ ପହଞ୍ଚି ଶୋକବ୍ୟକ୍ତ କରିଛନ୍ତି। ଓମ୍ପା ସଭାପତି ପରିଡା କହିଛନ୍ତି ଯେ, ପିଜୁସ ଦା ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ଟ୍ରେଡରର ଜଣେ ମାର୍ଗଦର୍ଶକ ଥିଲେ। କାରଣ ସମୁଦ୍ରରେ ମୋଟର ଚାଳିତ ବୋଟ ଚଳାଇବା ପାଇଁ ୧୯୫୮ରେ ସେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ



ଏବଂ ପ୍ରଥମ ମୋଟର ଚାଳିତ ବୋଟ ଚଳାଇଥିଲେ। ସେ ଓମ୍ପା ସଙ୍ଗଠନର ପ୍ରାଥମିକ ସଦସ୍ୟ ଥିଲେ। ପରିଣତ ବୟସରେ ପରିବାରଠାରୁ ଅଲଗା ରହି ସଂଘ ବିଷୟରେ ବୁଝାଶୁଝା କରୁଥିଲେ। ବୋଟ ମରାମତି ସ୍ଥାନ (ଡ୍ରାଏଡକ୍) ପାଖରେ ସେ ଶେଷ ଜୀବନ ପର୍ଯ୍ୟନ୍ତ ରହୁଥିଲେ। ବୋଟ ଇଞ୍ଜିନ ଖରାପ ହେଉ କିମ୍ବା ପାଣିପାଗ ବିପଦ ସମୟରେ ଅଧିକାଂଶ ମାଲିକ ତାଙ୍କ ପରାମର୍ଶ ଲୋଡ଼ିଥାନ୍ତି। ତାଙ୍କ ପାଇଁ ସଂଘ ପକ୍ଷରୁ ଅନ୍ତିମ ସଂସ୍କାରଠାରୁ ଦଶାହ କର୍ମ କରାଯିବ ବୋଲି ପରିଡ଼ା କହିଛନ୍ତି।

# କୁଳଡୁଠୀ ମଠସାହି ନଳକୂପ ୬ ମାସ ହେବ ଅଚଳ

ପାଟକୁରା, ୧୯।୬(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ଅଧୀନ ବେତାରୀ ପଞ୍ଚାୟତର କୁଳଡୁଠୀ ମଠସାହି ନଳକୂପ ୬ ମାସ ହେବ ଅଚଳ ହୋଇପଡ଼ିଛି। ଫଳରେ ପାନୀୟ ଜଳ ପାଇଁ ଏହି ନଳକୂପ ଉପରେ ନିର୍ଭର କରୁଥିବା ସାହିର ୧୭ ପରିବାର ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହୋଇ ଦୂଷିତ ନଈ ପାଣିକୁ ପିଉଛନ୍ତି। ସହଜେ ବର୍ଷାଦିନେ ନଦୀ ପାଣି ଅଧିକ ଅପରିଷ୍କାର ରହୁଛି ଓ ଜଳ ଜନିତ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଦେଖାଦେଇଛି। ଗାଁ ଲୋକ ବାରମ୍ବାର ଗରଦପୁର ବ୍ଲକରେ ଓ ବେତାରୀ ପଞ୍ଚାୟତରେ ଜଣାଇଲେ ମଧ୍ୟ କେହି ଶୁଣୁନାହାନ୍ତି। ଜିଲା ପରିଷଦ ସଦସ୍ୟା ଡଲି ଶତପଥୀଙ୍କୁ ମଧ୍ୟ ମଠ ସାହି ଲୋକ ଅନୁରୋଧ କରି ଏକ ନଳକୂପ ମଞ୍ଜୁର କରିବା ପାଇଁ ଅନୁରୋଧ କରିଥିଲେ। ସାହିକୁ ତୁରନ୍ତ ପାନୀୟ ଜଳ ପାଇପ ଯୋଗେ ଯୋଗାଇ ଦେବାକୁ ସେ ପ୍ରାୟ ୪ ମାସ ହେବ ଅର୍ଥ ମଞ୍ଜୁର କରିଥିଲେ ମଧ୍ୟ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ସମୟ ମିଳୁ ନ ଥିବାରୁ ସେ କାର୍ଯ୍ୟ ହୋଇ ପାରୁନାହିଁ। ଏସମ୍ପର୍କରେ ମଠ ସାହିର ନିରଞ୍ଜନ ସାହୁ, ଶାନ୍ତିଲତା ସାହୁ, ହେମନ୍ତ ସାହୁ, ବାବୁଲି ସାହୁ, ରଞ୍ଜନ ସ୍ୱାଇଁ, ପ୍ରମୋଦ ସ୍ୱାଇଁ,

## ଲୋକେ ଦୂଷିତ ନଦୀ ପାଣି ପିଉଛନ୍ତି


ମଠ ସାହିରେ ୬ ମାସ ହେବ ଅଚଳ ହୋଇପଡ଼ିଥିବା ନଳକୂପ।

ଶଙ୍କର ସ୍ୱାଇଁ, ବାଟକୃଷ୍ଣ ସାହୁ, ଦେବେନ୍ଦ୍ର ସାହୁ, ନରହରି ସାହୁ, ପରୀକ୍ଷିତ ସାହୁ, ହିମାଂଶୁ ସାହୁ, ସୁଧାଂଶୁ ସାହୁ ଓ ଗଣେଶ୍ୱର ସାହୁ ପ୍ରମୁଖ କେନ୍ଦ୍ରାପଡ଼ା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ପାନୀୟ ଜଳ ପାଇଁ ବିହିତ ବ୍ୟବସ୍ଥା କରିବାକୁ ନିବେଦନ କରିଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜଙ୍କୁ ପଚରିବାରେ ଚଳିତ ବର୍ଷ ପାଇଁ ପ୍ରପୋଜାଲ ଯାଇ ସାରିଛି, ଆଗାମୀ ବର୍ଷରେ ସେ ଏଥିପ୍ରତି ଧ୍ୟାନ ଦେବେ ବୋଲି ସେ କହିଛନ୍ତି।

# ବଦଳିବ ୫୫ ବର୍ଷର ପୁରୁଣା ବିଦ୍ୟୁତ୍ ତାର, ଶଙ୍ଖ, ଖୁଣ୍ଟ

ମହାକାଳପଡ଼ା, ୨୩।୬ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍‌କୁ ୧୯୭୧ ମସିହାରେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ ପକ୍ଷରୁ ମାର୍ଶାଘାଇ କେନାଲ ବ୍ରିଜ୍‌ଠାରୁ ମହାକାଳପଡ଼ା–ଛପାଲି ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ କରାଯାଇଥିଲା। ୫୫ ବର୍ଷ ମଧ୍ୟରେ ବହୁ ଝଡ଼ତୋଫାନ ସହି ଏହି ଅଞ୍ଚଳକୁ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ୍ ସରବରାହ ହେଉଥିଲା। ହେଲେ ସେଦିନର ପୁରୁଣା ତାର, ଶଙ୍ଖ, ଖୁଣ୍ଟ ଦୁର୍ବଳହେବା ଯୋଗୁ ବଜ୍ରପାତ, ବର୍ଷା, ପବନ ହେଲେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଉଛି। ଫଳରେ ଅଞ୍ଚଳରେ ବିଦ୍ୟୁତ୍ ଗ୍ରାହକମାନେ ଅସୁବିଧାରେ ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏ ନେଇ ମହାକାଳପଡ଼ା

## ହଟିବ ବିଦ୍ୟୁତ୍ ସରବରାହ ସମସ୍ୟା

ଅଞ୍ଚଳର ଲୋକେ ସ୍ଥାନୀୟ ବିଧାୟକ ଦୁର୍ଗାପ୍ରସନ୍ନ ନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଲୋକମାନଙ୍କ ସ୍ୱାର୍ଥଦୃଷ୍ଟିରୁ ୧ ସପ୍ତାହ ପୂର୍ବେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ବିଧାୟକ ନାୟକ ଆଲୋଚନା କରିଥିଲେ। ପରେ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥା କର୍ମକର୍ତ୍ତା ଜମ୍ବୁ–ମାର୍ଶାଘାଇ ମୁଖ୍ୟ ବ୍ରିଟିଶ କେନାଲ ରାସ୍ତା ବ୍ରିଜ୍‌ଠାରୁ ଉଚ୍ଚ କ୍ଷମତାସମ୍ପନ୍ନ ନୂଆ ଖୁଣ୍ଟ, ତାର, ଶଙ୍ଖ ଲଗାଇବା କାର୍ଯ୍ୟ ଆରମ୍ଭ ହୋଇଛି। ଫଳରେ ପୂର୍ବଭଳି ବିଦ୍ୟୁତ୍


ଯୁଦ୍ଧକାଳୀନ ଭିତ୍ତିରେ କେନାଲ ବ୍ରିଜ୍‌ଠାରୁ ମହାକାଳପଡ଼ାକୁ ବିଦ୍ୟୁତ୍ ଖୁଣ୍ଟ ପୋତା ଯାଉଛି।

ସମସ୍ୟା ହଟିବ ବୋଲି ସ୍ଥାନୀୟ ବିଦ୍ୟୁତ୍ ଗ୍ରାହକ ଓ ବୁଦ୍ଧିଜୀବୀ କହିଛନ୍ତି। ପୂର୍ବ ଅପେକ୍ଷା ସବୁ କ୍ଷେତ୍ରରେ ବିଦ୍ୟୁତ୍‌ର ଚାହିଦା ବୃଦ୍ଧି ପାଇଛି। ଏଥିପାଇଁ ଅତ୍ୟଧିକ ବିଦ୍ୟୁତ୍ ଯୋଗାଣରେ ଲୋଡ୍ ପଡ଼ିବା, ବଜ୍ରପାତ, ଝଡ଼ତୋଫାନ, ବର୍ଷା ଯୋଗୁ ବିଭିନ୍ନ ସମୟରେ ସରବରାହ ବିଚ୍ଛିନ୍ନ ହେଉଥିଲା। ଅପରପକ୍ଷରେ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣରେ ବିକଳ୍ପ ଭାବେ ପଟ୍ଟାମୁଣ୍ଡାଇ ଗ୍ରୀଡ୍‌ରୁ ଭାୟା ଉତିକଣ, ବାବର ମହାକାଳପଡ଼ାକୁ ସଂଯୋଗ କରାଯିବାର ବ୍ୟବସ୍ଥା ୭୦ ରୁ ୮୦ ପ୍ରତିଶତ ନିର୍ମାଣ କାର୍ଯ୍ୟ ସରିଛି। ଜମି ଅଧିଗ୍ରହଣ ସମସ୍ୟା ସମାଧାନ ପାଇଁ ବିଦ୍ୟୁତ୍ ବିଭାଗ ଆଲୋଚନା ଜାରି ରଖିଛି। ବର୍ଷାଦିନ ପରେ ସଂଯୋଗ କରାଯିବାର ବ୍ୟବସ୍ଥା ହେବ। ଏହି ନୂଆ ବିଦ୍ୟୁତ୍ ଖୁଣ୍ଟ ମହାକାଳପଡ଼ା କିଆରବାଙ୍କ ସବ୍ ଡିଭିଜନ ଗ୍ରୀଡ୍‌କୁ ସଂଯୋଗ କରାଯିବାର ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ।

## ପୋଖରୀରେ ପଡ଼ି ଯୁବକ ମୃତ

ନୟାଗଡ଼,୨୩।୬(ଲୋକନାଥ ମିଶ୍ର)

ନୟାଗଡ ସଦର ଥାନା ଅନ୍ତର୍ଗତ ନଡିଆଳି ପଞ୍ଚାୟତ ଉଦୟପୁରସ୍ଥ ମରାଗାଡିଆ ପୋଖରୀ ରେ ପଡି ଭବନ ମହାପାତ୍ର (୩୪) ସୋମବାର ମୃତ୍ୟୁ ଘଟିଛି। ମୃତକଙ୍କ ଘର ପଲ୍ଲୀଶାସନ ଗାଁରେ। ପଲ୍ଲୀଶାସନ ଗାଁର ଭବନ ରବିବାର ଶ୍ୱଶୁର ଘରକୁ ଯାଇ ସନ୍ଧ୍ୟାରେ ଘରକୁ ଫେରିଥିଲେ। ସନ୍ଧ୍ୟାରେ ଆଉ ଦେଖିବାକୁ ମିଳି ନ ଥିଲା। ପରିବାର ପକ୍ଷରୁ ଖୋଜାଖୋଜି ପରେ ପତ୍ତା ମିଳି ନ ଥିଲା। ସୋମବାର ସକାଳେ ମରାଗାଡ଼ିଆ ପୋଖରୀ ମୃତଦେହ ଭାସୁଥିବାବେଳେ ଜବତ କରାଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ମଝିଆଖଣ୍ଡରେ ଝାଡ଼ାବାନ୍ତି: ୨ ଆକ୍ରାନ୍ତ

ନୟାଗଡ଼,୨୩।୬(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଗୋଡିପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ପଞ୍ଚୁମୁ ପଞ୍ଚାୟତର ମଝିଆଖଣ୍ଡ ଗାଁରେ ଝାଡ଼ାବାନ୍ତିର ପ୍ରକୋପ ଦେଖା ଦେଇଛି। ଝାଡ଼ାବାନ୍ତିରେ ୨ଜଣ ଆକ୍ରାନ୍ତ ହୋଇଥିବାବେଳେ ସଞ୍ଜିତ ମୁଦୁଲି (୧୯) ଗୁରୁତର ହୋଇଛନ୍ତି। ସଞ୍ଜିତଙ୍କୁ ପ୍ରଥମେ ଗୋଡିପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ପରିବର୍ତ୍ତନ ନ ଆସିବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥାରେ ସୁଧାର ନ ଆସିବାରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷେ ଅପର୍ତ୍ତି ନାୟକ (୪୮) ଗୋଡିପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ମଝିଆଖଣ୍ଡରେ ୨ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା, ଜଣେ କଟକ ସ୍ଥାନାନ୍ତର ପରେ ସାଧାରଣରେ ଭୟର ବାତାବରଣ ଦେଖାଦେଇଛି। ଖବରପାଇ ଶରରକୁଳ ଓ ଗୋଡିପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ମଝିଆଖଣ୍ଡ ଗାଁକୁ ଯାଇ ଅନୁଧ୍ୟାନ କରୁଛନ୍ତି। ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ କରିବା ସହ ଔଷଧ ଦେଇଛନ୍ତି। ଏ ନେଇ ନୟାଗଡ଼ ସିଡିଏମ୍‌ଓ ସୁଶାନ୍ତ କୁମାର ଦାସଙ୍କୁ ପଚାରିବାରେ ମଝିଆଖଣ୍ଡରେ ଝାଡ଼ାବାନ୍ତି ରୋଗ ନିୟନ୍ତ୍ରଣରେ ଅଛି। କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ରୋଗୀଙ୍କ ଅବସ୍ଥା ସୁଧୁରୁଛି। ରଣପୁରରେ ଗୁପଚୁପ ଖାଇବା ପରେ ସଞ୍ଜିତ ଝାଡ଼ାବାନ୍ତିରେ ପଡିଥିବା ଜଣାପଡିଛି। ଗାଁରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ପହଞ୍ଚି ପାଣି ନମୁନା ସଂଗ୍ରହ କରି ଫେରିଛନ୍ତି। ଗାଁରେ ଥିବା ଜଳଉତ୍ସରେ ବ୍ଲିଚିଂ ପାଉଡର ପକାଯାଇଛି। ଅନ୍ୟ ମହିଳା ଜଣଙ୍କ ଅବସ୍ଥା ଠିକ୍ ଅଛି। ଭୟଭୀତ ହେବାର ନାହିଁ ବୋଲି ସେ କହିଛନ୍ତି। ପଞ୍ଚୁମୁ ସରପଞ୍ଚ ରାଣି ପାଇକରାୟ କହିଛନ୍ତି, ପଞ୍ଚୁମୁ ପଞ୍ଚାୟତର ପଞ୍ଚୁମୁ ଓ ତୋଡିବାରୀ ଗାଁରେ ୨ଟି ପାନୀୟଜଳ ପ୍ରକଳ୍ପ ରହିଛି। ୨ଟି ଯାକ ପାନୀୟ ଜଳ ପ୍ରକଳ୍ପର ପାଣି ଭଲ ନୁହେଁ। ଏହା ଅପରିଷ୍କାର ରହୁଥିଲେ ହେଁ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ପ୍ରକଳ୍ପର ଟାଙ୍କି ଅପରିଷ୍କାର ହୋଇ ପଡି ରହିଛି। ପୁଣି ପଞ୍ଚାୟତର ବିଭିନ୍ନ ନଳକୂପରୁ ଗୋଳିଆପାଣି ବାହାରୁଛି ବୋଲି କହିଛନ୍ତି।

## ନାବାଳିକା ଅପହରଣ, ବଳାତ୍କାର ମାମଲାରେ ଅଭିଯୁକ୍ତ ଗିରଫ

ଓଡଗାଁ, ୨୩।୬
(ଆଦର୍ଶ କୁମାର ପଟ୍ଟନାୟକ)



ଗିରଫ ଅଭିଯୁକ୍ତ।

ନୟାଗଡ଼ ଜିଲା ଓଡ଼ଗାଁ ଥାନା କୋମଣ୍ଡ ମଶାଣି ସାହିର ଜଣେ ଯୁବକଙ୍କୁ ନାବାଳିକା ଅପହରଣ ଓ ବଳାତ୍କାର ଅଭିଯୋଗରେ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ୍ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଯୁବକ ଜଣକ ହେଲେ କୋମଣ୍ଡ ଗ୍ରାମର ପବିତ୍ର ଦଳେଇ ଓରଫ ବିକାଶ (୧୯)। ଅଭିଯୋଗ ଅନୁସାରେ ଥାନା ଅଞ୍ଚଳର ଜଣେ ନାବାଳିକା ୩ ତାରିଖ ଭୋର୍ ୪ ଟାରେ ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୮୪/୨୫ ରେ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଫୋନ୍ କଲ ଟ୍ରାକିଂ କରି ନାବାଳିକାଙ୍କୁ ଠାବ କରିବାକୁ ଚେଷ୍ଟା କରିଥିବାବେଳେ ସେ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିବାରୁ ସମୟ ସାପେକ୍ଷ ଥିଲା। ହେଲେ ଶନିବାର ରାତିରେ ପୋଲିସ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଓ ବିଜୟୱାଡା ମଝିରେ ଶ୍ୟାମପୁରମରୁ ନାବାଳିକାଙ୍କୁ ଠାବ କରିବା ସହ ସାଙ୍ଗରେ ଥିବା କୋମଣ୍ଡର ବିକାଶଙ୍କୁ ନିଜ ହେପାଜତକୁ ଆଣିଥିଲେ। ସେମାନଙ୍କୁ ନେଇ ରବିବାର ଓଡ଼ଗାଁରେ ପହଞ୍ଚିବା ପରେ ପୋଲିସ ପଚରାଉଚୁରା କରିବା ସହିତ ଉଭୟଙ୍କ ଡାକ୍ତରୀ ପରୀକ୍ଷା କରିଥିଲା। ପରେ ନିଖୋଜ ମାମଲାଟି ଅପହରଣ ଓ ବଳାତ୍କାର ମାମଲାରେ ପରିବର୍ତ୍ତିତ ହୋଇଥିଲା। ଫଳରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଥିଲା। ଅପହରଣ, ଶିଶୁ ଯୌନ ନିର୍ଯାତନା ନିରୋଧ ଏବଂ ବଳାତ୍କାର ହୋଇଥିବା ଅଭିଯୋଗରେ ରବିବାର ରାତିରେ ଅଭିଯୁକ୍ତ ପବିତ୍ରଙ୍କୁ ଗିରଫ କରିବା ସହ ସୋମବାର କୋର୍ଟ ଚାଲାଣ କରାଯାଇଥିଲା। ଅନ୍ୟପକ୍ଷେ ଉଭୟେ ଗାଁରୁ ଯିବା ପରେ ପୁରୀର ବିଭିନ୍ନ ସ୍ଥାନରେ ରହିଥିବାବେଳେ ଧରାପଡ଼ିବାର ସମ୍ଭାବନା ଥିବାରୁ ଆନ୍ଧ୍ରପ୍ରଦେଶକୁ ଚାଲି ଯାଇଥିଲେ।

## ନାବାଳିକା ଅସଦାଚରଣ ମାମଲା, ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ

ଫୁଲବାଣୀ,୨୩।୬ (ରାକେଶ କୁମାର ରାଉତ)

ନାବାଳିକା ଅସଦାଚରଣ ମାମଲାର ଶୁଣାଣି କରି ଫୁଲବାଣୀ ପୋକ୍ସୋ କୋର୍ଟ ଅଭିଯୁକ୍ତକୁ ୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୬ ହଜାର ଟଙ୍କା ଜରିମାନା କରାଯାଇଛି। ଏହା ଅନାଦେୟ ଅଧିକ ୩ ମାସ ଜେଲ ଭୋଗିବାକୁ ପଡିବ ବୋଲି ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି। ସେ ହେଲେ ଖଜୁରିପଡା ଥାନା ଅଞ୍ଚଳର ରୋହିତ ଦିଗାଲ। ସୂଚନା ଅନୁଯାୟୀ, ଗତ ବର୍ଷ ଫେବୃଆରୀ ମାସରେ ନାବାଳିକା ଜଣକ ସ୍କୁଲରୁ ଫେରୁଥିବା ସମୟରେ ଅଭିଯୁକ୍ତ ତାଙ୍କୁ ରାସ୍ତା କଡର ଏକ ବୁଦା ମୂଳକୁ ଡାକି ନେଇଥିଲା। ସେଠାରେ ସେ ନାବାଳିକା ସହ ଅସଦାଚରଣ କରିଥିଲା। ପରିବାର ପକ୍ଷରୁ ଏ ନେଇ ଖଜୁରିପଡ଼ା ଥାନାରେ ଏତଲା ପରେ ପୋଲିସ ୨୪/୨୪ ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଥିଲା। ଏହି ମାମଲାର ବିଚାର କରି ଅଦାଲତ ଉପରୋକ୍ତ ରାୟ ଶୁଣାଇଛନ୍ତି। ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୧ଲକ୍ଷ ଟଙ୍କା ଦେବା ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାଟିକୁ ସ୍ୱତନ୍ତ୍ର ପିପି ଅସିମ ପ୍ରହରାଜ ପରିଚାଳନା କରୁଥିଲେ।

## ଖଣ୍ଡପଡ଼ା ବ୍ଲକରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ବିଡିଓ ଅଙ୍କୁର ଅଭିଳାଷ, ସିଡିପିଓ କେ. କୋଟେଶ୍ୱରୀଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ।

ଖଣ୍ଡପଡ଼ା, ୨୩।୬ (ଅଜୟ କୁମାର ମହାରଣା )

ଖଣ୍ଡପଡ଼ା ଅବକାରୀ ବିଭାଗ ପକ୍ଷରୁ ନିଶା ନିବାରଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ଅବକାରୀ ଏସଆଇ ଦୀପକ କୁମାର ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଅଙ୍କୁର ଅଭିଳାଷ, ସିଡିପିଓ କେ. କୋଟେଶ୍ୱରୀ ଓ ଅନ୍ୟ ପ୍ରଶାସନିକ ଅଧିକାରୀ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନିଶାଦ୍ରବ୍ୟର କୁପରିଣାମ ସମ୍ପର୍କରେ ସର୍ବସାଧାରଣଙ୍କୁ ସଚେତନ କରିବା, ନିଶାଦ୍ରବ୍ୟର ସେବନ ବନ୍ଦ ସହ ନିଶାଦ୍ରବ୍ୟକୁ ପୁରା ବର୍ଜନ କରି ଏକ ସୁସ୍ଥ ସମାଜ ଗଠନରେ ସମସ୍ତେ ସହଯୋଗର ହାତ ବଢ଼ାଇବା ନେଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହିଳା ଓ ପଞ୍ଚାୟତ ଲୋକପ୍ରତିନିଧିଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଓଡ଼ିଶାକୁ ସମ୍ପୂର୍ଣ୍ଣ ରୂପେ ନିଶାମୁକ୍ତ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅବକାରୀ ବିଭାଗ ଜରିଆରେ ଏଭଳି କାର୍ଯ୍ୟକ୍ରମ ଲଗାତର ଭାବେ ଚାଲୁ ରହିଛି। କାର୍ଯ୍ୟକ୍ରମ ପରିଚାଳନାରେ ଅବକାରୀ କର୍ମଚାରୀ ଓ ବ୍ଲକ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ।

## ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଆସିକା ୨୩।୬ (ସୁରେନ୍ଦ୍ର ନାଥ ସାହୁ)

ଆସିକାସ୍ଥିତ ହରିହର ହାଇସ୍କୁଲ ପରିସରରେ ରବିବାର ମାନବ ସେବା ସମିତି ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ସମିତି ସଭାପତି ଗଣେଶ ରଥଙ୍କ ଅଧ୍ୟକ୍ଷତାରେ ହୋଇଥିବା ଶିବିରରେ ଆସିକା ଡାକ୍ତରଖାନାର ଅଧୀକ୍ଷକ ଡା. ଲାଲ ଗୋପାଳ ବେହେରା, ଆଇନଜୀବୀ ଦିଲିପ ପାଣିଗ୍ରାହୀ, ବିଦେଶୀ ନାହାକ, ସନ୍ତୋଷ ପାଣିଗ୍ରାହୀ, ସୁରେଶ ବିଷୋୟୀ ଉପସ୍ଥିତ ଥିଲେ । ଡା. ଦିପକ ସାମନ୍ତରା, ଡା. ଭାଗବତ ବିଷୋୟୀ, ଡା. ତାରିଣୀ ମାର୍ଣ୍ଡି, ଡା. ସୁନିଲ କୋଟାଙ୍କ ଟିମ୍ ଶିବିର ପରିଚାଳନା କରିଥିଲେ। ଶିବିରରେ ୫୩ ଜଣଙ୍କ ଚକ୍ଷୁ, ୨୩ଜଣଙ୍କ ଚର୍ମ ଓ ୧୩୦ ଜଣଙ୍କ ଭେଷଜ ବିଭାଗରେ ପରୀକ୍ଷା ହୋଇଥିଲା ।

## ଗ୍ରାସିମ କମ୍ପାନୀକୁ କଳିଙ୍ଗ ଏନର୍ଜି ଏକ୍ସଲେନ୍ସ ପୁରସ୍କାର

ଗଞ୍ଜାମ,୨୩।୬(ବିଦ୍ୟାଧର ସାହୁ)

ଗଞ୍ଜାମ ସହରସ୍ଥିତ ଆଦିତ୍ୟ ବିର୍ଲା ଗ୍ରୁପର ଏକ ୟୁନିଟ୍ ଗ୍ରାସୀମ କେମିକାଲ ଡିଭିଜନକୁ କଳିଙ୍ଗ ଏନର୍ଜି ଏକ୍ସଲେନ୍ସ ନ୍ୟାଶନାଲ୍ ଆୱାର୍ଡ-୨୦୨୫ରେ ପ୍ରଦାନ କରାଯାଇଛି। ଏହି ପୁରସ୍କାର ସ୍ଥାୟୀ ଶକ୍ତି ପରିଚାଳନା, ଶକ୍ତି ଦକ୍ଷତା ଏବଂ କାର୍ଯ୍ୟକ୍ଷମ ଅଭ୍ୟାସରେ ଉତ୍କର୍ଷତା ପ୍ରତି ଉଲ୍ଲେଖନୀୟ ଅବଦାନ ଏବଂ ପ୍ରତିବଦ୍ଧତାକୁ ସ୍ୱୀକୃତି ଦିଏ। ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଆଣ୍ଡ୍ ଏନଭାର୍ନମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଏଣ୍ଟରପ୍ରାଇଜେସ୍, ହାଇଦ୍ରାବାଦ ଏବଂ ଓଡ଼ିଶା ରାଜ୍ୟ ଉତ୍ପାଦକତା ପରିଷଦ ଦ୍ୱାରା ମିଳିତ ଭାବରେ ଆୟୋଜିତ ୧୦ମ ଏନର୍ଜି ଏକ୍ସଲେନ୍ସ କନକ୍ଲେଭ ସମୟରେ ଏହି ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେଶର ପ୍ରମୁଖ ଶିଳ୍ପ ୟୁନିଟ୍ ଅଂଶଗ୍ରହଣ କରିଥିଲେ। ସମ୍ମାନ ପ୍ରଦାନ ବେଳେ ଗ୍ରାସୀମ କେମିକାଲ ଡିଭିଜନର ପ୍ରତିନିଧିତ୍ୱ କରିବା ୟୁନିଟ୍ ମୁଖ୍ୟ ଅଜୟ କୁମାର ଗୁପ୍ତା ଏବଂ ମାନବ ସମ୍ବଳ ମୁଖ୍ୟ ନିରୋଜା ପଟ୍ଟନାୟକ ପୁରସ୍କାର ଗ୍ରହଣ କରିଥିଲେ।

## ଓଡ଼ିଶା ସାମ୍ବାଦିକ ସଂଘର ସାଧାରଣ ବୈଠକ

ରମ୍ଭା,୨୩।୬(ବନବାସୀ ସେଠୀ)

ଓଡିଶା ସାମ୍ବାଦିକ ସଂଘ ଗଞ୍ଜାମ ଜିଲା ପକ୍ଷରୁ ସ୍ଥାନୀୟ ଶ୍ୟାମଳେଇ ପୀଠ ପ୍ରାଙ୍ଗଣରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ରବିନ୍ଦ୍ର କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ରାଜ୍ୟ ସଭାପତି ଅଶୋକ କୁମାର ନନ୍ଦ ଯୋଗଦେଇ ସଂଘର ଇତିହାସ ଓ ସଂଗଠନ ବ୍ୟବସ୍ଥା ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଉପସଭାପତି ଡି. ଜ୍ୟୋତି ରଞ୍ଜନ ଆଚାରୀ ସଂଯୋଜନା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ଦାଶ, ଜିଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ଉପସଭାପତି ସରୋଜ କୁମାର ମହାନ୍ତି, ପ୍ରଶାନ୍ତ କୁମାର ମହାରଣା, ଜିଲା ସମ୍ପାଦକ ଶିବ ପ୍ରସାଦ ସାହୁ, କୋଷାଧ୍ୟକ୍ଷ ଭାସ୍କର ବେହେରା ପ୍ରମୁଖ ମଞ୍ଚାସିନ ରହିଥିଲେ। ସାମ୍ବାଦିକ ସୁରକ୍ଷା ଆଇନ ଓ ପୂର୍ବରୁ ଦାବି ହୋଇ ଆସୁଥିବା ସାମ୍ବାଦିକ ମାନଙ୍କ ପାଇଁ ବିଭିନ୍ନ ଆନୁସାଙ୍ଗିକ ବ୍ୟବସ୍ଥା ନେଇ ସରକାର ପଦକ୍ଷେପ ନେବାକୁ ଜିଲା କର୍ମକର୍ତ୍ତା ମାନେ ଦାବି ରଖିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂଘର ସଦସ୍ୟମାନେ ବୈଠକରେ ଯୋଗଦେଇଥିଲେ। ଆସନ୍ତା ଅଗଷ୍ଟରେ ଜିଲା କାର୍ଯ୍ୟକାରିଣୀ ବୈଠକ ବ୍ରହ୍ମପୁରରେ ଆୟୋଜନ ପାଇଁ ସ୍ଥିର କରାଯାଇଥିଲା। ଜିଲା ସମ୍ପାଦକ ଶିବ ପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ।

## ୨୫ରେ ଟାକେରାରେ ସେବା ଉତ୍ସବ

ଦଶପଲ୍ଲା, ୨୩।୬ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ଅଧୀନ ଟାକରାଠାରେ ଆସନ୍ତା ୨୫ ତାରିଖରେ ଟାକରା ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଉତ୍ସର୍ଗ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ସେବା ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସକାଳେ ମଶାଲ ଶୋଭାଯାତ୍ରା ପରେ ଚାରାରୋପଣ କାର୍ଯ୍ୟକ୍ରମ ସହ ଅପରାହ୍ନରେ ସେବା ଉତ୍ସବ ହେବ। ଯେଉଁଥିରେ ଅଞ୍ଚଳର ଗରିବ, ଅସହାୟ, ଭିନ୍ନକ୍ଷମ, ବୃଦ୍ଧାମାନଙ୍କୁ ଶୁଖିଲା ଖାଦ୍ୟ, ବସ୍ତ୍ର, ଛତା, କମ୍ବଳ, ଚପଲ ଭଳି ନିତ୍ୟ ବ୍ୟବହାର ସାମଗ୍ରୀ ବଣ୍ଟନ କରାଯିବା ସହ କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ କଳାକୃତୀ ସହ ଜଡ଼ିତ ଥିବା ସ୍ଥାନୀୟ ଅଞ୍ଚଳର ଯୁବଗୋଷ୍ଠୀ ଓ ଛୋଟ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବାକୁ ଥିବା ଟ୍ରଷ୍ଟର ସମ୍ପାଦକ ନିହାର ରଞ୍ଜନ ମହାନ୍ତି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ କରିବାକୁ ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ସନ୍ତୋଷ କୁମାର ସାହୁ, ସମ୍ବିତ ଭଞ୍ଜ, ମାନସ କୁମାର ପରିଡ଼ା, ଚନ୍ଦନେଶ୍ୱର ଦାଶ, ରବି ନାରାୟଣ ସାହୁ, କୁନା ବେହେରା ପ୍ରମୁଖ ଦାୟିତ୍ୱ ନେଇଥିବା ଟ୍ରଷ୍ଟର ସଭ୍ୟ ଚନ୍ଦ୍ରଶେଖର ନାଏକ କହିଛନ୍ତି। ସେବା ଉତ୍ସବ ସହ ଆଗାମୀଦିନରେ ରକ୍ତଦାନ ଶିବିରର ଆୟୋଜନ ସହ ଦଶପଲ୍ଲାର ଆଭ୍ୟନ୍ତରୀଣ ଅଞ୍ଚଳଗୁଡିକରେ ସ୍ୱାସ୍ଥ୍ୟ ଶିବିର ସହ ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଟ୍ରଷ୍ଟର ଅଧ୍ୟକ୍ଷ ପ୍ରିୟବ୍ରତ ଆଚାର୍ଯ୍ୟ କହିଛନ୍ତି। ଲୋକଙ୍କ ସମସ୍ୟାକୁ ପ୍ରଶାସନ ନଜରକୁ ଆଣିବାକୁ ସମ୍ପୂର୍ଣ୍ଣ ଚେଷ୍ଟା ଟ୍ରଷ୍ଟ କରିବ ବୋଲି ଟ୍ରଷ୍ଟର ସଭ୍ୟ ମନ୍ମଥ ସାହୁ ଓ କୃଷ୍ଣଚନ୍ଦ୍ର ରଣା କହିଛନ୍ତି।

## ୨୨ ଅଭିଯୋଗ ଶୁଣିଲେ ଜିଲାପାଳ

ପାରଳାଖେମଣ୍ଡି,୨୩।୬(ଗିରିଧାରୀ ପରିଛା)

ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ କିଡିଗାଁ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ କୁମାର ଦାଶ ୨୨ଟି ଅଭିଯୋଗର ଶୁଣାଣି କରିଥିଲେ। ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା ଓ ଉପଜିଲାପାଳ ଅନୁପ ପଣ୍ଡା, କାଶୀନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ବାଲା ସାୟମା, ବିଡିଓ ଉମ୍ବରୁଧର ମଲ୍ଲିକ, ତହସିଲଦାର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମହମ୍ମଦ ମୁବାରଖ ଆଲ୍ଲୀ, ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ସୋନ୍ତୋଷ ନାୟକଙ୍କ ସହ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। କିଡିଗାଁ ପଞ୍ଚାୟତ ସମେତ ହାଡଭାଙ୍ଗି, ଗୋରିବନ୍ଧା ଓ ଶିଆଳି ପଞ୍ଚାୟତ ୨୨ଟି ଅଭିଯୋଗ ଶୁଣାଣି ପାଇଁ ଆସିଥିଲା। ସେଥିରୁ ବ୍ୟକ୍ତିଗତ ୯ଟି ଓ ଗ୍ରାମ ସମସ୍ୟାଭିତ୍ତିକ ୧୩ଟି ଅଭିଯୋଗ ଥିଲା। ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଦୁର୍ଘଟଣାଜନିତ ମୃତ୍ୟୁକୁ ନେଇ ସନ୍ଦେହ

ଓଡଗାଁ, ୨୩।୬
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଥାନା ପାଣ୍ଡେରିପଡ଼ା ପଞ୍ଚାୟତର ପବିତ୍ର ସାହୁ (୫୦)ଙ୍କ ସୋମବାର ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା କୁହାଯାଉଥିବାବେଳେ ପାରିପାର୍ଶ୍ୱିକ ଅବସ୍ଥାକୁ ଲକ୍ଷ୍ୟ କଲେ ଓ ସ୍ଥାନୀୟ ଲୋକ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ ପ୍ରକାଶ କରିଛନ୍ତି। ପବିତ୍ର ଭୁବନେଶ୍ୱରରେ ରହି ରଙ୍ଗର ମିସ୍ତ୍ରି ଭାବେ କାମ କରନ୍ତି। କିଛିଦିନ ହେଲା ଗାଁକୁ ଆସି ୪ରୁ୫ ଦିନ ପୂର୍ବେ ଝିଅର ବାହାଘର କରିଥିଲେ। କଇଁଠପଲ୍ଲୀ ମଦନପୁର ରାସ୍ତାର ଡହଙ୍ଗୀ ମୋଡ଼ରେ ସୋମବାର ଅପରାହ୍ନରେ ବାଇକ୍ ସହ ପବିତ୍ର ନିଶ୍ଚେତ ଅବସ୍ଥାରେ ପଡ଼ିଥିଲେ। ଖବର ପାଇବା ପରେ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ଦେଖିଲା ବେଳକୁ ପବିତ୍ରଙ୍କ ମୃତ୍ୟୁ ହୋଇଛି। ତେବେ ତାଙ୍କ ଶରୀରରେ ସାମାନ୍ୟ ରାଞ୍ଜୁଡା ଦାଗ ଦେଖିବାକୁ ମିଳିଥିଲା ବେଳେ ମୁଖ୍ୟ ଅଙ୍ଗଗୁଡ଼ିକରେ କୌଣସି କ୍ଷତ ଦେଖିବାକୁ ମିଳି ନ ଥିଲା। ପରିବାର ଲୋକ ସନ୍ଧ୍ୟାରେ ମୃତଦେହକୁ ଓଡ଼ଗାଁ ଡାକ୍ତରଖାନାକୁ ଆଣିଥିଲେ। ଖବର ପାଇ ପୋଲିସ ଡାକ୍ତରଖାନାରୁ ମୃତଦେହକୁ ଜବତ କରିଛି। ରାତି ହୋଇଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ। ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

## ନୂତନ ଅଧ୍ୟକ୍ଷାଙ୍କୁ ଶୁଭେଚ୍ଛା ଜଣାଇଲା ଏବିଭିପି



ନୂତନ ଅଧ୍ୟକ୍ଷାଙ୍କୁ ଏବିଭିପି କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଉଛନ୍ତି।

ଖଣ୍ଡପଡ଼ା,୨୩।୬(ଅଜୟ କୁମାର ମହାରଣା)

କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷା ଭାବେ ଡ. ନନ୍ଦିତା ବାରିକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଜ୍ୟ କାର୍ଯ୍ୟାଳୟ ସମ୍ପାଦକ ବୃନ୍ଦାବନ ପ୍ରଧାନ, ନୟାଗଡ଼ ଜିଲା ସଂଯୋଜକ ମଙ୍ଗୁଳି ବେହେରା, ମିଲନ ପ୍ରଧାନ, ଅମିତାଂଶୁ ମହାରଣା ଓ ମୁନା ନାୟକ ପ୍ରମୁଖ ଉପସ୍ଥିତରେ ଲୋକମାତା ରାଣୀ ଅହିଲ୍ୟାବାଈ ହୋଲକରଙ୍କ ପୁସ୍ତକ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ମହାବିଦ୍ୟାଳୟକୁ ନୂତନ ଉନ୍ନତି, ଗୁଣବତ୍ତା ଓ ସାମାଜିକ ସଚେତନତାର ସହିତ ଗଢ଼ି ତୋଳିବାକୁ ଅଧ୍ୟକ୍ଷାଙ୍କ ସହ ଅଲୋଚନା କରିଛନ୍ତି।

# ଅରୁଣାଙ୍କୁ ମିଳୁନି ଭିନ୍ନକ୍ଷମ ସାର୍ଟିଫିକେଟ

ପାରଳାଖେମୁଣ୍ଡି,୨୩।୬(ଗିରିଧାରୀ ପରିଛା)

**ଆଧାରକାର୍ଡ ସାଜିଛି ବାଧକ**



ଗଜପତି ଜିଲା ଗୋଷାଣୀ ବ୍ଲକ ଗୁରାଣ୍ଡି ବଢେଇ ସାହିର ଅରୁଣା (୧୩) ଜନ୍ମରୁ ଦୃଷ୍ଟିବାଧିତ ସହ ଶାରୀରିକ ଭାବେ ଭିନ୍ନକ୍ଷମ। ପରିବାର କହିଲେ ମା' ଲକ୍ଷ୍ମୀ ଦେବୀ, ବାପା ବୁଢୁ ଲୋକେଶ ଓ ଝିଅ ଅରୁଣା। ପୂର୍ବରୁ ଲଡୁକେଶ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ମାତ୍ର କମ୍ପାନୀ ବନ୍ଦ ହୋଇଯିବାରୁ ସେ ଏବେ ବେକାର। ଝିଅର ଭିନ୍ନକ୍ଷମ ସାର୍ଟିଫିକେଟ ପାଇଁ ମାଆ ବାପା ବ୍ଲକର ବିଡ଼ିଓଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡିଦୌଡି ନୟାନ୍ତ ହେଲେଣି। ଏହା ସତ୍ତ୍ୱେ ଏଯାଏ ଅରୁଣାଙ୍କୁ ଭିନ୍ନକ୍ଷମ ସାର୍ଟିଫିକେଟଟିଏ ମିଳିପାରିନାହିଁ। ଫଳରେ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଛନ୍ତି ଅରୁଣା।

ପ୍ରଶାସନ ଅରୁଣାଙ୍କ ଆଧାର କାର୍ଡ ନ ଥିବା ଦର୍ଶାଇ ସହାୟତା ପ୍ରଦାନ କରୁ ନ ଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ଅରୁଣା ଚାଲିପାରନ୍ତିନି କି ବସିପାରନ୍ତିନି। ଏଥିଯୋଗୁ ତାଙ୍କର ଆଧାର କାର୍ଡ ହୋଇପାରିନି। ତାଙ୍କ ଆଧାରକାର୍ଡ କରିବାକୁ ସରକାରୀ ଅଧିକାରୀ ଘରକୁ ଯାଇଥିଲେ ମଧ୍ୟ ଅରୁଣାଙ୍କ ଆଖି ଦିଶୁ ନ ଥିବା ହେତୁ ତାଙ୍କର ଆଧାର କାର୍ଡ ହୋଇପାରିନାହିଁ। ଏଭଳି ଅସହାୟ ପିଲାଙ୍କ ପାଇଁ ତାଙ୍କୁ ଘରେ ରହି ସେବା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରି ତାଙ୍କୁ ତୁରନ୍ତ ଆଧାର କାର୍ଡ ଓ ଭିନ୍ନକ୍ଷମ ସାର୍ଟିଫିକେଟ ଦେବା ଲାଗି ପ୍ରଶାସନ ପଦକ୍ଷେପ ନେବାକୁ କହିଛନ୍ତି।

# ବିଭିନ୍ନ ସ୍ଥାନରେ ବଳିଦାନ ଦିବସ ପାଳିତ

ଭଞ୍ଜନଗର /କ.ନୂଆଗାଁ/ ଫୁଲବାଣୀ,୨୩।୬ (କାଳି ପ୍ରସାଦ ତ୍ରିପାଠୀ/ ବାବୁଲା ପ୍ରଧାନ/ ରାକେଶ କୁମାର ରାଉତ)

କ. ନୂଆଗାଁସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ସୋମବାର ଡା.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସକୁ ବଳିଦାନ ଦିବସ ରୂପେ ପାଳନ କରାଯାଇଛି। ଜୟବାନ ଦିଗାଲଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଗୁରୁରମ ପାତ୍ର, ସମ୍ମାନୀତ ଅତିଥି ସୁବାସ ଚନ୍ଦ୍ର ବିଶି ମାଝୀ, ଉଦ୍ଧବ ଦିଗାଲ ଯୋଗଦେଇ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୀବନୀ ଉପରେ ବକ୍ତବ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ତ୍ତିକ ପ୍ରଧାନ, ବିଭୂତି ଭୂଷଣ ସାହୁ, ଶରତ ବିସିମାଝି, ଟୁଟୁ ପ୍ରଧାନଙ୍କ ସହ ମଣ୍ଡଳର ଭାଜପା କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।





ଗଞ୍ଜାମ ଜିଲା ଭଞ୍ଜନଗରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଫୁଲବାଣୀ ଭାଜପା ଗ୍ରାମୀଣ ମଣ୍ଡଳ ପକ୍ଷରୁ ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ସୋମବାର ପାଳିତ ହୋଇଛି। ଗ୍ରାମୀଣ ମଣ୍ଡଳ ସଭାପତି ଗୋଲକ ବିହାରୀ କହଁରଙ୍କ ପୌରୋହିତ୍ୟରେ ଗୁମାଗଡ଼ ପଞ୍ଚାୟତ କାର୍ଯ୍ୟାଳୟଠାରେ ହୋଇଥିବା କାର୍ଯ୍ୟକ୍ରମରେ ଫୁଲବାଣୀର ପୂର୍ବତନ ଗ୍ରାମୀଣ ମଣ୍ଡଳ ସଭାପତି ବକ୍ତା ଭାବେ ଯୋଗଦେଇ ଡ. ଶ୍ୟାମାପ୍ରସାଦଙ୍କ ଜୀବନାଦର୍ଶ, ତାଙ୍କ କାର୍ଯ୍ୟ ଶୈଳୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଲଳିତ ଦିଗାଲ, ବିଧାୟକଙ୍କ ସ୍ୱାସ୍ଥ୍ୟ ପ୍ରତିନିଧି କରୁଣାକର ସାହୁ, ଗୁମାଗଡ଼ ପଞ୍ଚାୟତ ପ୍ରମୁଖ ରାମଚନ୍ଦ୍ର କହଁର, ରାଜେଶ ଦିଗାଲ ଉପସ୍ଥିତ ଥିଲେ।

ସେହିପରି ଗଞ୍ଜାମ ଜିଲା ଭଞ୍ଜନଗର ନୂଆ କୋର୍ଟ କୋଠା ପରିସରରେ ସୋମବାର ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏଥିରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୀବନୀ କାର୍ଯ୍ୟ ଓ ତାଙ୍କ ଚିନ୍ତାଧାରା ଉପରେ ଆଲୋକପାତ କରିଥିଲେ। ଭଞ୍ଜନଗର ଭାଜପା ସାଂଗଠନିକ ଜିଲା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି ନୀଳମାଧବ ପାତ୍ର ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ପ୍ରତିନିଧି ସନ୍ତୋଷ ତିଆଡ଼ି, ରବୀନ୍ଦ୍ର ଗୌଡ଼, ମାନସ ଜେନା, ସନ୍ତୋଷ ପାଳ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଇରାନରେ ଆକ୍ରମଣ ପାଇଁ ଆମେରିକା ଭାରତୀୟ ବାୟୁସୀମା ବ୍ୟବହାର କରିଥିବା ଖବରକୁ କେନ୍ଦ୍ରର ଖଣ୍ଡନ

ନୂଆଦିଲ୍ଲୀ,୨୩।୬

ଇରାନର ୩ ଆଣବିକ ସ୍ଥଳ ଉପରେ ଆକ୍ରମଣ କରିବା ପାଇଁ ଆମେରିକାର ଯୁଦ୍ଧବିମାନ ଭାରତୀୟ ବାୟୁସୀମା ବ୍ୟବହାର କରିଥିଲା ବୋଲି କେତେକ ନିର୍ଦ୍ଦିଷ୍ଟ ସୋସିଆଲ ମିଡିଆରେ ଖବର ପ୍ରକାଶ ପାଇଥିଲା। ଏହା ମିଛ ଖବର କହି କେନ୍ଦ୍ର ସରକାର ଖଣ୍ଡନ କରିଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ପ୍ରେସ୍ ଇନ୍‌ଫର୍ମେଶନ ବ୍ୟୁରୋ (ପିଆଇବି)ର ସତ୍ୟତା ଯାଞ୍ଚ ବିଭାଗ ଅନୁଧ୍ୟାନ କରିବା ପରେ ଆମେରିକା ଭାରତୀୟ ବାୟୁସୀମା ବ୍ୟବହାର କରି ନ ଥିବା କହିଛି। ଆମେରିକୀୟ ଯୁଦ୍ଧବିମାନ କେଉଁ ରୁଟ୍ ବ୍ୟବହାର କରିଥିଲା, ସେନେଇ ଏହାର ଜଏଣ୍ଟ ଚିଫ୍‌ସ ଅଫ୍ ଷ୍ଟାଫ୍ ମୁଖ୍ୟ ଜେନେରାଲ ଡାନ୍ କେଇନ୍ ଗଣମାଧ୍ୟମକୁ ଜଣାଇଛନ୍ତି।

### ୩ ବିଧାୟକଙ୍କୁ ବହିଷ୍କାର କଲା ଏସ୍‌ପି

ଲକ୍ଷ୍ନୌ, ୨୩।୬

ସମାଜବାଦୀ ପାର୍ଟି (ଏସ୍‌ପି) ସୋମବାର ନିଜର ୩ ବିଧାୟକଙ୍କୁ ବହିଷ୍କାର କରିଛି। ଦଳର ମୂଳ ନୀତିକୁ ଉଲ୍ଲଂଘନ କରି ସାମ୍ପ୍ରଦାୟିକ ଏବଂ ବିଭାଜନକାରୀ ରାଜନୀତିକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗରେ ଏସ୍‌ପି ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ଗୋସାଇଗଞ୍ଜ ବିଧାୟକ ଅଭୟ ସିଂ, ଗୌରୀଗଞ୍ଜ ବିଧାୟକ ରାକେଶ ପ୍ରତାପ ସିଂ ଏବଂ ଉନ୍‌ଚହର ବିଧାୟକ ମନୋଜ କୁମାର ପାଣ୍ଡେ ଏସ୍‌ପିରୁ ବହିଷ୍କୃତ ହୋଇଛନ୍ତି। ଗତ କିଛି ଦିନ ଧରି ଏହି ୩ ବିଧାୟକ କେନ୍ଦ୍ରର କୃଷକ ବିରୋଧୀ, ମହିଳା ବିରୋଧୀ, ଯୁବ ବିରୋଧୀ ନୀତିକୁ ସମର୍ଥନ କରିଆସୁଥିଲେ ବୋଲି ଏସ୍‌ପି ପକ୍ଷରୁ ଏକ୍ସ'ରେ କୁହାଯାଇଛି।

### କମ୍ ମାର୍କ ଆଣିଥିବାରୁ ଝିଅକୁ ପିଟି ମାରିଦେଲେ



ଧୋଣ୍ଡିରାମ ଓ ସାଧନା

ସାଙ୍ଗଲି, ୨୩।୬

ମେଡିକାଲ ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି)ର ମକ୍‌ଟେଷ୍ଟରେ କମ୍ ନମ୍ବର ଆଣିଥିବାରୁ ମହାରାଷ୍ଟ୍ରର ସାଙ୍ଗଲି ଜିଲାରେ ଜଣେ ଶିକ୍ଷକ ଧୋଣ୍ଡିରାମ ଭୋଁସ୍‌ଲେ ନିଜ ଝିଅ ସାଧନା ଭୋଁସ୍‌ଲେ (୧୭)ଙ୍କୁ ଏକ ବାଡ଼ିରେ ପିଟି ହତ୍ୟା କରିଛନ୍ତି। ବାପାଙ୍କ ମାଡ଼ରେ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ସାଧନାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ରବିବାର ଘଟଣାକୁ ନେଇ ସାଧନାଙ୍କ ମା' ନିଜ ସ୍ୱାମୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ସୋମବାର ପୋଲିସ ଧୋଣ୍ଡିରାମଙ୍କୁ ଗିରଫ କରିଛି।

# ଇରାନ ଆଣବିକ ସ୍ଥଳ, ଜେଲରେ ଇସ୍ରାଏଲ୍‌ର ଆକ୍ରମଣ

## ଜେରୁଜେଲମ୍‌ରେ ତେହରାନ୍‌ର ମିଶାଇଲ ମାଡ଼

ତେଲ୍ ଆଭିଭ୍/ତେହରାନ,୨୩।୬

ଇରାନର ୩ଟି ନ୍ୟୁକ୍ଲିୟର ଫାସିଲିଟି ଉପରେ ଆମେରିକା ଜୋର୍‌ଦାର ଆକ୍ରମଣ କରିବାର ଦିନକ ପରେ ସୋମବାର ଇସ୍ରାଏଲ୍ ପୁନର୍ବାର ତେହରାନ୍‌ର ଆଣବିକ ସ୍ଥଳକୁ ଟାର୍ଗେଟ କରିଛି। ଆମେରିକା ରବିବାର ଇରାନର ୩ ଆଣବିକ ସ୍ଥଳ ଉପରେ ଶକ୍ତିଶାଳୀ ବଙ୍କର ବଷ୍ଟର ବୋମାମାଡ଼ କରିବାରୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହି ଆକ୍ରମଣ ପରେ ତେହରାନ୍ ସୋମବାର ଇସ୍ରାଏଲ୍ ଉପରେ ପ୍ରବଳ ମିଶାଇଲ୍ ମାଡ଼ କରିଥିଲା। ଜେରୁଜେଲମ୍‌ରେ ବିସ୍ଫୋରଣ ଶବ୍ଦ ଶୁଣାଯିବା ସହ ଉତ୍ତର ଇସ୍ରାଏଲ୍‌ରେ ସାଇରନ୍ ବାଜିଥିଲା। ଦକ୍ଷିଣ ଭାଗରେ ଥିବା ଆଶ୍‌ଡୋଡ୍‌ରେ ମଧ୍ୟ ମିଶାଇଲ ମାଡ଼ ହୋଇଥିବା ଇରାନ ସେନା ସ୍ପଷ୍ଟ କରିଛି। ଫଳରେ ଉତ୍ତେଜନା ବଢ଼ିବା ସହ ଇସ୍ରାଏଲୀ ଡିଫେନ୍ସ ଫୋର୍ସ ଏହାର ଜବାବ ଦେବାକୁ ଯାଇ ଫରଦୋ ନ୍ୟୁକ୍ଲିୟର ସାଇଟ୍ ଉପରେ ସାନି ଆକ୍ରମଣ କରିବା ସହ ତେହରାନରେ ଥିବା ଇରାନ ସରକାରଙ୍କ ବିଭିନ୍ନ ପ୍ରତିଷ୍ଠାନ ଏବଂ ଜେଲ ଉପରେ ଆକ୍ରମଣ କରିଛି।

ଅଣୁଅସ୍ତ୍ର ସ୍ତର ପାଖାପାଖି ୟୁରାନିୟମ୍‌କୁ ଏନ୍‌ରିଚ୍‌ମେଣ୍ଟ କରିବା କ୍ଷମତା ଫର୍‌ଦୋ ନ୍ୟୁକ୍ଲିୟର ଫାସିଲିଟିର ରହିଛି। ଏହା ଭୂପୃଷ୍ଠଠାରୁ ୮୦ରୁ ୯୦ ମିଟର ତଳେ ରହିଥିବାରୁ ଏହାକୁ ଭେଦ କରିବା ପାଇଁ ଆବଶ୍ୟକ ଅସ୍ତ୍ର କେବଳ ଆମେରିକା ପାଖରେ ରହିଛି। ଆମେରିକାର 'ଅପରେଶନ ମିଡ୍‌ନାଇଟ୍ ହାମର'ର ପ୍ରଭାବ ସମ୍ପର୍କରେ ଏହାର ପ୍ରତିରକ୍ଷା ଅଧିକାରୀମାନେ ଏପର୍ଯ୍ୟନ୍ତ ନିର୍ଣ୍ଣୟ କରି ନ ଥିବାବେଳେ ବୋମାମାଡ଼ ଯୋଗୁ ଫର୍‌ଦୋ ଭୂତଳ ଅଞ୍ଚଳର ଉଲ୍ଲେଖନୀୟ କ୍ଷତି ହୋଇଥାଇପାରେ ବୋଲି ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) କହିଛି। ୩ ଆଣବିକ ସ୍ଥଳକୁ ଟାର୍ଗେଟ କରିବା ପାଇଁ ଆମେରିକା ୩୦,୦୦୦ ପାଉଣ୍ଡ ବଙ୍କର-ବଷ୍ଟର ବୋମା ବ୍ୟବହାର କରିଥିଲା। ତେବେ ଏହା ପୂର୍ବରୁ ତେହରାନ ଉକ୍ତ ସ୍ଥଳରୁ ଆଣବିକ ସାମଗ୍ରୀ ଅନ୍ୟତ୍ର ନେଇଯାଇଥିଲା ବୋଲି କେତେଜଣ ଇରାନୀୟ ଅଧିକାରୀ ଏବଂ ସେଠାର ଆଣବିକ ଶକ୍ତି ସଂଗଠନ ମୁଖପାତ୍ର ବେହରୋଜ କମଲଭାଣ୍ଡି କହିଛନ୍ତି। ଆଣବିକ ଉପକରଣ ଏବଂ ସାମଗ୍ରୀଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ଇସ୍ରାଏଲ୍ ସ୍ୱତନ୍ତ୍ର ପଦକ୍ଷେପ ଆପଣାଇବ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରୀ ଆବ୍ବାସ ଆରାଘଚି ପୂର୍ବରୁ ସୂଚନା ଦେଇଥିବା ଆଇଏଇଏ ମୁଖ୍ୟ ରାଫେଲ ଗ୍ରୋସି ଏହାର ଗଭର୍ନର ବୋର୍ଡକୁ ସୋମବାର କହିଛନ୍ତି।

ଇରାନର ଆକ୍ରମଣ ପରେ ଇସ୍ରାଏଲୀ ସେନା ତେହରାନରେ ଥିବା ଦୁର୍ଦ୍ଧର୍ଷ ଏଭିନ୍ ଜେଲ ଉପରେ ଆକ୍ରମଣ କରିବା ସହ ରିଭଲ୍ୟୁଶନାରି ଗାର୍ଡ୍ସର ସୁରକ୍ଷା ମୁଖ୍ୟାଳୟକୁ ଟାର୍ଗେଟ କରିଛି। ଆକ୍ରମଣ ପାଇଁ ଇରାନର ଏକଚ୍ଛତ୍ରବାଦୀ ଶାସକ ଦଣ୍ଡିତ ହେବେ ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଇରାନ ସୋମବାରର ଆକ୍ରମଣକୁ ଅପରେଶନ ଟ୍ରୁ ପୋମିଜ୍-୩ ବୋଲି କହିଛି। ଏହା ଇସ୍ରାଏଲ୍‌ର ହାଇଫା ଏବଂ ତେଲ୍ ଆଭିଭ୍‌କୁ ଟାର୍ଗେଟ କରିଥିବା ଇରାନ ସରକାରଙ୍କ ଟେଲିଭିଜନରେ ପ୍ରସାରିତ ଖବରରୁ ଜଣାପଡ଼ିଛି।


ତେହରାନ୍‌ର ଏଭିନ୍ ଜେଲ ଉପରେ ଇସ୍ରାଏଲୀ ସେନା ବୋମାମାଡ଼ କରିଛି।


ଇରାନର ଆକ୍ରମଣ ଭୟରେ ତେଲ୍ ଆଭିଭରେ ଥିବା ଏକ ଭୂତଳ ପାର୍କିଂ ସ୍ଥଳରେ ଲୋକେ ଆଶ୍ରୟ ନେଇଛନ୍ତି।

### କାଳୀଗଞ୍ଜରେ ବୋମା ବିସ୍ଫୋରଣ: ନାବାଳିକା ମୃତ

କୋଲକାତା,୨୩।୬

ପଶ୍ଚିମବଙ୍ଗର ନଦିଆ ଜିଲା ଅନ୍ତର୍ଗତ କାଳୀଗଞ୍ଜଠାରେ ସୋମବାର ଅପରାହ୍ନରେ ଏକ ବୋମା ବିସ୍ଫୋରଣରେ ଜଣେ ୧୩ ବର୍ଷୀୟ ବାଳିକାଙ୍କ ମୃତ୍ୟୁ ଘଟିଛି। କାଳୀଗଞ୍ଜ ଆସନ ପାଇଁ ଭୋଟଗଣତି ଚାଲିଥିବାବେଳେ ବରୋଚାନ୍ଦଗରଠାରେ ବିସ୍ଫୋରଣ ଘଟିଥିଲା। ଅପରାଧୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

### ମୁମ୍ବାଇ ଶୁଟିଂ ସେଟ୍‌ରେ ନିଆଁ

ମୁମ୍ବାଇ,୨୩।୬

ମୁମ୍ବାଇର ଗୋରେଗାଁଓ ଇଷ୍ଟ ଫିଲ୍ମ ସିଟିରେ ସୋମବାର ସକାଳେ ଲୋକପ୍ରିୟ ଟେଲିଭିଜନ ଧାରାବାହିକ 'ଅନୁପମା'ର ଶୁଟିଂ ଚାଲିଥିବାବେଳେ ଶୁଟିଂ ସେଟ୍‌ରେ ନିଆଁ ଲାଗିଯାଇଥିଲା। ମରାଠୀ ବିଗ୍ ବସ୍ ସେଟ୍ ପଛପଟେ ଥିବା ଟେଣ୍ଟରେ ନିଆଁ ଲାଗିଥିବାବେଳେ ଅଗ୍ନିଶମ କର୍ମଚାରୀ ପହଞ୍ଚି ଏହାକୁ ଆୟତ୍ତ କରିଛନ୍ତି। ଏଥିରେ କେହି ଆହତ ହୋଇନାହାନ୍ତି। ନିଆଁ ଯୋଗୁ ପ୍ରାୟ ୫,୦୦୦ ବର୍ଗଫୁଟ୍ ଅଞ୍ଚଳ ପ୍ରଭାବିତ ହୋଇଥିବା ଆକଳନ କରାଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ତଦନ୍ତ ଜାରି ରହିଛି।

### ବନ୍ଦେ ଭାରତ ଟ୍ରେନ୍‌ରେ ଯାତ୍ରୀଙ୍କୁ ମାଡ଼

#### ଭାଜପା ବିଧାୟକଙ୍କ ସହ ଆସନ ବଦଳାଇବାକୁ ମନା କରିଥିଲେ

ଝାନ୍ସି, ୨୩।୬

ନୂଆଦିଲ୍ଲୀରୁ ଭୋପାଳ ଯାଉଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ରେ ଜଣେ ଯାତ୍ରୀଙ୍କୁ ମାଡ଼ ମରାଯାଇଥିବାର ମାମଲା ସାମ୍ନାକୁ ଆସିଛି। ଗଭର୍ନମେଣ୍ଟ ରେଲୱେ ପୋଲିସ (ଜିଆର୍‌ପି)ର ସୂଚନା ଅନୁଯାୟୀ, ଗତ ଗୁରୁବାର ସନ୍ଧ୍ୟାରେ ନୂଆଦିଲ୍ଲୀ-ଭୋପାଳ ବନ୍ଦେ ଭାରତ ଟ୍ରେନ୍‌ରେ ସିଟ୍ ବଦଳାଇବା ଏବଂ ଆପତ୍ତିଜନକ ଭାବେ ବସିବାକୁ ନେଇ ବିବାଦ ଦେଖାଦେଇଥିଲା। ଝାନ୍ସିର ବବିନାରୁ ବିଧାୟକ ରାଜୀବ ସିଂଙ୍କ ସହ ସିଟ୍ ବଦଳାଇବାକୁ ନେଇ ରାଜପ୍ରକାଶ ନାମକ ଜଣେ ଯାତ୍ରୀ ମନା କରିଥିଲେ। ଫଳରେ ରାଜୀବଙ୍କ ସମର୍ଥକମାନେ ରାଜପ୍ରକାଶଙ୍କୁ ମାଡ଼ ମାରିଥିଲେ। ଏହାର ଏକ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଘଟଣାକୁ ନେଇ ସୋମବାର ଭାଜପା ରାଜୀବଙ୍କୁ କାରଣ ଦର୍ଶାଇ ନୋଟିସ୍ ଜାରି କରିଛି। ତେବେ ରାଜପ୍ରକାଶ ପ୍ରଥମେ ତାଙ୍କୁ ଏବଂ ତାଙ୍କ ପରିବାରକୁ ଅଭଦ୍ର ବ୍ୟବହାର କରିଥିଲେ ବୋଲି ରାଜୀବ କହିଛନ୍ତି। ଘଟଣାକୁ ନେଇ ଝାନ୍ସିସ୍ଥିତ ଜିଆର୍‌ପି ତଦନ୍ତ ଜାରି ରଖିଛି।

### ଡ୍ରଗ୍ସ ମାମଲାରେ ଅଭିନେତା ଶ୍ରୀକାନ୍ତ ଗିରଫ

ଚେନ୍ନାଇ,୨୩।୬

ଡ୍ରଗ୍ସ କାରବାର ମାମଲାରେ ଗ୍ରେଟର ଚେନ୍ନାଇ ପୋଲିସ ସୋମବାର ତାମିଲ ଚଳଚ୍ଚିତ୍ର ଅଭିନେତା ଶ୍ରୀକାନ୍ତଙ୍କୁ ଗିରଫ କରିଛି। ୧୧ ଗ୍ରାମ କୋକେନ ସହ ଘାନା ନାଗରିକ ଜନ୍‌ଙ୍କୁ ଗିରଫ କରାଯାଇଥିବାବେଳେ ତାଙ୍କ ବୟାନ ଆଧାରରେ ପୋଲିସ ଶ୍ରୀକାନ୍ତଙ୍କୁ ଜେରା ପାଇଁ ନେଇଥିଲା। ଜନ୍‌ଙ୍କଠାରୁ ଶ୍ରୀକାନ୍ତ ଡ୍ରଗ୍ସ ସଂଗ୍ରହ କରୁଥିବା ସୂଚନା ମିଳିଛି।

### ଏକକ ମା'ଙ୍କ ପିଲାର ଓବିସି ସାର୍ଟିଫିକେଟ ପାଇଁ ନିୟମ ବଦଳିବା ଗୁରୁତ୍ୱପୂର୍ଣ୍ଣ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୩।୬ (ପି.ଟି.)


ନିର୍ଦ୍ଦିଷ୍ଟ ବର୍ଗର ଏକକ ମା'ଙ୍କ ପିଲାଙ୍କୁ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ସାର୍ଟିଫିକେଟ ଇସ୍ୟୁ ପାଇଁ ନିୟମାବଳୀରେ ସଂଶୋଧନ ହେବା ଗୁରୁତ୍ୱପୂର୍ଣ୍ଣ ବୋଲି ସୋମବାର ସୁପ୍ରିମକୋର୍ଟ କହିଛନ୍ତି। ଏଥିପାଇଁ ଗାଇଡ୍‌ଲାଇନ ଆଣିବାକୁ ସର୍ବୋଚ୍ଚ ଅଦାଲତ ପ୍ରସ୍ତାବ ଦେଇଛନ୍ତି, ଯାହା ଦ୍ୱାରା ପିତୃତ୍ୱ ପକ୍ଷର କାଗଜାତ ବିନା ଏକକ ମା'ଙ୍କ ପିଲା ସାର୍ଟିଫିକେଟ ପାଇପାରିବେ ବୋଲି ଜଷ୍ଟିସ୍ କେ.ଭି. ବିଶ୍ୱନାଥନ ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ କହିଛନ୍ତି। ପିଟିଶନ୍‌ର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୨କୁ ଧାର୍ଯ୍ୟ ହୋଇଛି। ଦିଲ୍ଲୀର ଜଣେ ମହିଳା କରିଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ଜାନୁଆରୀ ୩୧ରେ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କୁ ଜବାବ ମାଗିଥିଲେ। ସତ୍ୟପାଠ ଦାଖଲ ହୋଇଥିବା ନେଇ କେନ୍ଦ୍ର ସରକାରଙ୍କ ଓକିଲ ଜଣାଇଥିଲେ। ତେବେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ଅଧିକ ଶୁଣାଣି ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି।



## ପଞ୍ଜାବ, ଗୁଜରାଟରେ ଆପ୍‌କୁ ୨ ଆସନ

ନୂଆଦିଲ୍ଲୀ,୨୩।୬(ପି.ଟି.)

ଗତ ୧୯ ତାରିଖରେ ୪ ରାଜ୍ୟର ୫ ବିଧାନସଭା ଆସନ ଲାଗି ଉପନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ସୋମବାର ଭୋଟଗଣତି କରାଯାଇ ଫଳାଫଳ ପ୍ରକାଶ ପାଇଛି। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଗୁଜରାଟର ବିସାବଦ ଏବଂ ପଞ୍ଜାବର ଲୁଧିଆନା ପଶ୍ଚିମ ଆସନରେ ବିଜୟୀ ହୋଇଛି। ସେହିପରି କେରଳର ନିଲାମ୍ବୁର ଆସନକୁ ବାମ ସାମ୍ମୁଖ୍ୟଠାରୁ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ଛଡ଼ାଇଆଣିଛି। ଗୁଜରାଟର ଶାସକ ଭାଜପା କଡି ଆସନକୁ ବଜାୟ ରଖିଥିବାବେଳେ ପଶ୍ଚିମବଙ୍ଗ ନଦିଆ ଜିଲାର କାଳିଗଞ୍ଜ ଆସନ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ଯାଇଛି। ବିସାବଦ ଆସନରେ ଗୁଜରାଟ ଆପ୍‌ର ପୂର୍ବତନ ସଭାପତି ଗୋପାଳ ଇଟାଲିଆ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର କିରୀଟ ପଟେଲଙ୍କୁ ୧୭,୫୫୪ ଖଣ୍ଡ ଭୋଟରେ ପରାଜିତ କରିଥିବା ନିର୍ବାଚନ କମିଶନଙ୍କ ତଥ୍ୟରୁ ଜଣାପଡ଼ିଛି। ପଞ୍ଜାବର ଲୁଧିଆନା ପଶ୍ଚିମ ଆସନରେ ଆପ୍ ପ୍ରାର୍ଥୀ ସଞ୍ଜୀବ ଆରୋରା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଭରତଭୂଷଣ ଆଶୁଙ୍କୁ ୧୦,୬୩୭ ଭୋଟରେ ପରାଜିତ କରିଛନ୍ତି। କଡ଼ି ଆସନରେ ଭାଜପା ପ୍ରାର୍ଥୀ ରାଜେନ୍ଦ୍ର ଚାଭଡ଼ା କଂଗ୍ରେସର ରମେଶ ଚାଭଡ଼ାଙ୍କଠାରୁ ୩୯,୪୫୨ ଖଣ୍ଡ ଅଧିକ ଭୋଟ ପାଇ ଜିତିଛନ୍ତି। କେରଳର ନିଲାମ୍ବୁର ଆସନରେ ୟୁଡିଏଫ୍ ପ୍ରାର୍ଥୀ ଆର୍ଯ୍ୟଦନ ସୌକତ୍ ସିପିଆଇଏମ୍‌ର ଏମ୍. ସ୍ୱରାଜଙ୍କଠାରୁ ୧୧,୦୭୭ ଖଣ୍ଡ ଅଧିକ ଭୋଟ ପାଇ ଜିତିଥିବାବେଳେ ପିନାରାୟୀ ବିଜୟନଙ୍କ ନେତୃତ୍ୱାଧୀନ ଏଲ୍‌ଡିଏଫ୍ ସରକାରଙ୍କୁ ଶକ୍ତ ଧକ୍କା ଲାଗିଛି। ପଶ୍ଚିମବଙ୍ଗର କାଳୀଗଞ୍ଜରେ ଟିଏମ୍‌ସି ପ୍ରାର୍ଥୀ ଅଲିଫା ଅହମଦ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ଆଶିଷ ଘୋଷଙ୍କଠାରୁ ୫୦,୦୪୯ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି।


ପଶ୍ଚିମବଙ୍ଗର କାଳୀଗଞ୍ଜ ଆସନରେ ବିଜୟୀ ହେବା ପରେ ଟିଏମ୍‌ସି ପ୍ରାର୍ଥୀ ଅଲିଫା ଅହମଦ ଲୋକଙ୍କ ଗହଣରେ ବିଜୟ ସଙ୍କେତ ଦେଉଛନ୍ତି।

**ବିଧାନସଭା ଉପନିର୍ବାଚନ**

**କେରଳରେ କଂଗ୍ରେସ, ପଶ୍ଚିମବଙ୍ଗରେ ଟିଏମ୍‌ସି ବିଜୟୀ**

## ଫୁରସତ୍

### ଡିଏନ୍‌ଏ ବ୍ୟବହାରରେ ୧୦,୫୦୦ ବର୍ଷ ତଳର ମହିଳାଙ୍କ ଚେହେରା ସୃଷ୍ଟି

#### ଗେଣ୍ଟ ବିଶ୍ୱବିଦ୍ୟାଳୟ ଗବେଷକଙ୍କୁ ସଫଳତା

ବ୍ରସେଲ୍ସ

ବୈଜ୍ଞାନିକମାନେ ଡିଏନ୍‌ଏର ବ୍ୟବହାର କରି ୧୦,୫୦୦ ବର୍ଷ ତଳର ଜଣେ ମହିଳାଙ୍କ ଚେହେରା ସୃଷ୍ଟି କରିଛନ୍ତି। ମ୍ୟୁଜ୍ ଉପତ୍ୟକାରେ ବସବାସ କରୁଥିବା ଏହି ମହିଳାଙ୍କ ଆକୃତିକୁ ବେଲଜିୟମର ଗେଣ୍ଟ ବିଶ୍ୱବିଦ୍ୟାଳୟର ଗବେଷକମାନେ ପୁନଃନିର୍ମାଣ କରିବାରେ ସଫଳ ହୋଇଛନ୍ତି। ୧୯୮୮ ମସିହାରେ ବେଲଜିୟମର ଡିନାଣ୍ଟ ନିକଟସ୍ଥ ମାର୍ଗାକ୍ସ ଗୁମ୍ଫାରେ ମଧ୍ୟପ୍ରସ୍ତର ଯୁଗର ଜଣେ ମହିଳାଙ୍କ ଅବଶେଷ ମିଳିଥିଲା। ସେ ପଶ୍ଚିମ ୟୁରୋପର ଜଣେ ଶିକାରୀ ଭାବେ ନିଜ ଜୀବିକା ନିର୍ବାହ କରୁଥିଲେ ବୋଲି ଗବେଷକମାନେ କହିଛନ୍ତି।

ଡିଏନ୍‌ଏ ଅଧ୍ୟୟନରୁ ଏହି ମହିଳାଙ୍କ ଆଖି ନୀଳ ରହିଥିବା ଜଣାପଡ଼ିଛି। ତେବେ ବର୍ତ୍ତମାନ ସୁଦ୍ଧା ପଶ୍ଚିମ ୟୁରୋପରେ ପରୀକ୍ଷା କରାଯାଇଥିବା ମଧ୍ୟପ୍ରସ୍ତର ଯୁଗର ଅନ୍ୟ ବ୍ୟକ୍ତିଙ୍କ ଅପେକ୍ଷା ଏହି ମହିଳାଙ୍କ ରଙ୍ଗ କିଛିଟା ହାଲୁକା ରହିଛି। ଆନୁବଂଶିକ ଏବଂ ପ୍ରତ୍ନତାତ୍ତ୍ୱିକ ତଥ୍ୟର ମିଶ୍ରଣ ଦ୍ୱାରା ମହିଳାଙ୍କ ଚେହେରାର ପୁନଃଗଠନ ସମ୍ଭବ ହୋଇପାରିଥିଲା ବୋଲି ଗେଣ୍ଟ ବିଶ୍ୱବିଦ୍ୟାଳୟର ପ୍ରତ୍ନତତ୍ତ୍ୱବିତ୍ ଇସାବେଲ୍ ଡି ଗ୍ରୁଟ୍ କହିଛନ୍ତି। ଏହି ମହିଳାଙ୍କ ରଙ୍ଗ ହାଲୁକା ଥିବା ସହ ଖପୁରିରୁ କରାଯାଇଥିବା ଅନୁଧ୍ୟାନରୁ ସେ ୩୫ରୁ ୬୦ ବର୍ଷ ବଞ୍ଚିଥିବା ନେଇ ଜଣାପଡ଼ିଥିବା ଇସାବେଲ୍ କହିଛନ୍ତି। ଗେଣ୍ଟ୍ ବିଶ୍ୱବିଦ୍ୟାଳୟର ଅନ୍ୟତମ ବରିଷ୍ଠ ପ୍ରତ୍ନତତ୍ତ୍ୱବିତ୍ ଫିଲିପ୍ କ୍ରାମ୍ବେ କହିଛନ୍ତି, ଉକ୍ତ ମହିଳାଙ୍କ ଖପୁରିରୁ ଯଥେଷ୍ଟ ଭଲ ଗୁଣବତ୍ତାର ଡିଏନ୍‌ଏ ବାହାର କରାଯାଇଥିଲା, ଯାହା ତାଙ୍କ ଚେହେରାର ବିସ୍ତୃତ ପୁନଃନିର୍ମାଣରେ ସହାୟକ ହୋଇଥିଲା। ମ୍ୟୁଜ୍ ନଦୀ ଅବବାହିକାରେ ଖନନ ବେଳେ ସଂଗୃହୀତ ପ୍ରତ୍ନତାତ୍ତ୍ୱିକ ତଥ୍ୟକୁ ଭିତ୍ତିକରି ମହିଳାଙ୍କ ଚେହେରାରେ ଥିବା ଅଳଙ୍କାର ଏବଂ ଟାଟୁ ଭଳି ବିଭିନ୍ନ ବୈଶିଷ୍ଟ୍ୟକୁ ତିଆରି କରାଯାଇଛି।



### ଦିଲ୍‌ଜିତ ଦୋସାଞ୍ଜଙ୍କ ଉପରେ ପାଠ୍ୟକ୍ରମ

#### ଭାରତରେ ରିଲିଜ ହେବନି 'ସରଦାର ଜୀ ୩'

ଟରଣ୍ଟୋ/ମୁମ୍ବାଇ

କାନାଡାର ଟରଣ୍ଟୋ ମେଟ୍ରୋପଲିଟାନ ୟୁନିଭର୍ସିଟି (ଟିଏମ୍‌ୟୁ)ପକ୍ଷରୁ ପଞ୍ଜାବୀ ଗାୟକ ତଥା ଅଭିନେତା ଦିଲ୍‌ଜିତ ଦୋସାଞ୍ଜଙ୍କ ପାଇଁ ଉତ୍ସର୍ଗୀକୃତ ଏକ ପାଠ୍ୟକ୍ରମର ଘୋଷଣା କରାଯାଇଛି। ପପ୍ ସଂସ୍କୃତି ଉପରେ ଦିଲ୍‌ଜିତଙ୍କ ବୈଶ୍ୱିକ ପ୍ରଭାବକୁ ଅନୁସନ୍ଧାନ କରିବାକୁ ଥିବା ଏହି ପାଠ୍ୟକ୍ରମ ୨୦୨୬ ଶେଷ ଭାଗରେ ଆରମ୍ଭ ହେବ ବୋଲି ଟିଏମ୍‌ୟୁ କହିଛି। ରବିବାର ରାତିରେ ଏହି ଖବରକୁ ଦିଲ୍‌ଜିତ ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରିରେ ଶେୟାର କରିଥିଲେ। ବିଲବୋର୍ଡ କାନାଡାର ରିପୋର୍ଟ ଅନୁଯାୟୀ, ଏହି ପାଠ୍ୟକ୍ରମ ଟିଏମ୍‌ୟୁର କ୍ରିଏଟିଭ୍ ସ୍କୁଲରେ ଉପଲବ୍ଧ ହେବ। ଏହାସହ କାନାଡାରେ କୌଣସି ପଞ୍ଜାବୀ କଳାକାରଙ୍କ ଉପରେ କେନ୍ଦ୍ରିତ ଏହା ପ୍ରଥମ ପାଠ୍ୟକ୍ରମ ହେବ। ଏହି ପାଠ୍ୟକ୍ରମରେ ସଙ୍ଗୀତ କ୍ଷେତ୍ରରେ ଦିଲଜିତଙ୍କ କାର୍ଯ୍ୟ ସହ ସାଂସ୍କୃତିକ, ପ୍ରବାସୀ ପ୍ରାସଙ୍ଗିକତା ତଥା ବୈଶ୍ୱିକ ସ୍ତରରେ ତାଙ୍କର ବଢୁଥିବା ପ୍ରଭାବ ସମ୍ପର୍କରେ ଆଲୋଚନା କରାଯିବ। ଅନ୍ୟପକ୍ଷେ ରବିବାର ଦିଲଜିତ ନିଜର ପଞ୍ଜାବୀ ଫିଲ୍ମ 'ସରଦାର ଜୀ ୩'ର ଟ୍ରେଲରକୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଆସନ୍ତା ୨୭ରୁ ଏହି ଫିଲ୍ମ ବିଦେଶରେ ରିଲିଜ୍ ହେବ ବୋଲି ଦିଲ୍‌ଜିତ କ୍ୟାପ୍‌ଶନ୍‌ରେ ଲେଖିଛନ୍ତି। ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତରେ ପାକିସ୍ତାନୀ କଳାକାରଙ୍କ ଉପରେ କଟକଣା ଲାଗିଛି। 'ସରଦାର ଜୀ ୩' ଫିଲ୍ମରେ ପାକିସ୍ତାନୀ ଅଭିନେତ୍ରୀ ହନିଆ ଆମିର ଅଭିନୟ କରିଥିବାରୁ ଏହାକୁ ଭାରତରେ ରିଲିଜ୍ ନ କରିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ଟ୍ରେଲରରେ ହାନିଆଙ୍କ ସହ ଦିଲ୍‌ଜିତ ରୋମାନ୍ସ କରୁଥିବାର ନଜରକୁ ଆସିଥିବାରୁ ଏହାକୁ ନେଇ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଦିଲ୍‌ଜିତଙ୍କୁ ଟ୍ରୋଲ୍ କରିଛନ୍ତି। ସେହିପରି ଏହି ଫିଲ୍ମରେ ପାକିସ୍ତାନୀ ଅଭିନେତ୍ରୀଙ୍କୁ କାଷ୍ଟ କରିଥିବାରୁ ଆଗାମୀ ଦିନରେ ଦିଲ୍‌ଜିତ ଏବଂ 'ସରଦାର ଜୀ ୩' ଫିଲ୍ମ ନିର୍ମାତାଙ୍କ କୌଣସି ମଧ୍ୟ ଫିଲ୍ମ କିମ୍ବା ପ୍ରୋଜେକ୍ଟକୁ ଭାରତରେ ରିଲିଜ୍ ନ କରିବାକୁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସୋମବାର ଫେଡେରେଶନ ଅଫ୍ ୱେଷ୍ଟର୍ନ ଇଣ୍ଡିଆ ସିନେ ଏମ୍ପ୍ଲଇଜ୍ (ଏଫ୍‌ଡବ୍ଲ୍ୟୁଆଇସିଇ)ର ଅଧ୍ୟକ୍ଷ ବି. ଏନ୍. ତିୱାରୀ କହିଛନ୍ତି।



# କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ



## ପାଇଖାନା ନିର୍ମାଣରେ ହରିଲୁଟ ମାମଲା

■ ରିପୋର୍ଟ ଦାଖଲ କରିବାକୁ ଆର୍‌ଡବ୍ଲ୍ୟୁଏସ୍ଏସ୍ ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ନିର୍ଦ୍ଦେଶ

ଯାଜପୁର,୨୩।୬(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଜଳ ଓ ପରିମଳ ମିଶନ ଜରିଆରେ ୨୦୧୭-୧୮ ବର୍ଷରେ ପାଇଖାନା ନିର୍ମାଣରେ ବ୍ୟାପକ ହରିଲୁଟ ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗକୁ ଆଧାର କରି ବିଭାଗୀୟ ତଦନ୍ତ ହୋଇଥିଲା। ତଦନ୍ତ ରିପୋର୍ଟ ଆଧାରରେ ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ବେହେରାଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ଆବଶ୍ୟକ ତଦନ୍ତ ରିପୋର୍ଟ ଦାଖଲ ହୋଇ ନ ଥିବାରୁ ଭୁବନେଶ୍ୱର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ(ଆର୍‌ଡବ୍ଲ୍ୟୁଏସ୍ଏସ୍) ମଣ୍ଡଳ କାର୍ଯ୍ୟାଳୟର ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏହିକ୍ରମରେ ତୁରନ୍ତ ଆବଶ୍ୟକ କାଗଜପତ୍ର ଓ ପ୍ରମାଣ ଦସ୍ତାବିଜ ଦାଖଲ କରିବାକୁ ଯାଜପୁର ଆର୍‌ଡବ୍ଲ୍ୟୁଏସ୍ଏସ୍‌ର ମାର୍ଶାଲିଂ ଅଫିସରଙ୍କୁ ୨୧।୬।୨୦୨୫ରେ ନିର୍ଦ୍ଦେଶ ଜାରି କରିଛନ୍ତି। ପାଇଖାନା ଓ ବିଶୁଦ୍ଧ ଜଳଯୋଗାଣ କ୍ଷେତ୍ରରେ ଅବହେଳା କାରଣରୁ ଏବେ ଜିଲାରେ ଡାଇରିଆ ଓ ହଇଜା ଭଳି ମାରାତ୍ମକ ରୋଗ ବ୍ୟାପିଛି। ତେଣୁ ରାଜ୍ୟ ସରକାର ଏଥିପ୍ରତି ସଜାଗ ରହିବା ସହ ଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ପରିମଳ ଉପରେ ଗୁରୁତ୍ୱାରୋପ କରୁଛନ୍ତି।

ଅଭିଯୋଗ ଅନୁସାରେ ଗୋଟିଏ ପାଇଖାନାର ଫଟୋ ଦେଖାଇ ଏକାଧିକ ହିତାଧିକାରୀଙ୍କୁ ସାମିଲ କରାଯାଇଥିଲା। ଏହି ଦୁର୍ନୀତିର ପ୍ରତିବାଦ କରିବାରୁ ବ୍ଲକ ସଂଯୋଜକଙ୍କୁ ଚାକିରିରୁ ବହିଷ୍କାର ଧମକ ଦିଆଯାଇଥିଲା। ସମ୍ଭବ ଅନୁଷ୍ଠାନ ଗତ ୨୦୦୦ରୁ ଜିଲା ଜଳ ଓ ପରିମଳ ମିଶନ ସହଭାଗିତାରେ କାର୍ଯ୍ୟ କରି ଆସୁଥିଲା। ୧୭।୩।୨୦୧୬ରେ ବ୍ଲକ ସଂଯୋଜକ ରଶ୍ମିରଞ୍ଜନ ସେଠୀ ଚଣ୍ଡିତଳ ଗ୍ରାମ ପଞ୍ଚାୟତର ଅନ୍‌ଲାଇନ୍ ଫଟୋ ଉଠାଇବାକୁ ଯାଇ ଜାଣିବାକୁ ପାଇଥିଲେ ଯେ, ୧୭ ଜଣଙ୍କ ମଧ୍ୟରୁ ୧୦ ଜଣଙ୍କ ଆଦୌ ପାଇଖାନା ଘର ନ ଥିଲା। ସେହି ହିତାଧିକାରୀମାନେ ହେଲେ ଘନଶ୍ୟାମ ମଲ୍ଲିକ, ମାନସ ମଲ୍ଲିକ, ମୀନତି ଦାସ, ଅନିତା ବାରିକ, ବେଣୁଧର ଦାସ, ଜୀବନାନନ୍ଦ ଦାସ, କୁନି ଦେଇ, ବାଦଲ କୁମାର ବାରିକ, ଅକ୍ଷୟ ଦାସ, ବିଶ୍ୱଜିତ ମହାନ୍ତି। କିନ୍ତୁ ଏହି ହିତାଧିକାରୀଙ୍କ ନାମରେ ଟଙ୍କା ଉଠିଥିଲା। ଗୋଟିଏ ପାଇଖାନାକୁ ୨ରୁ ୩ ଜଣଙ୍କ ନାମରେ ଫଟୋ ଉଠାଯାଇ ବିଲ୍ କରାଯାଇଥିଲା। ଏଭଳି ଅନିୟମିତତା ଜାଣିବା ପରେ ବ୍ଲକ ସଂଯୋଜକ ସେଠୀ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ କନିଷ୍ଠ ଯନ୍ତ୍ରୀ ବେହେରା ଓଲଟା ସେଠୀଙ୍କୁ ଗାଳିଗୁଲଜ କରିଥିଲେ। ଅଭିଯୋଗ ଅନୁଯାୟୀ ପୂର୍ବରୁ କନିଷ୍ଠ ଯନ୍ତ୍ରୀ ବେହେରା କାର୍ଯ୍ୟାଦେଶ ଦେବା ସମୟରୁ ପ୍ରତ୍ୟେକ ହିତାଧିକାରୀଙ୍କଠାରୁ ୨୦୦ ରୁ ୫୦୦ ଟଙ୍କା ନେଇଥିଲେ। ପାଇଖାନା ବିଲ୍ କରି ଦେବାକୁ ୧୦୦୦ ରୁ ୩୦୦୦ ଟଙ୍କା ପର୍ଯ୍ୟନ୍ତ ଦାବି କରୁଥିଲେ। ଯେଉଁ ହିତାଧିକାରୀ ଟଙ୍କା ଦେଉ ନ ଥିଲେ ତାଙ୍କ ବିଲ୍ ବର୍ଷ ବର୍ଷ ଧରି ପଡ଼ି ରହୁଥିଲା। ଚଣ୍ଡିତଳ, ରଇପୁର, ବଡ଼ବାଲିକୁଦା ଓ ବାଲିଚନ୍ଦ୍ରପୁର ଗ୍ରାମ ପଞ୍ଚାୟତରେ ନିର୍ମାଣ ହୋଇଥିବା ପାଇଖାନାଗୁଡ଼ିକର ଯଦି ଉଚିତ ତଦନ୍ତ କରାଯାଏ, ତେବେ ପ୍ରକୃତ ରହସ୍ୟ ଉନ୍ମୋଚନ ହୋଇପାରିବ ବୋଲି ସମ୍ଭବ ଅନୁଷ୍ଠାନର ସମ୍ପାଦକ ସୁଧାଂଶୁ ପଣ୍ଡା ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିଲେ। ଅନ୍ୟପକ୍ଷେ କନିଷ୍ଠ ଯନ୍ତ୍ରୀ ବେହେରା ସେତେବେଳେ ଉକ୍ତ ଅଭିଯୋଗକୁ ଖଣ୍ଡନ କରିଥିଲେ। ଏହି ଅଭିଯୋଗ ଆଧାରରେ ପରବର୍ତ୍ତୀ ସମୟରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଥିଲା।

ସୂଚନାଯୋଗ୍ୟ ଯେ, ୨୦୧୨ରେ ଜିଲା ଜଳ ଓ ପରିମଳ ମିଶନ ଦ୍ୱାରା କରାଯାଇଥିବା ସର୍ଭେ ଅନୁଯାୟୀ ଜିଲାରେ ୩,୬୩,୦୧୪ ପରିବାରଙ୍କ ନିଜସ୍ୱ ପାଇଖାନା ନ ଥିଲା। ଏହାପରେ ସମ୍ପୂର୍ଣ୍ଣ ପରିମଳ ଅଭିଯାନ, ନିର୍ମଳ ଭାରତ ଅଭିଯାନ ଓ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ସମ୍ପୃକ୍ତ ପରିବାରବର୍ଗଙ୍କୁ ପାଇଖାନା ଯୋଗାଇ ଦିଆଯାଇଥିଲା। ୨୦୧୫-୧୬ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କଠାରୁ ୭୮୭.୫୦ ଲକ୍ଷ ଏବଂ କେନ୍ଦ୍ର ସରକାରଙ୍କଠାରୁ ୨୩୬୨.୫୦ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ଜିଲାକୁ ସମ୍ପୂର୍ଣ୍ଣ ପରିମଳ ରଖିବାକୁ ରାଜ୍ୟ ଓ କେନ୍ଦ୍ର ସରକାର ବହୁ କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ କେତେଜଣ ଦୁର୍ନୀତିଖୋର ଅଧିକାରୀଙ୍କ ପାଇଁ ଯୋଜନାର ସଫଳତା ପରାହତ ହୋଇଥିଲା। ଏବେ ବି ଅଧିକାଂଶ ପରିବାରରେ ପାଇଖାନା ନ ଥିବାରୁ କିମ୍ବା ପାଇଖାନା ଅଚଳ ହୋଇଥିବାରୁ ବାହାରେ ସେମାନେ ମଳତ୍ୟାଗ କରୁଥିବା ଦେଖିବାକୁ ମିଳିଛି। ଯଦ୍ୱାରା ସହଜରେ ଡାଇରିଆ ଓ ହଇଜା ଭଳି ରୋଗ ବ୍ୟାପିବାରେ ଲାଗିଛି ବୋଲି ମତପ୍ରକାଶ ପାଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ହରପ୍ରିୟା



@ ରାଜେନ୍ଦ୍ର



@ ରମେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜଳବାୟୁ ସ୍ଥିତି ଅନୁଧ୍ୟାନରେ ଗାୟତ୍ରୀ ଆଗରେ

## ମେଘର ସ୍ଥିତି ଉପରେ ସଂଗ୍ରହ କରୁଛନ୍ତି ତଥ୍ୟ

ରସୁଲପୁର,୨୩।୬(ରଞ୍ଜିତ ରାଉତ):

ଯାଜପୁର ଜିଲା ରସୁଲପୁର ବ୍ଲକ ହରିପୁର ଉ.ପ୍ରା. ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ତଥା ଗ୍ଲୋବ ସଂସ୍ଥା ପକ୍ଷରୁ ଜାତୀୟ ମାଷ୍ଟର ଟ୍ରେନର ମାନ୍ୟତା ହାସଲ କରିଥିବା ଗାୟତ୍ରୀ ନାୟକ ଜଳବାୟୁ ସ୍ଥିତିକୁ ନେଇ ଅନୁଧ୍ୟାନ ଜାରି ରଖିଛନ୍ତି। ମେଘ(କ୍ଲାଉଡ୍) ଉପରେ ଅନୁଧ୍ୟାନ କରି ସେ ଏସିଆ ମହାଦେଶରେ ସର୍ବାଧିକ ମାଇଲଷ୍ଟୋନ ହାସଲ କରି ପ୍ରଶଂସିତ ହୋଇଛନ୍ତି। ତାଙ୍କର ଅନୁସନ୍ଧାନ ଓ ଅଧ୍ୟବସାୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

ଆମେରିକାର ନ୍ୟାଶନାଲ ଏରୋନେଟିକ୍ସ ଆଣ୍ଡ ସ୍ପେସ୍ ଆଡମିନିଷ୍ଟ୍ରେଶନ (ନାସା) ପକ୍ଷରୁ ସମଗ୍ର ବିଶ୍ୱର ଜଳବାୟୁ ଓ ପାଣିପାଗର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରାଯାଉଛି। ଏ ଦିଗରେ ବହୁ ପରିବେଶ ପ୍ରେମୀ କାର୍ଯ୍ୟକରି ହସ୍ତଗତ ହେଉଥିବା ତଥ୍ୟ ନାସାକୁ ପ୍ରେରଣ କରୁଛନ୍ତି। ଏହାଛଡ଼ା ପାଣିପାଗ ଓ ଜଳବାୟୁ ଉପରେ କାର୍ଯ୍ୟ କରୁଥିବା ଗ୍ଲୋବ ନାମକ ଏକ ସଂସ୍ଥା ପକ୍ଷରୁ ସର୍ଭେ କାର୍ଯ୍ୟ ବିଶ୍ୱର ଦକ୍ଷ ବ୍ୟକ୍ତିମାନଙ୍କ ଦ୍ୱାରା କରାଯାଉଛି। ପାଣିପାଗର ସ୍ଥିତି ସମ୍ପର୍କରେ ସର୍ଭେୟରମାନଙ୍କ ଦ୍ୱାରା ହାସଲ ହେଉଥିବା ତଥ୍ୟକୁ ସଂସ୍ଥାର ୱେବ ସାଇଟ୍‌ରେ ଅପ୍‌ଲୋଡ କରାଯାଉଛି। ଅପ୍‌ଲୋଡ ତଥ୍ୟର ଆକ୍ୟୁରେସିକୁ ଯାଞ୍ଚ କରାଯାଇ ଅନୁସନ୍ଧାନକାରୀମାଙ୍କୁ ପ୍ରଶଂସିତ କରାଯାଉଛି। ଏହିକ୍ରମରେ ଯାଜପୁର ଜିଲା ରସୁଲପୁର ବ୍ଲକ ଅଞ୍ଚଳର ଗାୟତ୍ରୀ ଆକାଶରେ ଦେଖାଯାଉଥିବା ବିଭିନ୍ନ ପ୍ରକାର ମେଘ(କ୍ଲାଉଡ)ଓ ତା'ର ଅବସ୍ଥାକୁ ନେଇ ଅନୁଧ୍ୟାନ କରୁଛନ୍ତି। ଏ ଦିଗରେ ବହୁ ଅନୁସନ୍ଧାନକାରୀ ବ୍ୟକ୍ତିମାନେ ବିଭିନ୍ନ କ୍ଷେତ୍ରରେ ଅନୁଧ୍ୟାନ କରି ସେମାନଙ୍କ ଦ୍ୱାରା ହସ୍ତଗତ ହେଉଥିବା ପାଣିପାଗର ସ୍ଥିତି ସମ୍ପର୍କରେ ତଥ୍ୟ ୱେବସାଇଟ୍‌ରେ ଅପ୍‌ଲୋଡ କରୁଛନ୍ତି। ସେହି ଆଧାରରେ ଏକ୍ସପର୍ଟମାନଙ୍କ ଦ୍ୱାରା ଏହାକୁ ମୂଲ୍ୟାୟନ କରାଯାଇ ମାଇଲଷ୍ଟୋନ ପ୍ରଦାନ କରାଯାଉଛି। ହେଲେ ଗାୟତ୍ରୀଙ୍କ ଦ୍ୱାରା ବିଭିନ୍ନ ଅଞ୍ଚଳରେ ଆକାଶରେ ଦେଖାଯାଉଥିବା ମେଘର ପ୍ରକାର ଓ ତାର ଉଷ୍ଣତା, ଅବସ୍ଥା, ବର୍ଷା ହେବା ସ୍ଥିତି ଅଛି କି ନାହିଁ ସମ୍ପର୍କରେ ଅନୁଧ୍ୟାନକରି ଗ୍ଲୋବ୍ ୱେବସାଇଟ୍ ରେ ତଥ୍ୟ ଅପ୍‌ଲୋଡ କରାଯାଇଆସୁଛି। ତାଙ୍କ ଦ୍ୱାରା ଅପ୍‌ଲୋଡ ହୋଇଥିବା ୧୪,୫୦୦ତଥ୍ୟକୁ ମୂଲ୍ୟାୟନ କରାଯାଇଥିଲା। ଏସିଆର ମହାଦେଶରେ ମେଘର ସ୍ଥିତି ଉପରେ ଅନୁସନ୍ଧାନ କରୁଥିବା ଅନ୍ୟ ଅନୁସନ୍ଧାନକାରୀମାନଙ୍କଠାରୁ ଗାୟତ୍ରୀ ସର୍ବାଧିକ ମାଇଲଷ୍ଟୋନ ଅର୍ଜନ କରି ପ୍ରଥମ ସ୍ଥାନ ଅଧିକାର କରି ଗ୍ଲୋବ ଦ୍ୱାରା ପ୍ରଶଂସିତ ହୋଇଛନ୍ତି।

ଏଥିପୂର୍ବରୁ ଗାୟତ୍ରୀ ଓଡ଼ିଶାର ମାଷ୍ଟର ଟ୍ରେନରମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ସମ୍ମାନିତ ହୋଇଥିଲେ। ସେ ନିରନ୍ତର ଭାବେ ପାଣିପାଗ ଓ ଜଳବାୟୁର ବିଭିନ୍ନ ସ୍ଥିତିକୁ ନେଇ ତାଙ୍କର ପ୍ରଚେଷ୍ଟା ଜାରି ରଖି ବହୁ ସୁନାମ ଅର୍ଜନ କରିଆସୁଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ପାଖକୁ ଶୁଭେଚ୍ଛା ସୁଅ ଛୁଟିଛି।






# ୨୫ରେ ବିଜୁ ଯୁବ ଛାତ୍ର ଜନତା ଦଳର ଆନ୍ଦୋଳନ

## ଗୋପାଳପୁର ଗଣ ବଳାତ୍କାର ଘଟଣାର ପ୍ରତିବାଦ

ଧର୍ମଶାଳା,୨୩।୬(ବଟକୃଷ୍ଣ ପରିଡ଼ା):

ରାଜ୍ୟରେ ମହିଳା ଓ ଛାତ୍ରୀମାନଙ୍କୁ ଅସଦାଚରଣ, ବଳାତ୍କାର, ହତ୍ୟା ଭଳି ଘଟଣା ଅହେତୁକ ବୃଦ୍ଧି ପାଇଛି । ଏଥିରେ ରାଜ୍ୟ ଭାଜପା ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଅଭିଯୋଗ କରି ଧର୍ମଶାଳା ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଆସନ୍ତା ଜୁନ ୨୫ ତାରିଖ ସକାଳ ୧୦ ଘଟିକା ସମୟରେ ଆନ୍ଦୋଳନ ଡାକରା ଦିଆଯାଇଛି। ଯାଜପୁର ଜିଲାର ସମସ୍ତ ପ୍ରମୁଖ ମହାବିଦ୍ୟାଳୟ ଓ ଧର୍ମଶାଳା ନିର୍ବାଚନମଣ୍ଡଳୀର ଧର୍ମଶାଳା ମହାବିଦ୍ୟାଳୟ, ଜାରକା ଓ ମଧୁପୁର ମହାବିଦ୍ୟାଳୟ, କଳଣଠାରେ ଆନ୍ଦୋଳନ ଓ ପ୍ରତିବାଦ ସଭା କରାଯିବ। ଏଥିସହିତ ବିଜୁ ଯୁବ ଛାତ୍ର ଜନତା ଦଳ କର୍ମକର୍ତ୍ତା କଳାବ୍ୟାଜ୍ ପରିଧାନ କରିବା ସହିତ ଭାଜପା ନେତା ଓ ମନ୍ତ୍ରୀଙ୍କ କୁଶପୁତ୍ତଳିକାଦାହ କରିବେ । ରାଜ୍ୟରେ ଆଇନ ଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡୁଛି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି । ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ତେଣୁ ଧର୍ମଶାଳାରେ ଜୁନ ୨୫ରେ ଆନ୍ଦୋଳନ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଘୋଷଣା କରାଯାଇଛି । ଏହି ଖବରଦାତା ସମ୍ମିଳନୀରେ ଜିଲା ପରିଷଦ ଉପାଧ୍ୟକ୍ଷ ତଥା ବଡ଼ଚଣା ଯୁବ ସଭାପତି ଗଣେଶ୍ୱର ବରାଳ, ଜିଲା ଛାତ୍ର ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ଧର୍ମଶାଳା ଯୁବ ସଭାପତି କ୍ଷିତୀଶ ନାୟକ, ବ୍ଲକ ଛାତ୍ର ସଭାପତି ଜଗଦାନନ୍ଦ ରାଉତ, ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସୁବ୍ରତ ଧଳ ଏବଂ ବହୁ ଯୁବଛାତ୍ର ନେତା ଉପସ୍ଥିତ ଥିଲେ ।

# ଶ୍ରମିକ ସଂଘ କାର୍ଯ୍ୟାଳୟରେ ଭଙ୍ଗାରୁଜା

କାଳିଆପାଣି,୨୩।୬( ଅସିତ ମହାନ୍ତ ):

କାଳିଆପାଣି ଖଣି ଅଞ୍ଚଳରେ ଥିବା ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘର କାର୍ଯ୍ୟାଳୟରେ ପଶି କେତେଜଣ ଯୁବକ ଭଙ୍ଗାରୁଜା କରିଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ , ଖଣି ନିଗମ କଲୋନୀ ଟାଉନସିପ୍ ପରିସରରେ ଥିବା ଶ୍ରମିକ ସଂଘ କାର୍ଯ୍ୟାଳୟ ବନ୍ଦ ଥିବା ବେଳେ ସୋମବାର ଦିନ ୧ଟା ସମୟରେ ୫ରୁ ୬ ଜଣ ଦୁର୍ବୃତ୍ତ କବାଟ ଭାଙ୍ଗି ଭିତରେ ପଶିଥିଲେ। ଘର ଭିତରେ ଥିବା ଟେବୁଲ,ଚେୟାର ଟିଭି ଓ ଆସବାବପତ୍ର ଭଙ୍ଗାରୁଜା କରିବା ସହ ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଏସ୍ଆର୍‌ସିକେଏମ୍‌ଏସ୍‌ର ସାଧାରଣ ସମ୍ପାଦକ ଭରତ ମହାନ୍ତଙ୍କ ଅଭିଯୋଗ କ୍ରମେ କାଳିଆପାଣି ଥାନା ଅଧିକାରୀ ଏକ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି ।



**ଦ.ପୂ. ରେଳପଥ – ଟେଣ୍ଡର**

ଏନ୍‌ଆଇଟି ନଂ.: ଏସ୍‌ଟି_ପି_ଏସ୍‌ଇଆର_୨୫_କେଏଭିଏସିଏଚ୍_ଏଚ୍‌ୟୁଏନ୍_୦୮, ତାରିଖ: ୧୯।୦୬।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପ ସିଏସ୍‌ଟିଇ/ୱାର୍କସ୍/ଏଚ୍‌କ୍ୟୁ, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । **କାର୍ଯ୍ୟର ବର୍ଣ୍ଣନା:** ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର, ଆଦ୍ରା, ରାଞ୍ଚି ଓ ଚକ୍ରଧରପୁର ମଣ୍ଡଳ ସେକ୍ସନରେ ସମ୍ବନ୍ଧିତ କାର୍ଯ୍ୟ ସମେତ ଏଚ୍‌ୟୁଏନ୍ ରୁଟ୍ (୧୦୪୦ ଆର୍‌କେଏମ୍)ରେ କବଚର ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କମିଶନିଂ । **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ₹୨୫୭,୬୨,୩୯,୪୯୪ । **ଅମାନତ ରାଶି:** ₹୧,୦୦,୦୦,୦୦୦ । **ସମାପ୍ତି ତାରିଖ ଓ ସମୟ:** ତା୨୮।୦୭।୨୦୨୫ରିଖ ୧୬.୦୦ ଘଟିକାରେ । ଉପରୋକ୍ତ ଟେଣ୍ଡର ପାଇଁ ସବିଶେଷ ଟେଣ୍ଡର ବିଜ୍ଞପ୍ତି ୱେବ୍‌ସାଇଟ୍ www.ireps.gov.in ରେ ପ୍ରକାଶିତ ହୋଇସାରିଛି । (PR-303)

# ଭିସା ଷ୍ଟିଲ୍ କାରଖାନାକୁ ୩ ପୁରସ୍କାର

ଯାଜପୁର,୨୩।୬(ହର୍ଷବର୍ଦ୍ଧନ ବେହେରା)

ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଆଣ୍ଡ ଏନ୍‌ଭାଇରନମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ୍ ପକ୍ଷରୁ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଉପରେ ହୋଇଥିବା ୧୦ମ ଜାତୀୟ ସମ୍ମିଳନୀରେ କଳିଙ୍ଗନଗର ଭିସା ଷ୍ଟିଲ କାରଖାନାକୁ ୩ଟି ସମ୍ମାନଜନକ ପୁରସ୍କାର ମିଳିଛି। ସେଗୁଡିକ ହେଲା କଳିଙ୍ଗ ବିଜନେସ୍ ଏକ୍ସିଲେନ୍ସ, କଳିଙ୍ଗ ଏନର୍ଜି ଏକ୍ସିଲେନ୍ସ ଏବଂ କଳିଙ୍ଗ ଏନ୍‌ଭାଇରନମେଣ୍ଟ ପୁରସ୍କାର। ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ଉତ୍ସବରେ ଉଗାଣ୍ଡା ଗଣରାଜ୍ୟର ଉଚ୍ଚାୟୁକ୍ତ ପ୍ରଫେସର ଜ.ଏସ୍. କିକାଫୁଣ୍ଡ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଉମା ନନ୍ଦୁରୀ ଭିସା ଷ୍ଟିଲର ନିର୍ଦ୍ଦେଶକ ମନୋଜ କୁମାରଙ୍କୁ ଏହି ସମ୍ମାନଗୁଡିକ ପ୍ରଦାନ କରିଥିଲେ। ଏହି ଅବସରରେ ମନୋଜ କୁମାର କହିଛନ୍ତି, ୩ଟି ପ୍ରତିଷ୍ଠିତ ପୁରସ୍କାର ମିଳିବା ଏକ ବିଶେଷ ଗର୍ବର ବିଷୟ। ଏହି ପୁରସ୍କାରଗୁଡ଼ିକ କମ୍ପାନୀର ସମସ୍ତ ଶ୍ରମିକ, କର୍ମଚାରୀ ଓ ପଦସ୍ଥ ଅଧିକାରୀମାନଙ୍କ ନିରନ୍ତର ଉଦ୍ୟମ, ନବୀନତା, କାର୍ଯ୍ୟକୁଶଳତା, ଉର୍ଜାର ନିୟମିତ ଉପଯୋଗ ଓ ପରିବେଶ ରକ୍ଷା ପ୍ରତି ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି। ବ୍ୟବସାୟ ପରିଚାଳନା, ଉର୍ଜାର ଉପଯୁକ୍ତ ବିନିଯୋଗ ଓ ସଂରକ୍ଷଣ ତଥା ପରିବେଶ ରକ୍ଷଣ କ୍ଷେତ୍ରରେ କମ୍ପାନୀର ବହୁମୁଖୀ କାର୍ଯ୍ୟକ୍ରମ ପାଇଁ ଭିସା କମ୍ପାନୀକୁ ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ କରାଯାଇଥିଲା ।



ଭିସା ଷ୍ଟିଲ୍ ଡାଇରେକ୍ଟର ପୁରସ୍କାର ଗ୍ରହଣ କରୁଛନ୍ତି ।

**GOVERNMENT OF ODISHA** No.B-224
**OFFICE OF THE SUPERINTENDING ENGINEER**
**BALANGIR (R&B) DIVISION : BALANGIR**
Email - eepwd.bgr@rediffmail.com, eepwd.bgr@gmail.com
Ph. No. 06652-232374
**e-Procurement Notice**
**BID IDENTIFICATION NO : BGR R&B/05/2025-26**
**No.4209//Dtd.18.06.2025**

1. The **Superintending Engineer, Balangir (R&B) Division, Balangir** on behalf of Governor of Odisha invites percentage rate **Composite** bid in **Double** cover system in **ONLINE MODE** for the construction of works detailed in the table below from **B** Class Contractors registered with the State Governments and contractors of equivalent Grade/Class registered with Central Government/ MES/Railways for execution of Road/Building/Bridge works. The proof of registration from the appropriate authority shall be enclosed along with the bid.
2. Nature of Work : Building work
3. No. of tender : Building work : 02 Nos.
4. Tender Cost : Rs.10,000/-
5. Class of Contractor : **"B" Class (Registered with CDMS)**
6. Date & Time of sale & Receipt of Bids : From Dt.25.06.25, 10.00 A.M. to Dt.10.07.25 up to 05.00 P.M.
7. Date of opening Bid : Dt.11.07.25 at 11.00 A.M.
8. The bidders have to participate in ONLINE bidding only. Further details can be seen from the website : http://tendersorissa.gov.in. All future corrigendums will be available on ONLINE MODE only.

Sd./- Superintending Engineer
Balangir (R&B) Division
OIPR-34028/11/0028/2526

**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल, देवघर**

पत्रांक 498 / देवघर, दिनांक 21 / 06 / 2025

**शुद्धि–पत्र**

इस कार्यालय से प्रकाशित ई–निविदा आमंत्रण सूचना संख्या– RDD/SD/DEOGHAR/ 11/RE1/2025-26 (3rd Call) तथा PR No. 355634 (25-26), dtd. 21.06.2025 में आंशिक संशोधन निम्नरूपेण किया जाता है:–

| क्र0 | विवरणी | पूर्व में प्रकाशित तिथि / समय | संशोधित तिथि / समय |
|---|---|---|---|
| 1 | वेबसाइट में निविदा प्रकाशन की तिथि | 23.06.2025 | 25.06.2025 समय 11:00 बजे पूर्वाह्न |
| 2 | ई–निविदा प्राप्ति की तिथि एवं समय | दिनांक 24.06.2025 से दिनांक 02.07.2025 को अपराह्न 05:00 बजे तक | दिनांक 25.06.2025 से दिनांक 15.07.2025 को अपराह्न 05:00 बजे तक |
| 3 | ई–निविदा खोलने की तिथि एवं समय | 04.07.2025 अपराह्न 2:00 बजे | 17.07.2025 अपराह्न 2:00 बजे |

निविदा की शेष नियम एवं शर्त्ते यथावत् रहेगें।

ह0 / –
कार्यपालक अभियंता
ग्रामीण विकास विशेष प्रमंडल, देवघर।
PR 355776 Rural Development(25-26)#D

# ଆଶୀର୍ବାଦ କ୍ରିକେଟ କ୍ଲବ୍ ଚାମ୍ପିୟନ

## ଓଡ଼ିନ୍ଦା ପ୍ରିମିୟର ଲିଗ୍

ପାଣିକୋଇଲି,୨୩।୬
(ବିକାଶ କୁମାର ମଲ୍ଲିକ):

କୋରେଇ ବ୍ଲକ ପଥରପଦା ପଞ୍ଚାୟତର ଓଡ଼ିନ୍ଦା ଗ୍ରାମରେ ଗୋପିନାଥ କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ରାତ୍ରିକାଳୀନ ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଛି। ଏହି ଟୁର୍ନାମେଣ୍ଟରେ ମୋଟ ୫ ଦଳ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ ଆଶୀର୍ବାଦ କ୍ରିକେଟ କ୍ଲବ ବନାମ ହରଗୌରୀ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ହରଗୌରୀ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୬ ଓଭରରେ ୪ ଉଇକେଟ ହରାଇ ୪୦ ରନ ସଂଗ୍ରହ କରିଥିଲା । ଜବାବରେ ଆଶୀର୍ବାଦ ଶେଷ ଓଭର ଶେଷ ବଲରେ ୮ ଉଇକେଟ ହରାଇ ୪୧ ରନ କରି ଚାମ୍ପିୟନ ହୋଇଥିଲା । ଏହି ଖେଳକୁ ଅମ୍ପାୟର ଭାବେ ଯଶୋବନ୍ତ ମହାରଣା ଓ ନୀଳମଣି ପାଢ଼ୀ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସାଗର ସାହୁ ଓ ଧାରାବିବରଣୀ ଦିନବନ୍ଧୁ ପାଢ଼ୀ ପ୍ରଦାନ କରିଥିଲେ । ଅତିଥି ଭାବେ ସାମାଜିକ କର୍ମୀ ଶରତ ଚନ୍ଦ୍ର ଦାଶ, ବରିଷ୍ଠ ଖବରଦାତା ସୁବାସ ଧଳ, ଗ୍ରାମ ମୁଖ୍ୟ ରଘୁନାଥ ପାଢ଼ୀ ପ୍ରମୁଖ ଯୋଗଦେଇ ବିଜୟୀ ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ରୁଦ୍ର ନାରାୟଣ ଦାସ, ଦୀପକ ସାମଲ, ମନୋଜ ଭାରତୀ, ଦିପୁ ଭାରତୀଙ୍କ ସମେତ ଗ୍ରାମର ସମସ୍ତ ଯୁବକ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, डालटनगंज**

**अल्पकालीन पुर्न ई–निविदा आमंत्रण सूचना संख्या –**
**07RI / 2024–25/EE/RWD/DALTONGANJ**

कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज द्वारा निम्न विवरण के अनुसार e-procurement पद्धति से पथों का निविदा आमंत्रित की जाती है ।

दिनांक–23.06.2025

1. कार्य का नाम :

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (लाख में) अंक में | प्राक्कलित राशि (लाख में) अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1 | EE/RWD/ DALTONGANJ /24/2024-25 | नौडीहा में पिपल पेड़ से सोनबरसा होते हुए तेतरियाडीह चौक तक पथ निर्माण कार्य ।, 2.85कि0मी0 | 300.739 | तीन करोड़ तिहतर लाख नौ सौ रू0 मात्र | 12 माह | द्वितीय |

2. बेवसाईट में निविदा प्रकाशन की तिथि : 26.06.2025
3. ई–निविदा प्राप्ति की अंतिम तिथि एवं समय : 10.07.2025 up to 5.00 PM
4. निविदा खोलने की तिथि एवं समय 12.07.2025 पूर्वाह्न 3.30 बजे
5. निविदा आमंत्रित करने वाले पदाधिकारी का नाम एवं पता : कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज ।
6. ई–निविदा प्रकोष्ठ का दूरभाष सं0 –06562357595

विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है ।

कार्यपालक अभियंता
ग्रामीण कार्य विभाग, कार्य प्रमंडल, डालटनगंज
PR 355759 Rural Development(25-26)#D

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. 15-SBP-TRD-OT-2025-26, ତା.18.06.2025ରିଖ

**କାର୍ଯ୍ୟର ନାମ :** 'ସରଳା ୟାର୍ଡ ଠାରେ କ୍ରସ୍‌ଓଭର (Crossover) ପଏଣ୍ଟ 127A ଏବଂ 127B ରେ ତ୍ରୁଟିପୂର୍ଣ୍ଣ (Defective) ୟାର୍ଡ ଲେଆଉଟ୍‌ର ସଂଶୋଧନ' କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 54,53,586.68, EMD : ₹ 1,09,100/-, ଶେଷ ହେବା ଅବଧି : 06 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.07.2025ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-269/Q/25-26

## ମହାନଦୀ ମୁହାଣ ପଥରବନ୍ଧରୁ ମତ୍ସ୍ୟଜୀବୀଙ୍କ ମୃତଦେହ ଜବତ

**ପାରାଦୀପ, ୨୩।୬(ଶରତ ରାଉତ)**

ପାରାଦୀପ ମେରାଇନ୍ ଥାନା ଅନ୍ତର୍ଗତ ମହାନଦୀ ମୁହାଣ ନିକଟ ପଥରବନ୍ଧରୁ ସୋମବାର ଜଣେ ମତ୍ସ୍ୟଜୀବୀଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ପାରାଦୀପ ବୃନ୍ଦାବନ କଲୋନୀର ମିଥୁନ ବେହେରା (୩୨)। ରବିବାର ସନ୍ଧ୍ୟାରେ ପଥରବନ୍ଧକୁ ସୂତୀ ଜରିଆରେ ସମୁଦ୍ରରୁ ମାଛ ଧରିବାକୁ ଯାଇଥିଲେ। ସୋମବାର ସକାଳୁ ସେ ସେଠାରେ ଅଚେତ ଅବସ୍ଥାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଦେଖି ପୋଲିସ ଓ ପରିବାର ଲୋକଙ୍କୁ ଖବର ଦେଇଥିଲେ। ତୁରନ୍ତ ତାଙ୍କୁ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ମିଥୁନଙ୍କୁ ଡାକ୍ତର ଘୋଷଣା କରିଥିଲେ। ତାଙ୍କ ମୁଣ୍ଡ ପଛରୁ ରକ୍ତସ୍ରାବ ହୋଇଥିବାରୁ ପଥରବନ୍ଧରେ ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ମିଥୁନ ତଳେ ପଡିଯାଇଥିବା ଆଶଙ୍କା କରାଯାଉଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି। ଏଥିସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୪/୨୫) ରୁଜୁ କରିଛି।

# ୧୦୮ ଆମ୍ବୁଲାନ୍ସରେ ବହି ପରିବହନ

**ଜଗତ୍‌ସିଂହପୁର, ୨୩।୬ (ପ୍ରମୋଦ କୁମାର ନାୟକ)**

କୌଣସି ସ୍ଥାନରେ ଦୁର୍ଘଟଣା ହେଉ ଅବା ଅନ୍ୟ କାରଣରୁ କେହି ଗୁରୁତର ଥିଲେ ଜରୁରୀ ଚିକିତ୍ସା ସେବା ପାଇବା ପାଇଁ ଲୋକେ ୧୦୮କୁ କଲ୍ କରିଥାନ୍ତି। କେତେକ ସମୟରେ ଏହି ଆମ୍ବୁଲାନ୍ସ ଅନ୍ୟ ରୋଗୀକୁ ନେଇ ଯାଉଥିବାରୁ ତତ୍କାଳ ଏହି ସେବା ମିଳିବା ମଧ୍ୟ ସମ୍ଭବ ହୋଇ ନ ଥାଏ। କିନ୍ତୁ ୧୦୮ ଆମ୍ବୁଲାନ୍ସ ଜରୁରୀ ସେବା ପରିବର୍ତ୍ତେ ଅନ୍ୟ କାମରେ ଲାଗୁଥିବା ଅଭିଯୋଗ ହୋଇଛି। ଏହାର ଉଦାହରଣ ଜଗତ୍‌ସିଂହପୁରରେ ଦେଖିବାକୁ ମିଳିଛି। ସୋମବାର ଏକ ୧୦୮ ଆମ୍ବୁଲାନ୍ସ (ନଂ. ଓଡି ୦୨-ବିଜେ-୬୭୩୦)ରେ ବହି ଓ ଅନ୍ୟ ମେଡିକାଲ ସାମଗ୍ରୀ ନେଇ ଜଗତ୍‌ସିଂହପୁର ସହର ଦେଇ ଯାଉଥିବା ସ୍ଥାନୀୟ ଲୋକଙ୍କୁ ସୂଚନା ମିଳିଥିଲା। ଏହି ଆମ୍ବୁଲାନ୍ସଟି ଜଗତ୍‌ସିଂହପୁର ସହରର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଛିଡା ହୋଇଥିବାବେଳେ ଲୋକେ ଦେଖିବାକୁ ଚେଷ୍ଟା କରିଥିଲେ। ବିଶେଷକରି ଏହା କେଉଁଠୁ ଆସିଲା ଏବଂ କେଉଁଠିକୁ ଯିବ ପଚାରିବାକୁ ଚାହିଁଥିଲେ।



୧୦୮ ଆମ୍ବୁଲାନ୍ସରୁ ମିଳିଥିବା ବହି ଓ ଅନ୍ୟାନ୍ୟ ସାମଗ୍ରୀ।

କିନ୍ତୁ ସମ୍ପୃକ୍ତ ଆମ୍ବୁଲାନ୍ସ ଚାଳକ କୌଣସି ଉତ୍ତର ଦେବାକୁ ରାଜି ହୋଇ ନ ଥିଲେ ବରଂ ତରବର ହୋଇ ଖସିଯିବାକୁ ଚେଷ୍ଟା କରିଥିଲେ। ଏହାପରେ ଲୋକେ ପିଛା କରି ଏହି ଆମ୍ବୁଲାନ୍ସକୁ ମଙ୍ଗଳପୁର ନିକଟରେ ଅଟକାଇବାରୁ ଅନେକ କଥା ପଦାକୁ ଆସଛି।

ଆମ୍ବୁଲାନ୍ସକୁ ଅଟକାଇଥିବା ଲୋକଙ୍କ କହିବାନୁଯାୟୀ, କଟକ-ଚୌଦ୍ୱାର ଅଞ୍ଚଳରୁ ଏହି ସାମଗ୍ରୀ ଆସିଥିବା ଜଣାପଡ଼ିଛି। ହେଲେ କେଉଁଠିକୁ ଯିବାର ଥିଲା ସେ ସମ୍ପର୍କରେ କୌଣସି ସୂଚନା ଖବର ଲେଖାହେବା ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନ ଥିଲା। ଆମ୍ବୁଲାନ୍ସ ଚାଳକ କାହା ନିର୍ଦ୍ଦେଶରେ କେଉଁଠୁ ଏହି ସାମଗ୍ରୀ ଆଣିଥିଲେ ଏବଂ କେଉଁଠିକୁ ନେବାର ଥିଲା ସେନେଇ ସନ୍ଦେହଜାତ ହୋଇଛି। କୌଣସି ଠିକା ସଂସ୍ଥା ଆମ୍ବୁଲାନ୍ସ ଚାଳକଙ୍କୁ ହାତେଇ ଭଡା ବଞ୍ଚାଇବା ପାଇଁ ଏଭଳି କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ହସ୍ପିଟାଲ ମ୍ୟାନେଜର ସସ୍ମିତା ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଏନେଇ ଅଭିଯୋଗ ତାଙ୍କ ନଜରକୁ ଆସିଛି। ତେବେ ଆମ୍ବୁଲାନ୍ସରେ ଆବଶ୍ୟକ ଜରୁରୀ ସାମଗ୍ରୀ ଥିବା ୧୦୮ ଜଗତ୍‌ସିଂହପୁର କ୍ଲଷ୍ଟର ଲିଡର ସୂଚନା ଦେଇଛନ୍ତି। କିନ୍ତୁ ଏଥିରେ ବହି ଥିବା କଥା ସେ ଜାଣନ୍ତି ନାହିଁ ବୋଲି କହିଛନ୍ତି। ମଙ୍ଗଳବାର ଏ ସମ୍ପର୍କରେ ଅଧିକ ଅନୁଧ୍ୟାନ କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ସଂକଳ୍ପ ନେଇ ଅଧ୍ୟବସାୟ କଲେ ସଫଳତା ମିଳିବ

**ବାଲିକୁଦା, ୨୩।୬ (ତାପସ ସ୍ୱାଇଁ)**

ବାଲିକୁଦା ବ୍ଲକ ଅନ୍ତର୍ଗତ ଓଡିନ୍ଦା ଉଚ୍ଚ ବିଦ୍ୟାଳୟରେ ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ ପାଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ବିଧାନସଭାର ପୂର୍ବତନ ସଚିବ ଦାଶରଥି ଶତପଥୀଙ୍କ ପ୍ରତ୍ୟକ୍ଷ ଉଦ୍ୟମରେ ଆୟୋଜିତ ଏହି ସମାରୋହକୁ ଜିଲା ସାମ୍ବାଦିକ ସଂଘ ସଭାପତି ମନୋଜ ଦାଶ ଉଦ୍‌ଘାଟନ କରିଥିଲେ । ରାଜ୍ୟ ପୁରସ୍କାରପ୍ରାପ୍ତ କୃତୀ ଶିକ୍ଷକ ଅରୁଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଧାନସଭା ପୂର୍ବତନ ସଚିବ ଶତପଥୀ, ସମ୍ମାନିତ ଅତିଥିଭାବେ ଭୋଳାନାଥ ମହାନ୍ତି, ଚତୁର୍ଭୁଜ ପରିଡ଼ା, ଦୁଃଖୀଶ୍ୟାମ ରଥ, ସମିତିସଭ୍ୟ ନିରଞ୍ଜନ ଦାସ, ଅଧ୍ୟାପକ ସାରଥି ଶତପଥୀ, ନବକୁମାର ମିଶ୍ର ପ୍ରମୁଖ ଯୋଗଦେଇ ପରିଶ୍ରମ ଫଳ ସମସ୍ତଙ୍କୁ ସବୁବେଳେ ମିଳିଥାଏ ବୋଲି କହିଥିଲେ। ସଂକଳ୍ପ ନେଇ ଅଧ୍ୟବସାୟ ଜାରି ରଖିଲେ ସଫଳତା ଆପେ ମିଳିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ । ବସନ୍ତ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା ନାୟକ ଧନ୍ୟବାଦ ଦେଇଥିଲେ। ବ୍ଲକରେ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ପୁଣ୍ୟପୁଷ୍ପିତା ମହାନ୍ତି, ରୁଚିକା ଫାରକ, ପ୍ରତ୍ୟାଶା ବେହେରା, କ୍ରୀଷ୍ଟା ମହାନ୍ତିଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେବାସହ ୧ ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଓଡିନ୍ଦା ଉଚ୍ଚ ବିଦ୍ୟାଳୟରୁ ଏ-୨ରେ ଉତ୍ତୀର୍ଣ୍ଣ ହୋଇଥିବା ୭ ଜଣ ଛାତ୍ରୀଛାତ୍ରଙ୍କୁ ୫ ଶହ ଟଙ୍କା ଲେଖାଏ ଆର୍ଥିକ ଆର୍ଥିକ ପୁରସ୍କାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଓଡିନ୍ଦା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ସମେତ ପୁରାତନ ଶିକ୍ଷକ ଶିକ୍ଷାକର୍ମଚାରୀ ତଥା ପରିଚାଳନା ସମିତିର ସଦସ୍ୟ ଏବଂ ଅଞ୍ଚଳର ବରିଷ୍ଠ ଖବରଦାତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏଥିରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।



ସମ୍ବର୍ଦ୍ଧନା ସମାରୋହରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ସାମାଜିକ ନାଟକ ରଚନାରେ ନାଟ୍ୟକାର ସୁଧାକର ଦ୍ୱିବେଦୀ ଅଦ୍ୱିତୀୟ



ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ଶ୍ରାଦ୍ଧ ବାର୍ଷିକୀରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ରଘୁନାଥପୁର, ୨୩।୬ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ରେଡ୍ଡୁଆ ପଞ୍ଚାୟତ ଅନ୍ତର୍ଗତ ଗହ୍ମାପୁରସ୍ଥିତ ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ପକ୍ଷରୁ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୪୩ତମ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ନାଟ୍ୟକାରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରିଷଦର ସଭାପତି ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ ଯୋଗଦେଇ ପ୍ରଖ୍ୟାତ ନାଟ୍ୟକାର, ନିର୍ଦ୍ଦେଶକ ତଥା ଅଭିନେତା ସୁଧାକର ଦ୍ୱିବେଦୀଙ୍କ କାଳଜୟୀ ନାଟକ ଗୃହଲକ୍ଷ୍ମୀ, ଶପଥ ନୁହେଁ କଳଙ୍କ, ଅକାଳ ଝଡ଼, ରଘୁ ଅରକ୍ଷିତ, ଶଙ୍ଖା ଶାଢ଼ି ସିନ୍ଦୂର, ଗରିବ ଝିଅ, ବିପ୍ଳବୀର ଅପମୃତ୍ୟୁ ଓ ଚମ୍ବଲ ଡାକୁ ସମ୍ପର୍କରେ ଆଲୋକପାତ କରି ଏହି ନାଟକରେ ଥିବା ସାମାଜିକ ଚେତନା ଓ ମୂଲ୍ୟବୋଧତା ସମ୍ପର୍କରେ ଆଲୋଚନା କରିଥିଲେ। ସାମାଜିକ ନାଟକ ରଚନା କ୍ଷେତ୍ରରେ ନାଟ୍ୟକାର ସୁଧାକର ଦ୍ୱିବେଦୀ ଥିଲେ ଅଦ୍ୱିତୀୟ ବୋଲି ଅଧ୍ୟାପକ ଆଚାର୍ଯ୍ୟ ମତବ୍ୟକ୍ତ କରିଥିଲେ । ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ, ସାମାଜିକ କର୍ମୀ ଗୋବିନ୍ଦ ଓଝା, ରବି ମହାନ୍ତି, ପୂର୍ବତନ ସରପଞ୍ଚ ବିଜନ ମହାପାତ୍ର, ବୈଷ୍ଣବ ଚରଣ ରାଉତ, ରବୀନ୍ଦ୍ର ନାଥ ବିଶ୍ୱାଳ, କୃତୀ ଶିକ୍ଷକ ରାଜକିଶୋର ସାହୁ, ରମାକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ନାଟ୍ୟକାର ଦ୍ୱିବେଦୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ନାଟ୍ୟକାରଙ୍କ ପୁତ୍ର ତଥା ପରିଷଦର ସାଧାରଣ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦିବାକର ଦ୍ୱିବେଦୀ, ମନୋଜ କୁମାର ଦ୍ୱିବେଦୀ, ଭବାନୀ ଶଙ୍କର ଦ୍ୱିବେଦୀ ପ୍ରମୁଖ ସହଯୋଗ କରିଥିଲେ।

### ଗାଡ଼ି ଧକ୍କାରେ ବାଇକ ଆରୋହୀ ଗୁରୁତର

**ପାଣିକୋଇଲି, ୨୩।୬(ବିକାଶ କୁମାର ମଲ୍ଲିକ)**

ପାଣିକୋଇଲି ଥାନା ୧୬ନଂ. ଜାତୀୟ ରାଜପଥର ବିଶ୍ୱାଳ ସେଲ୍ସ ସମ୍ମୁଖରେ ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରତର ହୋଇଛନ୍ତି। ସେ ହେଲେ ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଦିବ୍ୟଜ୍ୟୋତି ନାୟକ। ସେ ରବିବାର ରାତିରେ ଏକ ବାଇକ୍ (ନଂ. ଓଡ଼ି ୨୨ଡ଼ି ୧୮୬୦)ରେ ଭୁବନେଶ୍ୱର ଯାଉଥବା ବେଳେ ଏକ ଗାଡ଼ି ତାଙ୍କ ବାଇକକୁ ପଛ ପଟୁ ଧକ୍କା ଦେଇଥିଲା।

## ସମୁଦ୍ର ବେଳାଭୂମିରେ ଭିତ୍ତିଭୂମିର ବିକାଶ ପାଇଁ ସମୀକ୍ଷା

### ରାଜ୍ୟ ପର୍ଯ୍ୟଟନ ବିଭାଗ ସଚିବଙ୍କ ଶିଆଳି ପରିଦର୍ଶନ

**ଏରସମା, ୨୩।୬ (ଦୀପ୍ତି ଖଣ୍ଡୁଆଳ)**

ଜଗତ୍‌ସିଂହପୁର ଜିଲାର ଅନ୍ୟତମ ମୁଖ୍ୟ ପର୍ଯ୍ୟଟନସ୍ଥଳ ଭାବରେ ପରିଚିତ ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି ସମୁଦ୍ର ବେଳାଭୂମିକୁ ସୋମବାର ବିଭାଗୀୟ ସଚିବ ବଳବନ୍ତ ସିଂହ ପରିଦର୍ଶନରେ ଆସିଥିଲେ। ଏହି ବେଳାଭୂମି ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବାରୁ ଏହି କ୍ଷେତ୍ରର ଭିତ୍ତିଭୂମିର ବିକାଶ ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏହାର ଅଗଭୀର ସମୁଦ୍ର, ସୁବିସ୍ତୃତ ଜଙ୍ଗଲ ଓ ବେଳାଭୂମିର ବିସ୍ତୀର୍ଣ୍ଣ ବାଲୁକାରାଶିର ବିକାଶ ସାଧନ ପାଇଁ ପ୍ରଶାସନିକ ସ୍ତରରେ ସମୀକ୍ଷା କରାଯାଇଥିଲା। ସଚିବ ସିଂହ ଶିଆଳିରେ ଥିବା ଜଙ୍ଗଲ ଜମି, ଜଳାଶୟକୁ ଯାତାୟାତ କରିବା ପାଇଁ ନିର୍ମାଣ କରାଯାଇଥିବା ପକ୍କା ସଡ଼କର ଆପ୍ରୋଚରୋଡ, ପର୍ଯ୍ୟଟକଙ୍କ ବିଶ୍ରାମ ପାଇଁ ଆବଶ୍ୟକ ଓଟିଡିସି ଗୃହ, ବିଦ୍ୟୁତ୍, ପାନୀୟ ଜଳ ଆଦି ବିଷୟରେ ବିଭାଗୀୟ ଅଧିକାରଙ୍କ ସହ ଆଲୋଚନ କରିଥିଲେ। ବିଶେଷ କରି ଶିଆଳିର ପାରିପାର୍ଶ୍ୱିକସ୍ଥିତି ରାମତରାଠାରୁ ଶିଆଳି ଦୀର୍ଘ ଏକ କିଲୋମିଟର ପର୍ଯ୍ୟନ୍ତ ବେଳାଭୂମିକୁ ସବୁ ଦୃଷ୍ଟିରୁ ସର୍ବବୃହତ୍ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବା ଲକ୍ଷ୍ୟରେ ଏହି ଦଳ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ସମୁଦ୍ର ପ୍ରତିବର୍ଷ କିପରି କୂଳ ଲଂଘୁଛି ସେ ବିଷୟରେ ମଧ୍ୟ ଅନୁଧ୍ୟାନ କରିଥିଲେ। ସଚିବ ସିଂହଙ୍କ ଏହି ଗସ୍ତ ଅବସରରେ ଜଗତସିଂହପୁର ଜିଲାପାଳ ଜେ ସୋନାଲ, ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ, ପାରାଦୀପ ଏଡିଏମ୍ ନିରଞ୍ଜନ ବେହେରା, ରେଭିନ୍ୟୁ ଏଡିଏମ୍ ସମ୍ପିତ ରାଉତ, ସ୍ଥାନୀୟ ରେଞ୍ଜର କାର୍ତ୍ତିକେଶ୍ୱର ଖଣ୍ଡେଇ, ସ୍ଥାନୀୟ ବିଡିଓ ଦାଶରଥି ଜେନା, ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରା ପ୍ରମୁଖ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ୨୦୧୬ରେ ଶିଆଳି ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିଲା। ମାତ୍ର ସେଠାରେ ସୌନ୍ଦର୍ଯ୍ୟ ଓ ସୁରକ୍ଷା ଦୃଷ୍ଟିରୁ ପର୍ଯ୍ୟଟକମାନଙ୍କ ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନ ଥିଲା। ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିଲା । ଏଭଳିସ୍ଥିତିରେ ଗତ ମେ'ରେ ସମୁଦ୍ର କୂଳ ଲଂଘି ଥିଲା। ସେହିପରି ସୁରକ୍ଷା ଅଭାବରୁ ଜୁନ୍ ୧୫ରେ ଉକ୍ତ ସମୁଦ୍ରରେ ଭାସି ଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା।



ରାଜ୍ୟ ପର୍ଯ୍ୟଟନ ବିଭାଗ ସଚିବ ବଳବନ୍ତ ସିଂହ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।


### ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ହରପ୍ରିୟା



@ ରାଜେନ୍ଦ୍ର



@ ରମେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


**ଦ.ପୂ. ରେଳପଥ – ଟେଣ୍ଡର**

ଏନ୍‌ଆଇଟି ନଂ.: ଏସ୍‌ଟି_ପି_ଏସ୍‌ଆର_୨୫_କେଏଭିଏସିଏଚ୍_ଏଚ୍‌ୟୁଏନ୍_୦୮, ତାରିଖ: ୧୯।୦୬।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପ ସିଏସ୍‌ଟିଇ/ୱାର୍କସ/ଏଚ୍‌କ୍ୟୁ, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । **କାର୍ଯ୍ୟର ବର୍ଣ୍ଣନା:** ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର, ଆଦ୍ରା, ରାଞ୍ଚି ଓ ଚକ୍ରଧରପୁର ମଣ୍ଡଳ ସେକ୍ସନରେ ସମ୍ବନ୍ଧିତ କାର୍ଯ୍ୟ ସମେତ ଏଚ୍‌ୟୁଏନ୍ ରୁଟ୍ (୧୦୪୦ ଆର୍‌କେଏମ୍)ରେ କବଚର ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କମିଶନିଂ । **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ₹୨୫୭,୬୨,୩୯,୪୯୪ । **ଅମାନତ ରାଶି:** ₹୧,୦୦,୦୦,୦୦୦ । **ସମାପ୍ତି ତାରିଖ ଓ ସମୟ:** ତା୨୮।୦୭।୨୦୨୫ରିଖ ୧୬.୦୦ ଘଟିକାରେ । ଉପରୋକ୍ତ ଟେଣ୍ଡର ପାଇଁ ସବିଶେଷ ଟେଣ୍ଡର ବିଜ୍ଞପ୍ତି ୱେବ୍‌ସାଇଟ୍ www.ireps.gov.in ରେ ପ୍ରକାଶିତ ହୋଇସାରିଛି । (PR-303)

**GOVERNMENT OF ODISHA** No.B-224
**OFFICE OF THE SUPERINTENDING ENGINEER**
**BALANGIR (R&B) DIVISION : BALANGIR**
Email - eepwd.bgr@rediffmail.com, eepwd.bgr@gmail.com
Ph. No. 06652-232374
**e-Procurement Notice**
**BID IDENTIFICATION NO : BGR R&B/05/2025-26**
**No.4209//Dtd.18.06.2025**

1. The **Superintending Engineer, Balangir (R&B) Division, Balangir** on behalf of Governor of Odisha invites percentage rate **Composite** bid in **Double** cover system in **ONLINE MODE** for the construction of works detailed in the table below from **B** Class Contractors registered with the State Governments and contractors of equivalent Grade/Class registered with Central Government/ MES/Railways for execution of Road/Building/Bridge works. The proof of registration from the appropriate authority shall be enclosed along with the bid.
2. Nature of Work : Building work
3. No. of tender : Building work : 02 Nos.
4. Tender Cost : Rs.10,000/-
5. Class of Contractor : **"B" Class (Registered with CDMS)**
6. Date & Time of sale & Receipt of Bids : From Dt.25.06.25, 10.00 A.M. to Dt.10.07.25 up to 05.00 P.M.
7. Date of opening Bid : Dt.11.07.25 at 11.00 A.M.
8. The bidders have to participate in ONLINE bidding only. Further details can be seen from the website : http://tendersorissa.gov.in. All future corrigendums will be available on ONLINE MODE only.

Sd./- Superintending Engineer
Balangir (R&B) Division
OIPR-34028/11/0028/2526

**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल, देवघर**

पत्रांक 498/ देवघर, दिनांक 21/06/2025

**शुद्धि-पत्र**

इस कार्यालय से प्रकाशित ई-निविदा आमंत्रण सूचना संख्या- RDD/SD/DEOGHAR/ 11/RE1/2025-26 (3rd Call) तथा PR No. 355634 (25-26), dtd. 21.06.2025 में आंशिक संशोधन निम्नरूपेण किया जाता है:-

| क्र0 | विवरणी | पूर्व में प्रकाशित तिथि/समय | संशोधित तिथि/समय |
|---|---|---|---|
| 1 | वेबसाइट में निविदा प्रकाशन की तिथि | 23.06.2025 | 25.06.2025 समय 11:00 बजे पूर्वाह्न |
| 2 | ई-निविदा प्राप्ति की तिथि एवं समय | दिनांक 24.06.2025 से दिनांक 02.07.2025 को अपराह्न 05:00 बजे तक | दिनांक 25.06.2025 से दिनांक 15.07.2025 को अपराह्न 05:00 बजे तक |
| 3 | ई-निविदा खोलने की तिथि एवं समय | 04.07.2025 अपराह्न 2:00 बजे | 17.07.2025 अपराह्न 2:00 बजे |

निविदा की शेष नियम एवं शर्त्ते यथावत् रहेगें।

ह0/-
कार्यपालक अभियंता
ग्रामीण विकास विशेष प्रमंडल, देवघर।
PR 355776 Rural Development(25-26)#D

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, डालटनगंज**

**अल्पकालीन पुर्न ई-निविदा आमंत्रण सूचना संख्या -**
**07RI/2024-25/EE/RWD/DALTONGANJ**

कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज द्वारा निम्न विवरण के अनुसार e-procurement पद्धति से पथों का निविदा आमंत्रित की जाती है ।

दिनांक-23.06.2025

1. कार्य का नाम :

| क्र0 सं0 | आईडेन्टी फिकेशन संख्या /पैकेज संख्या | कार्य का नाम | प्राक्कलित राशि (लाख में) अंक में | प्राक्कलित राशि (लाख में) अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1 | EE/RWD/ DALTONGAN J /24/2024-25 | नौडीहा में पिपल पेड़ से सोनबरसा होते हुए तेतरियाडीह चौक तक पथ निर्माण कार्य।, 2.85कि0मी0 | 300.739 | तीन करोड़ तिहतर लाख नौ सौ रू0 मात्र | 12 माह | द्वितीय |

2. बेवसाईट में निविदा प्रकाशन की तिथि : 26.06.2025
3. ई-निविदा प्राप्ति की अंतिम तिथि एवं समय : 10.07.2025 up to 5.00 PM
4. निविदा खोलने की तिथि एवं समय 12.07.2025 पूर्वाह्न 3.30 बजे
5. निविदा आमंत्रित करने वाले पदाधिकारी का नाम एवं पता : कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज ।
6. ई-निविदा प्रकोष्ठ का दूरभाष सं0 -06562357595

विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है ।

कार्यपालक अभियंता
ग्रामीण कार्य विभाग, कार्य प्रमंडल, डालटनगंज
PR 355759 Rural Development(25-26)#D

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. 15-SBP-TRD-OT-2025-26, ତା.18.06.2025ରିଖ

**କାର୍ଯ୍ୟର ନାମ :** 'ସରଲା ୟାର୍ଡ ଠାରେ କ୍ରସ୍‌ଓଭର (Crossover) ପଏଣ୍ଟ 127A ଏବଂ 127B ରେ ତ୍ରୁଟିପୂର୍ଣ୍ଣ (Defective) ୟାର୍ଡ ଲେଆଉଟ୍‌ର ସଂଶୋଧନ' କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 54,53,586.68, **EMD :** ₹ 1,09,100/-, ଶେଷ ହେବା ଅବଧି : 06 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.07.2025ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-269/Q/25-26

# ଅନ୍ତ୍ୟୋଦୟ ଗୃହ ପାଇଁ ଲାଞ୍ଚ ଅଭିଯୋଗ
# ଭାପୁର ବ୍ଲକ୍ ସମ୍ମୁଖରେ ଧାରଣା

■ଆନ୍ଦୋଳନରେ ୧୫ ପଞ୍ଚାୟତର ଲୋକ ପ୍ରତିନିଧି
■ଉପଜିଲାପାଳଙ୍କ ହସ୍ତକ୍ଷେପ ପରେ ହଟିଲା ଆନ୍ଦୋଳନ
■ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ବଣ୍ଟନ ବନ୍ଦ, ହେବ ତଦନ୍ତ
■ସରକାରୀ କାର୍ଯ୍ୟକ୍ରମରେ ଦଳୀୟ ଭିତ୍ତିରେ ପଟ୍ଟା ବଣ୍ଟନ ନେଇ କ୍ଷମା ମାଗିଲେ


ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କୁ ବ୍ଲକ୍ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସରପଞ୍ଚ, ସମିତିସଭ୍ୟ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ନୟାଗଡ଼,୨୩।୬(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଭାପୁର ବ୍ଲକର ବିଡିଓଙ୍କ ମନମୁଖି, ଜନବିରୋଧୀ ଓ ଚାନ୍ଦା ଆଦାୟ ଭଳି ବିଭିନ୍ନ ପ୍ରକାର କାର୍ଯ୍ୟ ବିରୋଧରେ ସୋମବାର ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଗୃହ ପାଇ ୨୦ ହଜାର ଲାଞ୍ଚ ବିରୋଧରେ ଆନ୍ଦୋଳନରେ ବ୍ଲକ୍‌ର ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ନେତୃତ୍ୱରେ ୧୫ ପଞ୍ଚାୟତର ସମିତିସଭ୍ୟ ଓ ୧୧ ସରପଞ୍ଚଙ୍କ ସମେତ ଅନ୍ୟ ପଞ୍ଚାୟତର ଲୋକ ସାମିଲ ହୋଇଥିଲେ। ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କ ହସ୍ତକ୍ଷେପ ପରେ ସୋମବାର ପୂର୍ବାହ୍ନ ୧୦ଟାରେ ଆରମ୍ଭ ହୋଇଥିବା ଆନ୍ଦୋଳନ ଅପରାହ୍ନ ସାଢ଼େ ୫ଟାରେ ପ୍ରତ୍ୟାହୃତ ହୋଇଛି। ତେବେ ସରକାରୀ କାର୍ଯ୍ୟକ୍ରମରେ ଦଳୀୟ ଚିହ୍ନ ଥାଇ ଜମି ପଟ୍ଟା ବଣ୍ଟନ ଠିକ୍ ନୁହେଁ ଦର୍ଶାଇ ବିଡିଓ ଓ ତହସିଲଦାର କ୍ଷମା ମାଗିଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷେ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶକୁ ବନ୍ଦ କରାଯାଇ ତଦନ୍ତ କରାଯିବ। ତଦନ୍ତ ପରେ ପୁଣି ହିତାଧିକାରୀ ଚୟନ କରାଯିବ। ତେବେ ନୂଆ ଚୟନରେ ଯୋଗ୍ୟ ହିତାଧିକାରୀକୁ ଅଣଦେଖା କରାଯିବନି ବୋଲି ପ୍ରତିଶ୍ରୁତି ମିଳିଛି।


ଅଭିଯୋଗ ଅନୁସାରେ ଅନ୍ତ୍ୟୋଦୟ ଯୋଜନାରେ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିଲା। ଅଯୋଗ୍ୟ ବ୍ୟକ୍ତିଙ୍କଠାରୁ ୨୦ ହଜାର ଲାଞ୍ଚ ନେଇ ସେମାନଙ୍କୁ ଗୃହ କରିବାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ୨୦ ହଜାର ଲାଞ୍ଚ ବିଡିଓ ନେଉଛନ୍ତି ବୋଲି ଅଭିଯୋଗ ରହିଥିଲା। ଯୋଗ୍ୟ ବ୍ୟକ୍ତିଙ୍କୁ ଅଣଦେଖା ପରେ ପ୍ରତିବାଦ ଉଠିଥିଲେ ମଧ୍ୟ ସେଥିପ୍ରତି ବିଡିଓ ଗୁରୁତ୍ୱ ଦେଇ ନ ଥିଲେ। ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ନ କରି ଦଲାଲଙ୍କ ଚାପରେ ୩୦ ପ୍ରତିଶତ ଅର୍ଥ ଦେଉଥିବା ବ୍ୟକ୍ତି ବିଶେଷଙ୍କୁ କାମ କରିବାର ସୁଯୋଗ ଦିଆଯାଇଥିଲା। ଜିଆଇଏ ଫଣ୍ଡରେ ବିଡିଓ ୧୦ ପ୍ରତିଶତ ପିସି ମାଗିଥିଲେ। ପିସି ନ ଦେବାରୁ ଚେୟାରମ୍ୟାନଙ୍କୁ ଅଣଦେଖା କରି ଠିକାଦାରଙ୍କୁ ସୁହାଇଲା ଭଳି କାର୍ଯ୍ୟ କରିଥିଲେ। ଜମିବାଡ଼ି ପଟ୍ଟା ବଣ୍ଟନ ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିଲେ ହେଁ ବ୍ଲକର ସଦ୍‌ଭାବନା କକ୍ଷରେ ଦଳୀୟ ବ୍ୟାନର ମାରି ବିଧାୟକ ବିଡିଓ ଓ ତହସିଲଦାରଙ୍କ ଉପସ୍ଥିତିରେ ପଟ୍ଟା ବଣ୍ଟନ କରିଥିଲେ। ଜମି ପଟ୍ଟା ବଣ୍ଟନ ପରି ସରକାରୀ କାର୍ଯ୍ୟକ୍ରମରେ ବ୍ଲକ୍‌ର ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଜନପ୍ରତିନିଧିଙ୍କୁ ଅଣଦେଖା କରାଯାଇଥିଲା। ବ୍ଲକର ମୁଖ୍ୟ ଅଧ୍ୟକ୍ଷା ହୋଇଥିବାବେଳେ ତାଙ୍କୁ ସରକାରୀ ଚିଠିଓ ତଥ୍ୟ ଦେବାକୁ ବିଡିଓ ମନା କରିବା ପରେ କର୍ମଚାରୀମାନେ ଅସହଯୋଗ କରୁଥିବା ଅଭିଯୋଗ ରହିଥିଲା। ଲୋକ ପ୍ରତିନିଧିମାନଙ୍କୁ ସମ୍ମାନ ନ ଦେଇ ସେମାନଙ୍କୁ ପୋଲିସ ଲଗାଇ ମାନସିକ ଯନ୍ତ୍ରଣା ଦିଆଯାଉଥିଲା। ପୁରୁଣା ପ୍ରକଳ୍ପଗୁଡିକରେ କାର୍ଯ୍ୟାଦେଶ ମିଳିଥିବା ବ୍ୟକ୍ତିଙ୍କୁ ବିଲ୍ ନ ଦେଇ ନୂଆ କାମ କରାଯାଇଥିଲା ବୋଲି ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷେ ଜିଲା ପରିଷଦ ନିର୍ବାହୀ ଅଧିକାରୀ, ନୟାଗଡ଼ ଏସ୍‌ପିଙ୍କୁ ମଧ୍ୟ ଅଭିଯୋଗ ହୋଇଥିଲା। ଅଭିଯୋଗର ସମାଧାନ ନ ହେଲେ ୨୩ ତାରିଖରେ ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଥିଲା। ଅପରପକ୍ଷେ ପ୍ରାରମ୍ଭିକ ପର୍ଯ୍ୟାୟରେ ବିଡିଓ ସାରଦା ପ୍ରସନ୍ନ ପଣ୍ଡା ସବୁ କିଛି ଠିକ୍‌ଠାକ୍ ହୋଇଥିବା ଗଣମାଧ୍ୟମକୁ କହିଥିଲେ। ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ଚୟନ ଓ ଅନ୍ୟାନ୍ୟ କାର୍ଯ୍ୟ ନୀତି ନିୟମ ଭିତ୍ତିରେ ହୋଇଥିବା ଦର୍ଶାଇଥିଲେ। ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଠିକ୍ ନୁହେଁ ବୋଲି ସୂଚନା ଦେଇଥିଲେ।

ତେବେ ଉପଜିଲାପାଳ ଧାରଣାସ୍ଥଳକୁ ଆସିବା ପରେ ବଦଳି ଯାଇଥିଲା ମାହୋଲ। ଉପଜିଲାପାଳଙ୍କ ହସ୍ତକ୍ଷେପ ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ନେଇ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ କହିଛନ୍ତି, ବ୍ଲକର ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ଚେୟାରରେ ବିଡିଓଙ୍କ ଉପସ୍ଥିତିରେ ସାଧାରଣ ଲୋକ ବସୁଥିଲେ। ବ୍ଲକ୍‌ର ଉନ୍ନୟନମୂଳକ କାର୍ଯ୍ୟରେ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କୁ ସାମିଲ କରାଯାଉ ନ ଥିଲେ। ଦଳୀୟ ଭିତ୍ତିରେ ଜମିବାଡି ପଟ୍ଟା ବଣ୍ଟନ କରାଗଲା। ଯେଉଁମାନଙ୍କ ଘର ପୋଡ଼ିଯାଇଛି ସେମାନଙ୍କୁ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ମିଳିଲା ନାହିଁ। ଗରିବ ଲୋକଙ୍କୁ ଜାଣିଶୁଣି ଅଣଦେଖା କରାଗଲା। ୨୦ ହଜାର ଟଙ୍କା ବିଡିଓଙ୍କୁ ଲାଞ୍ଚ ଦେଲେ କାର୍ଯ୍ୟାଦେଶ ମିଳିଥିଲା। ସ୍ୱଚ୍ଛଳ ବର୍ଗର ଲୋକମାନେ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ପାଇଲେ। ଅଭିଯୋଗ ପରେ ଓ ଧାରଣା ଧମକ ପରେ ବି ସୁଫଳ ମିଳିଲାନାହିଁ। ଧାରଣା ଦେବା ପରେ ବି ବିଡିଓ ସବୁ କିଛି ଠିକ୍‌ଠାକ୍ ଅଛି କହୁଥିଲେ। ତେବେ ଉପଜିଲାପାଳ ଆସିବା ପରେ ଏକ ପ୍ରକାରର ନ୍ୟାୟ ମିଳିଛି। ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶରେ ଅନିୟମିତତା ହୋଇଥିବା ଉପଜିଲାପାଳ ହୃଦୟଙ୍ଗମ କରିବା ପରେ ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି। ଅନ୍ୟ ଉନ୍ନୟନ କାର୍ଯ୍ୟ ନେଇ ଜିଲାସ୍ତରରେ ବୈଠକ କରାଯାଇ ନିଷ୍ପତ୍ତି ପରେ ପଦକ୍ଷେପ ନିଆଯିବ। ଲୋକ ପ୍ରତିନିଧିଙ୍କ ସମ୍ମାନ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଛି। ତେବେ ଜମିବାଡ଼ି ପଟ୍ଟା ବଣ୍ଟନ ଦଳୀୟ ଭିତ୍ତିରେ କରାଯାଇଥିବାରୁ ଆଗକୁ ଏପରି ହେବନି ପ୍ରତିଶ୍ରୁତି ମିଳିଛି। ସେଥିପାଇଁ ବିଡିଓ ଓ ତହସିଲଦାର କ୍ଷମା ମାଗିଥିଲେ ବୋଲି ସେ କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ହରପ୍ରିୟା


@ ରାଜେନ୍ଦ୍ର


@ ରମେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାଇପାସ୍ ରାସ୍ତା ଦବିଲା, ଟ୍ରକ୍‌ରୁ ନଦୀକୁ ଖସିଲା ହିଟାଚି

ଖଣ୍ଡପଡ଼ା, ୨୩।୬ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଆଡକଟା ଭୟା ଖଳିସାହି ପୂର୍ତ୍ତ ବିଭାଗ ରାସ୍ତାରେ ଥିବା କୁଆଁରିଆ ସେତୁ ପାର୍ଶ୍ୱ ବାଇପାସ୍ ରାସ୍ତା ଦବିଯିବାରୁ ଏକ ଟ୍ରକ୍ ଯୋଗେ ସ୍ଥାନାନ୍ତର ହେଉଥିବା ଏକ ହିଟାଚି ମେଶିନ ରାସ୍ତା ପାର୍ଶ୍ୱ ନଦୀକୁ ଖସିପଡ଼ିଛି। ସୂଚନାଯୋଗ୍ୟ, ଉକ୍ତ ଟ୍ରକ୍‌ଟି ହିଟାଚି ମେଶିନକୁ ନେଇ ଦଶପଲ୍ଲାରୁ ଖଣ୍ଡପଡ଼ା ଅଭିମୁଖେ ସୋମବାର ମଧ୍ୟାହ୍ନ ୧୨ଟାରେ ଯାଉଥିଲା। ଏହି ସମୟରେ ବାଇପାସ୍ ରାସ୍ତା ଦବିଯିବାରୁ ଏଭଳି ଅଘଟଣ ଘଟିଥିବା ସ୍ଥାନୀୟ ବାସିନ୍ଦାଙ୍କ ସୂତ୍ରରୁ ଜଣାପଡିଛି। ସୌଭାଗ୍ୟବଶତଃ ଟ୍ରକ୍‌ଟି ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ ହେଁ ହିଟାଚି ମେଶିନଟି ନଦୀ ଭିତରେ ପଡିରହିଛି। ମେଶିନଟିକୁ ନଦୀ ମଧ୍ୟରୁ ଉଦ୍ଧାର କରିବାକୁ ଜେସିବିର ସହାୟତା ନିଆଯାଇଥିବା ଜଣାପଡିଛି। ରବିବାର ରାତିରେ ପ୍ରବଳ ବର୍ଷା ଯୋଗୁ ଖରସ୍ରୋତା କୁଆଁରିଆ ନଦୀର ପାଣି ଦୁଇକୂଳ ଖାଇ ପ୍ରବାହିତ ହେଉଛି। ଫଳରେ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ କୁଆଁରିଆ ସେତୁ ପାର୍ଶ୍ୱରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ବାଇପାସ୍ ରାସ୍ତା ବର୍ଷାଋତୁରେ ନଷ୍ଟ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି। ଏହି ଘଟଣା ପରେ କୁଆଁରିଆ ସେତୁ ପାର୍ଶ୍ୱସ୍ଥ ବାଇପାସ ରାସ୍ତା ଦେଇ ଯାତାୟାତ ନିମନ୍ତେ ଯାନବାହନ ଚାଳକମାନେ ନିଜକୁ ଅସୁରକ୍ଷିତ ମଣୁଥିବା ସାଧାରଣରେ ଆଲୋଚନା ହେଉଛି। ଅପରପକ୍ଷେ ବିପଦସଙ୍କୁଳ ଅବସ୍ଥାରେ ଅବସ୍ଥିତ ବାଇପାସ୍ ରାସ୍ତାଟି ନଦୀର ପ୍ରଖର ସ୍ରୋତରେ ନଷ୍ଟ ହୋଇଗଲେ ରାଜ୍ୟ ସରକାରଙ୍କ ୧୫ ଲକ୍ଷ ଟଙ୍କା ପାଣିରେ ପଡ଼ିବା ସାର ହେବ ବୋଲି ଜଣାପଡିଛି।



ନଦୀକୁ ଖସିପଡ଼ିଥିବା ହିଟାଚିକୁ ଜେସିବି ସାହାଯ୍ୟରେ ଉଠାଯାଉଛି।

# ଦଶପଲ୍ଲାରେ ଜିଲାପାଳଙ୍କ ଜନଶୁଣାଣି ଶିବିର

## ୧୪୫ ଅଭିଯୋଗରୁ ୪୫ଟି ସମାଧାନ

ନୟାଗଡ଼/ଦଶପଲ୍ଲା,୨୩।୬ (ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲାର ଦଶପଲ୍ଲା ବ୍ଲକରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଏସ୍‌ପି ଏସ୍ ସୁଶ୍ରୀ, ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର, ସିଡିଏମ୍‌ଓ ସୁଶାନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇ ଅଭିଯୋଗ ଶୁଣିଥିଲେ। ୧୪୫ଟି ଅଭିଯୋଗରୁ ୪୫ଟିର ସମାଧାନ ହୋଇଛି। ଅନ୍ୟପକ୍ଷେ ୧୪୫ ଅଭିଯୋଗ ମଧ୍ୟରୁ ୧୩୫ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୯ଟି ଗୋଷ୍ଠୀଗତ ଥିଲା। ଗୋଟିଏ ଅଭିଯୋଗ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ପାଇଁ ଉଦ୍ଦିଷ୍ଟ ରହିଥିଲା।

# ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ପ୍ରାଚୀର ନିର୍ମାଣ ଦାବି

ଖଣ୍ଡପଡ଼ା, ୨୩।୬ (ଅଜୟ କୁମାର ମହାରଣା )

ଖଣ୍ଡପଡ଼ା ବ୍ଲକ ଅଧୀନ ରୟତି ଢୋଲମରା ଗ୍ରାମ ଉପର ହରିଜନସାହି ନିକଟସ୍ଥ ବରପଦାଠାରେ ଦୀର୍ଘବର୍ଷ ଧରି ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖୋଲାମେଲାରେ ଥିବାରୁ ଏହା ଅଞ୍ଚଳବାସୀଙ୍କ ପାଇଁ ବିପଦର କାରଣ ସାଜିଛି। ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ ନିର୍ମାଣ ନିମନ୍ତେ ସ୍ଥାନୀୟ ବାସିନ୍ଦା ଦୀଘବର୍ଷ ଧରି ଦାବି କରି ଆସୁଥିଲେ ହେଁ ସେଥିପ୍ରତି ବିଦ୍ୟୁତ ବିତରଣ କମ୍ପାନୀ କର୍ତ୍ତୃପକ୍ଷ (ଟିପିସିଓଡିଏଲ) ଆଦୌ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି।



ଫଳରେ ପ୍ରତି ମୁହୂର୍ତ୍ତରେ ଅଘଟଣ ଘଟିବାର ଆଶଙ୍କା ପ୍ରକାଶ ପାଉଛି। ଏକ ତାର ବାଡ଼ ଦ୍ୱାରା ବିଦ୍ୟୁତ ଟ୍ରାନ୍ସଫର୍ମରଟିକୁ ଆବଦ୍ଧ କରାଗଲେ ଏହା ସୁରକ୍ଷିତ ଅବସ୍ଥାରେ କାର୍ଯ୍ୟ କରିବା ସହ ଅଞ୍ଚଳବାସୀ ଉପକୃତ ହୋଇପାରନ୍ତେ ବୋଲି କହିଛନ୍ତି। ଏଥିପ୍ରତି ପ୍ରଶାସନ ଓ ବିଦ୍ୟୁତ ବିତରଣ କମ୍ପାନୀ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।


**ଦ.ପୂ. ରେଳପଥ – ଟେଣ୍ଡର**

ଏନ୍‌ଆଇଟି ନଂ.: ଏସ୍‌ଟି_ପି_ଏସ୍‌ଇଆର୍_୨୫_କେଏଭିଏସିଏଚ୍_ଏଚ୍‌ୟୁଏନ୍_୦୮, ତାରିଖ: ୧୯।୦୬।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପ ସିଏସ୍‌ଟିଇ/ୱାର୍କସ୍/ଏଚ୍‌କ୍ୟୁ, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା–୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି । **କାର୍ଯ୍ୟର ବର୍ଣ୍ଣନା:** ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର, ଆଦ୍ରା, ରାଞ୍ଚି ଓ ଚକ୍ରଧରପୁର ମଣ୍ଡଳ ସେକ୍ସନରେ ସମ୍ବନ୍ଧିତ କାର୍ଯ୍ୟ ସମେତ ଏଚ୍‌ୟୁଏନ୍ ରୁଟ୍ (୧୦୪୦ ଆର୍‌କେଏମ୍)ରେ କବଚର ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କମିଶନିଂ । **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ₹୨୫୭,୬୨,୩୯,୪୯୪ । **ଅମାନତ ରାଶି:** ₹୧,୦୦,୦୦,୦୦୦ । **ସମାପ୍ତି ତାରିଖ ଓ ସମୟ:** ତା୨୮।୦୭।୨୦୨୫ରିଖ ୧୬.୦୦ ଘଟିକାରେ । ଉପରୋକ୍ତ ଟେଣ୍ଡର ପାଇଁ ସବିଶେଷ ଟେଣ୍ଡର ବିଜ୍ଞପ୍ତି ୱେବ୍‌ସାଇଟ୍ www.ireps.gov.in ରେ ପ୍ରକାଶିତ ହୋଇସାରିଛି । (PR-303)


# କଲଭର୍ଟର ଭିତର ପାର୍ଶ୍ୱ ପୋତା ଯାଉନି

## ୨ ମାସରେ ୨୦ ଦୁର୍ଘଟଣା



ନୟାଗଡ଼,୨୩।୬(ଲୋକନାଥ ମିଶ୍ର)

ନୟାଗଡ଼ କେଶରପୁର ରାସ୍ତାର ନାଗମୁଣ୍ଡଳୀ ପ୍ରାଥମିକ ବିଦ୍ୟାଳୟଠାରୁ ୫୦ ମିଟର ଦୂର କେଶରପୁର ଗାଁ ଆଡ଼କୁ ଥିବା କଲଭର୍ଟ ବିପଦ ପାଲଟିଛି। କଲଭର୍ଟର ଭିତର ପାର୍ଶ୍ୱ ନ ପୋତି କିଛି ସିମେଣ୍ଟ ଖଣ୍ଡ ପକାଇ ଛାଡ଼ିଯିବା ପରେ ସମ୍ପୃକ୍ତ ଅଞ୍ଚଳରେ ଦୁର୍ଘଟଣା ଘଟୁଛି। ୨ ମାସ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଘଟିଲାଣି। କେଶରପୁର ନୟାଗଡ଼ ରାସ୍ତା ନିର୍ମାଣ ଶେଷ ହୋଇ ନ ଥିଲେ ହେଁ ନୂଆ କଲଭର୍ଟ କରି ଭିତର ଅଂଶ ନ ପୋତିବା ବିପଦ ହୋଇଛି। ତୁରନ୍ତ କଲଭର୍ଟର ଭିତର ପାର୍ଶ୍ୱ ପୋତିବାକୁ ଦାବି ହେଉଛି।


**GOVERNMENT OF ODISHA** No.B-224
**OFFICE OF THE SUPERINTENDING ENGINEER**
**BALANGIR (R&B) DIVISION : BALANGIR**
Email - eepwd.bgr@rediffmail.com, eepwd.bgr@gmail.com
Ph. No. 06652-232374
**e-Procurement Notice**
BID IDENTIFICATION NO : BGR R&B/05/2025-26
No.4209//Dtd.18.06.2025

1. The **Superintending Engineer, Balangir (R&B) Division, Balangir** on behalf of Governor of Odisha invites percentage rate **Composite** bid in **Double** cover system in **ONLINE MODE** for the construction of works detailed in the table below from **B** Class Contractors registered with the State Governments and contractors of equivalent Grade/Class registered with Central Government/ MES/Railways for execution of Road/Building/Bridge works. The proof of registration from the appropriate authority shall be enclosed along with the bid.
2. Nature of Work : Building work
3. No. of tender : Building work : 02 Nos.
4. Tender Cost : Rs.10,000/-
5. Class of Contractor : **"B" Class (Registered with CDMS)**
6. Date & Time of sale & Receipt of Bids : From Dt.25.06.25, 10.00 A.M. to Dt.10.07.25 up to 05.00 P.M.
7. Date of opening Bid : Dt.11.07.25 at 11.00 A.M.
8. The bidders have to participate in ONLINE bidding only. Further details can be seen from the website : http://tendersorissa.gov.in. All future corrigendums will be available on ONLINE MODE only.

Sd./- Superintending Engineer
Balangir (R&B) Division
OIPR-34028/11/0028/2526



**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल, देवघर**

पत्रांक 498/ देवघर, दिनांक 21/06/2025

**शुद्धि–पत्र**

इस कार्यालय से प्रकाशित ई–निविदा आमंत्रण सूचना संख्या– RDD/SD/DEOGHAR/ 11/RE1/2025-26 (3rd Call) तथा PR No. 355634 (25-26), dtd. 21.06.2025 में आंशिक संशोधन निम्नरूपेण किया जाता है:–

| क्र0 | विवरणी | पूर्व में प्रकाशित तिथि/समय | संशोधित तिथि/समय |
|---|---|---|---|
| 1 | वेबसाइट में निविदा प्रकाशन की तिथि | 23.06.2025 | 25.06.2025 समय 11:00 बजे पूर्वाह्न |
| 2 | ई–निविदा प्राप्ति की तिथि एवं समय | दिनांक 24.06.2025 से दिनांक 02.07.2025 को अपराह्न 05:00 बजे तक | दिनांक 25.06.2025 से दिनांक 15.07.2025 को अपराह्न 05:00 बजे तक |
| 3 | ई–निविदा खोलने की तिथि एवं समय | 04.07.2025 अपराह्न 2:00 बजे | 17.07.2025 अपराह्न 2:00 बजे |

निविदा की शेष नियम एवं शर्त्ते यथावत् रहेगें।

ह0/–
कार्यपालक अभियंता
ग्रामीण विकास विशेष प्रमंडल, देवघर।
PR 355776 Rural Development(25-26)#D


# ଡାଇରିଆ ନିରାକରଣ ଅଭିଯାନ ପ୍ରହସନ

ନୟାଗଡ଼,୨୩।୬(ଲୋକନାଥ ମିଶ୍ର)

ଡାଇରିଆ ନିରାକରଣ ଅଭିଯାନ ଜୁନ ୧୬ରୁ ଆରମ୍ଭ ହୋଇଛି। ଏହା ୩୧ ଜୁଲାଇରେ ଶେଷ ହେବ। ଏ ନେଇ ସଚେତନତା ଚାଲିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଉଛି। ହେଲେ ସ୍ୱାସ୍ଥ୍ୟ ବିଭାଗର ସଚେତନତା କେଉଁଠାରେ କରାଯାଉଛି ଜଣାପଡୁନାହିଁ। ନିକଟରେ ୧୭ ତାରିଖରେ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ନିରାକରଣ ଉପରେ ଜିଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷ ବୈଠକକୁ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଡକାଯାଇ ସାଧାରଣରେ ସଚେତନତା କରାଯାଇଥିଲା। ଚଳିତବର୍ଷ ଗଣମାଧ୍ୟମକୁ ଅଣଦେଖା କରି ଚାରିକାନ୍ଥ ମଧ୍ୟରେ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ନିରାକରଣ ଉପରେ ଜିଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ କରାଗଲା। ଗଣମାଧ୍ୟମକୁ ଅଣଦେଖା କରୁଥିବା ସ୍ୱାସ୍ଥ୍ୟ ବିଭାଗ ସଚେତନତାକୁ ଭୁଲି ଯାଇଥିବା କୁହାଯାଉଛି। ପୁଣି ସଚେତନତା କେଉଁଠି ହେଉଛି, କିପରି ହେଉଛି, ରୋଗୀ କେଉଁ ଅଞ୍ଚଳରେ ଚିହ୍ନଟ ହେଉଛନ୍ତି ଜାଣି ହେଉନାହିଁ। ସହରର ଅଧିକାଂଶ ଇଲାକାରେ ସ୍ୱାସ୍ଥ୍ୟ କର୍ମୀଙ୍କ ପାଦ ପଡୁନି ବୋଲି ଅଭିଯୋଗ ହେଉଛି। ଏଣୁ ଡେଙ୍ଗୁ, ଡାଇରିଆ, ମ୍ୟାଲେରିଆ ନିରାକରଣ ପାଇଁ ସାଧାରଣ ଲୋକଙ୍କ ପାଖରେ ବାର୍ତ୍ତା ପହଞ୍ଚୁ ନ ଥିବା ଅଭିଯୋଗ ବଢ଼ିବାରେ ଲାଗିଛି। ପୁଣି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଝାଡ଼ାବାନ୍ତି ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତେବେ ଗୋଡିପଡ଼ା ନିକଟସ୍ଥ ମଝିଆଖଣ୍ଡ ଗାଁରେ ଝାଡ଼ାବାନ୍ତିରେ ୨ଜଣ ଆକ୍ରାନ୍ତ ହେବା ଓ ଜଣଙ୍କ ଅବସ୍ଥା ଗୁରୁତର ହେବା ପରେ ଭୟ ଦେଖା ଦେଇଛି। ବର୍ଷା ଆରମ୍ଭ ହୋଇଯାଇଥିବାରୁ ନଳକୂପ, ଖୋଲାକୂପ, ଟାଙ୍କିର ପାଣିକୁ ବିଶୋଧନ କରିବାକୁ ହାଲୋଜିନ୍ ଟାବଲେଟ ଓ ବ୍ଲିଚିଂ କରିବା ପାଇଁ ପଦକ୍ଷେପ ନିଆଯିବା ଦରକାର। ହେଲେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନ ଥିବା କୁହାଯାଉଛି। ଏ ନେଇ ଗଣିଆର ଉର୍ମିଳା ନାୟକ, ଦଶପଲ୍ଲାର ବିମଳ ପ୍ରଧାନ କହିଛନ୍ତି, ପ୍ରଦୂଷିତ ସ୍ଥାନରେ ବ୍ଲିଚିଂ ପାଉଡର ପକାଯାଉନାହିଁ। ପୁଣି ପାନୀୟ ଜଳ ଉତ୍ସଗୁଡ଼ିକର ଜଳ ବଶୋଧନ ପାଇଁ ପଦକ୍ଷେପ ନିଆଯାଉନାହିଁ। ସଚେତନତା ଆଳରେ କେବଳ ସରକାରୀ ଅନୁଦାନକୁ କାଗଜପତ୍ରରେ ଖର୍ଚ୍ଚ ଚାଲିଛି ବୋଲି ସେମାନେ କହିଛନ୍ତି।


**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, डालटनगंज**

**अल्पकालीन पुर्न ई–निविदा आमंत्रण सूचना संख्या –**
07RI/2024–25/EE/RWD/DALTONGANJ
कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज द्वारा निम्न विवरण के अनुसार e-procurement पद्धति से पथों का निविदा आमंत्रित की जाती है ।
दिनांक–23.06.2025

1. कार्य का नाम :

| क्र0 सं0 | आईडेन्टी फिकेशन संख्या /पैकेज संख्या | कार्य का नाम | प्राक्कलित राशि (लाख में) | | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| | | | अंक में | अक्षर में | | |
| 1 | EE/RWD/ DALTONGAN J /24/2024-25 | नौडीहा में पिपल पेड़ से सोनबरसा होते हुए तेतरियाडीह चौक तक पथ निर्माण कार्य।, 2.85कि0मी0 | 300.739 | तीन करोड़ तिहतर लाख नौ सौ रू0 मात्र | 12 माह | द्वितीय |

2. बेवसाईट में निविदा प्रकाशन की तिथि : 26.06.2025
3. ई–निविदा प्राप्ति की अंतिम तिथि एवं समय : 10.07.2025 up to 5.00 PM
4. निविदा खोलने की तिथि एवं समय 12.07.2025 पूर्वाह्न 3.30 बजे
5. निविदा आमंत्रित करने वाले पदाधिकारी का नाम एवं पता : कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज ।
6. ई–निविदा प्रकोष्ठ का दूरभाष सं0 –06562357595

विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है ।

कार्यपालक अभियंता
ग्रामीण कार्य विभाग, कार्य प्रमंडल, डालटनगंज
PR 355759 Rural Development(25-26)#D



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. 15-SBP-TRD-OT-2025-26, ତା.18.06.2025ରିଖ

**କାର୍ଯ୍ୟର ନାମ :** 'ସରଳା ୟାର୍ଡ ଠାରେ କ୍ରସ୍‌ଓଭର (Crossover) ପଏଣ୍ଟ 127A ଏବଂ 127B ରେ ତ୍ରୁଟିପୂର୍ଣ୍ଣ (Defective) ୟାର୍ଡ ଲେଆଉଟ୍‌ର ସଂଶୋଧନ' କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।
**ଆନୁମାନିକ ମୂଲ୍ୟ :** ₹ 54,53,586.68, EMD : ₹ 1,09,100/-, ଶେଷ ହେବା ଅବଧି : 06 ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.07.2025ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-269/Q/25-26




# ଦେଶର ରାଜନୀତିର ମୋଡ଼ ପରିବର୍ତ୍ତନ କରିଥିଲେ ଶ୍ୟାମାପ୍ରସାଦ: ମନମୋହନ

**ଭୁବନେଶ୍ୱର,୨୩।୬(ସୁନିତ୍ ମିଶ୍ର)**

ଶ୍ୟାମାପ୍ରସାଦ ମୁଖାର୍ଜୀ ହେଲେ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ। ତାଙ୍କ ବଳିଦାନ ଦିବସ ଆମ ସମସ୍ତଙ୍କ ପାଇଁ ସ୍ମରଣୀୟ ଓ ପ୍ରତିବଦ୍ଧତାର ଦିନ। ସେ ଦେଶର ରାଜନୀତିରେ ମୋଡ଼ ପରିବର୍ତ୍ତନ କରିଥିଲେ। ତାଙ୍କ ଦୃଢ଼ତା ଏବଂ ଆତ୍ମବିଶ୍ୱାସ ପାଇଁ ଦେଶର ଏକତା ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷା ହୋଇପାରିଛି। ସେ ଥିଲେ ତ୍ୟାଗ, ତପସ୍ୟା ଓ ବଳିଦାନର ପ୍ରତୀକ ବୋଲି ୭୩ ତମ ବଳିଦାନ ଦିବସରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନମୋହନ କହିଛନ୍ତି, ମୁଖାର୍ଜୀଙ୍କ ଦୃଢ଼ତା ଓ ଆତ୍ମବିଶ୍ୱାସ ପାଇଁ ଦେଶ ଆଜି ଏଭଳି ସ୍ଥିତିରେ ପହଞ୍ଚିଛି। ଦେଶର ବିକାଶ, ସାମାଜିକ ନୀତି, ରାଷ୍ଟ୍ରୀୟ ସୁରକ୍ଷା ନୀତି ଏବଂ ରାଷ୍ଟ୍ରୀୟ ଏକତା ପାଇଁ ସେ ସଂକଳ୍ପବଦ୍ଧ ଥିଲେ। ଶିକ୍ଷା ମାଧ୍ୟମରେ ଦେଶର ଲୋକଙ୍କ ମଧ୍ୟରେ ରାଷ୍ଟ୍ରୀୟତା, ଜାତୀୟତାବାଦ ଓ ଦେଶଭକ୍ତି ବଢ଼େଇବା ସହ ପୂର୍ବତନ ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ଉପରେ ଡ. ମୁଖାର୍ଜୀ ଜୋର ଦେଇଥିଲେ। ୧୯୫୧ରେ ପ୍ରତିଷ୍ଠା ହୋଇଥିବା ଭାରତୀୟ ଜନସଂଘ ପରବର୍ତ୍ତୀ ସମୟରେ ଭାଜପା ଭଳି ବିଶାଳ ରାଜନୈତିକ ଦଳରେ ପରିଣତ ହୋଇଛି। ଏବେ ସାରା ଦୁନିଆ ଭାଜପାର ବିଶ୍ୱରୂପ ଦେଖୁଛି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ ପ୍ରକୋଷ୍ଠର ଆବାହକ ସୁଦର୍ଶନ ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଓ ଦଳୀୟ ନେତୃବୃନ୍ଦ।

# ରଥଯାତ୍ରା ପାଇଁ ୨୬୫ ଅତିରିକ୍ତ ହସ୍ପିଟାଲ୍ ବେଡ୍

## ତାଳବଣିଆରେ ହେବ ଶୀତତାପ ନିୟନ୍ତ୍ରିତ ହିଟ୍‌ଷ୍ଟ୍ରୋକ କେନ୍ଦ୍ର

**ଭୁବନେଶ୍ୱର, ୨୩।୬ (ବନ୍ଦନା ସେଠୀ)**

ବିଶ୍ୱପ୍ରସିଦ୍ଧ 'ରଥଯାତ୍ରା' ପାଇଁ ସ୍ୱାସ୍ଥ୍ୟ ଓ ଚିକିତ୍ସା ବ୍ୟବସ୍ଥାକୁ ବ୍ୟାପକ କରାଯାଇଥିବା ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଚଳିତବର୍ଷ ୨୬୫ଟି ଅତିରିକ୍ତ ହସ୍ପିଟାଲ ବେଡ୍‌ର ବ୍ୟବସ୍ଥା କରାଯାଇଛି। ଏଥିମଧ୍ୟରେ ପୁରୀ ସରକାରୀ ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟରରେ ୧୦୦ଟି ଅତିରିକ୍ତ ଶଯ୍ୟା ଏବଂ ଟିବିଆଇଡିଏଚ୍‌ରେ ୧୫ଟି ଆଇସିୟୁ ଶଯ୍ୟା ଅନ୍ତର୍ଭୁକ୍ତ। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟ ୫୦ଟି ସାଧାରଣ ଶଯ୍ୟା, ୮ଟି ବର୍ନୱାର୍ଡ ବେଡ୍ ଏବଂ ୧୦ଟି ଆଇସିୟୁ ଶଯ୍ୟା ସମେତ ୬୮ଟି ଶଯ୍ୟା ସଂରକ୍ଷିତ ରହିଛି। ଏଥିସହ ଜିଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ୍ ବ୍ୟାଙ୍କରେ ୨୦୦ ୟୁନିଟ ରକ୍ତ ସଂରକ୍ଷିତ ହୋଇଛି ଏବଂ ଯେକୌଣସି ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଦୁଇଟି ଛୋଟ ଅପରେଶନ ଥିଏଟର ଓ ସ୍ୱତନ୍ତ୍ର ଡ୍ରେସିଂ ରୁମ୍ ସ୍ଥାପନ କରାଯାଇଛି। ରଥଯାତ୍ରା ସମୟରେ ଅତିରିକ୍ତ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରଥମଥର ପାଇଁ ଏମ୍ସ ଭୁବନେଶ୍ୱର ପକ୍ଷରୁ ଚିକିତ୍ସାକେନ୍ଦ୍ରରେ ସ୍ୱତନ୍ତ୍ର ଡାକ୍ତର ଟିମ୍ ନିୟୋଜିତ କରାଯିବ। ୬୯ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ରର ବ୍ୟାପକ ନେଟ୍‌ୱର୍କ କାର୍ଯ୍ୟ କରିବ। ଏଥିରେ ୩୨ଟି ସରକାରୀ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଜୁନ୍ ୨୭ରୁ ଜୁଲାଇ ୮ ପର୍ଯ୍ୟନ୍ତ କାର୍ଯ୍ୟ କରିବ ଏବଂ ୩୭ଟି ସ୍ୱେଚ୍ଛାସେବୀ ସଂଗଠନ-ସହାୟତାପ୍ରାପ୍ତ କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ରହିବ। ପ୍ରତ୍ୟେକ କେନ୍ଦ୍ରରେ ଏମ୍‌ବିବିଏସ/ଆୟୁଷ ଡାକ୍ତର, ଫାର୍ମାସିଷ୍ଟ ଏବଂ ସହାୟକ କର୍ମଚାରୀ ନିୟୋଜିତ ରହିବେ। ରଥଯାତ୍ରା, ବାହୁଡ଼ା ଯାତ୍ରା ଏବଂ ସୁନବେଶରେ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ଜାରି ରହିବ। ସିଂହଦ୍ୱାର, ଗୁଣ୍ଡିଚା ମନ୍ଦିର ଏବଂ ଜଗନ୍ନାଥ ବଲ୍ଲଭ ପାର୍କିଂ ସମେତ ୯ଟି କେନ୍ଦ୍ର, ପୁରୀ-ଭୁବନେଶ୍ୱର ରାସ୍ତାରେ ୮ଟି କେନ୍ଦ୍ର, ସ୍ୱର୍ଗଦ୍ୱାର ଏବଂ ଲାଇଟ୍‌ହାଉସ ସମେତ ସମୁଦ୍ର ବେଳାଭୂମି ସ୍ଥାନରେ ୫ଟି କେନ୍ଦ୍ର, ପୁରୀ-କୋଣାର୍କ ରାସ୍ତାରେ ୪ଟି ଏବଂ ପୁରୀ ସହରରେ ୨ଟି କେନ୍ଦ୍ର କାର୍ଯ୍ୟ କରିବ।

ସେହିପରି ପାଣିପାଗ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ତାଳବଣିଆରେ ୧୦ ଶଯ୍ୟାବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ହିଟ୍‌ଷ୍ଟ୍ରୋକ କେନ୍ଦ୍ର ସ୍ଥାପନ କରାଯାଇଛି। ଜରୁରିକାଳୀନ ଚିକିତ୍ସା ପରିବହନ ପାଇଁ ୩୧ଟି ସରକାରୀ ଆମ୍ବୁଲାନ୍ସ ଏବଂ ସ୍ୱେଚ୍ଛାସେବୀ ସହାୟତାରେ ୪୩ଟି ଆମ୍ବୁଲାନ୍ସକୁ ମିଶାଇ ମୋଟ ୭୪ଟି ଆମ୍ବୁଲାନ୍ସ ଉପଲବ୍ଧ ରହିବ। ଏହାବାଦ୍ ଅନ୍ୟ ଜିଲାରୁ ୩୭୮ଜଣ ଅତିରିକ୍ତ ସ୍ୱାସ୍ଥ୍ୟ ବିଶେଷଜ୍ଞ ନିୟୋଜିତ ହେବେ। ବିଶେଷଜ୍ଞ ଟିମ୍‌ରେ ୨ଜଣ କାର୍ଡିଓଲୋଜିଷ୍ଟ ଏବଂ ୨ଜଣ ନ୍ୟୁରୋସର୍ଜନଙ୍କ ସମେତ ୪ଜଣ ବିଶେଷଜ୍ଞ, ୯୮ଜଣ ଡାକ୍ତର, ୧୫ଜଣ ଏମ୍ସ ଡାକ୍ତର, ୫୦ଜଣ ଆୟୁଷ ଚିକିତ୍ସା ଅଧିକାରୀ, ଜଣେ ଏପିଡେମିଓଲୋଜିଷ୍ଟ, ଜଣେ ମାଇକ୍ରୋବାୟୋଲୋଜିଷ୍ଟ, ୫୦ଜଣ ଫାର୍ମାସିଷ୍ଟ, ୫୦ଜଣ ଚିକିତ୍ସା କର୍ମଚାରୀ, ୩୦ଜଣ ନର୍ସିଂ ଅଧିକାରୀ, ୫ଜଣ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ସମେତ ଚିକିତ୍ସା ପରିବହନ ସେବା ପାଇଁ ୨୪ଜଣ ଡ୍ରାଇଭର ରହିବେ।

### କଣ୍ଟ୍ରୋଲ ରୁମ୍ ନମ୍ବର ଜାରି କଲା ସ୍ୱାସ୍ଥ୍ୟ ବିଭାଗ

ରଥଯାତ୍ରା ପାଇଁ ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଖାଦ୍ୟ ପ୍ରତିଷ୍ଠାନରେ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଇ ୪୯୪ କିଲୋଗ୍ରାମ ଅସ୍ୱାସ୍ଥ୍ୟକର ଖାଦ୍ୟ ନଷ୍ଟ କରାଯାଇଛି। ଏଥିସହ ପରୀକ୍ଷା ପାଇଁ ୮୪ଟି ଖାଦ୍ୟ ଓ ୨୨ଟି ପାଣି ନମୁନା ସଂଗ୍ରହ କରାଯାଇଛି। ହଇଜା ପ୍ରତିରୋଧ ପାଇଁ ୧୦ଟି ଷ୍ଟୁଲ କଲ୍‌ଚର୍ ପରୀକ୍ଷା କରାଯିବା ସହ ୮୨ଟି ପାଣି ବିଶ୍ଳେଷଣ ସମ୍ପୂର୍ଣ୍ଣ ହୋଇଛି। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକଳାପର ସମନ୍ୱୟ ଏବଂ ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟା କାର୍ଯ୍ୟ କରିବ। ଯେକୌଣସି ଚିକିତ୍ସା ସହାୟତା କିମ୍ବା ସ୍ୱାସ୍ଥ୍ୟସେବା ସମ୍ପର୍କିତ ସୂଚନା ପାଇଁ କଣ୍ଟ୍ରୋଲ ରୁମ୍ ମୋବାଇଲ ନମ୍ବର ନଂ. ୯୧-୬୩୭୦୫୬୦୨୪୭ ଏବଂ ଲ୍ୟାଣ୍ଡଲାଇନ ନମ୍ବର ୦୬୭୫୨-୨୨୨୧୭୫ରେ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ।

# ନବୀନ ସୁସ୍ଥ ବୋଲି ଭିଡିଓ ବାର୍ତ୍ତାରେ କହିଲେ ପ୍ରେମ୍



**ଭୁବନେଶ୍ୱର,୨୩।୬(ସୁନିତ୍ ମିଶ୍ର)**

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ବଡ଼ ଭାଇ ପ୍ରେମ୍ ପଟ୍ଟନାୟକ ସୋମବାର ସମସ୍ତ ଓଡ଼ିଆଙ୍କ ପାଇଁ ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ମାତ୍ର ୩୬ ସେକେଣ୍ଡର ଏହି ଭିଡିଓ ବାର୍ତ୍ତା ଜରିଆରେ ପ୍ରେମ୍ ପଟ୍ଟନାୟକ କହିଛନ୍ତି, ସେ ହେଉଛନ୍ତି ନବୀନ ବାବୁଙ୍କ ବଡ଼ ଭାଇ। ଗତ ରବିବାର ନବୀନଙ୍କ ଅସ୍ତ୍ରୋପଚାର ହୋଇଛି, ସେ ଏବେ ବହୁତ ଭଲ ଅଛନ୍ତି। ସେ ଶୌଚାଳୟ ପର୍ଯ୍ୟନ୍ତ ଚାଲିକି ମଧ୍ୟ ଯାଇପାରୁଛନ୍ତି। ତାଙ୍କ ବିଷୟରେ ଚିନ୍ତା କରୁଥିବା ସମସ୍ତ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଯେଉଁମାନେ ତାଙ୍କୁ ଏତେ ଭଲ ପାଉଛନ୍ତି। ସମସ୍ତଙ୍କ ଶୁଭେଚ୍ଛା ଏବଂ ପ୍ରାର୍ଥନା ଯୋଗୁ ସେ ତୁରନ୍ତ ସୁସ୍ଥ ହୋଇ ଫେରିବେ। ସମସ୍ତଙ୍କୁ ନମସ୍କାର ଏବଂ ଜୟ ଜଗନ୍ନାଥ ବୋଲି ଭିଡିଓ ଜରିଆରେ ପ୍ରେମ୍ କହିଛନ୍ତି।

# ଚା' ଖଟିରେ ମାଙ୍କଡ଼

**ମୋରଡ଼ା,୨୩।୬ (ସ୍ମାରକ ମାଜୀ)**

ସ୍ନେହରେ ବନ୍ଧା ଏ ଜଗତ। ଟିକେ ଭଲପାଇବା ମିଳିଲେ ପ୍ରାଣୀ ବି ମଣିଷର ଆପଣାର ହୋଇଯାନ୍ତି। ଯେଉଁ ମାଙ୍କଡ଼ ବାଡ଼ିରେ ଥିବା ଫସଲ ଖାଇ ନଷ୍ଟ କରେ ଆଉ ମଣିଷ ତାକୁ ଟେକାପଥର ମାରି ଘଉଡ଼ାଇ ଦିଏ, ସେହି ମାଙ୍କଡ଼କୁ ପୁଣି ଭଲପାଇବା ଦେଇ ମଣିଷ ଖାଇବାକୁ ଦିଏ। ଚା' ଖଟିରେ ମଣିଷଙ୍କ ସହ ଚା' ପିଏ। ଏମିତି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଅଞ୍ଚଳରେ।

ସୂଚନା ଅନୁଯାୟୀ, ରବିବାର ଜଣେ ଯୁବକ ବାଇକ୍‌ରେ ରାସଗୋବିନ୍ଦପୁର ଆଡକୁ ଯାଉଥିବା ସମୟରେ ସାରୁମୂଳା ପଞ୍ଚାୟତର ବାଗସାହି ନିକଟରେ ଏକ ମାଙ୍କଡ଼ ଉକ୍ତ ଯୁବକଙ୍କ ବାଇକ ପଛରେ ଆସି ବସିପଡ଼ିଥିଲା। ଏହାପରେ ଯୁବକ ଜଣକ ଉକ୍ତ ମାଙ୍କଡ଼କୁ ରାସଗୋବିନ୍ଦପୁର ବଜାର ନିକଟରେ ଛାଡ଼ି ପଳାଇଥିଲେ। ତେବେ ସ୍ଥାନୀୟ ଦୁର୍ଗାମଣ୍ଡପ ନିକଟସ୍ଥ ଏକ ଚା' ଖଟିକୁ ଉକ୍ତ ମାଙ୍କଡ଼ ଆସିଥିଲା। ଖଟିରେ ବସିଥିବା କେତେଜଣ ଯୁବକଙ୍କୁ ଉକ୍ତ ମାଙ୍କଡ଼ଟି ତାର ନିରୀହ ଆଖିରେ ଚାହିଁ ରହିଥିଲା। ରାସଗୋବିନ୍ଦପୁର ଅଞ୍ଚଳର ଇନ୍ଦ୍ରଜିତ ଦାସ ମାଙ୍କଡ଼କୁ ସ୍ନେହ ଆଦରରେ ଖାଇବାକୁ ଦେଲେ। ଇନ୍ଦ୍ରଜିତ ପ୍ରଥମେ ମାଙ୍କଡ଼କୁ ଚା' ପିଇବାକୁ ଦେଇଥିଲେ। ବେଶ୍ ଖୁସିର ସହିତ ମାଙ୍କଡ଼ଟି ଚା' ପିଇଥିଲା। ପରେ ମୁଢ଼ି ସହିତ ତରକାରି ଏବଂ ପରେ କଦଳୀ ମଧ୍ୟ ଖାଇଥିଲା। ତେବେ କୌତୂହଳର କଥା ଉକ୍ତ ମାଙ୍କଡ଼ ସାଦା ପାନ ମଧ୍ୟ ଖାଇଥିଲା। ଏସବୁ ଖାଇସାରିବା ପରେ ମାଙ୍କଡ଼ଟି ସ୍ଥାନୀୟ ଅଞ୍ଚଳ ଲୋକଙ୍କ ଘରକୁ ଯାଉଛି। ସବୁଠି ତାକୁ ଖୁସି ଆଦରରେ ଖାଦ୍ୟ, ପାନୀୟ ମଧ୍ୟ ଦିଆଯାଉଥିବା ଦେଖିବାକୁ ମିଳୁଛି।


ମାଙ୍କଡ଼ ଚା' ପିଉଛି।

# ଧୈର୍ଯ୍ୟ, ସାହସ, ମାର୍ଗଦର୍ଶନ ଦ୍ୱାରା ନିଶା ନିବାରଣ ସମ୍ଭବ: ରାଜ୍ୟପାଳ

**ଭୁବନେଶ୍ୱର,୨୩।୬ (ରବିନାରାୟଣ ଜେନା)**

## ରାଜଭବନରେ ନିଶା ନିବାରଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ନିଶା କେବଳ ବ୍ୟକ୍ତିଙ୍କୁ ନୁହେଁ, ସେମାନଙ୍କ ପରିବାର ଏବଂ ସମାଜକୁ ପ୍ରଭାବିତ କରିଥାଏ। ନିଶା ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଏ, ସମ୍ପର୍କ ଭାଙ୍ଗେ ଏବଂ ସାମାଜିକ ଓ ଆଇନଗତ ସମସ୍ୟା ସୃଷ୍ଟି କରେ। ଉପଯୁକ୍ତ ଚିକିତ୍ସା ସହିତ ଧୈର୍ଯ୍ୟ, ସାହସ ଏବଂ ଉପଯୁକ୍ତ ମାର୍ଗଦର୍ଶନ ଦ୍ୱାରା ନିଶା ନିବାରଣ ସମ୍ଭବ ହୋଇପାରିବ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି କହିଛନ୍ତି।

ସୋମବାର ରାଜଭବନର ନ୍ୟୁ-ଅଭିଷେକ ହଲ୍‌ରେ ଆୟୋଜିତ ନିଶା ନିବାରଣ ସମ୍ପର୍କିତ ସଚେତନତା ଅଭିଯାନରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଛନ୍ତି, ନିଶା ନିବାରଣ ଏକ ଶୀଘ୍ର ସମାଧାନର ପ୍ରସଙ୍ଗ ନୁହେଁ। ନିଶା ନିବାରଣ ପାଇଁ ସମୟ, ସାହସ, ପରିବାରର ଭୂମିକା, ଗୋଷ୍ଠୀ ସଚେତନତା ଏବଂ ପ୍ରାରମ୍ଭରୁ ହସ୍ତକ୍ଷେପ ରହିଲେ ଲୋକମାନେ ନିଶାଠୁ ଦୂରେଇ ନିଜ ଜୀବନକୁ ପୁନଃ ନିର୍ମାଣ କରିପାରିବେ। ହେଲେ ଅଧିକାଂଶ ଲୋକେ ଏଥିପ୍ରତି ସଚେତନ ହୋଇ ନ ଥାନ୍ତି।

ରାଜ୍ୟପାଳ ପୁଣି କହିଛନ୍ତି, ସାଙ୍ଗସାଥୀଙ୍କ ଚାପ, ମାନସିକ, ସ୍ୱାସ୍ଥ୍ୟଗତ ସମସ୍ୟା କିମ୍ବା କୌତୂହଳ ଯୋଗୁ ଲୋକମାନେ ନିଶାଗ୍ରସ୍ତ ହୋଇ ସମୟକ୍ରମେ ନିଶା ଉପରେ ନିର୍ଭରଶୀଳ ହୋଇଯାଆନ୍ତି ଏବଂ ନିଶା ଛାଡ଼ି ପାରନ୍ତି ନାହିଁ। ନିଶାଦ୍ରବ୍ୟ ଅପବ୍ୟବହାର ଜାଲରେ ଯୁବପିଢ଼ିଙ୍କୁ ଫସିବାରୁ ରୋକିବା ପାଇଁ ପରିବାରର ଦୃଢ଼ ସମର୍ଥନ, ବ୍ୟାପକ ଗୋଷ୍ଠୀ ସଚେତନତା ଏବଂ ପ୍ରାରମ୍ଭିକ ହସ୍ତକ୍ଷେପର ଗୁରୁତ୍ୱ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ଟିଏଫ୍ ଡିଆଇଜି ପିନାକ ମିଶ୍ର ନିଜ ବକ୍ତବ୍ୟରେ ବର୍ଦ୍ଧିତ ନିଶା ସମସ୍ୟା, ଏହାକୁ ହ୍ରାସ କରାଯିବା ନିମନ୍ତେ ସରକାରୀସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରୟାସ ଏବଂ ଏହାର ସମାଧାନର ଉପାୟ ଉପରେ ଆଲୋକପାତ କରିଥିଲେ। ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ଓ ରାଜଭବନର ଅଧିକାରୀ ଏବଂ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲକ୍ଷପତି ଦିଦି ଭାବେ ପୁରସ୍କୃତ ହେଲେ ବଣ୍ଡା ମହିଳା

**ମାଲକାନଗିରି,୨୩।୬ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲାର ଜଣେ ବଣ୍ଡା ମହିଳା ଲକ୍ଷପତି ଦିଦି ପୁରସ୍କାର ପାଇ ଜିଲାକୁ ଗୌରବାନ୍ୱିତ କରିଛନ୍ତି। ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଓ କେନ୍ଦ୍ର ସରକାରଙ୍କ ୧୧ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭବନେଶ୍ୱରଠାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ କାର୍ଯ୍ୟ କ୍ଷେତ୍ରରେ ସଫଳତା ହାସଲ କରିଥିବା ମହିଳାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମାଲକାନଗିରି ଜିଲା ଖଇରପୁଟ ବ୍ଲକ କଦମଗୁଡା ଗ୍ରାମର ଆଦିମ ବଣ୍ଡା ଜନଜାତି ମହିଳା ସମାରୀ ଜିଗିଡିଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ସମାରୀ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକରି ବିକ୍ରି କରିବା, ଧାନ ଓ ପରିବା ବିକ୍ରିକରି ବାର୍ଷିକ ୨ ଲକ୍ଷ ୮୦ ହଜାର ଟଙ୍କା ଆୟ କରୁଥିବାରୁ ତାଙ୍କୁ ଲକ୍ଷପତି ଦିଦି ଭାବେ ଭୁବନେଶ୍ୱରସ୍ଥିତ ଜନତା ମଇଦାନ ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପୁରସ୍କୃତ ସହ ସମ୍ମାନିତ କରିଥିଲେ। ଏହି ଖବର ପାଇ ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଦ୍ମ କିର୍ସାନୀ ଓ କଦମଗୁଡା ସରପଞ୍ଚ ସୂର୍ଯ୍ୟ ନାରାୟଣ ଜିଗିଡିଙ୍କ ସହିତ ବଣ୍ଡା ମହିଳା ଓ ପୁରଷମାନଙ୍କ ସହିତ ଜିଲାର ସମସ୍ତ ଆଦିବାସୀ ସମାଜ ଓ ବଣ୍ଡାସମାଜ ସମାରୀ ଜିଗିଡିଙ୍କୁ ଭବ୍ୟ ସ୍ୱାଗତ ଜଣାଇବା ସହ ଅନ୍ୟ ମହିଳାମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଗକୁ ବଢ଼ିବା ପାଇଁ ପରାମର୍ଶ ଦେଇଛନ୍ତି।


ବଣ୍ଡା ଆଦିବାସୀଙ୍କ ସହ ଜନପ୍ରତିନିଧିମାନେ।

# ଚିକିତ୍ସା ଅବହେଳାରୁ ପ୍ରାଣ ହରାଇଲେ କଏଦୀ

- ସରକାରୀ ଡାକ୍ତରଖାନାରେ ମିଳିଲାନି ଉପଯୁକ୍ତ ଚିକିତ୍ସା
- ଏସ୍‌ସିବିରେ ଦୀର୍ଘ ସମୟ ପଡ଼ି ରହିଲା ମୃତଦେହ

**କଟକ,୨୩।୬(ଶିଲ୍ପା ପ୍ରିୟଦର୍ଶିନୀ)**

ଏମ୍‌କେସିଜି, ଏମ୍‌ସ ହସ୍ପିଟାଲ ପରେ ଏସ୍‌ସିବିରେ ବିଚାରାଧୀନ କଏଦୀଙ୍କୁ ମିଳିଲାନି ଉପଯୁକ୍ତ ଚିକିତ୍ସା। ଫଳରେ ରବିବାର ବିଳମ୍ବିତ ରାତିରେ କଏଦୀଙ୍କ ମୃତ୍ୟୁ ଘଟିଛି। ବିଚାରାଧୀନ କଏଦୀ ଜଣକ ହରିୟାଣା ରୋହତକ ଅଞ୍ଚଳର ନରେଶ(୪୪)। ଗତ ୩ଦିନ ତଳେ ପ୍ରଥମେ ଏମ୍‌କେସିଜିରେ ନରେଶ ଭର୍ତ୍ତି ହୋଇଥିବାବେଳେ ସେଠାରେ ବେଡ୍ ମିଳି ନ ଥିଲା। ପ୍ରାଥମିକ ଚିକିତ୍ସା ପରେ ନରେଶଙ୍କୁ ଏମ୍‌ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏମ୍‌ସ ହସ୍ପିଟାଲରେ ମଧ୍ୟ ସମାନ ଚିକିତ୍ସା କରାଯାଇ ରବିବାର ବିଳମ୍ବିତ ରାତିରେ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ନରେଶ ଏସ୍‌ସିବିର ଭେଷଜ ବିଭାଗକୁ ଗୁରୁତର ଅବସ୍ଥାରେ ଆସିଥିବାବେଳେ ଏଠାରେ ବେଡ୍ ମିଳି ନ ଥିଲା ଏବଂ ଡାକ୍ତର କୌଣସି ସହାୟତା କରିପାରିବେ ନାହିଁ ବୋଲି କହି ରୋଗୀଙ୍କୁ ମେଡିକାଲରୁ ନେଇ ଯିବାକୁ କହିଥିଲେ। ଫଳରେ ଏସ୍‌ସିବିରେ ଉପଯୁକ୍ତ ଚିକିତ୍ସା ନ ପାଇ ନରେଶଙ୍କ ମୃତ୍ୟୁ ଘଟିଛି।

ସୂଚନା ଅନୁଯାୟୀ, ରୋହତକ ଅଞ୍ଚଳର ନରେଶ ଗତ ନଭେମ୍ବରରେ ପୁରୀ ବୁଲିବାକୁ ଆସିଥିଲେ। ଟ୍ରେନ୍‌ରେ କେତେଜଣ ଯାତ୍ରୀଙ୍କ ସହ ଝଗଡ଼ା ପରେ ପୋଲିସ ନରେଶଙ୍କୁ ଗିରଫ କରିଥିଲା। ପୋଲିସ ନରେଶଙ୍କ ବିରୋଧରେ ମାମଲା ରୁଜୁ କରି ଗିରଫ ପରେ କୋର୍ଟ ଚାଲାଣ କରିଥିଲା ଏବଂ ତାଙ୍କୁ ବ୍ରହ୍ମପୁର ଜେଲରେ ରଖାଯାଇଥିଲା। ଗତ ୩ଦିନ ତଳେ ନରେଶଙ୍କ ଶରୀର ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ଜେଲ ପକ୍ଷରୁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ ନିଆଯାଇଥିଲା। ହେଲେ ସେଠାରେ ତାଙ୍କୁ ବେଡ୍ ମିଳିଲା ନାହିଁ। ପ୍ରାଥମିକ ଚିକିତ୍ସା ସହ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ପରୀକ୍ଷା ରିପୋର୍ଟରୁ ନରେଶଙ୍କର ବ୍ରେନ୍ ହାମରେଜ୍ ହୋଇଥିବା ମେଡିକାଲ ପକ୍ଷରୁ କୁହାଯାଇଥିଲା। ପରେ ତାଙ୍କୁ ଏମ୍‌ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଜେଲର ପୋଲିସ କର୍ମଚାରୀ ଓ ପରିବାର ଲୋକେ ନରେଶଙ୍କୁ ଏମ୍‌ସ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ମଧ୍ୟ ସମାନ ସ୍ଥିତି ଉପୁଜିଥିଲା। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରି ରବିବାର ରାତିରେ ଏସ୍‌ସିବିକୁ ସ୍ଥାନାନ୍ତର କରିଥିଲେ। ଏସ୍‌ସିବିର ଭେଷଜ ବିଭାଗରେ ନରେଶ ଗୁରୁତର ଅବସ୍ଥାରେ ପହଞ୍ଚିଥିଲେ। ଏଠାରେ ଆଇସିୟୁ କିମ୍ବା ୱାର୍ଡରେ ବେଡ୍ ଉପଲବ୍ଧ ନାହିଁ ବୋଲି ମେଡିକାଲର କର୍ମଚାରୀ ମନା କରିଥିଲେ। ଡାକ୍ତର କୌଣସି ସହାୟତା କରିପାରିବେ ନାହିଁ କହିବା ସହ ଏଠାରୁ ନେଇ ଯିବାକୁ କହିଥିଲେ। ପରିବାର ଲୋକ ଅନୁରୋଧ କରିବାରୁ ଉକ୍ତ ବିଭାଗରେ କାଁ ଭାଁ ଚିକିତ୍ସା କରାଯାଇଥିଲା। ହେଲେ ଯାହା ଚିକିତ୍ସା କରାଗଲା ତାହା ଉପଯୁକ୍ତ ନ ଥିଲା। ଫଳରେ ରାତି ପ୍ରାୟ ୩ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ନରେଶଙ୍କ ମୃତ୍ୟୁ ରାତିରୁ ହୋଇଥିବାବେଳେ ସୋମବାର ମଧ୍ୟାହ୍ନ ୨ଟା ଯାଏ ବ୍ୟବଚ୍ଛେଦ କରାଯାଇ ନ ଥିଲା। ପରିବାର ଲୋକ ଉପସ୍ଥିତ ପୋଲିସ, ମେଡିକାଲ କର୍ମଚାରୀଙ୍କୁ ବହୁ ଅନୁରୋଧ କରିଥିଲେ। ଏହାର କିଛି ସମୟ ପରେ ଏସ୍‌ସିବିରେ ନରେଶଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ମରଶରୀର ହସ୍ତାନ୍ତର କରାଯାଇଥିଲା। ତେବେ ଏମ୍‌କେସିଜି, ଏମ୍‌ସ ଓ ଖାସ୍ କରି ଏସ୍‌ସିବିରେ ଏଭଳି ଅବ୍ୟବସ୍ଥାକୁ ପରିବାର ଲୋକେ ନିନ୍ଦା କରିଛନ୍ତି। ଏ ନେଇ ନରେଶଙ୍କ ସମ୍ପର୍କୀୟ ନଶିବ କହିଛନ୍ତି, ପୋଲିସ ବହୁ ଅତ୍ୟାଚାର କରିଛି। ସେଥିପାଇଁ ମୋ ଦାଦାଙ୍କ ଏଭଳି ଅବସ୍ଥା ହୋଇଛି। ଏହାସହ ଓଡ଼ିଶାର ସରକାରୀ ଡାକ୍ତରଖାନାରେ ଚିକିତ୍ସା ଅବହେଳା ଓ ଅବ୍ୟବସ୍ଥା ଯୋଗୁ ମୋ ଦାଦାଙ୍କ ମୃତ୍ୟୁ ହୋଇଛି ବୋଲି ସେ କହିଛନ୍ତି। ଅନ୍ୟପଟେ ଏସ୍‌ସିବିରେ ଏଭଳି ଚିକିତ୍ସା ଅବହେଳା ହେବା ଓ କଏଦୀ ଜଣଙ୍କ ମୃତ୍ୟୁ ପରେ ମଧ୍ୟ ଦୀର୍ଘ ସମୟ ଧରି ଶବ ବ୍ୟବଚ୍ଛେଦ ନ କରିବା ଘଟଣା ସମ୍ପର୍କରେ ମେଡିକାଲର ଭାରପ୍ରାପ୍ତ ଅଧିକାରୀ ପ୍ରଫେସର ଡା. ଗୌତମ ଶତପଥୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


ଏସ୍‌ସିବିରେ ମୃତଦେହ ପଡ଼ିରହିଛି।

# ୨୫ରେ ହେବ ନବନିର୍ମିତ ଡମପଡ଼ା ଦେୱାନୀ ଅଦାଲତ କାର୍ଯ୍ୟକ୍ଷମ

**କଟକ,୨୩।୬(କାର୍ତ୍ତିକ ସାହୁ)**

ଡମପଡ଼ାଠାରେ ନବ ନିର୍ମିତ ହୋଇଥିବା ଦେୱାନୀ ଅଦାଲତ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଆସନ୍ତା ୨୫ ତାରିଖରେ କାର୍ଯ୍ୟକ୍ଷମ ହେବ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଆନୁଷ୍ଠାନିକ ଭାବେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହି ଅଦାଲତର ଶୁଭାରମ୍ଭ କରିବେ। ପ୍ରଶାସନିକ ବିଚାରପତି ପଦରେ ଅବସ୍ଥିତ ହାଇକୋର୍ଟ ବିଚାରପତି ଏସ.କେ. ସାହୁ ଏବଂ ଅନ୍ୟ ବିଚାରପତିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ନେଇ କଟକ ଦେୱାନୀ ଅଦାଲତ ରେଜିଷ୍ଟ୍ରାର ପ୍ରେସ୍ ଇସ୍ତାହାରରେ ସୋମବାର ସୂଚନା ଦେଇଛନ୍ତି।

# ରଥଯାତ୍ରାରେ ବର୍ଷା

**ଭୁବନେଶ୍ୱର,୨୩।୬ (ଅନୁରାଧା ମହାରଣା)**

ରାଜ୍ୟରେ ଗତ କିଛିଦିନ ଧରି ବର୍ଷା ଜାରି ରହିଛି। ସୋମବାର ଦାରିଙ୍ଗବାଡ଼ିରେ ସର୍ବାଧିକ ୬୭.୦ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ବଲାଙ୍ଗୀରରେ ୪୫.୪ ମିମି, କୋରାପୁଟରେ ୨୩.୦ ମିମି, ଗୋପାଳପୁରରେ ୨୧.୯ ମିମି, ଢେଙ୍କାନାଳରେ ୧୪.୦ ମିମି, ନବରଙ୍ଗପୁରରେ ୧୨.୪ ମିମି, ପାରଳାଖେମୁଣ୍ଡିରେ ୮.୪ ମିମି, ବରଗଡ଼ରେ ୮.୦ ମିମି ଓ ଖୋର୍ଦ୍ଧାରେ ୭.୦ ମିମି ବର୍ଷା ହୋଇଛି। ବାକି ଅନ୍ୟ କେତେକ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ୨୭ ତାରିଖ ରଥଯାତ୍ରା ପଡୁଥିବାବେଳେ କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ଯାଜପୁର ଆଦି ଜିଲାକୁ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ରହିଛି। ସେହିପରି ପୁରୀ ସମେତ ଅନ୍ୟାନ୍ୟ ଜିଲାରେ ବର୍ଷା ଓ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ମଙ୍ଗଳବାର ସମସ୍ତ ୩୦ ଜିଲାରେ ବର୍ଷା ହେବାକୁ ଥିବାରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, ପୁରୀ, ଜଗତ୍‌ସିଂହପୁର, ବୌଦ୍ଧ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଖୋର୍ଦ୍ଧା, କଟକ, ନୟାଗଡ଼ ଓ କେନ୍ଦ୍ରାପଡ଼ାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ବଜ୍ରପାତ ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, ନୟାଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ସୋନପୁର, ନୂଆପଡ଼ା, ବଲାଙ୍ଗୀର ଓ ମାଲକାନଗିରିକୁ ସତର୍କ କରାଯାଇଛି।

# ମଦ ଦୋକାନ କର୍ମଚାରୀଙ୍କୁ ଗୁଳିମାଡ଼

■ ଜାତୀୟ ରାଜପଥରେ ଦୁର୍ବୃତ୍ତଙ୍କ ଆତଙ୍କରାଜ
■ ୮ଲକ୍ଷ ଲୁଟ୍ ଉଦ୍ୟମ ପଣ୍ଡ


ଗୁଳିମାଡ଼ରେ ଗୁରୁତର ମଦ ଦୋକାନ କର୍ମଚାରୀଙ୍କ ଚିକିତ୍ସା ଚାଲିଛି।

ବାରିପଦା,(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ କୁଳିଅଣା(ଆଦିକନ୍ଦ ସାହୁ) ୨୩।୬

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥ ବାଇଗଣବାଡ଼ିଆ-କୁଚେଇ ନିକଟ ଜଗନ୍ନାଥପୁରଠାରେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଜଣେ ମଦ ଦୋକାନ କର୍ମଚାରୀ ଗୁରୁତର ହୋଇଛନ୍ତି। ସେ ହେଲେ କୁଳିଅଣା ଥାନା କାମତା ଗ୍ରାମର ଶିବାନନ୍ଦ ବାରିକ(୩୦)। ତାଙ୍କ ମୁଣ୍ଡ ଓ ଜଂଘରେ ଗୁଳି ବାଜିଥିବା ବେଳେ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତିହୋଇଛନ୍ତି। ପୋଲିସ ପହଞ୍ଚି ତନାଘନା ଚଳାଇଥିବାବେଳେ ଦୁର୍ବୃତ୍ତଙ୍କ ପତ୍ତା ମିଳି ପାରିନାହିଁ। ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ମେଡିକାଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

ସୂଚନାଯୋଗ୍ୟ, ଶିବାନନ୍ଦ କୁଳିଅଣାସ୍ଥିତ ଏକ ବିଦେଶୀ ମଦ ଦୋକାନରେ ରହି କାର୍ଯ୍ୟ କରୁଥିଲେ। ସୋମବାର ପୂର୍ବାହ୍ନ ୧୧ଟା ୩୦ ସମୟରେ ଦୋକାନରୁ ୮ଲକ୍ଷ ଟଙ୍କା ଧରି ବାଇକ୍ ଯୋଗେ ବାରିପଦା ଆସୁଥିଲେ। ଏହି ସମୟରେ ୨ଟି ବାଇକ୍‌ରେ ୪ଦୁର୍ବୃତ୍ତ ତାଙ୍କୁ ପିଛା କରିଥିଲେ। ଜଗନ୍ନାଥପୁର ପାଖରେ ଶିବାନନ୍ଦଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଶିବାନନ୍ଦ ଭୟଭୀତ ହୋଇ ବାଇକ୍ ଅଟକାଇବା ପରେ ୨ ଦୁର୍ବୃତ୍ତ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଟଙ୍କା ଭର୍ତ୍ତି ବ୍ୟାଗ୍ ନେବା ପାଇଁ ଉଦ୍ୟମ କରିଥିଲେ। ଶିବାନନ୍ଦ ନିଜକୁ ସୁରକ୍ଷା ଦେବାକୁ ଉଦ୍ୟମ ଜାରି ରଖିଥିବାବେଳେ ଦୁର୍ବୃତ୍ତମାନେ ୫ ରାଉଣ୍ଡ ଗୁଳି ଫୁଟାଇଥିଲେ। ଗୋଟିଏ ଗୁଳି ତାଙ୍କ ମୁଣ୍ଡରେ ଓ ଅନ୍ୟ ଏକ ତାଙ୍କ ଜଂଘରେ ବାଜିଥିଲା। ଗୁଳି ଶବ୍ଦ ଶୁଣି ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯିବାରୁ ଦୁର୍ବୃତ୍ତମାନେ ଟଙ୍କା ବ୍ୟାଗ୍ ନେଇ ନ ପାରି ସେଠାରୁ ଚମ୍ପଟ ମାରିଥିଲେ। ତେବେ ଦୁର୍ବୃତ୍ତମାନେ ବଙ୍ଗଳା ଭାଷାରେ କଥାବାର୍ତ୍ତା ହେଉଥିବା ନେଇ ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। କୁଳିଅଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁଳିର ଖୋକା ଜବତ କରି ତଦନ୍ତ ଜାରି ରଖିଛି। ଘଟଣା ପରେ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ପଡ଼ୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟର ଅପରାଧୀମାନେ ମୟୂରଭଞ୍ଜ ଜିଲାରେ ଆତଙ୍କ ସୃଷ୍ଟି କରି ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଛନ୍ତି, ଯାହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ନ ଆସିଲେ ଆନ୍ଦୋଳନ ହେବ ବୋଲି ଭଞ୍ଜସେନା ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି।

# ୨ ଦଳିତଙ୍କୁ ଅଧା ଲଣ୍ଡାକରି ଆଣ୍ଠୁରେ ଚଲେଇବା ଘଟଣାରେ ୯ ଅଟକ

## ଗୋଚାଲାଣକୁ ନେଇ କଙ୍ଗାରୁ କୋର୍ଟ

ଧରାକୋଟ,୨୩।୬ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ଖାରିଗୁମ୍ମା ଗାଁରେ ଗୋଚାଲାଣ ଅଭିଯୋଗରେ ୨ଜଣ ଦଳିତ ବ୍ୟକ୍ତିଙ୍କୁ ଅଧାଲଣ୍ଡା କରି ଆଣ୍ଠୁରେ ଚଲାଇବା ସହ ନିର୍ଯାତନା ଦେବା ଘଟଣାରେ ପୋଲିସ ମାମଲା(ନଂ.୨୪୦/୨୫) ରୁଜୁ କରି ୯ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଗୋରକ୍ଷକ ନାମରେ ବେଆଇନ ଭାବେ ଅର୍ଥ ଆଦାୟ କରି କେତେଜଣ ଆଇନକୁ ହାତକୁ ନେଇଛନ୍ତି। ଏଥିରେ ଜଡିତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଉଦ୍ୟମ ଜାରି ରହିଛି ବୋଲି ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି। ଅପରପକ୍ଷରେ ପୀଡ଼ିତ ୨ଜଣଙ୍କୁ ମେଡିକାଲରେ ଚିକିତ୍ସିତ କରାଯିବା ପରେ ସୁରକ୍ଷିତଭାବେ ସେମାନଙ୍କୁ ସିଙ୍ଗିପୁର ଗ୍ରାମରେ ଛଡ଼ାଯାଇଛି। ଘଟଣାର ତଦନ୍ତ ଦାୟିତ୍ୱ ଆସିକା ଏସ୍‌ଡିପିଓ ସନ୍ତୋଷ ଜେନା ନେଇଛନ୍ତି ବୋଲି ଥାନା ଅଧିକାରୀ ସ୍ୱାଇଁ କହିଛନ୍ତି।

ସୂଚନାଯୋଗ୍ୟ, ଝିଅକୁ ଯୌତୁକ ଦେବା ପାଇଁ ସମ୍ପୃକ୍ତ ୨ଜଣ ଦଳିତ ବ୍ୟକ୍ତି ରବିବାର ହରିପୁରରୁ ୩ଟି ଗାଈ ଧରି ସିଙ୍ଗିପୁର ଯାଉଥିଲେ। ଖାରିଗୁମ୍ମାରେ ତାଙ୍କୁ କେତେଜଣ ଲୋକ ଅଟକାଇ ଗୋଚାଲାଣ କରୁଥିବା ଅଭିଯୋଗ କରି ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ସେମାନେ ଉଭୟଙ୍କୁ ମାଡ଼ ମାରିଥିଲେ। ପରେ ସେଲୁନକୁ ନେଇ ଅଧାଲଣ୍ଡା କରି ୨ ଦଳିତଙ୍କୁ ଖାରିଗୁମ୍ମାରୁ ଚଲାଇ ଦୁଇ କି.ମି. ଦୂର ଜାହାଡା ପର୍ଯ୍ୟନ୍ତ ଆଣିଥିଲେ। କଙ୍ଗାରୁ କୋର୍ଟ ବସାଇ ଉଭୟଙ୍କୁ ଜାହାଡ଼ା ଗାଁଦାଣ୍ଡରେ ୨କିଲୋମିଟର ଆଣ୍ଠୁରେ ଚଲାଇଥିଲେ। ସେମାନଙ୍କୁ ଘାସ ଖାଇବାକୁ ଦେବା ସହ ନର୍ଦ୍ଦମା ପାଣି ପିଇବାକୁ ବାଧ କରିଥିଲେ। ଏହି ଘଟଣା ସୋସିଆଲ୍ ମିଡିଆରେ ଭାଇରାଲ ହେବା ପରେ ବିଭିନ୍ନ ମହଲ୍‌ରେ ଉଦ୍‌ବେଗ ପ୍ରକାଶ ପାଇଥିବାବେଳେ ଗୋରକ୍ଷକ ନାମରେ ଅମାନବୀୟ ଅତ୍ୟାଚାର କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି।

# ୨ ସପ୍ତାହରେ ରିପୋର୍ଟ ଦେବାକୁ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

## ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା

## ଜେଲରେ ଥିବା ଅଭିଯୁକ୍ତଙ୍କୁ କ୍ରାଇମ୍‌ବ୍ରାଞ୍ଚ ରିମାଣ୍ଡରେ ନେବ ଆଜି

ବ୍ରହ୍ମପୁର,୨୩।୬(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାରେ ଜାତୀୟ ମାନବ ଅଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ନିଜଆଡୁ ମାମଲା ରୁଜୁ କରିଛି। ଏହି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରି ୨ ସପ୍ତାହ ଭିତରେ ରିପୋର୍ଟ ଦେବାକୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛି। ପୂର୍ବରୁ ଜାତୀୟ ମହିଳା କମିଶନ(ଏନ୍‌ସିଡବ୍ଲ୍ୟୁ) ମଧ୍ୟ ଘଟଣାକୁ ଗୁରୁତ୍ୱର ସହ ନେଇ ନିଜଆଡୁ ମାମଲା ରୁଜୁ କରି ଓଡ଼ିଶା ସରକାରଙ୍କଠାରୁ ରିପୋର୍ଟ ତଲବ କରିଛି।

ଛାତ୍ରୀଙ୍କୁ ତାଙ୍କ ପୁରୁଷବନ୍ଧୁଙ୍କ ଉପସ୍ଥିତିରେ ଯେଉଁଭଳି ଅମାନୁଷିକ ଭାବେ ଗଣବଳାତ୍କାର କରାଯାଇଥିଲା ତାହାକୁ ସବୁ ବର୍ଗର ଲୋକେ ନିନ୍ଦା କରିଛନ୍ତି। କ୍ରାଇମବ୍ରାଞ୍ଚ ଉକ୍ତ ମାମଲା ହାତକୁ ନେବା ପରେ ପ୍ରଥମେ ପୋଲିସ ଜବତ କରିଥିବା ସାମଗ୍ରୀଗୁଡ଼ିକୁ ନିଜ ଜିମାରେ ନେଇ କୋର୍ଟରେ ଦାଖଲ କରିଥିଲା। ସେହିପରି ଅନ୍ୟ କେତେକ ଆପତ୍ତିଜନକ ସାମଗ୍ରୀ ଜିମାକୁ ନେଇ କେମିକାଲ ପରୀକ୍ଷା ପାଇଁ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ପଠାଇଛି। କ୍ରାଇମବ୍ରାଞ୍ଚ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବା ୬ ଅଭିଯୁକ୍ତ ଓ ପରେ ବାଳ ସୁଧାର ଗୃହରେ ଥିବା ୪ ଜଣଙ୍କ ଟିଆଇ ପରେଡ୍ କରିଥିଲା। ଜେଲରେ ଥିବା ଅଭିଯୁକ୍ତଙ୍କୁ ମଙ୍ଗଳବାର ଦିନିକିଆ ରିମାଣ୍ଡରେ ନେବା ପାଇଁ କ୍ରାଇମବ୍ରାଞ୍ଚ ଟିମ୍ ସୋମବାର ବ୍ରହ୍ମପୁର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଗ୍ରାମାଞ୍ଚଳ) ରିତିକା ଜେନାଙ୍କ କୋର୍ଟରେ ଆବେଦନ କରିଥିଲା। ମାଜିଷ୍ଟ୍ରେଟ ତାହାକୁ ମଞ୍ଜୁର କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗତ ୧୫ ତାରିଖରେ କଲେଜ ଛାତ୍ରୀ ଜଣଙ୍କ ତାଙ୍କ ପୁରୁଷବନ୍ଧୁଙ୍କ ସହ ଗୋପାଳପୁର ବେଳାଭୂମି ବୁଲିବାକୁ ଯାଇଥିଲେ। ସନ୍ଧ୍ୟାରେ ସେମାନେ ଏକ ନିରୋଳା ସ୍ଥାନରେ ବସିଥିବା ବେଳେ ୧୦ ଯୁବକ ସେଠାରେ ପହଞ୍ଚି ଉଭୟଙ୍କୁ ଭୟଭୀତ କରିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଛାତ୍ରୀଙ୍କୁ ପୁରୁଷବନ୍ଧୁଙ୍କ ଆଗରେ ଗଣବଳାତ୍କାର କରିଥିଲେ। ରାତି ସାଢ଼େ ୧୦ଟାରେ ପୀଡ଼ିତା ଛାତ୍ରୀ ତାଙ୍କ ପୁରୁଷବନ୍ଧୁଙ୍କ ସହ ଗୋପାଳପୁର ଥାନାକୁ ଆସି ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ୨୪ ଘଣ୍ଟା ମଧ୍ୟରେ ୪ ନାବାଳକଙ୍କ ସମେତ ୧୦ ଜଣଙ୍କୁ ଧରିଥିଲା।

# ବଳାତ୍କାର ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

ଅନୁଗୋଳ,୨୩।୬(ମାନସ ବିଶ୍ୱାଳ)

ଅନୁଗୋଳସ୍ଥିତ ଅତିରିକ୍ତ ଜିଲା ଆଡହକ୍ ଏବଂ ସେସନ ଜଜ୍ ତଥା ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ସୋମବାର ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତ କିଶୋରନଗର ଥାନା ତୁରୁଡ଼ାର ପ୍ରଜାରଞ୍ଜନ ରାଉଳଙ୍କୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ, ୨୦୨୧ ଅଗଷ୍ଟ ୯ରେ ଅନୁଗୋଳ ଥାନା ଅଞ୍ଚଳର ସମ୍ପୃକ୍ତା ନାବାଳିକା ଘରେ ଏକାକି ଥିଲେ। ଏହି ସମୟରେ ଅଭିଯୁକ୍ତ ପ୍ରଜାରଞ୍ଜନ ତାଙ୍କୁ ଅପହରଣ କରିନେଇଥିଲେ। ନାବାଳିକାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫ ହଜାର ଏବଂ ଘରେ ଥିବା ୨ ଲକ୍ଷ ଟଙ୍କା ନେଇଯିବା ସହ ନାବାଳିକାଙ୍କୁ ବଳାତ୍କାର କରିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ପ୍ରଜାରଞ୍ଜନଙ୍କୁ ଗିରଫ କରିଥିଲା। ଏହି ମାମଲାର ଶୁଣାଣି କରି ଅତିରିକ୍ତ ଜିଲା ଆଡହକ୍ ଏବଂ ସେସନ ଜଜ୍ ତଥା ଫାଷ୍ଟଟ୍ରାକ କୋର୍ଟ ବିଚାରପତି ୧୩ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏଥିସହିତ ପୀଡ଼ିତା ନାବାଳିକାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ଅର୍ଥ ରାଶି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ପକ୍ଷରୁ ଆଡିଶିନାଲ ପି.ପି. ପ୍ରଦୀପ କୁମାର ଭୂତିଆ ମାମଲା ପରିଚାଳନା କରିଥିଲେ।

# ଲୁହାପଥର ବୋଝେଇ ଟ୍ରେଲର, ଟ୍ରକ୍ ଜବତ


ରାସ୍ତାରେ ଫସିଥିବା ଲୁହାପଥର ବୋଝେଇ ଗାଡ଼ି।

ଯୋଡ଼ା,୨୩।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ କାନପୁର ଡ୍ୟାମ୍ ଅଞ୍ଚଳ ପାର୍ବତୀପୁର୍ ଓ ଦଢୁଆଁରୁ ସୋମବାର ଅପରାହ୍ନରେ ଚୋରା ଲୁହାପଥର ବୋଝେଇ ଟ୍ରେଲର ଓ ଟ୍ରକ୍‌କୁ ଖଣି ବିଭାଗ ଜବତ କରିଛି। ଜବତ ୨ ଗାଡ଼ି ଝାଡ଼ଖଣ୍ଡ ଅଞ୍ଚଳର ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଯାଞ୍ଚ କଡ଼ାକଡ଼ି ହେଉ ନ ଥିବାରୁ ବାହାର ରାଜ୍ୟର ଗାଡ଼ିରେ ଖଣିଜ ଚୋରାଚାଲାଣ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ଖଣିଜ ଚୋରା ବ୍ୟବସାୟୀ ପାର୍ବତୀପୁର ଅଞ୍ଚଳରୁ ଟ୍ରେଲର, ଟ୍ରକ୍ (ନଂ.ଜେଏଚ୍ ୦୫ ଡିଭି ୩୧୯୧ ଓ ଅନ୍ୟ ଏକ ନମ୍ବରବିହୀନ ୧୬ ଚକିଆ)ଯୋଗେ ଲୁହାପଥର ଚୋରାଚାଲାଣ କରୁଥିଲେ। ସେହି ସମୟରେ ଟ୍ରେଲରଟି ଡ୍ୟାମ୍ ନିକଟ ରାସ୍ତାରେ ଫସି ଯାଇଥିଲା। ଖବର ପାଇ ଖଣି ବିଭାଗ ପହଞ୍ଚି ୨ ଗାଡ଼ିକୁ ଜବତ କରିଛି। ଖଣିଜ ଚୋରା ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। ପ୍ରାୟ ୪୦ ମେଟ୍ରିକ ଟନ୍‌ରୁ ଉର୍ଦ୍ଧ୍ୱ ଖଣିଜ ଉକ୍ତ ଗାଡ଼ିଦ୍ୱୟରେ ବୋଝେଇ ହୋଇ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷେ ରାଜ୍ୟ ପରିବହନ ବିଭାଗର ବଡ଼ବିଲ ଓ କେନ୍ଦୁଝର କାର୍ଯ୍ୟାଳୟ ପକ୍ଷରୁ ଯାଞ୍ଚ କଡ଼ାକଡ଼ି ହେଉନାହିଁ। ଫଳରେ ଝାଡ଼ଖଣ୍ଡ ପଞ୍ଜୀକୃତ ନମ୍ବର ଗାଡ଼ି ଯୋଡ଼ା ଅଞ୍ଚଳରେ ଅବାଧରେ ପ୍ରବେଶ କରି ଖଣିଜ ଚୋରାଚାଲାଣରେ ନିୟୋଜିତ ହେଉଛି। ଗାଡ଼ି ରାସ୍ତାରେ ଦବି ନ ଥିଲେ ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଲୁହାପଥର ରାଜ୍ୟ ବାହାରକୁ ଅନାୟସରେ ଚାଲିଯାଇଥାଆନ୍ତା ବୋଲି ଆଲୋଚନା ହେଉଛି।

# ୭ ଲକ୍ଷରୁ ଉର୍ଦ୍ଧ୍ୱ ଗହଣା ଲୁଟ୍

ଛେଣ୍ଡିପଦା,୨୩।୬(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପୋଡ଼ାପଡ଼ା ଗାଁରେ ବିଳମ୍ବିତ ରାତିରେ ୨ ଦୁର୍ବୃତ୍ତ ଘରେ ପଶି କଳାକନା ବୁଲାଇଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପରିବାର ଲୋକ ଶୋଇଥିବାବେଳେ ଗଡରେଜ୍‌ଖୋଲି ପ୍ରାୟ ୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଓ ରୁପା ଗହଣା ଲୁଟି ନେଇଥିଲେ। ଖବରପାଇ ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ପୋଡ଼ାପଡ଼ା ଗାଁ ମଝିରେ ଥିବା ରଞ୍ଜନ କୁମାର ଗଡ଼ନାୟକଙ୍କ ପରିବାର ଲୋକେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ଘର ପଛପଟ ଗ୍ରିଲ୍ ଖୋଲି ଘର ଭିତରକୁ ପଶିଥିଲେ। ଘରେ ପଶିବା ପରେ ଘରର ଲାଇନ୍ କାଟି ରଞ୍ଜନଙ୍କ ପୁଅ ବୋହୂ ଶୋଇବା ଘରର ଗଡରେଜ୍ ଖୋଲି ବୋହୂଙ୍କର ଥିବା ପ୍ରାୟ ୭ ଲକ୍ଷ ଟଙ୍କାର ସୁନାଗହଣା ଓ ଲାପ୍‌ଟପ୍ ଲୁଟି ନେଇ ଫେରାର ହୋଇଯାଇଥିଲେ।

# ଯୌତୁକ ନିର୍ଯାତନା: ଗର୍ଭବତୀଙ୍କୁ ହତ୍ୟା ଅଭିଯୋଗ

■ଶ୍ୱଶୁର ଘର ଲୋକ ଫେରାର
■ମୃତଦେହ ରାତିରୁ ବ୍ୟବଚ୍ଛେଦ ନ ହୋଇ ପଡ଼ି ରହିଛି


ନମିତାଙ୍କ ଫାଇଲ ଫଟୋ।

ମହାକାଳପଡ଼ା, ୨୩।୬ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଅଧୀନ ବଡ଼ମଠ ଗାଁର ଜଣେ ୫ ମାସର ଗର୍ଭବତୀ ବଧୂଙ୍କୁ ଯୌତୁକ ଲାଗି ହତ୍ୟା କରାଯାଇଥିବା ରବିବାର ରାତିରେ ବାପା ଅଭିଯୋଗ କରିଛନ୍ତି। ଶ୍ୱଶୁର ଘର ଲୋକ ଫେରାର ହୋଇଯାଇଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ନ ହୋଇ କେନ୍ଦ୍ରାପଡ଼ା ଜିଲା ଚିକିତ୍ସାଳୟରେ ସୋମବାର ରହିଛି।

ସୂଚନାଯୋଗ୍ୟ, ବଡ଼ମଠ ଗାଁର ତ୍ରିଲୋଚନ ଭୂୟାଁଙ୍କ ପୁଅ ଚଗଲି (୨୫) ମହାକାଳପଡ଼ା ଥାନା ଅନ୍ତର୍ଗତ ତେନ୍ତୁଳିକନ୍ଧା ଗାଁର ଗୟାଧର ପ୍ରଧାନଙ୍କ ଝିଅ ନମିତାଙ୍କୁ ଦେଢ଼ବର୍ଷ ତଳେ ବୈଦିକ ରୀତି ମତେ ବିବାହ କରିଥିଲେ। ବିବାହ ସମୟରେ ଯୌତୁକ ଦିଆଯାଇଥିଲା। ପରେ ବୋହୂଙ୍କୁ ଅଧିକ ଯୌତୁକ ପାଇଁ ଶାଶୁ ଅଞ୍ଜନା, ନଣନ୍ଦ ସୋନି, ସ୍ୱାମୀ ଚଗଲି, ଶ୍ୱଶୁର ତ୍ରିଲୋଚନ ମାନସିକ, ଶାରୀରିକ ନିର୍ଯାତନା ଦେଉଥିଲେ। ରବିବାର ନମିତା ଫୋନରେ ବୋଉଙ୍କୁ ଅଧିକ ଯୌତୁକ ଦିଅ ନଚେତ ଶାଶୁ ଘର ଲୋକେ ମାରିଦେବାକୁ ଧମକ ଦେଇଛନ୍ତି ବୋଲି କହିଥିଲେ। ଏହାର କିଛି ସମୟ ପରେ ସ୍ୱାମୀ ଚଗଲି ଫୋନ କରି ଶାଶୁଙ୍କୁ କହିଥିଲେ, ତୁମ ଝିଅ ଦେହ ଭଲ ନାହିଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଦେଖିବାକୁ ଆସ। ପରେ ବାପ ଘର ଲୋକ ଅପରାହ୍ନରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ଡାକ୍ତର ଝିଅଙ୍କୁ ମୃତ ଘୋଷଣା କରିଥିଲେ। ଝିଅ ୫ ମାସର ଗର୍ଭବତୀ ଥିଲେ। ଝିଅକୁ ନିର୍ଯାତନା ଦେବା ସହ ପରିବାରର ସମସ୍ତେ ହତ୍ୟା କରିଥିବା ନେଇ ବାପା ଗୟାଧର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ହତ୍ୟା ଅଭିଯୋଗରେ ସମ୍ପୃକ୍ତ ଥିବା ଶାଶୁ ଘର ଲୋକ ସମସ୍ତେ ଘରେ ତାଲା ପକାଇ ଫେରାର ହୋଇଯାଇଥିଲେ। ଫଳରେ ପୋଲିସ ପକ୍ଷରୁ ଘରେ ଅନ୍ୟ ଏକ ତାଲା ଝୁଲାଇ ତଦନ୍ତ ଆରମ୍ଭ କରିଛି। ଏ ନେଇ ପୋଲିସ ନଂ. ୧୮୩/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷରେ ପୋଲିସ ମୃତଦେହ ଜବତ କରିଥିଲେ ହେଁ ବ୍ୟବଚ୍ଛେଦ ହୋଇ ନାହିଁ। ଗୟାଧର କହିଛନ୍ତି, ହତ୍ୟା କରିଥିବା ଶାଶୁ ଘର ଲୋକେ ଯେ ପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ମୃତଦେହ ବ୍ୟବଚ୍ଛେଦ ହୋଇପାରିବ ନାହିଁ।

# ହୋଟେଲରୁ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ମା'



ହୋଟେଲ ଆଗରେ ଚନ୍ଦନଙ୍କ ସମ୍ପର୍କୀୟଙ୍କ ଗହଳି।

ପାରାଦୀପ, ୨୩।୬(ଶରତ ରାଉତ)

ପାରାଦୀପ ଆଦର୍ଶ ଥାନାଠାରୁ ମାତ୍ର ୧୦୦ ମିଟର ଦୂରରେ ଥିବା ଏକ ହୋଟେଲର ଶିଡ଼ି ଘରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଲକ୍‌ପଡା ବସ୍ତିର ଚନ୍ଦନ ମାଲ(୨୭)। ଏନେଇ ମା' ବାସନ୍ତୀ ଥାନାରେ ଅଭିଯୋଗ କରିଛନ୍ତି।

ବାସନ୍ତୀଙ୍କ ଅଭିଯୋଗ ଅନୁଯାୟୀ, ରାକେଶ କୁମାର ପଟ୍ଟନାୟକ ଓ ନନି ମହାପାତ୍ରଙ୍କ ମାଲିକାନାରେ ଥିବା ହୋଟେଲରେ ଚନ୍ଦନ ୭ ବର୍ଷ ହେବ କାମ କରୁଥିଲେ। ସୋମବାର ସକାଳେ ଚନ୍ଦନଙ୍କ ଘରକୁ ମାଲିକ ନନି କଲ୍ କରି ହୋଟେଲରେ ପହଞ୍ଚିବା ପାଇଁ କହିଥିଲେ। ଏହାପରେ ବାପା ବାପି ମାଲ ହୋଟେଲରେ ପହଞ୍ଚିବାବେଳକୁ ପୁଅକୁ ପଙ୍ଖାରେ ଝୁଲୁଥିବା ଦେଖି ଅଚେତ ହୋଇଯାଇଥିଲେ। ଅପରପକ୍ଷେ ଚନ୍ଦନଙ୍କୁ ଠିକ୍ ସମୟରେ ହୋଟେଲ ମାଲିକ ଦରମା ଦେଉ ନ ଥିଲେ। ଏହି କାରଣକୁ ନେଇ ତାଙ୍କୁ ଉଭୟ ମାଲିକ ହତ୍ୟା କରିଛନ୍ତି ବୋଲି ବାସନ୍ତୀ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ହୋଟେଲ ମାଲିକାଣୀ ନନି କୁହନ୍ତି, ରବିବାର ରାତିରେ ଲକ୍‌ପଡା ବସ୍ତିରେ ଗଣ୍ଡଗୋଳ ହୋଇଥିଲା। ଏନେଇ ଚନ୍ଦନ ଘରକୁ ଯାଇ ବିଳମ୍ବିତ ରାତିରେ ହୋଟେଲକୁ ଫେରି ଗଣ୍ଡଗୋଳ ସମ୍ପର୍କରେ ଜଣାଇଥିଲେ। ସୋମବାର ସକାଳେ ଥାନାକୁ ଯିବାକୁ ପରାମର୍ଶ ଦେଇଥିଲି। କିନ୍ତୁ ସେ ରାତିରେ ହୋଟେଲ ଶିଡ଼ି ଘର ପଙ୍ଖାରେ ଝୁଲି ପଡ଼ିଥିଲେ। ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୫)ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ କହିଛନ୍ତି।

ଭୁବନେଶ୍ୱରରେ ଆଫଗାନ୍ ନାଗରିକ ଗିରଫ ଘଟଣା

# 'ଏନଆଇଏ', 'ଆଇବି'ର ତଦନ୍ତ

ଭୁବନେଶ୍ୱର,୨୩।୬ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ଏୟାରପୋର୍ଟ ଥାନା ପୋଲିସ ଦ୍ୱାରା ଆଫଗାନିସ୍ତାନ ନାଗରିକ ଗିରଫ ଘଟଣାକୁ କେନ୍ଦ୍ରୀୟ ତଦନ୍ତ ଏଜେନ୍ସି ଗୁରୁତ୍ୱର ସହ ନେଇଛି। ଜାତୀୟ ତଦନ୍ତ ସଂସ୍ଥା (ଏନ୍‌ଆଇଏ) ଓ ଗୋଇନ୍ଦା ବ୍ୟୁରୋ(ଆଇବି) ଏହି ଘଟଣାରେ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଝାରପଡ଼ା ଜେଲରେ ଥିବା ଅଭିଯୁକ୍ତ ମହମ୍ମଦ ୟୁସୁଫ ଓରଫ ୟାହା ଖାନ୍ (୫୪)ଙ୍କୁ ମଧ୍ୟ ରିମାଣ୍ଡରେ ଆଣି ଖୋଳତାଡ଼ କରିବାକୁ କମିଶନରେଟ୍ ପୋଲିସ ଯୋଜନା କରୁଛି। ୟୁସୁଫ ୬ବର୍ଷ ହେବ ଲୁଚି ରହିଥିବା ବେଳେ ଏହା ପଛରେ ଥିବା ତାଙ୍କ ଉଦ୍ଦେଶ୍ୟ ବିଷୟରେ ଜାଣିବାକୁ ଛାନଭିନ୍ କରାଯାଉଛି। ସୋମବାର 'ଏନ୍‌ଆଇଏ'ର ଦୁଇଜଣିଆ ଟିମ୍ ଏୟାରପୋର୍ଟ ଥାନାକୁ ଯାଇ ପୋଲିସକୁ ପଚରାଉଚରା କରିବା ସହ ଗିରଫ ସଂକ୍ରାନ୍ତୀୟ ତଥ୍ୟ ସଂଗ୍ରହ କରିଛନ୍ତି। ସେପଟେ ଆଇବିର ଦୁଇ ବରିଷ୍ଠ ଅଧିକାରୀ ୟୁସୁଫ ରହୁଥିବା କଟକ ପେଟିନ୍ ସାହିରେ ପହଞ୍ଚି ତନାଘନା ଆରମ୍ଭ କରିଛନ୍ତି। ଆଇବି ଟିମ୍ ଘର ମାଲିକଙ୍କୁ ପଚରାଉଚରା କରି ତଥ୍ୟ ହାସଲ କରିଛନ୍ତି। ୟୁସୁଫ୍ କିଭଳି ଏବଂ କାହା ସହାୟତାରେ ଭାରତୀୟ ପାସ୍‌ପୋର୍ଟ ହାତେଇବା ସହ ଆଧାରକାର୍ଡ ଓ ଭୋଟର ପରିଚୟ ପତ୍ର କରିଥିଲେ ତାହା ଜାଣିବାକୁ ପ୍ରୟାସ ଚାଲିଛି। କୌଣସି ଆତଙ୍କବାଦୀ ସଂଗଠନ ପାଇଁ ୟୁସୁଫ୍ ସ୍ଲିପର୍ ସେଲ୍ ଭାବେ କାମ କରୁଥିଲେ ବୋଲି ସନ୍ଦେହ କରାଯାଇ ତଦନ୍ତ ହେଉଛି।

ସୂଚନାଯୋଗ୍ୟ, କାବୁଲର ୟୁସୁଫ୍ ଶୁକ୍ରବାର ଭୁବନେଶ୍ୱର ଏୟାରପୋର୍ଟରୁ ଗିରଫ ହୋଇଥିଲେ। ୟୁସୁଫ ୨୦୧୭ରେ ଆଫଗାନିସ୍ତାନ ପାସପୋର୍ଟ ଜରିଆରେ କୋଲକାତା ଆସିଥିଲେ। ହେଲେ ୨୦୧୮ ଜାନୁଆରୀରେ ତାଙ୍କ ଭିସାର ଅବଧି ଶେଷ ହୋଇଯାଇଥିଲା। ସେ ଆଫଗାନିସ୍ତାନ ଆଉ ଯାଇ ନ ଥିଲେ। ୬ବର୍ଷ ହେବ ଇମିଗ୍ରେଶନ ଅଧିକାରୀମାନେ ତାଙ୍କୁ ଖୋଜାଖୋଜି ଚଳାଇଥିଲେ। ପରେ ସେ କଟକ ଚାଲିଆସି ତାଙ୍କ ସମ୍ପ୍ରଦାୟର ଲୋକଙ୍କ ସହ ରହିଥିଲେ। ଏହାପରେ ସେ ପ୍ରମାଣ ପତ୍ର, ପରିଚୟ ପତ୍ର ଓ ବ୍ୟାଙ୍କ ଖାତା ଆଦି କରି ନେଇଥିଲେ। ସେ ମୋତି ଖାନ୍‌ଙ୍କ ପୁଅ ୟାହା ଖାନ୍ ଭାବେ ନିଜକୁ ପରିଚିତ କରାଇଥିଲେ। ଭାରତୀୟ ପାସ୍‌ପୋର୍ଟ ହାତେଇ ୨୦ତାରିଖରେ ସେ ଦୁବାଇ ଯାଉଥିଲେ। ଇମିଗ୍ରେଶନ ଅଧିକାରୀମାନେ ତାଙ୍କ ଉପରେ ସନ୍ଦେହ କରି ଯାଞ୍ଚ କରିବାରୁ ପ୍ରକୃତ ସତ ଜଣାପଡ଼ିଥିଲା।

# ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ସିଡିପିଓ, କିରାଣି


ବିଷମକଟକ ବ୍ଲକ ସିଡିପିଓ ସୁଶୀଳା ଶବରଙ୍କୁ ଭିଜିଲାନ୍ସ ଅଧିକାରୀ ଗିରଫ କରି ନେଉଛନ୍ତି।

ରାୟଗଡ଼ା/ବିଷମକଟକ ୨୩।୬(ଆଶିଷ ରଞ୍ଜନ ପଣ୍ଡା/ ପ୍ରସନ୍ନ କୁମାର ପଣ୍ଡା)

ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ପାଇଁ ଜଣଙ୍କଠାରୁ ୮୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ସୋମବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ରାୟଗଡା ଜିଲା ବିଷମକଟକ ବ୍ଲକ ସିଡିପିଓ ଓ କିରାଣି। ଭିଜିଲାନ୍ସ କର୍ତ୍ତୃପକ୍ଷ ସିଡିପିଓ ସୁଶୀଳା ଶବରଙ୍କ ନିକଟରୁ ନଗଦ ୮୦ହଜାର ଲାଞ୍ଚ ଟଙ୍କା ଜବତ କରିଛନ୍ତି। ସିଡିପିଓ ସୁଶୀଳାଙ୍କ ସହ ତାଙ୍କ ସହଯୋଗୀ ତଥା ବିଭାଗୀୟ କିରାଣି ରାମଚନ୍ଦ୍ର ପାତ୍ରଙ୍କୁ ସୋମବାର ରାୟଗଡ଼ା ଭିଜିଲାନ୍ସ ଗିରଫ କରି କାର୍ଯ୍ୟାଳୟକୁ ଆଣି ପଚରାଉଚରା ଜାରି ରଖିଛି।

ବିଷମକଟକ ବ୍ଲକ୍ ଅଧୀନ କୁର୍ଲି ପଞ୍ଚାୟତର ହୁତେଶି ଗ୍ରାମରେ ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ପାଇଁ ୩ଜଣ ମହିଳା ଆବେଦନ କରିଥିଲେ। ହୁତେଶି ଗ୍ରାମର ଜଣେ ଡଙ୍ଗରିଆ ମହିଳା ସୀତା ୱାଡ଼କା ମଧ୍ୟ ଆବେଦନ କରିଥିଲେ। ସୀତାଙ୍କୁ ଅଙ୍ଗନୱାଡ଼ି କର୍ମୀ ଭାବେ ନିଯୁକ୍ତି ପାଇଁ ତାଙ୍କ ସ୍ୱାମୀ ଲାଲୁ ସିକକା ସିଡିପିଓଙ୍କ ସହ ଆଲୋଚନା କରିଥିଲେ। ଲକ୍ଷେ ଟଙ୍କା ଦେଲେ ସୀତାଙ୍କୁ ନିଯୁକ୍ତି ମିଳିବ ବୋଲି ସିଡିପିଓ ଏବଂ ଲାଲୁଙ୍କ ମଧ୍ୟ ଡିଲ୍ ହୋଇଥିଲା। ଏହାପରେ ଲାଲୁ ଅନଲାଇନ୍ ଯୋଗେ ପ୍ରଥମେ ୨୦ ହଜାର ଟଙ୍କା ସୁଶୀଳାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ସୋମବାର ବିଷମକଟକ ବ୍ଲକ କୁମାରଢ଼ାମୁଣି ଛକଠାରେ ସିଡିପିଓ ସୁଶୀଳା ବଳକା ୮୦ ହଜାର ଟଙ୍କା ଲାଲୁଙ୍କଠାରୁ ନେବାବେଳେ ପୂର୍ବରୁ ସୂଚନା ପାଇ ଯୋଜନାବଦ୍ଧ ଭାବେ ସେଠାରେ ଛପି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଏବଂ କିରାଣି ରାମଚନ୍ଦ୍ରଙ୍କୁ କାବୁ କରିଥିଲା। ଏହି ଚଢ଼ାଉରେ ଜୟପୁର ଭିଜିଲାନ୍ସ ଟିମ୍‌ର ୨ଜଣ ଡିଏସ୍‌ପି ସଦାନନ୍ଦ ପାଣି ଓ ଅଭୟ ପ୍ରଧାନ, ରାୟଗଡ଼ା ଭିଜିଲାନ୍ସ ଇନସ୍ପେକ୍ଟର ତରୁଲତା ବେହେରା ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ଅନ୍ୟପଟେ ଅଧିକ ତଦନ୍ତ ପାଇଁ ସୁଶୀଳା ଓ କିରାଣି ରାମଚନ୍ଦ୍ରଙ୍କ ଘରେ ମଧ୍ୟ ଚଢ଼ାଉ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରିଟେଲ କ୍ଷେତ୍ରରେ ଡିଜିଟାଲୀକରଣକୁ ଗୁରୁତ୍ୱ

**ଭୁବନେଶ୍ୱର,୨୩।୬ (ଅଭୟ ଦାଶ)**

ବର୍ତ୍ତମାନର ବ୍ୟସ୍ତବହୁଳ ସମୟ ମଧ୍ୟରେ ଲୋକମାନେ ଦିନକୁ ଦିନ ଡିଜିଟାଲ ସେବା ପ୍ରତି ଆକୃଷ୍ଟ ଓ ଅଭ୍ୟସ୍ତ ହୋଇପଡୁଛନ୍ତି। ଫଳରେ ରିଟେଲ କ୍ଷେତ୍ରର କାରବାର ଧୀରେ ଧୀରେ ମାନ୍ଦା ହେବା ସହିତ ଅନଲାଇନ ଓ ଇ-କମର୍ସ ପ୍ଲାଟଫର୍ମର ଚାହିଦା ବୃଦ୍ଧି ପାଉଛି। ଏହି ପରିପ୍ରେକ୍ଷୀରେ ରିଟେଲ କ୍ଷେତ୍ରର ଡିଜିଟାଲକରଣକୁ ସବୁ ସ୍ତର ଓ ବର୍ଗର ରିଟେଲ ବ୍ୟବସାୟୀମାନେ ଗୁରୁତ୍ୱ ଦେବା ସହ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଏହାକୁ ଆଖି ଆଗରେ ରଖି ରିଟେଲ ଅପ୍ଟିମାଇଜେଶନ୍ ଏବଂ ଯୋଗାଣ ଶୃଙ୍ଖଳା ସମାଧାନ କ୍ଷେତ୍ରରେ ବିଶ୍ୱସ୍ତରରେ ଅଗ୍ରଣୀ ଲୋଜାଇଲର ନୂତନ ଗ୍ଲୋବାଲ୍ ଇନୋଭେଶନ୍ ସେଣ୍ଟରକୁ ଭୁବନେଶ୍ୱରଠାରେ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ସେହିଭଳି କମ୍ପାନୀର ଏହି ସମ୍ପ୍ରସାରଣ ବୈଷୟିକ ଉଦ୍ଭାବନ ପ୍ରତି ଲୋଜାଇଲର ପ୍ରତିବଦ୍ଧତା ଏବଂ ଅନ୍ତର୍ଜାତୀୟ ଟେକ୍ନୋଲୋଜିରେ ନିବେଶ ପାଇଁ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବେ ଓଡ଼ିଶାର ଅଗ୍ରଗତିକୁ ହାଇଲାଇଟ କରୁଛି।



ଭୁବନେଶ୍ୱରରେ ଗ୍ଲୋବାଲ ଇନୋଭେଶନ ସେଣ୍ଟରକୁ ଅତିଥିମାନେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରୁଛନ୍ତି।

ଏହି ଅବସରରେ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଏଆଇ ବିପ୍ଳବରେ ଅଗ୍ରଣୀ ହେବା ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ପୁନଃ ଦୋହରାଇଛନ୍ତି।

ସେ କହିଛନ୍ତି, ଆମର ଏଆଇ ନୀତି ରାଜ୍ୟ କ୍ୟାବିନେଟ ଦ୍ୱାରା ଅନୁମୋଦନ ପାଇଛି, ଯାହା କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଓଡ଼ିଶାକୁ ଏକ ନେତୃତ୍ୱ ଭାବେ ସ୍ଥାନିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଲଟିଛି। ସେହିପରି ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ପ୍ରମୁଖ ସଚିବ ବିଶାଲ ଦେବ ଭୁବନେଶ୍ୱରକୁ ଏକ ଅଗ୍ରଣୀ ଆଇଟି ଗନ୍ତବ୍ୟସ୍ଥଳ ଭାବେ ଉନ୍ନୀତ କରିବା ପାଇଁ ରାଜ୍ୟର ମହତ୍ତ୍ୱାକାଂକ୍ଷୀ ଯୋଜନା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଲୋଜାଇଲର ପ୍ରତିଷ୍ଠାତା ତଥା ସିଇଓ ପୂର୍ଣ୍ଣ ମିଶ୍ର କହିଛନ୍ତି, ଏହି କେନ୍ଦ୍ର ଉଦ୍ଭାବନ ପାଇଁ ଆମର ଦୃଷ୍ଟିକୋଣ ଏବଂ ଏକ ଟେକ୍ନୋଲୋଜି ହବ୍ ଭାବେ ଓଡ଼ିଶାର ବିକାଶ ପ୍ରତି ଆମର ପ୍ରତିଶ୍ରୁତିବଦ୍ଧତାର ପ୍ରତିନିଧିତ୍ୱ କରୁଛି। ଆମେ ବିଶ୍ୱସ୍ତରୀୟ ରିଟେଲ ସମାଧାନ ନିର୍ମାଣ କରିବା ପାଇଁ ଉଚ୍ଚମାନର ନିଯୁକ୍ତି ସୃଷ୍ଟି କରି ଏବଂ ସ୍ଥାନୀୟ ପ୍ରତିଭାମାନଙ୍କ ସହ ସହଭାଗିତା କରି ଉତ୍ସାହିତ ଅଛୁ।

ଏହି ସେଣ୍ଟର ଭାରତ ଓ ବିଦେଶରୁ ପେସାଦାରମାନଙ୍କୁ ଆକର୍ଷିତ କରି କ୍ଲାଉଡ-ନେଟିଭ ଡେଭ୍‌ଲପମେଣ୍ଟ, ଏଆଇ/ଏମଏଲ, ଡାଟା ଇଞ୍ଜିନିୟରିଂ, ଡେଭ୍‌ଓପ୍‌ସ, ୟୁଆଇ/ୟୁଏକ୍ସ ଡିଜାଇନ ଓ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ କ୍ଷେତ୍ରରେ କ୍ୟାରିୟର ସୁଯୋଗ ପ୍ରଦାନ କରିବ। ଭୁବନେଶ୍ୱରର ବିକଶିତ ଟେକ୍ ଇକୋସିଷ୍ଟମ, ଜୀବନଯାପନ ପାଇଁ କମ୍ ଖର୍ଚ୍ଚ ଏବଂ ସୁଦୃଢ ପ୍ରତିଭା ଆଧାର ଏହାକୁ ଲଜାଇଲର ସମ୍ପ୍ରସାରଣ ପାଇଁ ଏକ ଆଦର୍ଶ ସ୍ଥାନରେ ପରିଣତ କରୁଛି।

ମିଶ୍ର ଆହୁରି ମଧ୍ୟ କହିଛନ୍ତି, ଆମେ ଏକ 'ମେକ୍ ଇନ ଓଡିଶା' ସଫଳ କାହାଣୀ ସୃଷ୍ଟି କରୁଛୁ, ଯାହା ବିଶ୍ୱବ୍ୟାପୀ ରିଟେଲରମାନଙ୍କୁ ସେବା ଯୋଗାଇବ। ଆମେ ରିଟେଲ ଟେକ୍ନୋଲୋଜିର ଭବିଷ୍ୟତକୁ ନୂଆ ରୂପ ଦେବାରେ ଆମ ସହ ଯୋଗ ଦେବା ପାଇଁ ଦକ୍ଷ ପେସାଦାରମାନଙ୍କୁ ଆମନ୍ତ୍ରଣ କରୁଛୁ।

ସ୍ୱତନ୍ତ୍ର ସଚିବ (ଆଇଟି ଆଣ୍ଡ ଇ) ମାନସ ପଣ୍ଡା ଏବଂ ଲଜାଇଲର ଭାରତ ମୁଖ୍ୟ ଶୁଭାଶିଷ ପଟ୍ଟନାୟକ ଏହି ଅବସରରେ ଯୋଗ ଦେଇଥିଲେ ଏବଂ ରାଜ୍ୟ ଆଇଟି କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଏବଂ ଓଡ଼ିଶା କିପରି ଦେଶର ଏକ ପ୍ରମୁଖ ଆଇଟି ହବ୍‌ରେ ପରିଣତ ହୋଇଛି ତାହା ଉପରେ ଆଲୋକପାତ କରିଥିଲେ।

# ପିଏନ୍‌ବିର ନୂତନ ଶାଖା ଉଦ୍‌ଘାଟିତ



ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ବାଲିଗଡ଼ା,୨୩।୬(ସଞ୍ଜୟ କୁମାର ପାଣିଗ୍ରାହୀ)**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ନୂତନ ଶାଖା କନ୍ଧମାଳ ଜିଲା ବାଲିଗୁଡ଼ା ଠାରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏପରିକି ପିଏନ୍‌ବି ବ୍ରହ୍ମପୁର ସର୍କଲର ଏହା ୫୬ତମ ଶାଖା ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ବ୍ରହ୍ମପୁର ସର୍କଲର ମୁଖ୍ୟ ପ୍ରତାପ କୁମାର ବୈରିଗଞ୍ଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପିଏନ୍‌ବି ଭୁବନେଶ୍ୱରର ଜୋନାଲ ମ୍ୟାନେଜର ଭୂଷଣ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ତହସିଲଦାର ଦୀପ୍ତି ପ୍ରକାଶ ବେହେରା, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଲମ୍ବୋଦର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସର୍କଲ ମୁଖ୍ୟ ବୈରିଗଞ୍ଜନ ପିଏନବିର ୧୩୦ ବର୍ଷର ଐତିହ୍ୟ ଉପରେ ଆଲୋକପାତ କରି ବାଲିଗୁଡ଼ା ଅଞ୍ଚଳର ବାସିନ୍ଦାଙ୍କୁ ସର୍ବୋତ୍ତମ ଗ୍ରାହକ ସେବା ପ୍ରଦାନ ଲାଗି ପ୍ରତିଶ୍ରୁତି ଦେଇଥିଲେ। ଜୋନାଲ ମ୍ୟାନେଜର ଶର୍ମା ଉପସ୍ଥିତ ଜନସାଧାରଣଙ୍କୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସହ ଜଡିତ ହେବାକୁ ଆହ୍ୱାନ ଦେଇ ବ୍ୟାଙ୍କ ସମ୍ପତ୍ତି ଏବଂ ଜମାକ୍ଷେତ୍ରରେ ଅନେକ ସେବା ପ୍ରଦାନ କରୁଥିବା ସୂଚନା ଦେଇଥିଲେ। ଜନସାଧାରଣଙ୍କୁ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧାର ଲାଭ ଉଠାଇବାକୁ ସେ ପରାମର୍ଶ ଦେଇଥିଲେ। ସ୍ଥାନୀୟ ଶାଖା ପରିଚାଳକ ସତ୍ୟ ନାରାୟଣ ସାହୁ, କୋଷାଧ୍ୟକ୍ଷ ପ୍ରତାପ କୁମାର ମୁଦୁଲି, ଅଫିସର ଦୀପ୍ତିମୟୀ ପ୍ରଧାନୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଶତାଧିକ ଗ୍ରାହକ ଉପସ୍ଥିତ ଥିଲେ।

# ୪୦ ଦିନରେ ୨ଲକ୍ଷ କ୍ଷତିକାରକ ଲିଙ୍କ୍ ବ୍ଲକ୍

**ଭୁବନେଶ୍ୱର,୨୩।୬**

ବର୍ତ୍ତମାନ ସମୟରେ ଡିଜିଟାଲ ଠକେଇ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏପରିକି ସବୁ ବର୍ଗର ଲୋକ/ ଉପଭୋକ୍ତା ଏହି ଠକେଇରେ ଶିକାର ହେଉଛନ୍ତି। ଏ ନେଇ ସର୍ବଭାରତୀୟସ୍ତରରେ ଭାରତୀ ଏୟାରଟେଲ ପକ୍ଷରୁ ଏକ ଉନ୍ନତ ଠକାମି ଚିହ୍ନଟ ପ୍ରଣାଳୀ କାର୍ଯ୍ୟକାରୀ କରାଯାଇଛି। ବିଶେଷକରି ଏହାର ଏଆଇ-ଚାଳିତ ଠକାମି ଚିହ୍ନଟ ପ୍ରଣାଳୀକୁ ସାରା ଦେଶରେ ଶୁଭାରମ୍ଭ ସହ ପ୍ରୟୋଗ କରିବାର ଅଂଶ ଭାବେ କମ୍ପାନୀ ଓଡ଼ିଶାର ଗ୍ରାହକମାନଙ୍କୁ ମଧ୍ୟ ଏହି ସୁବିଧା ଯୋଗାଇ ଦେଉଛି। ଅପରପକ୍ଷରେ ଓଡ଼ିଶାରେ ବୃଦ୍ଧି ପାଉଥିବା ଅନଲାଇନ୍ ଠକାମିରୁ ଉପଭୋକ୍ତାଙ୍କୁ ସୁରକ୍ଷିତ ରଖିବା ମିଶନରେ କମ୍ପାନୀ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହାସଲ କରିଛି। ସେହିଭଳି ଶୁଭାରମ୍ଭ ହେବାର ୪୦ ଦିନ ମଧ୍ୟରେ ଏୟାରଟେଲ୍ ପ୍ରାୟ ୨ ଲକ୍ଷ (୧,୮୮,୦୦୦ ରୁ ଅଧିକ) କ୍ଷତିକାରକ ଲିଙ୍କକୁ ବ୍ଲକ୍ କରିଛି ଏବଂ ସାରା ଦେଶରେ ୮୬ ନିୟୁତ ଉପଭୋକ୍ତାଙ୍କୁ ସୁରକ୍ଷା ଦେଇଛି। ଏହା ବାସ୍ତବ ସମୟ ବିପଦ ବୁଦ୍ଧିମତ୍ତା ବ୍ୟବସ୍ଥା ବ୍ୟବହାର କରି ପ୍ରତିଦିନ ୧ ବିଲିୟନରୁ ଅଧିକ ୟୁଆରଏଲ ଯାଞ୍ଚ ଏବଂ ୧୦୦ ମିଲିସେକେଣ୍ଡ୍ ମଧ୍ୟରେ କ୍ଷତିକାରକ ସାଇଟଗୁଡିକୁ ବ୍ଲକ୍ କରୁଛି। ଏୟାରଟେଲର ଏହି ଉନ୍ନତ ଠକାମି ଚିହ୍ନଟ ପ୍ରଣାଳୀ କାର୍ଯ୍ୟକାରୀ କରିବାର ମାତ୍ର ୪୦ ଦିନ ଭିତରେ ରାଜ୍ୟର ୩.୧ ନିୟୁତରୁ ଅଧିକ ଗ୍ରାହକଙ୍କୁ ସୁରକ୍ଷା ପ୍ରଦାନ କରିଛି।

# ଦିନକରେ ୨ ଗିନିଜ ବିଶ୍ୱ ରେକର୍ଡ

**ଭୁବନେଶ୍ୱର,୨୩।୬**

ଚଳିତ ବର୍ଷର ଅନ୍ତର୍ଜାତୀୟ ଯୋଗ ଦିବସରେ ଏକ ଅବିଶ୍ୱସନୀୟ ସଫଳତା ସହ ଦିନକ ମଧ୍ୟରେ ୨ଟି ଗିନିଜ ବିଶ୍ୱ ରେକର୍ଡ଼ ପ୍ରାପ୍ତ ହୋଇଛି। ଆୟୁଷ ମନ୍ତ୍ରଣାଳୟ ସହାୟତାରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ଆୟୁଷ ବିଭାଗ ଦ୍ୱାରା ଆୟୋଜିତ ଅନ୍ତର୍ଜାତୀୟ ଯୋଗ ଦିବସରେ ଏହି ସଫଳତା ମିଳିଛି। ଆନ୍ଧ୍ରପ୍ରଦେଶର ଶାନ୍ତ ଉପକୂଳବର୍ତ୍ତି ସହର ବିଶାଖାପାଟଣାଠାରେ ଆୟୋଜିତ ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ଏହି ରେକର୍ଡ ଗିନିଜ ରେକର୍ଡ଼ବୁକରେ ସ୍ଥାନ ପାଇଛି। ଏହି କାର୍ଯ୍ୟକ୍ରମରେ ଲକ୍ଷ ଲକ୍ଷ ଲୋକଙ୍କ ଅଂଶଗ୍ରହଣ ଓ ରାଜନେତାଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଉତ୍ସବର ନେତୃତ୍ୱ ନେଇଥିଲେ। ସମାବେଶକୁ ସମ୍ବୋଧିତ କରି ସେ ବ୍ୟକ୍ତିଗତ ଭାବେ ଜୀବନକୁ ପରିବର୍ତ୍ତନ କରିବା ଓ ଏକ ସୁସ୍ଥ ସମାଜ ଗଠନ କରିବାରେ ଯୋଗର ମହତ୍ତ୍ୱ ବିଷୟ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଉପକୂଳବର୍ତ୍ତି ସହର ଦୁଇଟି ଗିନିଜ ବିଶ୍ୱ ରେକର୍ଡ଼ ସ୍ଥାପନ କରିଛି।

# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୨୩।୬**

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୫୧୧(୫୧୧.୩୮) ପଏଣ୍ଟ ହ୍ରାସ ଘଟି ୮୧,୮୯୭ (୮୧,୮୯୬.୭୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୧୪୦(୧୪୦.୫୦)ପଏଣ୍ଟ କମି ୨୪,୯୭୨ (୨୪,୯୭୧.୯୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# କେ୧୩ଏକ୍ସ ୫ଜିର ଶୁଭାରମ୍ଭ

**ଭୁବନେଶ୍ୱର,୨୩।୬**

ଓପୋ ଇଣ୍ଡିଆର ନୂତନ ଉତ୍ପାଦ ତଥା ସେଗମେଣ୍ଟର ସବୁଠାରୁ ମଜବୁତ ୫ଜି ସ୍ମାର୍ଟଫୋନ ଓପୋ କେ୧୩ଏକ୍ସ ୫ଜିର ଶୁଭାରମ୍ଭ ସର୍ବଭାରତୀୟସ୍ତରରେ କରାଯାଇଛି। ଏହି ସ୍ମାର୍ଟଫୋନକୁ ସ୍ଥାୟିତ୍ୱ ଓ ସାମଗ୍ରିକ କାର୍ଯ୍ୟଦକ୍ଷତା ଚାହୁଁଥିବା ଛାତ୍ରୀଛାତ୍ର ଓ ଯୁବ ପେସାଦାରଙ୍କ ପାଇଁ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଛି। ଏପରିକି କେ୧୩ଏକ୍ସ ୫ଜି ଏସ୍‌ଜିଏସ ଗୋଲ୍ଡ ଡ୍ରପ ସାର୍ଟିଫିକେଶନ, ଏସ୍‌ଜିଏସ ମିଲିଟାରୀ ଷ୍ଟାଣ୍ଡାର୍ଡ ସାର୍ଟିଫିକେଶନ ଓ ଏମ୍‌ଆଇଏଲ-ଏସ୍‌ଟିଡି ୮୧୦ଏଚ ମିଲିଟାରୀ-ଗ୍ରେଡ ଷ୍ଟାଣ୍ଡାର୍ଡ ସହ ଆସୁଛି। ଯାହା ଏହାକୁ ନିଜ ଶ୍ରେଣୀର ସବୁଠାରୁ ମଜବୁତ ଡିଭାଇସରେ ପରିଣତ କରୁଛି। ଏହାର ୩୬୦ ଡିଗ୍ରୀ ଡ୍ୟାମେଜ-ପ୍ରୁଫ ଆର୍ମର ବଡିକୁ ଏରୋସ୍ପେଶ-ଗ୍ରେଡ ଏଏମ୦୪ ଆଲୁମିନିୟମ ଆଲୟର ବ୍ୟବହାର କରି ନିର୍ମାଣ କରାଯାଇଥିବାବେଳେ କ୍ରିଷ୍ଟାଲ ସିଲ୍ଡ ଗ୍ଲାସ ସହ ସୁଦୃଢ କରାଯାଇଛି ଏବଂ ଡିପ୍-ସି ସ୍ପ ଦ୍ୱାରା ଅନୁପ୍ରାଣିତ ଏକ ବାୟୋମିମେଟିକ ସ୍ପ ସକ୍ ଆବ୍‌ଜରପ୍ସନ ସିଷ୍ଟମ ଦ୍ୱାରା ଉନ୍ନତ କରାଯାଇଛି। ଏଥିରେ ଆଇପି୬୫ ୱାଟର ଓ ଡଷ୍ଟ ରେଜିଷ୍ଟାନ୍ସ ରହିଛି। ଏ ସମ୍ପର୍କରେ ଓପୋ ଇଣ୍ଡିଆର ପ୍ରଡକ୍ଟ କମ୍ୟୁନିକେଶନ୍ସ ବିଭାଗର ମୁଖ୍ୟ, ସାଭିଓ ଡି'ସୁଜା କହିଛନ୍ତି, ଓପୋ ୧୩ଏକ୍ସ୫ଜି ସହିତ ଆମେ ଜେନ୍ ଜିଙ୍କ ବାସ୍ତବ ଦୁନିଆର ଆବଶ୍ୟକତା ଯେପରିକି ଚମତ୍କାର ସ୍ଥାୟିତ୍ୱ, ସୁଗମ କାର୍ଯ୍ୟଦକ୍ଷତା ଓ ଉନ୍ନତ ଶକ୍ତି ଦକ୍ଷତାକୁ ସୁଲଭ ମୂଲ୍ୟରେ ପୂରଣ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ସୁଦୃଢ କରିଛୁ।


# Classified Everyday
**0674-2580101, 9692975378**


**REAL ESTATE**
**SALE**

**Ready to move 3BHK apartment sale at Palasuni Bhubaneswar & Duplex available in Patia after Railway Station. Price 1CR. onwards. 8763887357, 7992736330.** D-76276




2nos of 2BHK Residential flat with all facilities with 2wheeler parking available for Rent at Cuttack, Shivajee Nagar. Contact: 9040029298 D-990

**Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740.** D-75391

**To-Let (For Office/ NGO/Store House only) 1. 1400sqft. fully furnished (Racks, Tables, Chairs, Ac) 2. Two Bed Rooms, One Drawing Room, One Dining Space, One Kitchen, Two Bath Room. At Shree Vihar, Chandrashekharpur, Patia. Contact No- 7030757614, 9438730447, 9437300287.** D-1048




Newly open Jyoti SPA positively health benefits (expert therapist). 8458067955. D-76923

Newly open health benefits SPA by expert therapist. Contact- 8280961126. D-76924

Positively health benefits SPA expert female therapist homely atmosphere. 8658088274. D-974

Full body massage by odia therapist in homely atmosphere. 9556498382. D-75392

**AFFIDAVIT**

ସତ୍ୟପାଠ ସି.ଏଫ୍. ନଂ.-୭୩, ତା୦୪ ନଭେମ୍ବର ୨୦୨୪ରେ ଘୋଷଣା କରୁଅଛି କି ଏବେଠାରୁ ଝିଅର ନାମ ବର୍ଷା ଭୋଇ, ପିତା- କିଶୋର ଭୋଇ, ମାତା- ସୁଜାତା ଭୋଇ, ଗ୍ରାମ- ହାତିଶାଳ ଲୋକନାଥ ରୋଡ୍, ଜିଲ୍ଲା/ପୋଷ୍ଟ- ପୁରୀ, ଥାନା- ବାସୁଳିସାହି ସ୍ଥାୟୀ ଠିକଣାରେ ଆମ୍ଭେମାନେ ପରିଚିତ ହେବୁ। ଧ-୭୬୪୬୮

By virtue of an affidavit sworn before the Notary Public, Kalahandi, dated 16.05.2025, I, Taruna Majhi, R/o. Village/ P.O.- D.Karlakhunta, P.S.- M.Rampur, Dist.- Kalahandi, Odisha declare that I have changed my son's name from Pradip Majhi to Hemsagar Majhi. Henceforth, he shall be known as Hemsagar Majhi for all purposes.
Taruna Majhi
D-1049

By virtue of an affidavit sworn before the Executive Magistrate, Anandapur, Dated 21.06.2025, I, Karunakar Shiala, Address: At-Aranyamadana, P.O.-Pataranga, P.S.-Korei, Dist.-Jajpur, Odisha-755019 declare that I have changed my name from Balaram Shiala to Karunakara Shiala. Henceforth, I shall be known as Karunakara Shiala for all purposes.
D-1043

By virtue of an affidavit before the Executive Magistrate, Balasore, I, Smt. Binodini Gupta, W/o- Harihar Das, At./P.O.-Garadihi, P.S.-Berhampur, Dist.- Balasore, PIN-756041 do hereby declare that I have changed my minor grand daughter's name from Samarpita Routray to Kotishree Routray which was mentioned in her Birth Certificate. Samarpita Routray and Kotishree Routray is one and same person. Henceforth, Samarpita Routray shall be known as Kotishree Routray for all purposes. D-1045

By virtue of an affidavit sworn before the Executive Magistrate, Anandapur, dated 21.06.2025, I, Pravash Parida, Address: At-Natapada, P.O./P.S.-Jajpur Road, Dist.-Jajpur, Odisha-755019 declare that I have changed my son's name from Pritam Parida to Punyasloke Parida. Henceforth, he shall be known as Punyasloke Parida for all purposes.
D-1044


Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By virtue of an affidavit sworn before Executive Magistrate, Bhuban, dated 19.06.2025, I, Santosh Kumar Swain, resident of 27, Deogan School Sahi, Badasahi, Budhamba, P.S.- Kabisuryanagar, Dist.- Ganjam, Odisha, PIN- 761105 declare that I have changed my name from Swain Santoshbhai Kartik to Santosh Kumar Swain. Henceforth, I shall be known as Santosh Kumar Swain for all purposes.
Santosh Kumar Swain
D-1051

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ଜୟନ୍ତୀ ବାଗସିଂହ (ଟୁନି)**
ବଡ଼ପୋଖରୀ, ଚିନ୍ତାମଣିଶ୍ୱର, ଭୁବନେଶ୍ୱର
ଆବିର୍ଭାବ: ୦୨।୧୦।୧୯୬୩
ତିରୋଧାନ: ୧୪।୦୬।୨୦୨୫
ତୁମ ଆଦର୍ଶ, ତ୍ୟାଗ, ନିଷ୍ଠା, ସ୍ନେହ, ଭଲପାଇବା ଓ କର୍ତ୍ତବ୍ୟନିଷ୍ଠା ସମସ୍ତଙ୍କ ପାଇଁ ଅଭୁଲା ହୋଇରହିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ୱାମୀ, ପୁତ୍ର, ପୁତ୍ରବଧୂ, ଝିଅ, ନାତୁଣୀ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୭୬୨୭୭

**ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ମୃତି ପରଦାରେ ୰ପ୍ରମିଳା ପାତ୍ର ଶତପଥୀ (ପମି)**
ମହାଦେବ ନଗର, ଭୁବନେଶ୍ୱର
ତିରୋଧାନ: ତା୦୧।୦୭।୨୦୧୫
ଦଶବର୍ଷ ବିତିଗଲାଣି କିନ୍ତୁ ତୁମ ସହିତ ବିତାଇଥିବା ସମୟର ସ୍ମୃତି ସବୁ ଆଜିବି ଜୀବନ୍ତ ଏବଂ ଭାବବିହ୍ୱଳ କରେ। ତୁମର ଶ୍ରଦ୍ଧାଦୀପ ମୁଖମଣ୍ଡଳ ଏବେବି ମଳିନ ପଡ଼ିନି। ତୁମ ଅଧାଗଢ଼ା ପରିବାରରେ ବର୍ଷେ ହେବ ଆତ୍ମୋଜା (ରେଭା) ଆତ୍ମୋଚନ କରିଅଛି। ତୁମେ ତାକୁ ସଶରୀରେ ଦେଖିପାରିଲ ନାହିଁ କିନ୍ତୁ ସେ ତୁମ ଫଟୋକୁ ଦେଖି ସବୁବେଳେ ହାତଠାରି ତୁମକୁ ଆ-ଆ-ବୋଲି ଡାକିଅଛି। ତୁମେ ଯେଉଁଠି ଥାଅ ତାକୁ ଆଶୀର୍ବାଦ କର ସେ ଦୀର୍ଘାୟୁ, ଯଶସ୍ୱୀ, କୀର୍ତ୍ତିମାନୀ ହେଉ। ତୁମ ପୁଣ୍ୟ ଆତ୍ମାର ଶାନ୍ତି, ମୁକ୍ତି, ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣରେ ନିବେଦନ ଜଣାଉଛୁ।
ଶୋକସନ୍ତପ୍ତ: ନାତୁଣୀ: ରେଭା, ସ୍ୱାମୀ: ମକର, କନ୍ୟା: କିଟି, ବୋହୂ: ଲିନୁ ଓ ପୁଅ: ବବି ତଥା ଅନ୍ୟମାନେ।
ଧ-୯୭୧

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମୁଡ୍ ରହିବ ଫ୍ରେଶ୍

**କାମର ଚାପ ଓ ବିଭିନ୍ନ ଦାୟିତ୍ୱ ତୁଲାଇବା ଭିତରେ ଅନେକ ସମୟରେ ଚିନ୍ତାରେ ରହିବା ସାଧାରଣ କଥା। ତେବେ ମନରେ ଏହି ଅବସ୍ଥା ଲାଗି ରହିଲେ ବିଭିନ୍ନ ପ୍ରକାର ରୋଗ ହୋଇଥାଏ। ତେଣୁ ଏହି ଅବସ୍ଥାରୁ ମୁକୁଳିବା ପାଇଁ ଜାଣିରଖନ୍ତୁ କିଛି ସହଜ ଉପାୟ...**

➔ମନର ବିଚାର ଓ ଭାବନାକୁ ପ୍ରଥମେ ଡାଏରୀରେ ଲେଖନ୍ତୁ। ଦେଖିବେ ମନ କିଛି ମାତ୍ରାରେ ହାଲ୍କା ହୋଇଯିବ। ପ୍ରତିଦିନ ଏଭଳି ଅଭ୍ୟାସ କରି ଡାଏରୀ ଲେଖିଲେ ବହୁତ ଭଲ ଲାଗିବ। ପର ମୁହୂର୍ତ୍ତରେ ନିଜେ ସେସବୁ ପଢ଼ିଲେ ବି ଏକ ଭିନ୍ନ ଆନନ୍ଦ ପାଇପାରିବେ ଓ କାମରେ ଅଧିକ ଫୋକସ୍ କରିପାରିବେ।

➔ମନ ଅଶାନ୍ତ ଥିଲେ ଆପଣଙ୍କୁ ଭଲ ଲାଗୁଥିବା ଭଳି ବିଭିନ୍ନ ପ୍ରକାର ସଙ୍ଗୀତ ଶୁଣନ୍ତୁ। ଏହା ଏକ ଥୋରାପୀ ଭଳି କାମ ଦେଇଥାଏ। ମନ ବି ଭଲ ଲାଗିବ।

➔ଯଦି କାମ କରିବାକୁ ଇଚ୍ଛା ହେଉ ନ ଥାଏ ତେବେ କିଛି ସମୟର ବ୍ରେକ୍ ନିଅନ୍ତୁ। ଏହି ସମୟରେ ଘର ବାହାରେ ଏକ ଖୋଲା ପରିବେଶରେ ଅଥବା ନିଜ ବଗିଚାରେ ଥିବା ଗଛମୂଳରେ କିଛି ସମୟ କଟାନ୍ତୁ। ନଚେତ୍ ସୁବିଧା ହେଲେ କିଛି ସମୟ ପାଇଁ ବାହାରେ କୌଣସି ସ୍ଥାନ କିମ୍ବା ପାର୍କକୁ ଯାଆନ୍ତୁ। ଏହା ପରେ ଫ୍ରେଶ୍ ଲାଗିବ।

➔ସବୁଠୁ ବଡ଼ କଥା ହେଉଛି



ଘରେ ହେଉ ଅବା ଅଫିସ ଯେଉଁଠି କାମ କରୁଛନ୍ତି ସେହି ସ୍ଥାନକୁ ନିଜ ଢଙ୍ଗରେ ପ୍ରଥମେ ସଜାଇ ରଖନ୍ତୁ। ଫଳରେ କାମ କରିବା ପାଇଁ ଆଗ୍ରହ ସୃଷ୍ଟି ହେବ। ଫଳରେ ଏଙ୍ଗଜାଇଟି କମ୍ ହେବା ସହ ମନ ଶାନ୍ତ ରହିଥାଏ।

➔ମାନସିକ ଶାନ୍ତି ପାଇଁ ଭଲଭାବେ ଶୋଇବା ଜରୁରୀ। ରାତିରେ ୭ ଘଣ୍ଟା ଭଲ ନିଦରେ ଶୁଅନ୍ତୁ। ଥକ୍କାପଣ ଦୂରହେବା ସହ

# ଘରେ ରହିବେନି ମଶା

❖ଘରେ ନିମ୍ବପତ୍ରକୁ ବିଭିନ୍ନ ଭାବରେ ବ୍ୟବହାରକରି ମଶାଙ୍କୁ ବାହାର କରିହେବ। ଏହି ପତ୍ରକୁ ଘରେ ଆଣି ବିଭିନ୍ନ ସ୍ଥାନରେ କେବଳ ରଖିଦେଲେ ତା'ର ଗନ୍ଧରେ ମଶା ଆସିବେ ନାହିଁ। ଏହା ବ୍ୟତୀତ ଯଦି ପତ୍ରକୁ ଶୁଖାଇ ତା'ର ଧୂଆଁ ଘରର ସବୁଆଡ଼େ ଭଲଭାବରେ ଦିଆଯାଏ ତେବେ ମଶା କିଛି ସମୟ ପରେ ବାହାରିଯିବେ।

❖ମଶା ଘଉଡ଼ାଇବା ପାଇଁ କର୍ପୂର ଓ ତେଜପତ୍ର ମଧ୍ୟ ବେଶ୍ ଉପଯୋଗୀ ହୋଇଥାଏ। ଏଥିପାଇଁ ପ୍ରଥମେ ଏକ ପାତ୍ରରେ ୫-୬ଟି ତେଜପତ୍ର ନିଅନ୍ତୁ। ସେଥିରେ କିଛି ଲବଙ୍ଗ, କର୍ପୂର ଓ ୨ଚାମଚ ସୋରିଷତେଲ ପକାନ୍ତୁ। ଏଥିରେ ନିଆଁ ଲଗାଇ ଧୂଆଁ କରନ୍ତୁ। ଏହି ଧୂଆଁକୁ ଘରର ସବୁଆଡ଼େ ବୁଲାଇ ଦିଅନ୍ତୁ। କିଛି ସମୟ ପରେ ମଶା ଘରୁ ବାହାରି ଯିବେ।



❖ଏହା ବ୍ୟତୀତ ଘରର ଭିତର ତଥା ବାହାର ପରିବେଶ ସଫାକରିବା ଜରୁରୀ। ପରିବେଶ ଅପରିଷ୍କାର ହେଲେ ମଶା ସେମାନଙ୍କ ବଂଶବିସ୍ତାର କରିବାର ସୁଯୋଗ ପାଆନ୍ତି। ତେଣୁ ଘର ଭିତରେ କୌଣସି ସ୍ଥାନରେ ଅଳିଆ ଜମାକରନ୍ତୁ ନାହିଁ। ଏହା ସହ ସବୁ ଜିନିଷକୁ ଠିକ୍ ଭାବରେ ସଜାଇ ରଖନ୍ତୁ। ଘର ଚାରିପାଖରେ କୌଣସି ଅଳିଆ ଆବର୍ଜନା ପକାନ୍ତୁ ନାହିଁ। ଏହା ବ୍ୟତୀତ କୌଣସି ସ୍ଥାନରେ ଯେପରି ପାଣି ଜମାହୋଇ ରହିବ ନାହିଁ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। କୌଣସି ଭଙ୍ଗା ପାତ୍ର ଅଥବା ଅଦରକାରୀ ଜିନିଷ ରଖନ୍ତୁ ନାହିଁ। ଏ ସବୁ ଭିତରେ ପାଣି ଜମାହୋଇ ରହିଲେ ମଶାଙ୍କ ସଂଖ୍ୟା ବୃଦ୍ଧି ହୋଇଥାଏ। ତେଣୁ ସଚେତନ ରହିବା ଜରୁରୀ।

# ସମୟର ସଦୁପଯୋଗ



**କାମରୁ ଫୁର୍ସତ୍ ପାଇଲେ ଅଧିକାଂଶ ମହିଳା ଗପର ପେଡ଼ି ଖୋଲିବସନ୍ତି, ଯାହାଦ୍ୱାରା କେବଳ ସମୟର ଅପଚୟ ହୁଏ। କିନ୍ତୁ ସେମାନେ ଚାହିଁଲେ ଫାଙ୍କା ସମୟକୁ ବିଭିନ୍ନ ଢଙ୍ଗରେ ଉପଯୋଗ କରିପାରିବେ।**





କାମରୁ ଟିକିଏ ଫୁର୍ସତ ମିଳିଲେ ନିଜ ମନ ପସନ୍ଦରେ କିଛି କରିବାକୁ ଇଚ୍ଛା ହୁଏ। କିଏ ମନୋରଞ୍ଜନ କରିବାକୁ ପସନ୍ଦ କରନ୍ତି ତ କିଏ ଭବିଷ୍ୟତ ପାଇଁ କିଛି ଯୋଜନା କରନ୍ତି। ହେଲେ ଅଧିକାଂଶ ସମୟରେ ମହିଳାମାନେ ସୁଯୋଗ ପାଇବା ମାତ୍ରେ ଗପସପ କରି ସମୟ ନଷ୍ଟ କରନ୍ତି। ଏହିଭଳି ଗପିବା ଫଳରେ ଅନେକ ସମୟରେ ବହୁ ପ୍ରକାର ସମସ୍ୟା ସୃଷ୍ଟି ହୋଇଥାଏ। କାହିଁକିନା ବେଳେବେଳେ କାହା ବିଷୟରେ ଚର୍ଚ୍ଚା କରିବା ସମୟରେ ଏଭଳି କିଛି କଥା ପାଟିରୁ ବାହାରିଯାଏ, ଯାହା ତାଙ୍କ ମନକୁ ଆଘାତ କରିଥାଏ। ଫଳରେ ସମ୍ପର୍କ ନଷ୍ଟହେବା ଆଶଙ୍କା ଥାଏ। ତେଣୁ ଏହି ସମୟରେ ଚାହିଁଲେ ସେମାନେ ଅନ୍ୟ ଉପାୟରେ ସମୟର ଉପଯୋଗ କରିପାରିବେ।

ଘରେ ମହିଳାମାନେ କାମ ସରିବା ପରେ ଫାଙ୍କା ସମୟ ପାଇଲେ ବିଭିନ୍ନ ପ୍ରକାର ମାଗାଜିନ୍, ଖବରକାଗଜ କିମ୍ବା ଅନ୍ୟାନ୍ୟ ଗପ ଅବା ଶିକ୍ଷଣୀୟ ବହି ସବୁ ପଢ଼ିପାରିବେ। ଏହି ଅଭ୍ୟାସ ସେମାନଙ୍କ ମନକୁ ଶାନ୍ତିଦେବା ସହ ଅନେକ ବିଷୟରେ ଜାଣିବାର ସୁଯୋଗ ଦେଇପାରିବ। ଏହା ବାଦ୍ ଘର ସଜାଡ଼ିବା, ସଫା କରିବା ଓ ମନୋରଞ୍ଜନ ପାଇଁ କିଛି ସମୟ ଟିଭି ଦେଖିବା କିମ୍ବା ମ୍ୟୁଜିକ୍ ଶୁଣିବା ଭଳି କାମ ବି କରିପାରିବେ।

କର୍ମଜୀବୀ ମହିଳା ମଧ୍ୟ ଅଫିସ୍‌ରେ ଟିକେ ସମୟ ପାଇଲେ ସହକର୍ମୀମାନଙ୍କ ସହ ବିଭିନ୍ନ ପ୍ରକାର ଗପ କରନ୍ତି। ପରସ୍ପର ସହ କଥାବାର୍ତ୍ତା ହେବା କିଛି ଖରାପ କଥା ନୁହେଁ। ହେଲେ ଅଯଥାରେ ଅଧିକ ସମୟ ଗପର ଆସର ଜମେଇରଖିବା ଭଲ ନୁହେଁ। ଏହି ଅଭ୍ୟାସ ବି ଅନେକ ସମୟରେ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ। କେବେ କାହା ବିଷୟରେ ଗପିବା ଫଳରେ ହେଉ କିମ୍ବା ଗପିବା ସମୟରେ ଅନ୍ୟ କେହି ବସ୍‌ଙ୍କ ଆଗରେ ଅଭିଯୋଗ କରିବା ଫଳରେ ନିଜ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ। ତେଣୁ ଏଭଳି ପରିସ୍ଥିତିକୁ ଏଡ଼ାଇବା ପାଇଁ ହେଲେ ଅଫିସ୍‌ରେ ମଧ୍ୟ ନିଜ ସମୟକୁ ଠିକ୍ ଭାବରେ ଉପଯୋଗ କରିବା ପାଇଁ ବିଭିନ୍ନ ମାଧ୍ୟମ ଆପଣାଇପାରିବେ। ଅଫିସ୍‌ରେ ଚାହିଁଲେ ଆପଣ ନିଜ କାମ ପାଇଁ ଆଗୁଆ କିଛି ଯୋଜନା କରିପାରିବେ। ବିଭିନ୍ନ ପ୍ରକାର ବହି ପଢ଼ିପାରିବେ, ଯଦି ବହି କିଛି ପାଖରେ ନ ଥାଏ ତେବେ କମ୍ପ୍ୟୁଟର ହେଉ ଅବା ଫୋନ୍‌ରେ ମଧ୍ୟ ଇଣ୍ଟରନେଟ୍‌ରେ ବିଭିନ୍ନ ପ୍ରକାର ପାଠ ପଢ଼ିପାରିବେ। ଏହା ଆପଣଙ୍କ କ୍ୟାରିୟର ପାଇଁ ମଧ୍ୟ ଭଲ ହୋଇପାରିବ। ତେଣୁ ନିଜ ନିଜ ପରିବେଶ ଓ ପରିସ୍ଥିତି ଅନୁସାରେ ସମୟର ସଦୁପଯୋଗ କରିବା ନିମନ୍ତେ ଆପଣ ଉପାୟ ସବୁ ଚିନ୍ତା କରିପାରିବେ। ଅର୍ଥାତ୍ ସଚେତନ ରହିବାକୁ ହେବ ଯେପରି ଅଯଥା ଗପକରି ଅଧିକ ସମୟ ନଷ୍ଟ ନ ହେବ।



## ଏମାନେ କ'ଣ କରନ୍ତି

### ସୋସିଆଲ ମିଡିଆ ଚେକ୍ କରେ



ଘରେ କାମ ସରିବା ପରେ ମତେ ସମୟ ମିଳିଲେ ପ୍ରଥମେ ମୁଁ ଟିକେ ଶୋଇବା ପାଇଁ ପସନ୍ଦକରେ। ତା'ପରେ ଅନ୍ୟ ସମୟରେ ଫୋନ୍‌ରେ ବିଭିନ୍ନ ସୋସିଆଲ ମିଡିଆକୁ ଚେକ୍ କରେ। ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଓ ହ୍ୱାଟ୍ସଆପ୍ ମାଧ୍ୟମରେ ଖବର ସବୁ ଚେକ୍ କରି ନିଜର ପୋଷ୍ଟ ସବୁ ଅପ୍‌ଡେଟ୍ କରେ। ଏଥିରେ ତ ବହୁତ ଟାଇମ୍ ଚାଲିଯାଏ। ତା'ପରେ ବିଭିନ୍ନ ଲୋକଙ୍କ ସହ ଫୋନ୍‌ରେ ବି କଥା ହୁଏ। ଅବଶ୍ୟ ଘର କାମ କରୁଥିବା ସମୟରେ ବି ଫୋନ୍‌ରେ କଥା ହୋଇପାରେ। ତେଣୁ ଫାଙ୍କା ହେବା ମାତ୍ରେ ଫୋନ୍‌କୁ ହିଁ ସବୁଠୁ ବଡ଼ ସାଥୀ କରିଦେଇଥାଏ।

*-**ରାଜଲକ୍ଷ୍ମୀ ପାଣି,** ଗୃହିଣୀ, ଚକେଇସିହାଣୀ, ଭୁବନେଶ୍ୱର*

### ଗଛର ଯତ୍ନ ନିଏ



କାମରୁ ଫୁର୍ସତ ମିଳିଲେ ମୁଁ ସବୁବେଳେ ବଗିଚା କାମ କରିବାକୁ ପସନ୍ଦ କରେ। ବିଭିନ୍ନ ପ୍ରକାର ଗଛ ଲଗାଏ, ତା'ର ଯତ୍ନ ନିଏ। ଆଉ ବେଳେବେଳେ କିଛି କାମ ନ ଥିଲେ ଗଛ ପାଖରେ ଯାଇ ବସେ। ସବୁ ଗଛକୁ ଅନାଏ, ସେଥିରେ ଫୁଟିଥିବା ଫୁଲ ଫଳ ସବୁକୁ ଦେଖିବା, ତୋଳିବା କାମ କରିବା ପାଇଁ ମତେ ବହୁତ ଭଲ ଲାଗେ। ଏମିତିକି ପଡ଼ିଶାଘର କି ବନ୍ଧୁବାନ୍ଧବ କେହି ଘରକୁ ଆସିଥିଲେ ସେମାନଙ୍କୁ ବି ସେଠାକୁ ଡାକି ନେଇ ଗଛ ସବୁ ଦେଖାଇବାକୁ ବହୁତ ଭଲ ଲାଗେ।

*-**ଶ୍ରୀଜାତା ମିଶ୍ର,** ଶିକ୍ଷୟିତ୍ରୀ, ବାଲିଅନ୍ତା, ଭୁବନେଶ୍ୱର*

### ମିଠା ଓ କେକ୍ ତିଆରି କରେ



ଘର କାମରୁ ସମୟ ବାହାରକରି ଅନ୍ୟ କିଛି କରିବା ମୋ ପାଇଁ ବହୁତ କଷ୍ଟ। କାହିଁକିନା ଘରେ ସମସ୍ତଙ୍କ ପାଇଁ ବିଭିନ୍ନ ପ୍ରକାର କାମ କରିବାରେ ମୋର ବହୁ ସମୟ ଚାଲିଯାଏ। ତା'ପରେ ବି ସମୟ ବାହାରିଲେ ମୁଁ ଘରକୁ ଆସୁଥିବା ଆଧ୍ୟାତ୍ମିକ ମାଗାଜିନ୍ ଟିକେ ସମୟ ପଢ଼େ। ବେଳେବେଳେ ନୂଆ ନୂଆ ରୋଷେଇରେ ଏକ୍ସପେରିମେଣ୍ଟ କରେ। କେତେବେଳେ ବିସ୍କୁଟ ତ କେବେ କେକ୍ ଆଉ କେବେ ମିଠା, ପିଠା ଆଦି ବିଭିନ୍ନ ପ୍ରକାର ଜିନିଷ ତିଆରି କରେ। ଏସବୁ ଅଲଗା ଅଲଗା ଖାଦ୍ୟ ଖାଇବାକୁ ପିଲାମାନେ ବହୁତ ପସନ୍ଦ କରନ୍ତି ଆଉ ଖୁସି ହୁଅନ୍ତି। ଏଇ ମାଧ୍ୟମରେ ମୁଁ ବି ବହୁ ଖୁସି ହୋଇଥାଏ।

*-**ସୁମିତ୍ରା ଦାଶ,** ଗୃହିଣୀ, ଫୁଲନଖରା, କଟକ*

### ମାର୍କେଟିଂ କରେ



ଏକା ରହିବାକୁ ମତେ ଜମାରୁ ଭଲ ଲାଗେନି। ସେଥିପାଇଁ ଘରେ କାମ କରୁଥିବା ସମୟରେ ବି ପାଖରେ ଥିବା ଲୋକଙ୍କ ସହ ଗପୁଥାଏ। ଏମିତିରେ ମତେ ତ ପ୍ରାୟ ଫୁର୍ସତ ମିଳେନାହିଁ। ଯଦି ଘରେ ଫାଙ୍କା ସମୟ ପାଏ ତା'ହେଲେ ବିଭିନ୍ନ ପ୍ରକାରର ବହି ଓ ମାଗାଜିନ୍ ପଢେ। ଘରେ ବହୁତ ପ୍ରକାରର ବହି କଲେକ୍ସନ କରି ରଖିଛି। ତାପରେ ସମୟ ମିଳିଲେ ଘର ସଜାଏ ଆଉ ମାର୍କେଟିଂ କରିବାକୁ ଯାଏ। ଘର ପାଇଁ ହେଉ କି ନିଜ ପାଇଁ ବିଭିନ୍ନ ପ୍ରକାର ଜିନିଷ କିଣିବାକୁ ମତେ ବହୁତ ଭଲ ଲାଗେ। ସେଥିପାଇଁ ପ୍ରାୟ ସମୟ ମୁଁ ବିଭିନ୍ନ ଶପିଂ ମଲ୍‌କୁ ଯାଏ।

*-**ମଧୁସ୍ମିତା ସ୍ୱାଇଁ, ଅଧାପିକା, ଭୁବନେଶ୍ୱର***

## ସୌନ୍ଦର୍ଯ୍ୟ

# କମ୍ ସମୟରେ ଫେସିଆଲ

**କାମର ବ୍ୟସ୍ତତା ଭିତରେ ଫେସିଆଲ କରିବା ନିମନ୍ତେ ଅନେକଙ୍କୁ ପ୍ରାୟତଃ ସମୟ ହୁଏନି। ଫଳରେ ସ୍କିନ୍ ଖରାପ ହେବାକୁ ଲାଗେ। ଏହି ସମସ୍ୟାରୁ ମୁକ୍ତିପାଇବା ପାଇଁ ଆପଣ ସହଜରେ ଫେସିଆଲ କରିବାର ଉପାୟ ଜାଣନ୍ତୁ...**



କମ୍ ସମୟରେ ଫେସିଆଲକରି ତ୍ୱଚାକୁ ନରମ ଓ ମୁଲାୟମ କରିବାକୁ ଚାହୁଁଥିଲେ ମାତ୍ର ଦୁଇଟି ଷ୍ଟେପ୍ ଆପଣାନ୍ତୁ। ପ୍ରଥମେ ସ୍କ୍ରବିଂ ଓ ଦ୍ୱିତୀୟରେ ଫେସ୍ ପ୍ୟାକ୍।

**ସ୍କ୍ରବିଂ-** ଫେସିଆଲ ନିମନ୍ତେ ପ୍ରଥମେ ସ୍କ୍ରବିଂ କରିବା ଦରକାର। ଏଥିପାଇଁ ମୁହଁକୁ ଭଲଭାବେ ଧୋଇ ସଫା କପଡ଼ାରେ ପୋଛିଦିଅନ୍ତୁ। ଏହାପରେ ଏକ ପାତ୍ରରେ ୧ ଚାମଚ କଫି ଗୁଣ୍ଡ, ୧ ଚାମଚ ନଡ଼ିଆତେଲକୁ ମିଶାଇ ଭଲଭାବେ ମୁହଁରେ ଲଗାଇ ହାଲ୍‌କାଭାବରେ ମସାଜ୍ କରନ୍ତୁ। ସର୍କୁଲାର ମୋସନରେ ହିଁ ମସାଜ୍ କରନ୍ତୁ। ଏପରି କରିବା ଫଳରେ ତ୍ୱଚାରେ ଥିବା ମୃତ କୋଷଗୁଡ଼ିକ ବାହାରିଯିବ। ଏଭଳିଭାବେ ପ୍ରାୟ ୧୦ ମିନିଟ୍ ମସାଜ୍ କରିବା ପରେ ଉଷୁମପାଣିରେ ମୁହଁ ଧୋଇଦିଅନ୍ତୁ। ଫ୍ରେଶ୍ ଲାଗିବ। ଏହା ପରେ ଫେସିଆଲର ଦ୍ୱିତୀୟ ଷ୍ଟେପ୍ ନିମନ୍ତେ ଏକ ଫେସ୍‌ପ୍ୟାକ୍ ଲଗାଇବାକୁ ହେବ।

**ଫେସ୍‌ପ୍ୟାକ୍-** ବାହାରୁ କୌଣସି ଫେସ୍‌ପ୍ୟାକ୍ କିଣିବା ବଦଳରେ ଘରେ ଥିବା ବିଭିନ୍ନ ସାମଗ୍ରୀରେ ମଧ୍ୟ ଭଲଭାବେ ଫେସିଆଲ କରାଯାଇପାରିବ। ଏଥିପାଇଁ ଏକ ପାତ୍ରରେ ଅଧା ଚାମଚ ହଳଦୀ, ୧ ଚାମଚ ଦହି, ୧ ଚାମଚ କଫି ଓ ୧ ଚାମଚ ନଡ଼ିଆ ତେଲ ମିଶାଇ ପେଷ୍ଟ ତିଆରି କରନ୍ତୁ। ଏହି ପ୍ୟାକ୍‌କୁ ମୁହଁ ଓ ବେକରେ ଭଲଭାବେ ଲଗାଇ ଦିଅନ୍ତୁ। ୧୫-୨୦ ମିନିଟ୍ ପରେ ମୁହଁ ଧୋଇ ଦିଅନ୍ତୁ। ସପ୍ତାହରେ ଅତିକମ୍‌ରେ ଥରେ ଏଭଳି ଫେସିଆଲ କରନ୍ତୁ। କିଛି ଦିନ ପରେ ତ୍ୱଚା ମୁଲାୟମ ହେବା ସହ ସୁନ୍ଦର ଦେଖାଯିବ।



## ଖାଦ୍ୟରୁଚି

# ଆଳୁ ପାମ୍ପଡ଼

**ଆବଶ୍ୟକ ସାମଗ୍ରୀ**

ଆଳୁ- ୧କେଜି, ଲେମ୍ବୁରସ- ୨ ଚାମଚ, ଗୋଲମରିଚ ଗୁଣ୍ଡ- ୧ ଚାମଚ, ଜିରା- ୧ ଚାମଚ, ହେଙ୍ଗୁ- ୧ ଚୁଟ୍‌କି, ଲୁଣ- ସ୍ୱାଦ ଅନୁସାରେ, ସୁଖାଇବା ପାଇଁ ପ୍ଲାଷ୍ଟିକ୍ ଜରି।



**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଆଳୁକୁ ସିଝାଇ ଏହାର ଚୋପା ଛଡ଼ାଇ ରଖନ୍ତୁ। ଏବେ ଏହାକୁ ହାତରେ ଭଲଭାବରେ ଚକଟି ଦିଅନ୍ତୁ କିମ୍ବା ଗ୍ରାଣ୍ଡିଂ ମଧ୍ୟ କରିପାରିବେ। ତେବେ ଏଥିରେ ପାଣି ଆଦୌ ଦିଅନ୍ତୁ ନାହିଁ। ଏହି ମିଶ୍ରଣ ଯେତେ ବହଳିଆ ହେବ ପାମ୍ପଡ଼ ସେତେ ଅଧିକ ସ୍ୱାଦିଷ୍ଟ ହେବ। ଏହି ମିଶ୍ରଣରେ ଲେମ୍ବୁରସ, ଗୋଲମରିଚ ଗୁଣ୍ଡ, ଜିରା, ଲୁଣ ଓ ହେଙ୍ଗୁ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏହାକୁ ଛୋଟ ଛୋଟ ଗୋଲକରି ପତଳା କରି ବେଲନ୍ତୁ। ତେବେ ଅଧିକ ପତଳା କରନ୍ତୁ ନାହିଁ, କାରଣ ଶୁଖିବା ପରେ ଭାଙ୍ଗିବା ସମସ୍ୟା ମଧ୍ୟ ଦେଖାଦେଇପାରେ। ବେଲାହୋଇଥିବା ଏହି ପାମ୍ପଡ଼କୁ ଖରାରେ ଏକ ମୋଟା ପଲିଥିନ୍ ଅବା ପଟା ଉପରେ ଶୁଖାଇ ଦିଅନ୍ତୁ। ଟାଣ ଖରାରେ ୨ରୁ ୩ ଦିନ ଶୁଖିବା ପରେ ପାମ୍ପଡ଼ ପ୍ରସ୍ତୁତ ହୋଇଯିବ। ଏହାପରେ ତେଲରେ ଛାଣି ଏହାକୁ ଖାଆନ୍ତୁ। ଏୟାର ଟାଇଟ୍ ଡବା ଭିତରେ ଏହି ପାମ୍ପଡ଼କୁ ଢେର ଦିନ ଯାଏଁ ସାଇତି ରଖାଯାଇପାରିବ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୨୪/୨୦୨୫ Bhubaneswar, Tuesday, June 24/ 2025

# ଇଂଲଣ୍ଡ ସମ୍ମୁଖରେ ୩୭୧ ଲକ୍ଷ୍ୟ

## ରାହୁଲ, ରିଷଭଙ୍କ ଶତକ

**ଲିଡ୍ସ, ୨୩।୬**

ଲୋକେଶ ରାହୁଲ ଓ ରିଷଭ ପନ୍ତଙ୍କ ଶତକ ସହାୟତାରେ ଭାରତ ଏଠାରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ଇଂଲଣ୍ଡ ସମ୍ମୁଖରେ ୩୭୧ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ସୋମବାର ୪ର୍ଥ ଦିବସ ଖେଳ ଶେଷ ବେଳକୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ କୌଣସି ଉଇକେଟ ନ ହରାଇ ୨୧ ରନ ସଂଗ୍ରହ କରିଛି। ଫଳରେ ୧୦ ଉଇକେଟ ସୁରକ୍ଷିତ ଥାଇ ଇଂଲଣ୍ଡ ବିଜୟ ପାଇଁ ଆଉ ୩୫୦ ରନ ଆବଶ୍ୟକ କରୁଛି। ଭାରତ ଦ୍ୱିତୀୟ ଇନିଂସରେ ୩୬୪ ରନକରି ଅଲ୍‌ଆଉଟ ହୋଇଥିଲା। ଲୋକେଶ ରାହୁଲ ୧୩୭ ଓ ରିଷଭ ପନ୍ତ ୧୧୮ ରନ କରିଥିଲେ।

ତୃତୀୟ ଦିବସର ଅସମାପ୍ତ ସ୍କୋର ୯୦/୨ରୁ ଖେଳ ଆରମ୍ଭ କରିଥିବା ଭାରତ ଆଉ ମାତ୍ର ୨ ରନ ଯୋଗକରି ଅଧିନାୟକ ଶୁବମନ ଗିଲ୍‌ଙ୍କ ଉଇକେଟ ହରାଇଥିଲା। ତେବେ ରାହୁଲ ଓ ପନ୍ତ ଚତୁର୍ଥ ଉଇକେଟରେ ୧୯୫ ରନ ଯୋଗକରି ଭାରତକୁ ଏକ ବଡ଼ ଅଗ୍ରଣୀ ଆଡ଼କୁ ଅଗ୍ରସର କରାଇଥିଲେ। ଆକ୍ରମଣାତ୍ମକ ଖେଳିଥିବା ପନ୍ତ ୧୪୦ ବଲ୍‌ରୁ ୧୫ ଚୌକା ଓ ୩ ଛକା ସହାୟତାରେ ୧୧୮ ରନକରି ପନ୍ତ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ପ୍ରଥମ ଇନିଂସ ପରି ଦ୍ୱିତୀୟ ଇନିଂସରେ ମଧ୍ୟ ଭାରତର ଲୋୟର ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ଇତିହାସରେ ପ୍ରଥମଥର ପାଇଁ ଭାରତ ପକ୍ଷରୁ ଗୋଟିଏ ଟେଷ୍ଟରେ ୪ ବ୍ୟାଟର ୫ଟି ଶତକ ହାସଲ କରିଛନ୍ତି।




ଶତକ ହାସଲ ପରେ ଲୋକେଶ ରାହୁଲ ଓ ରିଷଭ ପନ୍ତ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୪୭୧। ଇଂଲଣ୍ଡ ପ୍ରଥମ ଇନିଂସ: ୪୬୫। ଭାରତ ଦ୍ୱିତୀୟ ଇନିଂସ: ୩୬୪/ଅଲ୍‌ଆଉଟ (ଲୋକେଶ ରାହୁଲ-୧୩୭, ରିଷଭ ପନ୍ତ-୧୧୮, ବ୍ରେଡନ କ୍ରାସ-୩/୮୦, ଜୋଶ ଟଙ୍ଗ-୩/୭୨, ଶୋଏବ ବଶିର-୨/୯୦, ବେନ୍ ଷ୍ଟୋକ୍ସ-୧/୪୭, କ୍ରିସ୍ ୱୋକ୍ସ-୧/୪୫)। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୨୧/୦।

## ରିଷଭ ପନ୍ତ ପ୍ରଥମ ଭାରତୀୟ

ଶତକ ହାସଲ ସହ ରିଷଭ ପନ୍ତ ଇତିହାସ ରଚିଛନ୍ତି। ସେ ପ୍ରଥମ ଭାରତୀୟ ଉଇକେଟକିପର-ବ୍ୟାଟର ଭାବେ ଟେଷ୍ଟ ମ୍ୟାଚ୍‌ର ଉଭୟ ଇନିଂସରେ ଶତକ ହାସଲ କରିଛନ୍ତି। ପ୍ରଥମ ଇନିଂସରେ ସେ ୧୩୪ ରନ କରିଥିଲେ। ପନ୍ତ ଇଂଲଣ୍ଡରେ ଲଗାତର ୫ ଥର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଏଲିଟ ଭ୍ରମଣକାରୀ ବ୍ୟାଟରଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ଏହି ସମ୍ମାନଜନକ ତାଲିକାରେ ଡନ ବ୍ରାଡ୍‌ମ୍ୟାନ, ହାବ୍ରିକ୍ରୋନିଏ, ଶିବନାରାୟଣ ଚନ୍ଦ୍ରପାଲ, କୁମାର ସାଙ୍ଗକାରା ଓ ଡାରଲି ମିଚେଲଙ୍କ ଭଳି ଖେଳାଳି ରହିଛନ୍ତି। ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ ଲଗାତର ୭ଟି ଇନିଂସରେ ୫୦ରୁ ଊର୍ଦ୍ଧ୍ୱ ସ୍କୋର ସହ ଏହି ତାଲିକା ଶୀର୍ଷରେ ରହିଛନ୍ତି। ଟେଷ୍ଟ କ୍ରିକେଟ ଇତିହାସରେ ପନ୍ତଙ୍କ ପୂର୍ବରୁ କେବଳ ଜିମ୍ବାୱେର ଆଣ୍ଡି ଫ୍ଲାୱର ଏକମାତ୍ର ଉଇକେଟକିପର-ବ୍ୟାଟର ଭାବେ ଟେଷ୍ଟ ମ୍ୟାଚ୍‌ର ଉଭୟ ଇନିଂସରେ ଶତକ କରିଥିଲେ। ଆଣ୍ଡି ୨୦୦୧ରେ ହରାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ମ୍ୟାଚରେ ଯଥାକ୍ରମେ ୧୪୨ ଓ ୧୯୯* ରନ କରିଥିଲେ। ପନ୍ତଙ୍କ ପୂର୍ବରୁ ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ବିଜୟ ହଜାରେ, ସୁନୀଲ ଗାଭାସ୍କର (୩ ଥର), ରାହୁଲ ଦ୍ରାବିଡ୍ (୨ ଥର), ବିରାଟ କୋହଲି, ଅଜିଙ୍କ୍ୟ ରାହାନେ, ରୋହିତ ଶର୍ମା ଟେଷ୍ଟ ମ୍ୟାଚ୍‌ର ଉଭୟ ଇନିଂସରେ ଶତକ କରିଥିଲେ।

# ଟପ୍ସରେ ଅନିମେଶ କୁଜୁର

**ନୂଆଦିଲ୍ଲୀ,୨୩।୬(ପି.ଟି.)**

ଏସିଆନ ଚାମ୍ପିୟନଶିପ୍ସ ରୌପ୍ୟ ପଦକଧାରୀ ଡେକଆଥଲେଟ୍ ତେଜସ୍ୱିନ ଶଙ୍କର, ଉଦୀୟମାନ ସ୍ପ୍ରିଣ୍ଟର ଅନିମେଶ କୁଜୁର ଓ ମହିଳା ୪ X୧୦୦ ମି. ରିଲେ ଦଳକୁ ଟାର୍ଗେଟ ଅଲିମ୍ପିକ୍ ପୋଡିୟମ ଯୋଜନା (ଟପ୍ସ)ର ଡେଭଲପମେଣ୍ଟାଲ ଗ୍ରୁପରେ ସାମିଲ କରାଯାଇଛି। ସେହିଭଳି କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା କରାଯାଇଥିବା ମୂଲ୍ୟାଙ୍କନର ଅନ୍ତିମ ରାଉଣ୍ଡରେ ଜିମ୍ନାଷ୍ଟ ପ୍ରଣତୀ ନାୟକଙ୍କୁ ଟାର୍ଗେଟ ଏସିଆନ ଜେମ୍ସ ଗ୍ରୁପରେ ସାମିଲ କରାଯାଇଛି।

ପ୍ରାୟତଃ ଆମେରିକାରେ ରହୁଥିବା ତେଜସ୍ୱିନ ପ୍ରଥମ ଭାରତୀୟ ଭାବେ ଏସିଆନ ଚାମ୍ପିୟନଶିପ୍ସରେ ଦୁଇଟି ପଦକ ଜିତିଛନ୍ତି। ଗତ ମାସରେ ଦକ୍ଷିଣ କୋରିଆର ଗୁମିରେ ରୌପ୍ୟ ପଦକ ଜିତିଥିବା ବେଳେ ପୂର୍ବ ସଂସ୍କରଣରେ ସେ ବ୍ରୋଞ୍ଜ ପଦକ ହାତେଇଥିଲେ। ଅନ୍ୟପକ୍ଷରେ ୨୨ ବର୍ଷୀୟ କୁଜୁର ପୁରୁଷ ୨୦୦ ମିଟର ଇଭେଣ୍ଟରେ ୨୦.୩୨ ସେକେଣ୍ଡର ଜାତୀୟ ରେକର୍ଡ ସହିତ ବ୍ରୋଞ୍ଜ ପଦକ ଜିତିଥିଲେ। ଅନ୍ତର୍ଜାତୀୟ ଇଭେଣ୍ଟରେ ଏହା ତାଙ୍କର ପ୍ରଥମ ପଦକ ଥିଲା। ଟପ୍ସ ଡେଭଲପମେଣ୍ଟାଲ ଗ୍ରୁପ୍‌ରେ ସ୍ଥାନ ପାଇଥିବା ଆଥଲେଟ୍‌ଙ୍କୁ ଦୀର୍ଘ ମିୟାଦି ସମ୍ଭାବ୍ୟ ପଦକ ବିଜୟୀ ଭଳି ଦେଖାଯାଏ ଏବଂ ସେମାନଙ୍କୁ ମାସିକ ୨୫ ହଜାର ଭତ୍ତା ଦିଆଯାଏ। ଏହି ତାଲିକାରେ ୪X୧୦୦ ମି. ରିଲେ ଦଳର ସଦସ୍ୟ ଅଭିନୟା ରାଜରାଜନ, ସ୍ନେହା ଶନୁଭଲିଜ, ନିଥ୍ୟା ଗାନ୍ଧେ ଓ ଶ୍ରାବଣୀ ନନ୍ଦ ମଧ୍ୟ ସ୍ଥାନ ପାଇଛନ୍ତି। ଏମାନେ ଏସିଆନ ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତିଥିଲେ।

# ସେମିଫାଇନାଲରେ ଓଡ଼ିଶା

## ହକି ଇଣ୍ଡିଆ ମାଷ୍ଟର୍ସ କପ୍

**ଭୁବନେଶ୍ୱର, ୨୩।୬ (ତପନ ସ୍ୱାଇଁ)**

ଚେନ୍ନାଇରେ ଚାଲିଥିବା ହକି ଇଣ୍ଡିଆ ମାଷ୍ଟର୍ସ କପ୍ ହକି ଟୁର୍ନାମେଣ୍ଟରେ ଓଡ଼ିଶା ପୁରୁଷ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଓଡ଼ିଶା ୬-୨ ଗୋଲରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ଓଡ଼ିଶା ମହିଳା ଦଳ ମଧ୍ୟ ହରିୟାଣା ବିପକ୍ଷରେ ବିଜୟ ସହ ଲିଗ୍ ପର୍ଯ୍ୟାୟ ଶେଷ କରିଛି।

ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଓଡ଼ିଶା ଦଳ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଅଧିନାୟକ ଲାଜରୁସ ବାର୍ଲା ୫ ଓ ୩୬ ଏବଂ ଅନିଲ କୁଲୁ ୫୧ ଓ ୫୯ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ୨ଟି ଗୋଲ ସ୍କୋର କରିଥିଲେ ସେଛିଲ ମୁଣ୍ଡୁ (୧୦) ଓ ସିପ୍ରିଆନ କେର୍କେଟା (୨୧)। ଆନ୍ଧ୍ର ପ୍ରଦେଶ ପକ୍ଷରୁ ଆକାଶ ବବୁ ୭ମ ଓ ମଞ୍ଜଲା ଅଜୟ ବାବୁ ୩୦ତମ ମିନିଟରେ ୨ଟି ଗୋଲ ପରିଶୋଧ କରିଥିଲେ। ଅନ୍ୟଏକ କ୍ୱାର୍ଟର ଫାଇନାଲରେ ତାମିଲନାଡୁ ୮-୨ ଗୋଲରେ ପଞ୍ଜାବକୁ ପରାସ୍ତ କରିଛି। ମହିଳା ବିଭାଗର ଲିଗ୍ ମ୍ୟାଚରେ ଓଡ଼ିଶା ୩-୨ ଗୋଲରେ ହରିୟାଣାକୁ ହରାଇ ଦେଇଛି। ଓଡ଼ିଶା ପକ୍ଷରୁ ରଞ୍ଜିତା ବେକ୍ ୫ ଓ ୩୬ତମ ମିନିଟରେ ୨ଟି ଏବଂ ସରିତା ରୋଶନ ମିଞ୍ଜ ୧୧ଶ ମିନଟରେ ଗୋଟିଏ ଗୋଲ ଦେଇଥିଲେ। ହରିୟାଣା ପକ୍ଷରୁ ସାଙ୍ଘାଇ ଇବେମହାଲ ୨୮ ଓ ୩୯ତମ ମିନିଟରେ ୨ଟି ଗୋଲ ପରିଶୋଧ କରିଥିଲେ। ଅନ୍ୟ ମହିଳା ମ୍ୟାଚରେ ପଞ୍ଜାବ ୩-୦ରେ ତାମିଲନାଡୁକୁ ପରାସ୍ତ କରିଛି।

# ଖୋର୍ଦ୍ଧା ଜିଲା ଚେସ୍ ୨୮ରୁ

**ଭୁବନେଶ୍ୱର, ୨୩।୬ (ତପନ ସ୍ୱାଇଁ):** ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୧୩ ବର୍ଷରୁ କମ୍ ବାଳିକା ବାଳକ ଚେସ୍ ପ୍ରତିଯୋଗିତା ଆସନ୍ତା ୨୮ ଓ ୨୯ ତାରିଖରେ ଘାଟିକିଆର ଆପିଜେ ସ୍କୁଲରେ ଅନୁଷ୍ଠିତ ହେବ। ଉଭୟ ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳି ରାଜ୍ୟ ୧୩ ବର୍ଷରୁ କମ୍ ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟତା ହାସଲ କରିବେ। ବାଳିକା ଓ ବାଳକ ବର୍ଗର ଶ୍ରେଷ୍ଠ ୬ ଜଣ ଲେଖାଏ କୃତୀ ପ୍ରତିଯୋଗୀଙ୍କୁ ୫,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଏହା ବ୍ୟତୀତ ବିଭିନ୍ନ ବର୍ଗର ବିଜେତାଙ୍କୁ ୩୨ଟ୍ରଫି ଓ ୪୦ ଚେସ୍ ବହି ଦିଆଯାଇ ସମ୍ମାନିତ କରାଯିବ। ପ୍ରତିଯୋଗୀମାନେ ୨୬ ତାରିଖ ମଧ୍ୟରେ ୫୦୦ ଟଙ୍କା ଏଣ୍ଟ୍ରି ଫି' ପ୍ରଦାନ କରି ଖେଳିପାରିବେ। ଆଗ୍ରହୀ ଖେଳାଳିମାନେ ଆସୋସିଏଶନ ସଦସ୍ୟ ସ୍ୱୟଂଶୁ ସତ୍ୟକାମ, ସୁଶାନ୍ତ ଷଡ଼ଙ୍ଗୀ କିମ୍ବା ଦୀପକ ପାତ୍ରଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏହା ପୂର୍ବରୁ ଖୋର୍ଦ୍ଧାଜିଲା ଆସୋସିଏଶନ ପକ୍ଷରୁ ୭, ୧୫ ଓ ୧୧ ବର୍ଷରୁ କମ୍ ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରାଯାଇଛି।

# ଏଏସ୍‌ସିଏ ଲେଭଲ-୧ କୋର୍ସ କଲେ ଶକ୍ତି ସ୍ୱରୂପ

**ଭୁବନେଶ୍ୱର, ୨୩।୬ (ତପନ ସ୍ୱାଇଁ):** ପୁରୀର ଶକ୍ତି ସ୍ୱରୂପ ଦାଶ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଆୟୋଜିତ ଅଷ୍ଟ୍ରେଲିଆନ ଷ୍ଟ୍ରେଙ୍ଗ୍ଥ ଆଣ୍ଡ କଣ୍ଡିଶନିଂ କୋଚ୍ ଆକ୍ରିଡିଟେଶନ (ଏଏସ୍‌ସିଏ) ଲେଭଲ-୧ କୋର୍ସ ଶେଷ କରିଛନ୍ତି। ଏହି କୋର୍ସ କରିବାରେ ସେ ହେଉଛନ୍ତି ଦ୍ୱିତୀୟ ଓଡ଼ିଆ। ପୂର୍ବରୁ ପୂର୍ଣ୍ଣେନ୍ଦୁ ଜେନା ପ୍ରଥମେ ଏହି କୋର୍ସ କରିଥିଲେ। ପୂର୍ବରୁ ଶକ୍ତି ସ୍ୱରୂପ ଗତ ସିଜନରେ ୧୬ ବର୍ଷରୁ କମ୍ ଓଡ଼ିଶା ଦଳର ଷ୍ଟ୍ରେଙ୍ଗ୍ଥ ଆଣ୍ଡ କଣ୍ଡିଶନିଂ କୋଚ୍ ଥିଲେ। ଆସନ୍ତା ଜୁଲାଇ ୧୭ ଓ ୧୮ରେ ବେଙ୍ଗାଲୁରୁରେ ହେବାକୁଥିବା ବିସିସିଆଇ ସିଓଇ କ୍ରିକେଟ ସ୍ପେଶିଫିକ୍ ଷ୍ଟ୍ରେଙ୍ଗ୍ଥ ଆଣ୍ଡ କଣ୍ଡିଶନିଂ ସାର୍ଟିଫିକେଶନ ପ୍ରୋଗ୍ରାମ ଲେଭଲ-୨ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ ସଦସ୍ୟମାନେ ଶକ୍ତି ସ୍ୱରୂପଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ମୁମ୍ବାଇ ଛାଡ଼ିବେ ପୃଥ୍ୱୀ ଶ'

**ମୁମ୍ବାଇ, ୨୩।୬ (ପି.ଟି.):** ସଂଘର୍ଷରତ ଭାରତ ବ୍ୟାଟର ପୃଥ୍ୱୀ ଶ' ତାଙ୍କ ଘରୋଇ ଦଳ ମୁମ୍ବାଇ ଛାଡ଼ିବାକୁ ଚାହୁଁଛନ୍ତି। ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ)ଠାରୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ପାଇଁ ସେ ଆବେଦନ କରିଛନ୍ତି। ଜଣେ କ୍ରିକେଟର ଭାବେ ଅଭିବୃଦ୍ଧି ଓ ବିକାଶ ପାଇଁ ଏକ ନୂଆ ଘରୋଇ ଦଳ ସହିତ ଚୁକ୍ତି କରିବା ଯୋଜନାରେ ଅଛନ୍ତି। ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ)ର ଜଣେ ସିନିୟର ଅଫିସିଆଲ ଏବିଷୟରେ ସୂଚନା ଦେଇଛନ୍ତି। ଶ' କିଛି ସମୟ ପାଇଁ ରେଡ୍ ବଲ୍ କ୍ରିକେଟରୁ ଦୂରେଇ ଯାଇଛନ୍ତି, କିନ୍ତୁ ହ୍ୱାଇଟ୍ ବଲ୍ କ୍ରିକେଟ ଖେଳିବା ଜାରି ରଖିଛନ୍ତି। ଅନୁମୋଦନ ପାଇଁ ଆବେଦନ ପତ୍ରକୁ ଆପେକ୍ସ କାଉନ୍‌ସିଲ ନିକଟକୁ ପଠାଇ ଦିଆଯାଇଛି।

# ଓଡ଼ିଶା ଥ୍ରୋ ବଲ୍ ଦଳକୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୨୩।୬ (ବିଜୟ ରଣା)**

ମହାରାଷ୍ଟ୍ରର ଶିର୍ଡ଼ିଠାରେ ଅନୁଷ୍ଠିତ ଜାତୀୟ ଥ୍ରୋ-ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳିକା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଅନ୍ୟପକ୍ଷରେ ବାଳକ ଦଳ କ୍ୱାର୍ଟରଫାଇନାଲରେ ଦିଲ୍ଲୀଠାରୁ ୨-୧ସେଟ୍‌ରେ ପରାଜୟ ସହ ଏହାର ଅଭିଯାନ ଶେଷ କରିଛି। ବାଳିକା ଦଳ କ୍ୱାର୍ଟରଫାଇନାଲରେ ତାମିଲନାଡୁକୁ ୨-୧ସେଟ୍‌ରେ ପରାସ୍ତ କରିଥିଲା, ମାତ୍ର ସେମିଫାଇନାଲରେ ମହାରାଷ୍ଟ୍ରଠାରୁ ୧-୨ସେଟ୍‌ରେ ହାରିଯିବାରୁ ବ୍ରୋଞ୍ଜ ପଦକ ପାଇଥିଲା। ବାଳିକା ଦଳକୁ ବ୍ରୋଞ୍ଜ ଜିତାଇବାରେ ଉପ ଅଧିନାୟିକା ଲକ୍ଷ୍ମୀପ୍ରିୟାଙ୍କ ବିଶେଷ ଭୂମିକା ରହିଥିଲା। ସେ ସର୍ଭିସରେ ଦଳ ପାଇଁ ୬ ପଏଣ୍ଟ ଆଣି ଦେଇଥିଲେ। ଏହି ଅବସରରେ କ୍ରୀଡ଼ା ନିର୍ଦ୍ଦେଶକ ହରେଶ ମିଶ୍ର, ଓଏସ୍‌ଡି ଧୀରଜ କୁମାର ପଟ୍ଟନାୟକ ଏବଂ ଓଡ଼ିଶା ଥ୍ରୋ ବଲ୍‌ର ସଭାପତି ଭୂପିନ୍ଦର ସିଂ ବାଳିକା ଦଳର କୋଚ୍ ଏବଂ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ମହିଳା ଥ୍ରୋ-ବଲ୍ ଦଳ।

# ପଦକ ତାଲିକା ଶୀର୍ଷରେ ଭାରତ

**ମାହେ (ସେଶେଲ୍ସ), ୨୩।୬ (ପି.ଟି.):** ଭାରତ ସ୍ଥାନୀୟ ପାରାଡାଇଜ୍ ଆରେନାରେ ଅନୁଷ୍ଠିତ ସେଶେଲ୍ସ ନ୍ୟାଶନାଲ ଡେ' ବକ୍ସିଂ ଟୁର୍ନାମେଣ୍ଟ ପଦକ ତାଲିକାରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଭାରତ ୩ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ଲାଭ କରି ଦ୍ୱିତୀୟ ସ୍ଥାନରେ ଥିବା ମରିସସଠାରୁ ଗୋଟିଏ ପଦକ ଆଗରେ ରହିଛି। ହିମାଂଶୁ ଶର୍ମା (୫୦କେଜି) ୱାକଓଭର ଜରିଆରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ଆଶିଷ ମୁଦଶାନିୟା (୫୫କେଜି) ଫାଇନାଲକୁ ୪-୧ ବିଭାଜିତ ନିଷ୍ପତ୍ତିରେ ଜିତିଛନ୍ତି। ୯୦କେଜି+ କାଟେଗୋରିର ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଗୌରଭ ଚୌହାନ ଅଙ୍କକେ ୩-୨ରେ ବିଜୟ ହାସଲ କରି ଦେଶ ପାଇଁ ତୃତୀୟ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ରୌପ୍ୟ ଜିତିଥିବା ଭାରତୀୟ ବକ୍ସରମାନେ ହେଲେ ଅନମୋଲ (୬୦କେଜି), ଆଦିତ୍ୟ ଯାଦବ (୬୫କେଜି) ଓ ନୀରଜ (୭୫କେଜି)।

# କିଟ୍‌ର ରିତଭିକାଙ୍କୁ ସ୍ୱର୍ଣ୍ଣ ପଦକ




ସ୍ୱର୍ଣ୍ଣ ପଦକ ସହ ମିତ୍ତାପଲ୍ଲୀ ରିଥଭିକା (ମଝି)।

## ଜାତୀୟ ସନ୍ତରଣ

**ଭୁବନେଶ୍ୱର, ୨୩।୬ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମ ପରିସରରେ ଚାଲିଥିବା ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ମହିଳା ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଇଭେଣ୍ଟରେ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀ ମିତ୍ତାପଲ୍ଲୀ ରିତଭିକା ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ଏଥିସହ ସେ ଜର୍ମାନୀର ରିନେ-ରୁହରଠାରେ ଜୁଲାଇ ୧୬ରୁ ୨୭ ପର୍ଯ୍ୟନ୍ତ ହେବାକୁଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଇଣ୍ଡିଆନ ୟୁନିଭର୍ସିଟି ସୁଇମିଂ ଟିମ୍ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ତାମିଲନାଡୁର ରିତଭିକା ୩୩.୯୮ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱର୍ଣ୍ଣ ବିଜୟିନୀ ମିତ୍ତାପଲ୍ଲୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଅନ୍ତର୍ଜାତୀୟ ହକିରୁ ଲଳିତଙ୍କ ଅବସର

**ନୂଆଦିଲ୍ଲୀ, ୨୩।୬ (ପି.ଟି.)**

ଭାରତର ଭେଟେରାନ ହକି ଫରୱାର୍ଡ ଲଳିତ ଉପାଧ୍ୟାୟ ଅନ୍ତର୍ଜାତୀୟ ହକିରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଅନ୍ତର୍ଜାତୀୟ ହକି ଖେଳି ଆସୁଥିବା ଲଳିତ ଟୋକିଓ ଓ ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ୨୦୧୪ ବିଶ୍ୱକପ୍‌ରେ ଲଳିତଙ୍କ ପ୍ରଥମ ପଦାର୍ପଣ ହୋଇଥିଲା। ଭାରତୀୟ ଦଳର ସେ ଜଣେ ଅନ୍ୟତମ ପ୍ରମୁଖ ଖେଳାଳି ଭାବେ ପରିଗଣିତ ହେଉଥିଲେ। ତାଙ୍କ ଉପସ୍ଥିତିରେ ଭାରତ ୨୦୨୦ ଟୋକିଓ ଅଲିମ୍ପିକ୍ସ ଓ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଉତ୍ତର ପ୍ରଦେଶର ବାରାଣସୀ ଅନ୍ତର୍ଗତ ଗୋଟିଏ ଛୋଟିଆ ଗାଁରେ ଜନ୍ମ ଗ୍ରହଣ କରି ସୀମିତ ସମ୍ବଳ ସହ ଅସୀମ ସ୍ୱପ୍ନ ଦେଖିଥିଲେ ଏହି ହକି ଖେଳାଳି। ୩୧ ବର୍ଷୀୟ ଲଳିତ ୟୁରୋପିଆନ ଲିଗ୍‌ରେ ରବିବାର ଭାରତର ବେଲଜିୟମ ବିପକ୍ଷ ଅନ୍ତିମ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ମ୍ୟାଚ ପରେ ଏକ ସୋସିଆଲ ମିଡିଆରେ ହୃଦୟସ୍ପର୍ଶୀ ପୋଷ୍ଟ କରି ତାଙ୍କର ଅବସର ଘୋଷଣା କରିଛନ୍ତି। ସେ ସିନିୟର ସ୍ତରରେ ଭାରତ ପାଇଁ ୧୮୩ ମ୍ୟାଚ ଖେଳି ୬୭ ଗୋଲ୍ ସ୍କୋର କରିଛନ୍ତି। ସେ ବର୍ଷ ବର୍ଷ ଧରି ଭାରତୀୟ ଫରୱାର୍ଡ ଲାଇନ୍‌ରେ ଜଣେ ନିର୍ଭରଯୋଗ୍ୟ ଖେଳାଳି ଥିଲେ। ଜୁନ୍ ୧୫ରେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ସେ ଶେଷ ଥର ପାଇଁ ଭାରତୀୟ ଜର୍ସି ପରିଧାନ କରିଥିଲେ। ଏହି ଅବସରରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି, ଲଳିତ ତାଙ୍କ ପିଢ଼ିର ଦକ୍ଷ ଓ ଉତ୍ସର୍ଗୀକୃତ ଫରୱାର୍ଡମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ।




ଲଳିତ ଉପାଧ୍ୟାୟ

# ଜାତୀୟ ମିନି ଗଲ୍ଫରେ ଭାଗନେବ ଓଡ଼ିଶା

**ଭୁବନେଶ୍ୱର,୨୩।୬ (ତପନ ସ୍ୱାଇଁ)**

ଚଳିତ ମାସ ୨୫ରୁ ୨୯ ପର୍ଯ୍ୟନ୍ତ ନାଗପୁରଠାରେ ହେବାକୁ ଥିବା ୧୦ମ ଜାତୀୟ ସିନିୟର ମିନି ଗଲ୍ଫ ପ୍ରତିଯୋଗିତାରେ ଓଡ଼ିଶା ଅଂଶଗ୍ରହଣ କରିବ। ଏଥିପାଇଁ ଓଡ଼ିଶା ମହିଳା ଓ ପୁରୁଷ ଦଳ ସୋମବାର ନାଗପୁର ଯାତ୍ରା କରିଛି। ୫ଜଣିଆ ପୁରୁଷ ଦଳର ଅଧିନାୟକ ଓ କୋଚ୍ ଅଛନ୍ତି ବିକାଶ ଚନ୍ଦ୍ର ପଟ୍ଟନାୟକ। ସଞ୍ଜୟ ପଟ୍ଟନାୟକ, ଗିରିଜା ଶଙ୍କର ଭଞ୍ଜ, କୁମାର ଦେବଦତ୍ତ ଓ କୁମାର ଦେବଜିତ ଦଳର ଅନ୍ୟତମ ସଦସ୍ୟ। ସେହିପରି ସୌମ୍ୟାଶ୍ରୀ ରଥ ମହିଳା ଦଳର ନେତୃତ୍ୱ ନେଉଥିବା ବେଳେ କୋଚ୍ ଭାବେ ଅଭୀପ୍ସା ପଣ୍ଡା ଓ ମ୍ୟାନେଜର ଭାବେ ଲତା ସମର୍ଥା ଦଳ ସହ ଯାତ୍ରା କରିଛନ୍ତି। ଦଳର ଅନ୍ୟ ଖେଳାଳିମାନେ ହେଲେ ଅନିକା ପଟ୍ଟନାୟକ, ଅଦିତି ପାଟିଲ, ରେଶମା ମାଝି ଓ ଆଇଶା ଘଟୁଆଳ।

# ଭୁବନେଶ୍ୱର ଦଳଗତ ଚାମ୍ପିୟନ

## ରାଜ୍ୟ ଜୁ-ଜିତସୁ

**ଭୁବନେଶ୍ୱର, ୨୩।୬ (ତପନ ସ୍ୱାଇଁ)**

ଓଡ଼ିଶା ଜୁ- ଜିତସୁ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ ଜୁ-ଜିତସୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି। ଓଡ଼ିଶାର ୧୨ ଜିଲାରୁ ୧୨୦ ପ୍ରତିଯୋଗୀ ପ୍ରତିଯୋଗିତାର କ୍ୟାଡେଟ, ଜୁନିୟର ଓ ସିନିୟର ବିଭାଗରେ ଫାଇଟିଂ ସିଷ୍ଟମ ଏବଂ ନେ -ୱାଜାରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

ଭୁବନେଶ୍ୱର ୩୭ ସ୍ୱର୍ଣ୍ଣ ପଦକ ପାଇ ଦଳଗତ ଚାମ୍ପିୟନ ହୋଇଛି। କଟକ ୧୯ ଓ ପୁରୀ ୬ଟି ସ୍ୱର୍ଣ୍ଣ ପଦକ ସହ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଛି। ରାଜ୍ୟ ଓ କ୍ରୀଡା ଯୁବ ସେବା ବିଭାଗର ସ୍ୱତନ୍ତ୍ର ଅଧିକାରୀ ଧୀରୋଜ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାକୁ ସ୍ୱରୋଜ ଜାନି, ତନୱେଷ ପୁନୀତ ଲେଙ୍କା, କ୍ରୀଷ୍ଟା ଶିକାରୀ, ସୁସ୍ମିନ ପାଲଟାସିଂ, ସୁମନ୍ତ କୁମାର ପଣ୍ଡା, ଅବିନାଶ ପୁନ୍ଦିର, ସନ୍ତୋଷ ସିଂ, ସନ୍ଦୀପ ଦାଶ ପ୍ରମୁଖ ପରିଚାଳନା କରିଥିଲେ। ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ଆଇନଜୀବୀ କାଳୀ ପ୍ରସାଦ ନନ୍ଦ, ହରି ପ୍ରସାଦ ପଟ୍ଟନାୟକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ।




କୃତୀ ପ୍ରତିଯୋଗୀମାନେ ପଦକ ସହ ଅତିଥିଙ୍କ ଗହଣରେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ